# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୨୮/୨୦୨୫ (୧୨ ପୃଷ୍ଠା) | Bhubaneswar, Tuesday, October 28/2025 | Page 12 | ₹ 7.00

୫୧ଶ ଭାଗ ୩୩୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 331 | ମୂଲ୍ୟ ₹୭/-







## ପରବର୍ତ୍ତୀ ସିଜେଆଇ ଭାବେ ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ନାମ ସୁପାରିସ

ନୂଆଦିଲ୍ଲୀ,୨୭।୧୦(ପି.ଟି.)

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ବି.ଆର୍. ଗବଇ ଦେଶର ପରବର୍ତ୍ତୀ ସିଜେଆଇ ଭାବେ ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ନାମ କେନ୍ଦ୍ର ସରକାରଙ୍କୁ ସୁପାରିସ କରିଛନ୍ତି। ବିଦାୟୀ ସିଜେଆଇ ଜଷ୍ଟିସ୍ ଗବଇଙ୍କ ପରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ହେଉଛନ୍ତି ଦ୍ୱିତୀୟ ସବୁଠୁ ବରିଷ୍ଠ ବିଚାରପତି। କେନ୍ଦ୍ର ସରକାରଙ୍କ ଅନୁମୋଦନ ପରେ ସେ ଭାରତର ୫୩ତମ ପ୍ରଧାନ ବିଚାରପତି ଭାବେ ନଭେମ୍ବର ୨୪ରୁ କାର୍ଯ୍ୟଭାର ଗ୍ରହଣ କରିବେ। ବର୍ତ୍ତମାନର ସିଜେଆଇ ଜଷ୍ଟିସ୍ ଗବଇ ନଭେମ୍ବର ୨୩ରେ ଅବସର ନେବାକୁ ଯାଉଛନ୍ତି।

୨୦୧୯ ମେ' ୨୪ରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ସୁପ୍ରିମକୋର୍ଟ ବିଚାରପତି ଭାବେ ପଦୋନ୍ନତି ପାଇଥିଲେ। ସିଜେଆଇ ଭାବେ ସେ ପାଖାପାଖି ୧୫ ମାସ ପଦବୀରେ ରହି ୨୦୨୭ ଫେବୃଆରୀ ୯ରେ ଅବସର ଗ୍ରହଣ କରିବେ। ସୁପ୍ରିମକୋର୍ଟ ପ୍ରଧାନ ବିଚାରପତିଙ୍କ ଅବସର ଗ୍ରହଣ ବୟସ ୬୫ ବର୍ଷ। ୧୯୬୨ ଫେବୃଆରୀ ୧୦ରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ଜନ୍ମ ହରିୟାଣାର ହିସାର ଜିଲାରେ ଏକ ମଧ୍ୟବିତ୍ତ ପରିବାରରେ ହୋଇଥିଲା।



ମୁମ୍ବାଇଠାରେ ସୋମବାର ଆରମ୍ଭ ହୋଇଥିବା ଇଣ୍ଡିଆନ୍ ମାରିଟାଇମ ୱିକ୍‌ରେ ଓଡିଶାର ନୌବାଣିଜ୍ୟ ପରମ୍ପରା ଉପରେ ଆଧାରିତ ପ୍ରଦର୍ଶନୀ ଓ ଷ୍ଟଲ୍‌କୁ ଉଦ୍‌ଘାଟନ କରିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଅଧିକାରୀମାନେ ବୁଲି ଦେଖୁଛନ୍ତି।

## ବନ୍ଦର ଆଧାରିତ ଦୃଢ଼ ଅର୍ଥନୀତି ଗଢ଼ିବ ଓଡ଼ିଶା: ମୁଖ୍ୟମନ୍ତ୍ରୀ

### ଓଡ଼ିଶାରେ ୫୦ହଜାର କୋଟିରୁ ଅଧିକ ନିବେଶ ନେଇ ଚୁକ୍ତି

ଭୁବନେଶ୍ୱର,୨୭।୧୦(ଅନୁରାଧା ମହାରଣା)

ଓଡ଼ିଶା ବନ୍ଦର ଆଧାରିତ ଓ ବନ୍ଦର ପରିଚାଳିତ ଦୃଢ଼ ଅର୍ଥନୀତି ଗଢ଼ିବାକୁ ପ୍ରସ୍ତୁତ। ଏହା ରାଜ୍ୟର ବାଣିଜ୍ୟ, ଶିଳ୍ପ ଓ ନିଯୁକ୍ତି କ୍ଷେତ୍ରରେ ଇଞ୍ଜିନ ଭାବେ କାର୍ଯ୍ୟ କରିବ, ଯାହା ଭାରତର ବିକାଶଯାତ୍ରା ଓ ଅର୍ଥନୀତିକୁ ଆଗାମୀ ୨୫ବର୍ଷ ପାଇଁ ଶକ୍ତି ଯୋଗାଇବ। ମୁମ୍ବାଇ ପ୍ରଦର୍ଶନୀ କେନ୍ଦ୍ରଠାରେ ସୋମବାର ଆରମ୍ଭ ହୋଇଥିବା ଇଣ୍ଡିଆନ ମାରିଟାଇମ୍ ୱିକ୍-୨୦୨୫ରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ସମ୍ମିଳନୀର ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଓ ସମ୍ମାନିତ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମାଝୀ ଯୋଗଦେଇଥିଲେ। ଏହି ଅବସରରେ ସେ ଓଡ଼ିଶାରେ ବନ୍ଦର ଓ ବନ୍ଦରଭିତ୍ତିକ ପ୍ରକଳ୍ପ ପାଇଁ ୫୦ହଜାର କୋଟିରୁ ଅଧିକ ଟଙ୍କାର ଚୁକ୍ତି (ଏମ୍‌ଓୟୁ) ସ୍ୱାକ୍ଷର କରିଛନ୍ତି। ଏଥିମଧ୍ୟରେ ପୁରୀରେ କ୍ରୁଜ ଟର୍ମିନାଲ, ବାହୁଦା ବନ୍ଦର, ଜାହାଜ ନିର୍ମାଣ କ୍ଲଷ୍ଟର, ମାରିଟାଇମ ମ୍ୟୁଜିୟମ, ସଡକ ଓ ସାମଗ୍ରୀ ପରିବହନ ପ୍ରକଳ୍ପ ରହିଛି। ତେବେ ବନ୍ଦର ଓ ନୀଳ ଅର୍ଥନୀତି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶିଳ୍ପ ପ୍ରତିନିଧିଙ୍କ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରି ଓଡ଼ିଶାରେ ନିବେଶ ସୁଯୋଗ ବିଷୟରେ କହିଛନ୍ତି। ଏହାସହ ସେଠାରେ ଆୟୋଜିତ ଓଡ଼ିଶା ସଭାରେ ସେ ରାଜ୍ୟକୁ ପୂର୍ବ ଭାରତର ମାରିଟାଇମ୍ ହବ୍ ଭାବେ ଗଢ଼ିବାର ଯୋଜନା ଉପସ୍ଥାପନ କରିଥିଲେ। ସେ କହିଲେ, ଓଡ଼ିଶାର ପାରାଦୀପ, ଧାମରା, ଗୋପାଳପୁର ଏବଂ ପ୍ରସ୍ତାବିତ ଅସ୍ତରଙ୍ଗ, ଜଟଧାରି, ସୁବର୍ଣ୍ଣରେଖା ଓ ବାହୁଦା ଆଦି ବନ୍ଦରରେ ବାର୍ଷିକ ୫୦୦ ମିଲିୟନ ଟନ୍ କାରବାର କ୍ଷମତା ବଢ଼ାଇବ। ବାହୁଦା ବନ୍ଦରରେ ୨୧,୫୦୦ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଏଆଇରୁ ମରିବାନି

## ଆଜି ସ୍ଥଳଭାଗ ଅତିକ୍ରମ କରିବ 'ମୋନ୍ଥା'

ଭୁବନେଶ୍ୱର,୨୭।୧୦(ବନ୍ଦନା ସେଠୀ)

ସମୁଦ୍ରରୁ ବଳ ଗୋଟାଇ ସ୍ଥଳଭାଗ ଆଡ଼କୁ ମାଡ଼ି ଆସୁଛି ବାତ୍ୟା 'ମୋନ୍ଥା'। ମଙ୍ଗଳବାର ସକାଳ ସୁଦ୍ଧା ଏହା ଭୟଙ୍କର ବାତ୍ୟା କିମ୍ବା ସିଭିୟର ସାଇକ୍ଲୋନିକ ଷ୍ଟର୍ମରେ ପରିଣତ ହେବ। ସେହିପରି ସନ୍ଧ୍ୟା କିମ୍ବା ରାତି ସୁଦ୍ଧା ଏହା ଆନ୍ଧ୍ରପ୍ରଦେଶର କାକିନାଡା ନିକଟବର୍ତ୍ତୀ ମଛଲିପଟନମ୍ ଏବଂ କଳିଙ୍ଗାପଟନମ୍ ମଝିରେ ସ୍ଥଳଭାଗ ଅତିକ୍ରମ କରିବ। ଏହି ସମୟରେ ପବନର ବେଗ ଘଣ୍ଟାପ୍ରତି ୯୦ରୁ ୧୦୦ କି.ମି. ରହିବ ଏବଂ ଝଟକା ପବନର ବେଗ ୧୧୦ କି.ମି. ଛୁଇଁବ। ଏହାର ପ୍ରଭାବ ସାରା ରାଜ୍ୟର ଜଳବାୟୁ ଉପରେ ପଡ଼ିବ। ବାତ୍ୟା କାକିନାଡ଼ାରୁ ମାଲକାନଗିରି ଦେଇ ଛତିଶଗଡ଼ ଆଡ଼କୁ ଗତି କରିବାର ସମ୍ଭାବନା ରହିଛି ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ଡ. ମନୋରମା ମହାନ୍ତି ସୂଚନା ଦେଇଛନ୍ତି।

ଦକ୍ଷିଣ-ପଶ୍ଚିମ ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ବାତ୍ୟା ସକ୍ରିୟ ରହିଛି। ସୋମବାର ଏହା ୬ଘଣ୍ଟାରେ ଘଣ୍ଟାପ୍ରତି ୧୭ କି.ମି. ବେଗରେ ଗତିକରି ସନ୍ଧ୍ୟାସୁଦ୍ଧା ☞ପୃଷ୍ଠା-୪



ସୋମବାର ଗଜପତି ଜିଲା ପାରଳାଖେମୁଣ୍ଡିରେ ବାତ୍ୟା ମୋନ୍ଥା ପ୍ରଭାବରେ ହୋଇଥିବା ବର୍ଷା।

### ସ୍କୁଲ, ଅଙ୍ଗନୱାଡ଼ି ଛୁଟି

**୮ ଜିଲାରେ ୩ଦିନ, ଖୋର୍ଦ୍ଧା ଏବଂ ପୁରୀ ଜିଲାରେ ୨ଦିନ ଛୁଟି**

ଭୁବନେଶ୍ୱର,୨୭।୧୦(ସୁଚିସ୍ମିତା ସାହୁ)

ବାତ୍ୟା 'ମୋନ୍ଥା' ପ୍ରଭାବରୁ ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ମଙ୍ଗଳବାରଠାରୁ ରାଜ୍ୟର ୯ ଜିଲାରେ ସ୍କୁଲ ଓ ଅଙ୍ଗନୱାଡ଼ି ଛୁଟି ଘୋଷଣା କରାଯାଇଛି। ପୂର୍ବରୁ ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁରରେ ସମସ୍ତ ବିଦ୍ୟାଳୟକୁ ପାଠପଢ଼ା ପାଇଁ ବନ୍ଦ ନିର୍ଦ୍ଦେଶ ଦିଆଯାଇଥିବାବେଳେ ଏବେ ଏଥିରେ ଖୋର୍ଦ୍ଧା ଜିଲାକୁ ସାମିଲ କରାଯାଇଛି। ଖୋର୍ଦ୍ଧା ଏବଂ ପୁରୀ ଜିଲାରେ ସ୍କୁଲ ସହ ଅଙ୍ଗନୱାଡ଼ି କେନ୍ଦ୍ର ୨୮ ଓ ୨୯ ତାରିଖ ଦୁଇଦିନ ଛୁଟି ରହିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଏନ୍. ତିରୁମାଳା ନାୟକ ସୋମବାର ଘୋଷଣା କରିଛନ୍ତି। ଆସନ୍ତାକାଲିଠୁ ୩୦ ଯାଏ ୮ ଜିଲାରେ ସ୍କୁଲ ☞ପୃଷ୍ଠା-୪

## ଝିଅକୁ ଗଣବଳାତ୍କାର ଧମକ ଦେଇ କୋଟିଏରୁ ଊର୍ଦ୍ଧ୍ୱ ସମ୍ପତ୍ତି ଲୁଟ୍

**ସୁନ୍ଦରଗଡ଼ ଜିଲା ବଣାଇଁ ସହରରେ ରବିବାର ରାତିରେ ଏକ ଚାଞ୍ଚଲ୍ୟକର ଅପରାଧ ଘଟିଛି। ଜଣେ ବ୍ୟବସାୟୀଙ୍କ ଘରେ ୪ଜଣ ମୁଖାପିନ୍ଧା ସଶସ୍ତ୍ର ଦୁର୍ବୃତ୍ତ କୌଶଳକ୍ରମେ ପଶିବା ସହ ଅସହାୟ ମା' ଝିଅଙ୍କ ହାତ, ଗୋଡ଼, ମୁହଁ ବାନ୍ଧି ଦେଇଥିଲେ। ଟଙ୍କା, ସୁନା ଅଳଙ୍କାର ଥିବା ଆଲମିରାର ଚାବି ମାଗିଥିଲେ। ଚାବି ନ ଦେଲେ ଝିଅକୁ ଗଣବଳାତ୍କାର କରିବାକୁ ତାଙ୍କ ମା'ଙ୍କୁ ସେମାନେ ଧମକ ଦେଇଥିଲେ। ଏଭଳି ଉପାୟରେ ଦୁର୍ବୃତ୍ତମାନେ ଚାବି ହାତେଇବା ପରେ ପ୍ରାୟ ତିନିଘଣ୍ଟା ଧରି ଲୁଟପାଟ୍ କରିବା ସହ ଘରେ ଲାଗିଥିବା ସିସି କ୍ୟାମେରା ଭାଙ୍ଗି ହାର୍ଡଡିସ୍କକୁ ନେଇଯାଇଛନ୍ତି। ସେମାନେ ୨୫ ଲକ୍ଷ ଟଙ୍କା ଏବଂ ସବୁ ସୁନା ଅଳଙ୍କାର ନେଇ ପଳାଇଯାଇଛନ୍ତି, ଯାହାର ମୋଟ ମୂଲ୍ୟ ୧କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି। ଦୁର୍ବୃତ୍ତମାନେ ବ୍ୟବସାୟୀଙ୍କ ଘରର ସ୍ଥିତିକୁ ଅନୁଧ୍ୟାନ କରି ଏହି କାଣ୍ଡ ଘଟାଇଥିବା ସ୍ପଷ୍ଟ ହେଉଛି। ବଣାଇଁ ପୋଲିସ ରାଉରକେଲା ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ କରୁଛି। ଏ ସଂକ୍ରାନ୍ତରେ ବଣାଇଁ ଥାନାରେ ନଂ.୨୩୪/୨୦୨୫ରେ ଏକ ମାମଲା ରୁଜୁ ହୋଇଥିବାବେଳେ ସୋମବାର ରାତି ୮ଟା ସୁଦ୍ଧା ପୋଲିସ ଅଭିଯୁକ୍ତମାନଙ୍କୁ ଧରିପାରି ନ ଥିଲା।**

ବଣାଇଁ,୨୭।୧୦(ପ୍ରଦୀପ ତ୍ରିପାଠୀ)

ବଣାଇଁ ସହରର ହାଟପଦାଠାରେ ରହିଛି ରଶ୍ମି ଇଲେକ୍ଟ୍ରିକାଲ ଦୋକାନ। ଏହାର ମାଲିକ ରଶ୍ମିରଞ୍ଜନ ସାହୁଙ୍କ ୪ ବର୍ଷ ତଳେ ମୃତ୍ୟୁ ଘଟିଥିଲା। ରବିବାର ରାତିରେ ଦୋକାନ ସଂଲଗ୍ନ ଆବାସିକ ଘରେ ରଶ୍ମିରଞ୍ଜନଙ୍କ ସ୍ତ୍ରୀ, ଝିଅ ଏବଂ ଦୋକାନରେ କାମ କରୁଥିବା କର୍ମଚାରୀ ସନତ କୁମାର ବେହେରା ଶୋଇଥିଲେ। ରାତି ପ୍ରାୟ ୧୨ଟାରେ ୪ ଜଣ ଦୁର୍ବୃତ୍ତ ପହଞ୍ଚି ସନତଙ୍କୁ ମାଡ଼ ମାରିବା ସହ ତାଙ୍କୁ ବାନ୍ଧି ଦେଇଥିଲେ। ପରେ ତାଙ୍କୁ ବନ୍ଧୁକ ଦେଖାଇ ମାଲିକାଣୀଙ୍କୁ ଘର କବାଟ ଖୋଲା କରିବା ପାଇଁ କହିବାକୁ ଧମକ ଦେଇଥିଲେ। ନଚେତ୍ ଜୀବନରୁ ମାରିଦେବାକୁ ତାଙ୍କୁ ସେମାନେ କହିଥିଲେ। ଦୁର୍ବୃତ୍ତମାନଙ୍କ ପାଖରେ ବନ୍ଧୁକ, ମାଂସକଟା ଚାପଡ଼ ଓ ଶାବଳ ଥିଲା। ଫଳରେ ସନତ ଭୟରେ ପେଟ ବ୍ୟଥା ହେଉଛି, ଔଷଧ ଦିଅ ବୋଲି ମାଲିକାଣୀଙ୍କୁ ଫୋନ୍ ଯୋଗେ କହିଥିଲେ। ମା' ଝିଅ ଔଷଧ ଆଣି କବାଟ ଖୋଲିଥିଲେ। ଏହି ସମୟରେ ଛକି ରହିଥିବା ଦୁର୍ବୃତ୍ତମାନେ ସନତଙ୍କୁ ଧକ୍କା ମାରି ଘର ଭିତରକୁ ପଶି ଯାଇଥିଲେ। ମା' ଝିଅଙ୍କ ମୁହଁ, ଗୋଡ଼ ହାତ ସବୁ ବାନ୍ଧିବା ସହ ଚାବି ମାଗିଥିଲେ। ଚାବି ନ ଦେଲେ ଝିଅଙ୍କୁ ବଳାତ୍କାର କରି ଭିଡିଓ ଭାଇରାଲ କରିଦେବୁ ବୋଲି ଧମକ ଦେଇଥିଲେ। ଫଳରେ ଭୟରେ ମହିଳା ଜଣକ ଚାବି ଦେଇଥିଲେ। ଏହାପରେ ଘରେ ଥିବା ୫୦ ଲକ୍ଷର ସୁନା ଅଳଙ୍କାର, ମହାଜନଙ୍କୁ ଦେବା ପାଇଁ ରହିଥିବା ପ୍ରାୟ ୨୫ ଲକ୍ଷ ଟଙ୍କା ଏବଂ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀକୁ ମିଶାଇ ପ୍ରାୟ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଲୁଟି ନେଇ ଫେରାର ହୋଇଯାଇଥିଲେ। ସକାଳୁ ରଶ୍ମିରଞ୍ଜନଙ୍କ ଝିଅ ନିକିତା ସାହୁ ବଣାଇଁ ପୋଲିସକୁ ଖବର ଦେଇଥିଲେ। ଦୁର୍ବୃତ୍ତମାନେ ହିନ୍ଦୀରେ କଥା ହେବା ସହ ମାରଣାସ୍ତ୍ର ବେକରେ ☞ପୃଷ୍ଠା-୪

### ବଣାଇଁ ବ୍ୟବସାୟୀଙ୍କ ଘରେ ଦୁର୍ବୃତ୍ତଙ୍କ ଉନ୍ମତ୍ତକାଣ୍ଡ

## ଜିଏମ୍‌ଡିସି: ଗୁଜରାଟରୁ ଆସି ଖାଇଗଲେ

ଅନୁଗୋଳ,୨୭।୧୦(ଦିବ୍ୟଶାନ୍ତନୁ ନାଥ)/ଛେଣ୍ଡିପଦା (ଅଜିତ ଧଳ)

ଖଣି ଖନନ ହେଲେ ରୋଜଗାର ବଢ଼ିବ। ଲୋକଙ୍କ ଆର୍ଥିକ ଅବସ୍ଥାରେ ସୁଧାର ଆସିବ। ଏପରି ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକର ୭ଟି ରାଜସ୍ୱ ଗ୍ରାମ ଅଞ୍ଚଳର ଜମି ହାତେଇଚାଲିଛି ଗୁଜରାଟରୁ ଆସିଥିବା ଗୁଜରାଟ ମିନେରାଲ ଡେଭଲପମେଣ୍ଟ କର୍ପୋରେଶନ (ଜିଏମ୍‌ଡିସି)। ସ୍ଥାନୀୟ ଅଞ୍ଚଳର କେତେଜଣ ରାଜନେତା ଓ ପ୍ରଶାସନିକ କଳକୁ ହାତ କରି ଏହି କମ୍ପାନୀ ସ୍ଥାନୀୟ ଲୋକଙ୍କ ଶତାଧିକ ହେକ୍ଟର ଜମିକୁ ଖାଇଯାଉଥିବା ଆଞ୍ଚଳିକ ସୁରକ୍ଷା ମଞ୍ଚ, ତାଳଚେର-ଅନୁଗୋଳ ବଞ୍ଚାଅ ଆନ୍ଦୋଳନର କର୍ମକର୍ତ୍ତା, ପ୍ରଭାବିତ କେତୋଟି ଗ୍ରାମର ସଭାପତି ଓ ବିସ୍ଥାପିତ ପ୍ରଜାଙ୍କ ପକ୍ଷରୁ ଅଭିଯୋଗ କରାଯାଉଛି। ତେଣୁ ନିଜର ଭିଟାମାଟିକୁ ବଞ୍ଚାଇବା ପାଇଁ ଅଞ୍ଚଳବାସୀ ବିକ୍ଷୋଭ, ଆନ୍ଦୋଳନ ମାଧ୍ୟମରେ ଆପ୍ରାଣ ଉଦ୍ୟମ କରୁଛନ୍ତି।


ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକରେ ବୈତରଣୀ -ପଶ୍ଚିମ କୋଇଲା ଖଣି ରହିଛି। ଏହି ଖଣିକୁ ପୂର୍ବରୁ ଓଡ଼ିଶା ଖଣି ନିଗମ (ଓଏମ୍‌ସି) ହାତେଇଥିଲା। ହେଲେ ଲୋକଙ୍କ ବିରୋଧ ଯୋଗୁ ଓଏମ୍‌ସି ଖଣି ଖନନରୁ ଓହରି ଯାଇଥିଲା। ଏବେ ଏହି କୋଇଲା ଖଣିକୁ ଗୁଜରାଟୀ କମ୍ପାନୀ ଜିଏମ୍‌ଡିସିକୁ ସଅଁପି ଦିଆଯାଇଛି। ଏଥିସହ ଖୋଲା କୋଇଲା ଖଣି କରିବାକୁ ୧,୧୯୬ ହେକ୍ଟର ଜାଗା କମ୍ପାନୀକୁ ପ୍ରଦାନ କରାଯାଇଛି। ଏହି କୋଇଲା ଖଣି ଯୋଗୁ ଛେଣ୍ଡିପଦା ଜଙ୍ଗଲ, ତେଣ୍ଟଲୋଇ କୋଡ଼ାସାହି, ପୋଡ଼ାପଡ଼ା ଜଙ୍ଗଲ, ମାଛକୁଟା ଓ ପୋଡ଼ାପଡ଼ା ଆଦି ୭ଟି ରାଜସ୍ୱ ଗ୍ରାମ ପ୍ରଭାବିତ ହେବ। ଲୋକଙ୍କ ଜୀବନ ଜୀବିକା ଉଜୁଡ଼ିଯିବ। ଜଳଠାରୁ ବାୟୁ ଯାଏ ସବୁକିଛି ପ୍ରଦୂଷଣର ବିଷ ବଳୟ ମଧ୍ୟକୁ ଚାଲିଯିବ। ଲୋକେ ରୋଗରେ ପଡ଼ି ଛଟପଟ ହେବେ। ତେଣୁ ଏଠାରେ ଖଣି କରାଇ ନ ଦେବା ପାଇଁ ପ୍ରଭାବିତ ଗ୍ରାମବାସୀ ଆନ୍ଦୋଳନ କରୁଛନ୍ତି। ଇତିମଧ୍ୟରେ ପରିବେଶ ସମ୍ବନ୍ଧୀୟ ଜନଶୁଣାଣି ଶେଷ ହୋଇଥିବା ବେଳେ ଖଣି ପାଇଁ ସର୍ଭେ କାର୍ଯ୍ୟ କମ୍ପାନୀ ଆରମ୍ଭ କରିଛି। ଏହାକୁ କ୍ଷତିଗ୍ରସ୍ତ ପ୍ରଜାସଂଘ ପକ୍ଷରୁ ଜୋର୍‌ଦାର ବିରୋଧ କରାଯାଇଛି। ଏପରିକି କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କ ବିନା ଅନୁମତିରେ ଗ୍ରାମକୁ ଆସି ସର୍ଭେ ନ କରିବା ପାଇଁ କଡ଼ା ଚେତାବନୀ ଦିଆଯିବା ସହିତ ପ୍ରଶାସନିକ ଅଧିକାରୀଙ୍କୁ ମଧ୍ୟ ଲିଖିତ ଅଭିଯୋଗ କରାଯାଇଛି। ତଥାପି କମ୍ପାନୀ କର୍ତ୍ତୃପକ୍ଷ ସର୍ଭେ ପାଇଁ ବାରମ୍ବାର ଗାଁକୁ ପଶୁଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହି କମ୍ପାନୀ ଛେଣ୍ଡିପଦା ଆସିବା ଦିନଠାରୁ ଗାଁ ଗାଁ ମଧ୍ୟରେ ଅପ୍ରୀତିକର ସ୍ଥିତି ଉପୁଜାଉଛି। ଗାଁକୁ କିପରି ବିଭାଜନ କରିବ ସେ ନେଇ ଉଦ୍ୟମ ଚଳାଇଛି।

ହାଣ୍ଡିଗୋଡ଼ା ଗ୍ରାମ ସଭାପତି ଭାରତ ନାୟକ କହିଛନ୍ତି, ଗ୍ରାମବାସୀଙ୍କ ସହିତ ଆଲୋଚନା ନ କରି ଜିଏମ୍‌ଡିସି କେତେଜଣ ମୁଷ୍ଟିମେୟ ଲୋକଙ୍କୁ ହାତକରି ଗାଁରେ ପଶି ସର୍ଭେ କରୁଛି। ନିରୀହ ଲୋକଙ୍କ ଜମି ଛଡ଼ାଇ ନେବାକୁ ଚକ୍ରାନ୍ତ ଚଳାଇଛି। ଆଞ୍ଚଳିକ ସୁରକ୍ଷା ମଞ୍ଚର ଉପଦେଷ୍ଟା ସସ୍ମିତା ବେହେରା କହିଛନ୍ତି, ପୈତୃକ ଜମିର ସୁରକ୍ଷା ସହିତ ଜୀବନ ଜୀବିକା ☞ପୃଷ୍ଠା-୪

## ସନ୍ଦେହରେ ନେତା ଓ ଭୂମିକା



ଅବନୀ ଯୋଶୀ



ମନୋଜ ମିଶ୍ର



ବସନ୍ତ ପଣ୍ଡା



ଯଦୁମଣି ପାଣିଗ୍ରାହୀ



ପ୍ରସନ୍ନ କୁମାର ପାଢ଼ୀ

### ନୂଆପଡ଼ା ଉପନିର୍ବାଚନ

ନୂଆପଡ଼ା,୨୭।୧୦(ସୁନିତ ମିଶ୍ର)

ନୂଆପଡ଼ା ଉପନିର୍ବାଚନ ଯେତିକି ପାଖେଇ ଆସୁଛି ସ୍ଥାନୀୟ ରାଜନୈତିକ ସ୍ଥିତି ସେତିକି ରୋଚକ ହେବାରେ ଲାଗିଛି। କଡ଼ା ମୁକାବିଲା ଲାଗି ପ୍ରସ୍ତୁତି ଚଳାଇଥିବା ଭାଜପା ଏବଂ ବିଜେଡିର ସ୍ଥାନୀୟ ନେତା ଓ ସେମାନଙ୍କ ଭୂମିକାକୁ ନେଇ ଅନେକେ ଏବେ ସନ୍ଦେହ ଭିତରେ ରହିଲେଣି। ଉଭୟ ଦଳର ସ୍ଥାନୀୟ ଆଗଧାଡ଼ି ନେତାଙ୍କ ଭୂମିକା କ'ଣ ହେବ ତାକୁ ଜଗୁ ଜଗୁ ୨ଦଳର ମଙ୍ଗୁଆଳମାନଙ୍କ ଅବସ୍ଥା କୁଆଡ଼େ ଖରାପ ହେଲାଣି ବୋଲି ଚର୍ଚ୍ଚା ଜୋର୍ ଧରିଛି। ତୃଣମୂଳ ସ୍ତରରେ ମଧ୍ୟ ବିଜେଡି ଓ ଭାଜପାର କେତେଜଣ ଆଗଧାଡ଼ିର ନେତାଙ୍କ ଭୂମିକାକୁ ନେଇ ଗାଁ ଗହଳିରେ ଲୋକ ଆଲୋଚନା କରୁଛନ୍ତି।

ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ ଢୋଲକିଆ ଭାଜପାରେ ଯୋଗଦେବା ପରେ ନୂଆ ପ୍ରାର୍ଥୀ ଚୟନକୁ ନେଇ ବିଜେଡିରେ ସମସ୍ୟା ସୃଷ୍ଟି ହୋଇଥିବା କଥା ପ୍ରାୟ ସମସ୍ତଙ୍କୁ ଜଣାଅଛି। ଏହା ପରେ ବିଜେଡି କେତେଜଣ ସ୍ଥାନୀୟ ନେତାଙ୍କ ମଧ୍ୟରୁ ପ୍ରାର୍ଥୀ ଦେବ ବୋଲି ସେତେବେଳେ କସରତ ଆରମ୍ଭ ☞ପୃଷ୍ଠା-୪

## ଦିଲ୍ଲୀରେ ଆଜି




ନୂଆଦିଲ୍ଲୀରେ ଏକ ଖବରଦାତା ସମ୍ମିଳନୀରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ୧୨ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ଭୋଟର ତାଲିକା ଏସ୍‌ଆଇଆର୍ ସମ୍ପର୍କରେ ଘୋଷଣା କରୁଛନ୍ତି। ପାଖରେ ୨ ନିର୍ବାଚନ କମିଶନର ସୁଖବୀର ସିଂ ସାନ୍ଧୁ ଏବଂ ବିବେକ ଜୋଷୀ ଉପସ୍ଥିତ ଅଛନ୍ତି। (ଫଟୋ- ଚମନ ଗୌତମ)

# ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ଏଫ୍‌ଡିଆଇ ସୀମା ୪୯%କୁ ବଢ଼ାଇବା ପାଇଁ କେନ୍ଦ୍ରର ଯୋଜନା

**ନୂଆଦିଲ୍ଲୀ,୨୭।୧୦**

ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକରେ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ (ଏଫ୍‌ଡିଆଇ) ସୀମା ୪୯ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଭାରତ ଯୋଜନା କରୁଛି। ଏହା ବର୍ତ୍ତମାନର ଏଫ୍‌ଡିଆଇ ସୀମାର ୨ ଗୁଣ ଅଧିକ ବୋଲି ନୀତିଗତ ଆଲୋଚନା ସହ ପ୍ରତ୍ୟକ୍ଷ ଭାବେ ସମ୍ପୃକ୍ତ ବ୍ୟକ୍ତିଙ୍କ ସୂତ୍ରରୁ ଜଣାପଡ଼ିଛି। ବର୍ତ୍ତମାନ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକରେ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ ସୀମା ୨୦ ପ୍ରତିଶତ ରହିଛି। ଏହାକୁ ୪୯%କୁ ବଢ଼ାଇବା ନେଇ ଅର୍ଥ ମନ୍ତ୍ରଣାଳୟ ୨ ମାସ ହେଲା ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ସହ ଆଲୋଚନା ଚଳାଇଥିଲେ ମଧ୍ୟ ପ୍ରସ୍ତାବ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ।

ପ୍ରସ୍ତାବ ଅନୁଯାୟୀ, ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକରେ ସରକାରଙ୍କ ବୃହତ୍ ମାଲିକାନା ଅର୍ଥାତ୍ ଅନ୍ୟୂନ ୫୧ ପ୍ରତିଶତ ଅଂଶଧନ ରହିବ। ବ୍ୟାଙ୍କଗୁଡ଼ିକୁ ଅଧିକ ବିଦେଶୀ ପୁଞ୍ଜି ଆକର୍ଷିତ କରିବା ଏହାର ଲକ୍ଷ୍ୟ। ବୃହତ୍ତର ଆର୍ଥିକ କ୍ଷେତ୍ର ସଂସ୍କାରର ଏହା ଅଂଶବିଶେଷ, ଯାହା ଶାସନର ସାମର୍ଥ୍ୟ ବଢ଼ାଇବା ସହ ଦେଶର ଋଣ ଆବଶ୍ୟକତା ବଢ଼ାଇବାରେ ସହାୟକ ହେବ। ସଂଶୋଧିତ ସୀମା ଉଭୟ ପ୍ରତ୍ୟକ୍ଷ ଏବଂ ପୋର୍ଟଫୋଲିଓ ନିବେଶ ପାଇଁ ଲାଗୁ ହେବ। ବ୍ୟକ୍ତିଗତ ଅଂଶୀଦାରମାନଙ୍କ ଭୋଟିଂ ଅଧିକାରର ସୁରକ୍ଷା ଏବଂ ସରକାରଙ୍କ ନିୟନ୍ତ୍ରଣ କ୍ଷମତା ଯେପରି ହ୍ରାସ ନ ପାଏ, ତାହା ଉପରେ ଗୁରୁତ୍ୱ ଦିଆଯିବ। ଆର୍‌ବିଆଇ ସହ ବିଚାରବିମର୍ଶ ଶେଷ ହେବା ପରେ ସରକାର ସବିଶେଷ ଗାଇଡ୍‌ଲାଇନ୍ ଜାରି କରିବେ ବୋଲି ଆଶା କରାଯାଉଛି।

# ନଭେମ୍ବର ୪ରୁ ୧୨ ରାଜ୍ୟରେ ଏସ୍‌ଆଇଆର୍

## ଫେବୃଆରୀ ୭ରେ ଚୂଡ଼ାନ୍ତ ଭୋଟର ତାଲିକା

**ନୂଆଦିଲ୍ଲୀ,୨୭।୧୦(ପି.ଟି.)**

ବିହାରରେ ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ସଫଳତାର ସହ ସମ୍ପନ୍ନ ହେବା ପରେ ଦ୍ୱିତୀୟ ପର୍ଯ୍ୟାୟରେ ୧୨ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏହି ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଥିବା ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାର ସୋମବାର ଘୋଷଣା କରିଛନ୍ତି। ଏହି ପର୍ଯ୍ୟାୟରେ ଉତ୍ତରପ୍ରଦେଶ, ତାମିଲନାଡୁ, ପଶ୍ଚିମବଙ୍ଗ, ରାଜସ୍ଥାନ, ମଧ୍ୟପ୍ରଦେଶ, କେରଳ, ଗୁଜରାଟ, ଛତିଶଗଡ଼, ଗୋଆ, ପଣ୍ଡିଚେରୀ, ଆଣ୍ଡାମାନ ଓ ନିକୋବର ଏବଂ ଲାକ୍ଷା ଦ୍ୱୀପପୁଞ୍ଜରେ ଏସ୍‌ଆଇଆର୍ ଅନୁଷ୍ଠିତ ହେବ। ଏହି ରାଜ୍ୟଗୁଡ଼ିକ ମଧ୍ୟରେ ତାମିଲନାଡୁ, ପଣ୍ଡିଚେରୀ, କେରଳ ଏବଂ ପଶ୍ଚିମବଙ୍ଗରେ ୨୦୨୬ରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ଆସାମରେ ମଧ୍ୟ ଆସନ୍ତାବର୍ଷ ନିର୍ବାଚନ ହେବାକୁ ଥିବାବେଳେ ସେଠାରେ ଭୋଟର ତାଲିକା ସ୍ୱତନ୍ତ୍ର ସଂଶୋଧନ ପାଇଁ ଅଲଗା ଘୋଷଣା କରାଯିବ ବୋଲି ସିଇସି କହିଛନ୍ତି।

ଦେଶ ସ୍ୱାଧୀନ ହେବା ପରେ ଏହା ୯ମ ଏସ୍‌ଆଇଆର୍। ଏହା ପୂର୍ବରୁ ୨୦୦୨-୨୦୦୪ ମଧ୍ୟରେ ଶେଷ ଥର ପାଇଁ ଏସ୍‌ଆଇଆର୍ ହୋଇଥିଲା। ଖବରଦାତା ସମ୍ମିଳନୀରେ ସିଇସି କହିଛନ୍ତି, ବିହାରରେ ବିନା କୌଣସି ଅଭିଯୋଗରେ ଏସ୍‌ଆଇଆର୍‌ର ପ୍ରଥମ ପର୍ଯ୍ୟାୟ ଶେଷ ହୋଇଛି। କୌଣସି ଯୋଗ୍ୟ ଭୋଟର ଯେପରି ବାଦ୍ ନ ପଡ଼ନ୍ତି ଏବଂ କୌଣସି ଅଯୋଗ୍ୟ ମତଦାତା ଯେପରି ଭୋଟର ତାଲିକାରେ ନ ରହନ୍ତି, ତାହା ସୁନିଶ୍ଚିତ କରିବା ଏସ୍‌ଆଇଆର୍‌ର ଲକ୍ଷ୍ୟ। ଦ୍ୱିତୀୟ ପର୍ଯ୍ୟାୟରେ ୫୧ କୋଟି ଭୋଟରଙ୍କ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ହେବ। ଏଥିପାଇଁ ଗଣତି ପ୍ରକ୍ରିୟା ନଭେମ୍ବର ୪ରୁ ଆରମ୍ଭ ହେବାକୁ ଥିବାବେଳେ ଡିସେମ୍ବର ୯ରେ ଚିଠା ଭୋଟର ତାଲିକା ଏବଂ ଫେବୃଆରୀ ୭ରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ।

ଏସ୍‌ଆଇଆର୍ ପ୍ରକ୍ରିୟା ଆରମ୍ଭ ନିମନ୍ତେ ପ୍ରସ୍ତୁତି ପାଇଁ ନିର୍ବାଚନ କମିଶନ ଇତିମଧ୍ୟରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ମାନଙ୍କ ସହ ୨ଟି ସମ୍ମିଳନୀର ଆୟୋଜନ କରିଥିଲେ। ଅନେକ ସିଇଓ ସେମାନଙ୍କ ରାଜ୍ୟରେ ଶେଷ ଏସ୍‌ଆଇଆର୍ ପରର ଭୋଟର ତାଲିକା ୱେବ୍‌ସାଇଟ୍‌ରେ ପୋଷ୍ଟ କରିଛନ୍ତି। ଦିଲ୍ଲୀ ସିଇଓ ୨୦୦୮ରେ ହୋଇଥିବା ଶେଷ ଏସ୍‌ଆଇଆର୍ ପରବର୍ତ୍ତୀ ଭୋଟର ତାଲିକା ୱେବ୍‌ସାଇଟ୍‌ରେ ଛାଡ଼ିଛନ୍ତି। ବିଭିନ୍ନ ରାଜ୍ୟର ଶେଷ ଏସ୍‌ଆଇଆର୍ ବର୍ଷକୁ କଟ୍-ଅଫ୍ ତାରିଖ ଭାବେ ଧରାଯିବ, ଯେପରି ବିହାର ପାଇଁ ୨୦୦୩ ଭୋଟର ତାଲିକାକୁ ସ୍ୱତନ୍ତ୍ର ସଘନ ସଂଶୋଧନ ପାଇଁ ବ୍ୟବହାର କରାଯାଇଥିଲା। ଅଧିକାଂଶ ରାଜ୍ୟରେ ଶେଷ ଏସ୍‌ଆଇଆର୍ ୨୦୦୨ରୁ ୨୦୦୪ ମଧ୍ୟରେ ହୋଇଥିଲା। ଏସ୍‌ଆଇଆର୍‌ର ପ୍ରଥମ ଲକ୍ଷ୍ୟ ହେଲା ଲୋକଙ୍କ ଜନ୍ମସ୍ଥାନ ଯାଞ୍ଚ କରି ବିଦେଶୀ ବେଆଇନ ଆପ୍ରବାସୀମାନଙ୍କୁ ଭୋଟର ତାଲିକାରୁ ବାଦ୍ ଦେବା। ବାଂଲାଦେଶ ଏବଂ ମ୍ୟାନ୍‌ମାର ଆଦି ଦେଶରୁ ବେଆଇନ ଭାବେ ଆସି ବିଭିନ୍ନ ରାଜ୍ୟରେ ରହିଯାଇଥିବାରୁ ସେମାନଙ୍କୁ ଖୋଜି ବାହାର କରିବା ପାଇଁ ଚଢ଼ାଉ ଜାରି ରହିଛି।

# ୩ ଭଉଣୀଙ୍କ ଏଆଇ ଫଟୋରେ ବ୍ଲାକ୍‌ମେଲ୍: ଭାଇଙ୍କ ଆତ୍ମହତ୍ୟା

**ଫରିଦାବାଦ,୨୭।୧୦**

ହରିୟାଣାର ଫରିଦାବାଦରେ ଜଣେ ୧୯ ବର୍ଷୀୟ ଯୁବକ ଆତ୍ମହତ୍ୟା କରିଛନ୍ତି। ଡିଏଭି କଲେଜ ଛାତ୍ର ରାହୁଲ ଭାରତୀଙ୍କ ୩ ଭଉଣୀଙ୍କ ଏଆଇ ପ୍ରସ୍ତୁତ ଅଶ୍ଲୀଳ ଫଟୋ ଓ ଭିଡିଓ ଦ୍ୱାରା ତାଙ୍କୁ ବ୍ଲାକ୍‌ମେଲ୍ କରାଯାଇ ଟଙ୍କା ଦାବି କରାଯାଉଥିଲା। କେହି ଜଣେ ରାହୁଲଙ୍କ ଫୋନ୍‌କୁ ହ୍ୟାକ୍ କରି କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ବ୍ୟବହାର କରି ତାଙ୍କ ସମେତ ୩ ଭଉଣୀଙ୍କ ଅଶ୍ଲୀଳ ଫଟୋ ପ୍ରସ୍ତୁତ କରୁଥିଲେ ବୋଲି ରାହୁଲଙ୍କ ବାପା ମନୋଜ ଭାରତୀ କହିଛନ୍ତି। ତଦନ୍ତରୁ ରାହୁଲଙ୍କର ସାହିଲ ନାମକ ଯୁବକଙ୍କ ସହ ଚାଟିଂ ହୋଇଥିବା ଜଣାପଡ଼ିଛି। ସେ ଅଶ୍ଲୀଳ ଫଟୋ ପଠାଇ ପ୍ରଥମେ ୨୦ ହଜାର ଟଙ୍କା ମାଗିଥିଲେ। ଟଙ୍କା ନ ଦେଲେ ସମସ୍ତ ଫଟୋ ଓ ଭିଡିଓ ଭାଇରାଲ କରିଦେବାକୁ ଧମକ ଦେଇଥିଲେ। ଏଥିସହିତ ରାହୁଲଙ୍କୁ ଆତ୍ମହତ୍ୟା ପାଇଁ ସେ ପ୍ରୋତ୍ସାହିତ କରିଥିଲେ। ବିଚଳିତ ରାହୁଲ ଶନିବାର ରାତିରେ କେତେକ ନିଶା ଔଷଧ ଖାଇଦେଇଥିଲେ। ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ମୃତ୍ୟୁ ଘଟିଥିଲା।

# ଦିଲ୍ଲୀ ପୋଲିସକୁ ୨ ସପ୍ତାହ ସମୟ ଦେବାକୁ ମନାକଲେ ସୁପ୍ରିମକୋର୍ଟ

## ୨୦୨୦ ଦଙ୍ଗା ମାମଲାରେ ଖଲିଦ, ଇମାମ୍‌ଙ୍କ ଜାମିନ ଆବେଦନ

**ନୂଆଦିଲ୍ଲୀ,୨୭।୧୦(ପି.ଟି.)**

୨୦୨୦ ଫେବୃଆରୀ ଦିଲ୍ଲୀ ଦଙ୍ଗା ମାମଲାରେ ଜେଲରେ ଥିବା ଆକ୍ଟିଭିଷ୍ଟ ଉମର ଖଲିଦ, ଶର୍ଜିଲ ଇମାମ, ଗୁଲ୍‌ଫିଶା ଫତିମା ଏବଂ ମୀରନ ହାଇଦରଙ୍କ ଜାମିନ ଆବେଦନ ଉପରେ ଦିଲ୍ଲୀ ପୋଲିସ ଜବାବ ରଖିବା ପାଇଁ ୨ ସପ୍ତାହ ସମୟ ମାଗିଥିଲେ। ସୁପ୍ରିମକୋର୍ଟ ପୋଲିସର ଏହି ଆବେଦନକୁ ଅଗ୍ରାହ୍ୟ କରିଦେଇଛନ୍ତି।

ଦିଲ୍ଲୀ ପୋଲିସ ତରଫରୁ ଅତିରିକ୍ତ ସଲିସିଟର ଜେନେରାଲ ଏସ୍.ଭି. ରାଜୁ ଉପସ୍ଥିତ ରହି ଜବାବୀ ସତ୍ୟପାଠ ଦାଖଲ ପାଇଁ ସମୟ ମାଗିଥିଲେ। ଜଷ୍ଟିସ୍ ଅରବିନ୍ଦ କୁମାର ଏବଂ ଏନ୍.ଭି. ଅଞ୍ଜରିଆଙ୍କ ଖଣ୍ଡପୀଠ ୨ ସପ୍ତାହ ସମୟ ଦେବାକୁ ମନା କରିଦେବା ସହ ଅକ୍ଟୋବର ୩୧ରେ ପରବର୍ତ୍ତୀ ଶୁଣାଣି ପାଇଁ ସମୟ ଧାର୍ଯ୍ୟ କରିଛନ୍ତି। ଖଣ୍ଡପୀଠ କହିଛନ୍ତି, ଆମେ ଆପଣଙ୍କୁ ଯଥେଷ୍ଟ ସମୟ ଦେଇସାରିଛୁ। ଖଲିଦଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ କହିଥିଲେ, ଆବେଦନକାରୀ ୫ ବର୍ଷରୁ ଊର୍ଦ୍ଧ୍ୱ ଜେଲରେ ରହିଲେଣି। ଶୁଣାଣିକୁ ଅଧିକ ବିଳମ୍ବ କରାଯିବା ଉଚିତ ନୁହେଁ ବୋଲି ବରିଷ୍ଠ ଆଇନଜୀବୀ ଅଭିଷେକ ସିଙ୍ଘଭି କହିଥିଲେ। ସେପ୍ଟେମ୍ବର ୨୨ରେ ଦିଲ୍ଲୀ ପୋଲିସକୁ ଜବାବ ମଗାଯାଇଥିଲା। ସେପ୍ଟେମ୍ବର ୨ରେ ଦିଲ୍ଲୀ ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ଆକ୍ଟିଭିଷ୍ଟମାନେ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ନାଗରିକଙ୍କ ଦ୍ୱାରା ବିକ୍ଷୋଭ ବାହାନାରେ ଷଡ଼ଯନ୍ତ୍ରପୂର୍ଣ୍ଣ ହିଂସାକାଣ୍ଡ ଘଟିଥିଲା। ତେଣୁ ଖଲିଦ, ଇମାମଙ୍କ ସମେତ ୯ ଅଭିଯୁକ୍ତଙ୍କୁ ଜାମିନ ଦେବାକୁ ହାଇକୋର୍ଟ ମନା କରିଦେଇଥିଲେ।

# ଦିଲ୍ଲୀରେ ମହିଳା ଡାକ୍ତରଙ୍କୁ ବଳାତ୍କାର

**ନୂଆଦିଲ୍ଲୀ,୨୭।୧୦**

ଦିଲ୍ଲୀର ସଫଦରଜଙ୍ଗ ହସ୍ପିଟାଲରେ କାର୍ଯ୍ୟରତ ଜଣେ ମହିଳା ଡାକ୍ତରଙ୍କୁ ଜଣେ ବ୍ୟକ୍ତି ସେନା ଅଫିସର ପରିଚୟ ଦେଇ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଆରବ ନାମକ ଯୁବକଙ୍କ ଘର ଦିଲ୍ଲୀର ଛତରପୁରରେ ଓ ସେ ଡେଲିଭରି ବୟ ଭାବେ କାର୍ଯ୍ୟ କରନ୍ତି। ସେ ନିଜକୁ ସେନାର ଜଣେ ଲ୍ୟୁଟ୍‌ନାଣ୍ଟ ପରିଚୟ ଦେଇ ଡାକ୍ତରଙ୍କ ସହ ଇନ୍‌ଷ୍ଟାଗ୍ରାମ୍‌ରେ ସମ୍ପର୍କ ସ୍ଥାପନ କରିଥିଲେ। ଚଳିତ ମାସ ଆରମ୍ଭରେ ସେ ଦିଲ୍ଲୀ ଆସି ଡାକ୍ତରଙ୍କ ମସ୍‌ଜିଦ ମୋଥ୍ ଅଞ୍ଚଳରେ ଥିବା ଘରକୁ ଯାଇଥିଲେ। ସେଠାରେ ସେ ଡାକ୍ତରଙ୍କୁ ଖାଦ୍ୟରେ ନିଶା ଦେଇ ବଳାତ୍କାର କରିଥିଲେ ବୋଲି ଅଭିଯୋଗ ହୋଇଛି।

# ସତ୍ୟପାଠ ଦାଖଲ କରି ନ ଥିବା ରାଜ୍ୟଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

## ବୁଲା କୁକୁର ମାମଲା

## ୩ରେ ହାଜର ପାଇଁ ମୁଖ୍ୟ ସଚିବମାନଙ୍କୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୨୭।୧୦(ପି.ଟି.)**

ବୁଲା କୁକୁର ମାମଲାରେ ନିୟମାବଳୀ ଅନୁପାଳନ ସମ୍ପର୍କିତ ସତ୍ୟପାଠ ଦାଖଲ କରି ନ ଥିବା ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ସୁପ୍ରିମକୋର୍ଟ ସୋମବାର ଭର୍ତ୍ସନା କରିଛନ୍ତି। ବୁଲାକୁକୁରମାନଙ୍କୁ ନେଇ ସବୁବେଳେ ବିଭିନ୍ନ ଘଟଣା ଘଟି ଚାଲିଥିବାବେଳେ ବିଦେଶରେ ଭାରତର ଛବି ମଳିନ ହେଉଥିବା ସର୍ବୋଚ୍ଚ ଅଦାଲତ କହିଛନ୍ତି। ପଶ୍ଚିମବଙ୍ଗ ଏବଂ ତେଲଙ୍ଗାନା ବ୍ୟତୀତ ଅନ୍ୟ ସମସ୍ତ ରାଜ୍ୟର ମୁଖ୍ୟ ସଚିବମାନଙ୍କୁ ନଭେମ୍ବର ୩ରେ ହାଜର ହୋଇ କୋର୍ଟଙ୍କ ଅଗଷ୍ଟ ୨୨ ନିର୍ଦ୍ଦେଶ ସତ୍ତ୍ୱେ କ'ଣ ପାଇଁ ଅନୁପାଳନ ସତ୍ୟପାଠ ଦାଖଲ କରିନାହାନ୍ତି, ତାହାର ସ୍ପଷ୍ଟୀକରଣ ଦେବାକୁ ଜଷ୍ଟିସ୍ ବିକ୍ରମ ନାଥ, ସନ୍ଦୀପ ମେହଟ୍ଟା ଏବଂ ଏନ୍.ଭି. ଅଞ୍ଜରିଆଙ୍କ ଖଣ୍ଡପୀଠ କହିଛନ୍ତି। କେବଳ ପଶ୍ଚିମବଙ୍ଗ, ତେଲଙ୍ଗାନା ଏବଂ ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନକୁ ବାଦ୍ ଦେଲେ ଅନ୍ୟ କୌଣସି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସତ୍ୟପାଠ ଦାଖଲ କରିନାହାନ୍ତି।

ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନୋଟିସ ଜାରି କରାଯାଇଥିଲା। ସେମାନେ ଜବାବ ଦେଇ ନ ଥିବାରୁ ସମସ୍ତ ରାଜ୍ୟର ମୁଖ୍ୟ ସଚିବମାନେ ଆସନ୍ତା ସୋମବାର ପୂର୍ବାହ୍ନ ୧୦ଟା ୩୦ରେ ସ୍ପଷ୍ଟୀକରଣ ସହ ହାଜର ହେବାକୁ ଖଣ୍ଡପୀଠ କହିଛନ୍ତି। ବୁଲା କୁକୁର ସମ୍ପର୍କିତ ଘଟଣାକୁ ସୁପ୍ରିମକୋର୍ଟ ନିଜ ଆଡୁ ବିଚାରପାଇଁ ଗ୍ରହଣ କରିଥିଲେ। ଦିଲ୍ଲୀ-ଏନ୍‌ସିଆର୍ ସମେତ ଅନ୍ୟ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ଏହି ମାମଲାରେ ପକ୍ଷଭୁକ୍ତ କରାଯାଇଥିଲା। ପ୍ରାଣୀ ଜନ୍ମ ନିୟନ୍ତ୍ରଣ ନିୟମାବଳୀ ଅନୁଯାୟୀ କୁକୁର ଆଶ୍ରୟସ୍ଥଳ, ପ୍ରାଣୀ ଚିକିତ୍ସକ, କୁକୁର ଧରିବା କର୍ମଚାରୀ, ସ୍ୱତନ୍ତ୍ର ଗାଡ଼ି ଓ ଯନ୍ତା ଆଦି ସମେତ ଉପଲବ୍ଧ ସମସ୍ତ ସମ୍ବଳର ସମ୍ପୂର୍ଣ୍ଣ ପରିସଂଖ୍ୟାନ ସତ୍ୟପାଠ ଜରିଆରେ ଦାଖଲ କରିବାକୁ କୁହାଯାଇଥିଲା।

# ଅରୁଣାଚଳ ନିକଟରେ ଚାଇନାର ୩୬ ଯୁଦ୍ଧବିମାନ ସେଲ୍ଟର





**ନୂଆଦିଲ୍ଲୀ,୨୭।୧୦**

ଅରୁଣାଚଳରେ ଥିବା ଭାରତ-ଚାଇନା ସୀମା ମାକ୍‌ମୋହନ ଲାଇନଠାରୁ ଉତ୍ତରରେ ପ୍ରାୟ ୪୦ କିଲୋମିଟର ଦୂରରେ ଚାଇନା ଯୁଦ୍ଧବିମାନ ରଖିବା ପାଇଁ ୩୬ଟି ଶକ୍ତିଶାଳୀ ଏୟାରକ୍ରାଫ୍ଟ ସେଲ୍ଟର ନିର୍ମାଣ ସମ୍ପୂର୍ଣ୍ଣ କରିଛି। ଏହି ଘଟଣା ଜଣାପଡ଼ିବା ପରେ ଭାରତର ଚିନ୍ତା ବଢ଼ିଯାଇଛି। ତିବ୍ବତର ଲୁଞ୍ଜେଠାରେ ଏହି ନୂଆ ସେଲ୍ଟର ନିର୍ମାଣ ହେଉଛି, ଯାହାକି ଅରୁଣାଚଳ ପ୍ରଦେଶର ତାୱାଙ୍ଗ ସହରଠାରୁ ପ୍ରାୟ ୧୦୭ କିଲୋମିଟର ଦୂରରେ ଅବସ୍ଥିତ। ଚାଇନା ସେଠାରେ ଲଢୁଆ ବିମାନ ଏବଂ ଡ୍ରୋନ୍ ସିଷ୍ଟମ ରଖିବା ସହ ଆବଶ୍ୟକ ସ୍ଥଳେ ତୁରନ୍ତ ଏହାକୁ ସୀମାରେ ନିୟୋଜିତ କରିପାରିବ। ଭାରତୀୟ ଆସାମ କିମ୍ବା ଅରୁଣାଚଳପ୍ରଦେଶରେ ଥିବା ଭାରତୀୟ ବାୟୁସେନାର ନିଜସ୍ୱ ଏୟାରବେସ୍‌ରୁ ଯୁଦ୍ଧବିମାନ କୌଣସି ଆକ୍ରମଣର ମୁକାବିଲା କରିବା ପାଇଁ ଯେତିକି ସମୟ ଆବଶ୍ୟକ କରିବ, ତା'ଠାରୁ

## ଭାରତ ପାଇଁ ମୁଣ୍ଡବ୍ୟଥା

ଯଥେଷ୍ଟ କମ୍ ସମୟ ମଧ୍ୟରେ ଚାଇନା ସେନା ଜବାବ ଦେଇପାରିବ। ଗତ ୧୭ ତାରିଖରେ ଲୁଞ୍ଜେ ଏୟାରବେସ୍‌ରୁ ନିଆଯାଇଥିବା ସାଟେଲାଇଟ୍ ଚିତ୍ରରୁ ୩୬ଟି ଏୟାରକ୍ରାଫ୍ଟ ସେଲ୍ଟର ସମ୍ପୂର୍ଣ୍ଣ ହୋଇଥିବା ସ୍ପଷ୍ଟ ଦେଖିବାକୁ ମିଳିଛି। ଗତ ଏପ୍ରିଲରେ ସେଠାରେ ନିର୍ମାଣ ପାଇଁ ମାଟିକାମ ଚାଲିଥିବା ଦେଖିବାକୁ ମିଳିଥିଲା।

ସୀମାର ଖୁବ୍ ନିକଟରେ ବେଜିଂ ଯୁଦ୍ଧବିମାନ ଆଶ୍ରୟସ୍ଥଳ ନିର୍ମାଣ କରିଥିବାରୁ ପରବର୍ତ୍ତୀ ସାମରିକ ଘଟଣାରେ ସେମାନଙ୍କ ଲଢୁଆ ବିମାନ ଓ ଆକ୍ରମଣକାରୀ ହେଲିକପ୍ଟର ଲୁଞ୍ଜେ ଏୟାରବେସ୍‌ରୁ ସେମାନଙ୍କ ସେନାକୁ ସହାୟତା କରିବ ବୋଲି ଅବସରପ୍ରାପ୍ତ ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ବି.ଏସ୍. ଧନୋଆ କହିଛନ୍ତି। ଉକ୍ତ ଅଞ୍ଚଳରେ ଥିବା ଭୂତଳ ସୁଡ଼ଙ୍ଗଗୁଡ଼ିକରେ ଗୁଳିଗୋଳା ଏବଂ ଇନ୍ଧନ ଗଚ୍ଛିତ ରହିଥିବା ସେ କହିଛନ୍ତି। ୨୦୧୭ ଡୋକଲାମ ଘଟଣା ବେଳେ ଧନୋଆ ତାଙ୍କ କର୍ମଚାରୀମାନଙ୍କୁ କହିଥିଲେ, ତିବ୍ବତରେ ଚାଇନା ବାୟୁସେନା (ପିପୁଲ୍ସ ଲିବରେଶନ ଆର୍ମି ଏୟାରଫୋର୍ସ) ପାଇଁ ଯୁଦ୍ଧବିମାନ ସମସ୍ୟା ନୁହେଁ, ବରଂ ଏହାକୁ ମୁତୟନ କରିବା ସମସ୍ୟା। ସେମାନେ ତିବ୍ବତ ଏୟାରଫିଲ୍ଡରେ ଯେତେବେଳେ ସଶକ୍ତ ଏୟାରକ୍ରାଫ୍ଟ ସେଲ୍ଟର ନିର୍ମାଣ ଆରମ୍ଭ କରିବେ, ସେମାନେ ଆମ ସହ ଯୁଦ୍ଧ କରିବାକୁ ପ୍ରସ୍ତୁତ ହେବେ। ତିବ୍ବତରେ ସେମାନଙ୍କର ମୁଖ୍ୟ ଦୁର୍ବଳତା ଦୂର ହୋଇଯିବ ବୋଲି ସେତେବେଳେ ଧନୋଆ କହିଥିଲେ। ଭାରତୀୟ ବାୟୁସେନାର ପୂର୍ବତନ ଉପମୁଖ୍ୟ ଏୟାର ମାର୍ଶାଲ ଅନିଲ ଖୋସ୍‌ଲା କହିଛନ୍ତି, ଉପରୋକ୍ତ ଏୟାରଫିଲ୍ଡଗୁଡ଼ିକର ନିର୍ମାଣ ଓ ଉନ୍ନତୀକରଣ ଚାଇନାର ଭବିଷ୍ୟତ ଯୁଦ୍ଧ ଯୋଜନା ପାଇଁ ସହାୟକ ହେବ। ଏହା ଭାରତ ପାଇଁ ଗମ୍ଭୀର ରଣନୈତିକ ବିପଦ। ୨୦୨୦ର ଗଲୱାନ ସଂଘର୍ଷଠାରୁ ଚାଇନା ସେନା ଏହାର ସାମର୍ଥ୍ୟ ଓ ଭିତ୍ତିଭୂମି ଢାଞ୍ଚା ବଢ଼ାଇ ଚାଲିଛି। ଲୁଞ୍ଜେ ଏୟାରବେସ୍‌ର ଉନ୍ନତୀକରଣ ଆଞ୍ଚଳିକ ସୁରକ୍ଷା ବିଶେଷ କରି ୨୦୨୦ରୁ ଲାଗିରହିଥିବା ଭାରତ-ଚାଇନା ସୀମାର ମୁହାଁମୁହିଁ ଅବସ୍ଥା ପରିପ୍ରେକ୍ଷୀରେ ଆଞ୍ଚଳିକ ସୁରକ୍ଷା ପାଇଁ ବିପଦ ସୃଷ୍ଟି କରିବ ବୋଲି ଖୋସ୍‌ଲା କହିଛନ୍ତି।




# ବାବୁଙ୍କୁ ସମ୍ପତ୍ତି ତାଲିକା ଅଡୁଆ

## ପଦୋନ୍ନତିକୁ ସଂଖ୍ୟାଧିକ କର୍ମଚାରୀଙ୍କ ପଦାଘାତ

ଭୁବନେଶ୍ୱର,୨୭।୧୦(ରବିନାରାୟଣ ଜେନା)

୨୦୨୫ ଶେଷ ହେବାକୁ ୨ମାସ ବାକି ରହିଛି। ହେଲେ ଏପର୍ଯ୍ୟନ୍ତ ବାବୁମାନେ ୨୦୨୪ ଲାଗି ସେମାନଙ୍କ ବାର୍ଷିକ ସମ୍ପତ୍ତି ବିବରଣୀ ସରକାରଙ୍କୁ ଦେଉନାହାନ୍ତି। ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏସଂକ୍ରାନ୍ତରେ ବାରମ୍ବାର ଅବଗତ କରାଗଲେ ମଧ୍ୟ କର୍ମଚାରୀଙ୍କୁ ଚେତନା ଆସୁନାହିଁ। ଏପରି କି ସଂଖ୍ୟାଧିକ କର୍ମଚାରୀ ସେମାନଙ୍କ ପଦୋନ୍ନତି ସହ ଅନ୍ୟାନ୍ୟ ସରକାରୀ ପ୍ରାପ୍ତିକୁ ମଧ୍ୟ ଖାତିର କରୁନାହାନ୍ତି। ନଭେମ୍ବରରୁ କର୍ମଚାରୀଙ୍କ ପଦୋନ୍ନତି ପ୍ରକ୍ରିୟା ଆରମ୍ଭ ହେବ। ହେଲେ ସଂଖ୍ୟାଧିକ କର୍ମଚାରୀ ସମ୍ପତ୍ତି ତାଲିକା ଦେଇ ନ ଥିବାରୁ ଏକ ଅପ୍ରୀତିକର ସ୍ଥିତି ସୃଷ୍ଟି ହୋଇଛି। ସରକାରଙ୍କ ନିର୍ଦ୍ଦେଶନାମାକୁ ବିଭିନ୍ନ ସମୟରେ ବିଭାଗୀୟ ମୁଖ୍ୟମାନେ ଠିକଣା ଭାବେ କାର୍ଯ୍ୟକାରୀ କରୁ ନ ଥିବା ନଜିର ରହିଥିବାବେଳେ ସମ୍ପ୍ରତି ବାର୍ଷିକ ସମ୍ପତ୍ତି ତାଲିକାକୁ କର୍ମଚାରୀମାନଙ୍କ ଅବମାନନାକୁ ନେଇ ଲୋକସେବା ଭବନରେ ଚର୍ଚ୍ଚା ଜୋର୍ ଧରିଛି।

ସାଧାରଣ ପ୍ରଶାସନ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ ସୁରେନ୍ଦ୍ର କୁମାର ଚଳିତମାସ ୨୩ରେ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। କର୍ମଚାରୀମାନେ ଯେପରି ସମୟ ଭିତରେ ସମ୍ପତ୍ତି ତାଲିକା ପ୍ରଦାନ କରିବେ ସେନେଇ ବିଭାଗୀୟ ମୁଖ୍ୟମାନେ ଗୁରୁତ୍ୱ ଦେବାକୁ ସେ ଅନୁରୋଧ କରିଛନ୍ତି। ସୁରେନ୍ଦ୍ର କୁମାର ଦର୍ଶାଇଛନ୍ତି, ରାଜ୍ୟ ସରକାରଙ୍କ ମାନବସମ୍ବଳ ପରିଚାଳନା ପଦ୍ଧତି(ଏଚ୍ଆର୍ଏମ୍ଏସ୍) ପୋର୍ଟାଲରେ ପ୍ରତିବର୍ଷ ସରକାରୀ କର୍ମଚାରୀମାନେ ତାଙ୍କର ବାର୍ଷିକ ସମ୍ପତ୍ତି ତାଲିକା ଅପ୍ଲୋଡ୍ କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ହେଲେ ଏହାକୁ ବହୁ କର୍ମଚାରୀ ମାନୁନାହାନ୍ତି। ଫଳରେ କର୍ମଚାରୀଙ୍କ ପଦୋନ୍ନତି ଓ ଅନ୍ୟାନ୍ୟ ସରକାରୀ ପଦକ୍ଷେପ ବେଳେ ସମସ୍ୟା ସୃଷ୍ଟି ହେଉଛି। ଏହି ପରିପ୍ରେକ୍ଷୀରେ ୨୦୨୪ ବର୍ଷ ପାଇଁ ଆଉ ଅବଧି ବୃଦ୍ଧି କରାଯିବ ନାହିଁ କି ଏଚ୍ଆର୍ଏମ୍ଏସ୍ ପୋର୍ଟାଲ ଖୋଲାଯିବ ନାହିଁ। ସେ କହିଛନ୍ତି, ବାର୍ଷିକ ସମ୍ପତ୍ତି ବିବରଣୀ ଦେବା କର୍ମଚାରୀମାନଙ୍କ ପାଇଁ ବାଧ୍ୟତାମୂଳକ। ଏହାକୁ ଜାଣି ମଧ୍ୟ ଯେଉଁ କର୍ମଚାରୀମାନେ ସମ୍ପତ୍ତି ବିବରଣୀ ପ୍ରଦାନ କରିନାହାନ୍ତି, ସେମାନଙ୍କୁ ପଦୋନ୍ନତି ଦିଆଯିବ ନାହିଁ। ବିଭାଗୀୟ ମୁଖ୍ୟମାନେ ଡିପାର୍ଟମେଣ୍ଟାଲ ପ୍ରମୋଶନ କମିଟି(ଡିପିସି) ବୈଠକ କଲାବେଳେ ସମ୍ପୃକ୍ତ କର୍ମଚାରୀଙ୍କୁ ପଦୋନ୍ନତି ଲାଗି ବିବେଚନା କରିବେନାହିଁ ବୋଲି ସୁରେନ୍ଦ୍ର କୁମାର ଦର୍ଶାଇଛନ୍ତି।

ସୁରେନ୍ଦ୍ର କୁମାର ପୁନର୍ବାର ଅବଗତ କରାଇଛନ୍ତି, ୨୦୨୫ ବର୍ଷ ପାଇଁ ୩୧ ଜାନୁଆରୀ-୨୦୨୬ ସୁଦ୍ଧା ସମସ୍ତ କର୍ମଚାରୀ ଯେପରି ସମ୍ପତ୍ତି ତାଲିକା ପ୍ରଦାନ କରିବେ ସେଦିଗରେ ପଦକ୍ଷେପ ନେବାକୁ ହେବ। ଏହି ଅବଧିକୁ ସରକାର ଏଥର କଡାକଡ଼ି ଭାବେ ପାଳନ କରିବାକୁ ଯାଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ବିଭାଗୀୟ ମୁଖ୍ୟମାନେ କର୍ମଚାରୀଙ୍କ ବାର୍ଷିକ ସମ୍ପତ୍ତି ବିବରଣୀ ଯେପରି ୧୦୦% ମିଳିବ ସେଥିପ୍ରତି ଗୁରୁତ୍ୱ ଦେବାକୁ ସେ ଦର୍ଶାଇଛନ୍ତି।

# ୩ କି.ମି. ଚାଲି ଜିଲାପାଳଙ୍କୁ ଭେଟିଲେ

## ହଷ୍ଟେଲ, ବିଦ୍ୟାଳୟ ସମସ୍ୟା ନେଇ ତାତିଲେ ଛାତ୍ରୀ

ଉଦଳା,୨୭।୧୦
(ସନ୍ତୋଷ କୁମାର ବାଛିନୀ)

ହଷ୍ଟେଲ ଏବଂ ବିଦ୍ୟାଳୟରେ ଥିବା ଅବ୍ୟବସ୍ଥାକୁ ନେଇ ଅସନ୍ତୁଷ୍ଟ ଛାତ୍ରୀ ୩ କି.ମି. ଡହ ଡହ ଖରାରେ ଚାଲି ଚାଲି ଜନଶୁଣାଣି ଶିବିରରେ ଜିଲାପାଳଙ୍କୁ ଭେଟି ଗୁହାରି ଜଣାଇବା ଚର୍ଚ୍ଚାର ବିଷୟ ହୋଇଛି। ଏଭଳି ଘଟଣା ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ଶରତ ଫୁଲମତୀ ହେମ୍ବ୍ରମ ବାଳିକା ଉଚ୍ଚ ବିଦ୍ୟାଳୟରେ।

ଏହି ବିଦ୍ୟାଳୟର ନବମ ଏବଂ ଦଶମ ଶ୍ରେଣୀରେ ମୋଟ ୧୨୯ ଜଣ ଛାତ୍ରୀ ପଢୁଥିବା ବେଳେ ୧୦୦ ଛାତ୍ରୀ ହଷ୍ଟେଲରେ ରୁହନ୍ତି। ହେଲେ ଦୀର୍ଘ ଦିନ ହେବ ହଷ୍ଟେଲରେ ଅବ୍ୟବସ୍ଥା ଲାଗି ରହିଛି। ହଷ୍ଟେଲରେ ପାନୀୟ ଜଳର ଅଭାବ, ବିଳମ୍ବରେ ଅନ୍ତେବାସିନୀମାନଙ୍କୁ ଖାଦ୍ୟ ମିଳିବା, ବିଦ୍ୟୁତ୍ ସରବରାହ ନ ରହିବା ସହିତ ବିଦ୍ୟାଳୟରେ ହିନ୍ଦୀ ଶିକ୍ଷକ ଅଭାବ, ସାଇନ୍ସ ଲାବରେଟୋରି ଖୋଲା ନ ଯିବା, ଲାଇବ୍ରେରି ବନ୍ଦ ରହିବା ଏବଂ ଇଂଲିଶ ବିଷୟ ଭଲ ଭାବରେ ଶିକ୍ଷୟିତ୍ରୀ ପଢ଼ାଉ ନ ଥିବା ଛାତ୍ରୀମାନେ ଅଭିଯୋଗ କରିଛନ୍ତି। ଏନେଇ ପୂର୍ବରୁ ଛାତ୍ରୀମାନେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବଗତ କରାଇଥିଲେ ସୁଦ୍ଧା ସେ କିଛି ପଦକ୍ଷେପ ଗ୍ରହଣ କରି ନ ଥିଲେ। ଏଥିରେ ଅସନ୍ତୁଷ୍ଟ ହୋଇ ସୋମବାର ପୂର୍ବାହ୍ଣ ୧୦ଟା ସମୟରେ ଛାତ୍ରୀମାନେ ବିଦ୍ୟାଳୟ ଗେଟ୍ ନିକଟରେ ଧାରଣାରେ ବସିବା ସହ ବିକ୍ଷୋଭ କରିଥିଲେ। ଅଭିଯୋଗ ଶୁଣିବା ପରିବର୍ତ୍ତେ ପ୍ରଧାନ ଶିକ୍ଷୟିତ୍ରୀ ମୁଖ୍ୟ ଫାଟକ ବାହାର ପାଖରୁ ତାଲା ମାରିଦେବାରୁ ତାତିଥିଲେ ଛାତ୍ରୀମାନେ। ପରିସ୍ଥିତି ଦେଖି ପ୍ରଧାନ ଶିକ୍ଷୟିତ୍ରୀ ଗେଟ୍ ତାଲା ଖୋଲିବା ପରେ ଛାତ୍ରୀମାନେ ଡହ ଡହ ଖରାରେ ଚାଲି ଚାଲି ୩ କି.ମି. ଦୂର ଶରତ ପଞ୍ଚାୟତ କାର୍ଯ୍ୟାଳୟରେ ଚାଲିଥିବା ଜିଲାପାଳ ଏବଂ ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି ଶିବରକୁ ଯାଇଥିଲେ। ସେଠାରେ ଜିଲାପାଳଙ୍କୁ ଭେଟି ଗୁହାରି ଜଣାଇଥିଲେ। ତେବେ ଛାତ୍ରୀମାନେ ଏତେ ବାଟ ଚାଲି ଚାଲି ଯିବା ଜାଣିବା ପରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଉପରେ ଜିଲାପାଳ ବିରକ୍ତ ହୋଇଥିଲେ। ଏହା ସହିତ ତୁରନ୍ତ ବିଦ୍ୟୁତ୍ ସଂଯୋଗ, ପାନୀୟ ଜଳର ସୁବିଧା ସହିତ ହିନ୍ଦୀ ଶିକ୍ଷକ ନିଯୁକ୍ତି ଦେବା ବାବଦରେ ଛାତ୍ରୀମାନଙ୍କୁ ଜିଲାପାଳ କହିଥିଲେ। କାର୍ଯ୍ୟରେ ଅବହେଳା ପାଇଁ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ ଅନ୍ୟ କର୍ମଚାରୀଙ୍କ ଏକ ମାସର ଦରମା ବନ୍ଦ କରାଯିବ ବୋଲି ଜିଲାପାଳ କହିବା ପରେ ଛାତ୍ରୀମାନେ ହଷ୍ଟେଲକୁ ଫେରିଥିଲେ।


ଛାତ୍ରୀମାନେ ଚାଲି ଚାଲି ଜିଲାପାଳଙ୍କ ଜନଶୁଣାଣି ଶିବିରକୁ ଯାଉଛନ୍ତି।

# ପାଳନ ହେବନି ବିପର୍ଯ୍ୟୟ ପ୍ରଶମନ ଦିବସ

ଭୁବନେଶ୍ୱର,୨୭।୧୦(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ଚଳିତବର୍ଷ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳନ ହେବନାହିଁ। ବାତ୍ୟା ‘ମୋନ୍ଥା’ର ପ୍ରଭାବକୁ ନେଇ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଏନେଇ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ(ଓଏସ୍‌ଡିଏମ୍ଏ)ଙ୍କ ପକ୍ଷରୁ ସମସ୍ତ ବିଭାଗକୁ ଅବଗତ କରାଯାଇଛି।

ସୋମବାର ଓଏସ୍‌ଡିଏମ୍ଏ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. କମଳ ଲୋଚନ ମିଶ୍ର ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି ଯେ, ଭାରତୀୟ ପାଣିପାଗ ବିଭାଗର ସୂଚନା ଆଧାରରେ ସମ୍ଭାବ୍ୟ ବାତ୍ୟାକୁ ନେଇ ଅକ୍ଟୋବର ୨୯ରେ ପାଳନ ହେବାକୁ ଥିବା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ଦିବସ ଏବଂ ଜାତୀୟ ବିପର୍ଯ୍ୟୟ ହ୍ରାସ୍ ଦିବସ ପାଳନ ହେବନାହିଁ। ଏହି ଦିବସ ସରକାରଙ୍କ ପକ୍ଷରୁ ପରେ ପାଳନ କରାଯିବ। ଏନେଇ ଦିନ ଧାର୍ଯ୍ୟ ହେଲେ ଅବଗତ କରାଇ ଦିଆଯିବ ବୋଲି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପତ୍ରରେ ଦର୍ଶାଇଛନ୍ତି।

# ଛେଳି ପାଇଁ ଡାଳ ଆଣିବାରୁ ମହିଳାଙ୍କୁ ମାଡ଼


## ଫରେଷ୍ଟଗାର୍ଡଙ୍କ ବିରୋଧରେ ତାତିଲେ ଗ୍ରାମବାସୀ

ନୀଳଗିରି, ୨୭।୧୦(ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରି ବନ ବିଭାଗ ଗୋପାଳପୁର ବିଟ୍ ହାଉସ ଅଧୀନ ଜଙ୍ଗଲରୁ ଜଣେ ମହିଳା ଛେଳି ପାଇଁ ଗଛ ଡାଳ ଆଣୁଥିବା ବେଳେ ଫରେଷ୍ଟଗାର୍ଡ ଦୁର୍ବ୍ୟବହାର କରିବା ସହ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଗ୍ରାମବାସୀ ଫରେଷ୍ଟଗାର୍ଡଙ୍କ ବିରୋଧରେ ତାତିବା ସହ ସୋମବାର ସକାଳେ ବିଟ୍ ହାଉସ୍ କାର୍ଯ୍ୟାଳୟ ଘେରାଉ କରିଥିଲେ। ଫରେଷ୍ଟଗାର୍ଡଙ୍କ ଅନ୍ୟତ୍ର ବଦଳି ଦାବି ନେଇ ଗ୍ରାମବାସୀ ଅଡ଼ି ବସିଥିଲେ। ସ୍ଥାନୀୟ ସରପଞ୍ଚ ସଞ୍ଜୟ ସିଂ ଓ ନୀଳଗିରି ରେଞ୍ଜର ମନୱାର ଖାଁ ପହଞ୍ଚି ବୁଝାଶୁଝା କରିବା ପରେ ଗ୍ରାମବାସୀ ଫରେଷ୍ଟଗାର୍ଡଙ୍କ ଅନ୍ୟତ୍ର ବଦଳି ନେଇ ବାଲେଶ୍ୱର ଡିଏଫ୍ଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହାପରେ ସ୍ଥିତି ଶାନ୍ତ ପଡ଼ିଥିଲା।

ବୟାରସାହି ଗ୍ରାମର କଟିମଣି ସିଂ ନାମ୍ନୀ ବୃଦ୍ଧା ମହିଳା ରବିବାର ନିକଟସ୍ଥ ଜଙ୍ଗଲକୁ ଛେଳି ଚରାଇବାକୁ ଯାଇ ଦୁଇଟି ଛୋଟ ଡାଳ ଭାଙ୍ଗି ଘରକୁ ଆଣୁଥିଲେ। ଗୋପାଳପୁର ବିଟ୍‌ହାଉସ୍‌ର ଫରେଷ୍ଟଗାର୍ଡ କବିତା ମହାକୁଡ ଏହାଦେଖି କାହିଁକି ଡାଳ ଭାଙ୍ଗିଲ କହି ଦୁର୍ବ୍ୟବହାର କରିବା ସହ ତାଙ୍କୁ ମାଡ଼ ମାରିଥିଲେ। ଫରେଷ୍ଟଗାର୍ଡଙ୍କ ଦୁର୍ବ୍ୟବହାର ଓ ମାଡ଼ ମାରିଥିବା ଘଟଣା ବିଷୟରେ କଟିମଣି ପରିବାର, ପଡ଼ୋଶୀ ଓ ଗ୍ରାମବାସୀଙ୍କୁ ଜଣାଇଥିଲେ। ଏହାର ପ୍ରତିବାଦରେ ଶତାଧିକ ଗ୍ରାମବାସୀ ବିଟ୍ ହାଉସ୍ ଘେରାଉ କରିଥିଲେ। ଫଳରେ ଫରେଷ୍ଟଗାର୍ଡ କବାଟ କିଳି ଘର ଭିତରେ ଲୁଚି ରହିଥିଲେ। ଘଟଣାସ୍ଥଳରେ ଟାପା ଉତ୍ତେଜନା ଦେଖାଦେଇଥିବା ବେଳେ ଅଯୋଧ୍ୟା ଫାଣ୍ଡି ପୋଲିସ ଜଗି ରହିଥିଲା।


ଗ୍ରାମବାସୀଙ୍କ ସହ ପୋଲିସର ଆଲୋଚନା।



## ମାସ ଶେଷ ରବିବାର 'ଶଟ୍ ଡାଉନ୍' ବନ୍ଦ କରଃ ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୭।୧୦(ରବିନାରାୟଣ ଜେନା): ପ୍ରତ୍ୟେକ ମାସର ଶେଷ ରବିବାର ବିଦ୍ୟୁତ୍ କାଟ୍ ନ କରିବା ତଥା ଯୋଜନାବଦ୍ଧ ବିଦ୍ୟୁତ୍ କାଟ ଏଡ଼ାଇବା ଲାଗି ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ନିର୍ଦ୍ଦେଶ ଦେଇଛନ୍ତି। ଉପମୁଖ୍ୟମନ୍ତ୍ରୀ ଏ ସଂକ୍ରାନ୍ତରେ ବ୍ୟକ୍ତିଗତ ନୋଟ୍‌ସିଟ୍‌ରେ ବିଭାଗୀୟ ପ୍ରମୁଖ ଶାସନ ସଚିବଙ୍କୁ ଦର୍ଶାଇଛନ୍ତି, 'ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍' କାର୍ଯ୍ୟକ୍ରମ ପ୍ରତ୍ୟେକ ମାସର ଶେଷ ରବିବାର ପ୍ରସାରଣ ହେଉଛି। ଏହାକୁ ଦେଶର ବିଭିନ୍ନ ସ୍ଥାନରେ ଲୋକେ ଦେଖୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ସବୁ ଡିସ୍‌କମ୍ମସ୍ତରରେ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଅ ଯେ, ସେମାନେ ଯେପରି ଉକ୍ତଦିନ ବିଦ୍ୟୁତ୍ ମରାମତି କାର୍ଯ୍ୟ ନ କରିବେ।

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଶରତ କର ଏବଂ ଅନିମା କର ଫାଉଣ୍ଡେଶନ୍ ପକ୍ଷରୁ ୨ୟ ଶରତ କର ସ୍ମାରକୀ ବକ୍ତୃତା ଲେକ୍ଚର୍, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୫ଟା ୩୦।
- ନବକୃତି ୨୦୨୫ ପକ୍ଷରୁ ସାଂସ୍କୃତିକ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଗୁରୁ ଦେବପ୍ରସାଦ ଦାସ ଫାଉଣ୍ଡେଶନ୍ ପକ୍ଷରୁ ଆୱାର୍ଡ ଫେଷ୍ଟିଭାଲ୍ ୨୦୨୫, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ୨୮ତମ ବାର୍ଷିକ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନର ପ୍ରସଙ୍ଗ ପଞ୍ଚବଟ ନିବାସ, ଜାନକୀ ହରିଣ, ସ୍ଥାନ: ବାଲିଅନ୍ତା ସ୍ଥିତ ଶ୍ରୀନିକୁଞ୍ଜ ବିହାରୀ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।
- ୯ମ ବାର୍ଷିକ କାଳୀପୂଜା ମହୋତ୍ସବ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ 'ଷ୍ଟାର ନାଇଟ', ସ୍ଥାନ: ରସୁଲଗଡ଼ ଜିଜିପି କଲୋନୀ ସ୍ଥିତ ମା' ଦକ୍ଷିଣ କାଳୀଙ୍କ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।

**ବାଲେଶ୍ୱର**
- ୨୬ତମ ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବ ଓ କଳାକାରର ୩୫ତମ ବାର୍ଷିକ ଉତ୍ସବର ଷଷ୍ଠ ସନ୍ଧ୍ୟା, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ୫୮ତମ ମା' ଶ୍ୟାମାକାଳୀ ପୂଜା ଉତ୍ସବର ନବମ ଦିବସ, ସ୍ଥାନ: ପୋଡ଼ାଶୂଳ ବଜାର, ନୀଳଗିରି, ସମୟ: ସନ୍ଧ୍ୟା ୬ଟା।

**ଭଦ୍ରକ**
- କାଳୀପୂଜାର ଅନ୍ତିମ ଦିବସ, ସ୍ଥାନ: ଚରମ୍ପା, ଭଦ୍ରକ, ସମୟ: ସକାଳ ୯ଟା।
- ଦୁର୍ନୀତି ନିବାରଣ ସଚେତନତା ଉପଲକ୍ଷେ ବ୍ଲକସ୍ତରୀୟ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା, ସ୍ଥାନ: ସମସ୍ତ ବ୍ଲକ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।

**କେନ୍ଦୁଝର**
- ନଦୀଘାଟରେ ଛଟ ପୂଜା ଅବସରରେ ଅର୍ଘ୍ୟ ପ୍ରଦାନ, ସ୍ଥାନ: ସୁନାନଦୀ, ଯୋଡ଼ା, ସମୟ: ଭୋର ୪ଟା।
- ଭାଜପା ତରଫରୁ ପ୍ରଭାତ ଫେରି ଉତ୍ସବ, ସ୍ଥାନ: ମିଠିଗାଁ, ହାଟଡ଼ିହୀ, ସମୟ: ସକାଳ ୭ଟା।
- ମା' ତାରିଣୀ ମନ୍ଦିରରେ ଭଜନ କାର୍ଯ୍ୟକ୍ରମ, ସ୍ଥାନ: ପଦାଡ଼ୋ, ହାଟଡ଼ିହୀ, ସମୟ: ସନ୍ଧ୍ୟା ୬ଟା।

**ମୟୂରଭଞ୍ଜ**
- ଜଗଦ୍ଧାତ୍ରୀ ମେଳା କମିଟି ପକ୍ଷରୁ ମହାବିଦ୍ୟାଳୟସ୍ତରୀୟ ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତା, ସ୍ଥାନ: କୁମାର୍ସ କ୍ଲବ୍, ଭଞ୍ଜପୁର, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।

**ଢେଙ୍କାନାଳ**
- ସାଇବର ସେଫ୍ଟି କ୍ୟାମ୍ପେନ ଶୁଭାରମ୍ଭ, ସ୍ଥାନ: ଢେଙ୍କାନାଳ ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟର, ସମୟ: ପୂର୍ବାହ୍ନ ୧୧ଟା।

**ଅନୁଗୋଳ**
- ଦୁର୍ନୀତି ନିବାରଣ ସପ୍ତାହ ଉପଲକ୍ଷେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଶପଥ ଗ୍ରହଣ, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ ଓସ୍‌ୱାନ୍ କକ୍ଷ, ସମୟ: ମଧ୍ୟାହ୍ନ ୧୨ଟା।
- ଉପଖଣ୍ଡସ୍ତରୀୟ ସାଇବର ଅପରାଧ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଆଠମଲ୍ଲିକ ଥାନା, ସମୟ: ସକାଳ ୭ ଟା।

**ଜଗତ୍‌ସିଂହପୁର**
- ଦୁର୍ନୀତି ନିବାରଣ ସପ୍ତାହ ଉପଲକ୍ଷେ ଛାତ୍ରୀଛାତ୍ରଙ୍କୁ ନେଇ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା, ସ୍ଥାନ: କେନ୍ଦ୍ରୀୟ ବିଦ୍ୟାଳୟ, ମଧୁବନ, ପାରାଦୀପ, ସମୟ: ସକାଳ ୯ଟା।

**କେନ୍ଦ୍ରାପଡ଼ା**
- ଶ୍ରୀ ସିଦ୍ଧ ବଳଦେବଜୀଉ ଗୋତୀର୍ଥ ଗୋ ନବରାତ୍ର ମହୋତ୍ସବ, ସ୍ଥାନ:ବସନ୍ତ ବଗିଚା, ଗୁଣ୍ଡିଚା ମନ୍ଦିର ନିକଟ, ନାଗପାଟଣା, କେନ୍ଦ୍ରାପଡ଼ା ସହର, ସମୟ: ପ୍ରାତଃ ୫ଟା

**ନୟାଗଡ଼**
- ପଞ୍ଚମ ବାର୍ଷିକ ରାମଚରିତ ମାନସ ପାରାୟଣର ଷଷ୍ଠ ଦିବସରେ ସୂର୍ଯ୍ୟପୂଜା ଓ ନଗର କୀର୍ତ୍ତନ, ସ୍ଥାନ:ଖାଙ୍କି ମଠ ନୟାଗଡ, ସମୟ: ସକାଳ ୫ଟା।
- ଓଡିଶା କୃଷକ ସଭାର ୨୫ତମ ରାଜ୍ୟ ସମ୍ମିଳନୀର ଅନ୍ତିମ ଦିବସ, ସ୍ଥାନ:ରଣପୁର ପଞ୍ଚୁଦୋଳ ପଡିଆ, ସମୟ:ମଧ୍ୟାହ୍ନ ୧୨ଟା ।
- ଶ୍ରୀମଦ୍ ଭାଗବତ କଥା ଉପରେ ପ୍ରବଚନର ପଞ୍ଚମ ଦିବସ, ସ୍ଥାନ: ନୟାଗଡ ପୁରୁଣା ସହର ଜଗନ୍ନାଥ ମନ୍ଦିର, ସମୟ: ସଂଧ୍ୟା ୬ଟା୩୦।
- ପଞ୍ଚମ ବାର୍ଷିକ ରାମଚରିତ ମାନସ ପାରାୟଣରେ କଥାଯଜ୍ଞର ଷଷ୍ଠ ଦିବସରେ ପ୍ରବଚନ, ସ୍ଥାନ:ଖାଙ୍କି ମଠ ନୟାଗଡ, ସମୟ: ସଂଧ୍ୟା ୬ଟା।
- ଗୋଷ୍ଠାଷ୍ଟମୀ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ରାଧାମୋହନ ମଠ କର୍ଣ୍ଣିଲୋ, ସମୟ: ଅପରାହ୍ନ ୪ଟା।

**ନବରଙ୍ଗପୁର**
- ଖ୍ରୀଷ୍ଟିଆନ୍ ମାଇନର୍ଟି କାଉନସେଲିଂ ସଭ୍ୟଙ୍କ ବୈଠକ, ସ୍ଥାନ: ମିଶନଶକ୍ତି ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା

**କୋରାପୁଟ**
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ବ୍ଲକ କନଫରେନ୍ସ ଗୃହ, କୁନ୍ଦୁରା, ସମୟ: ପୂର୍ବାହ୍ନ ୧୧ଟା।

**ସମ୍ବଲପୁର**
- ଉତ୍ତର ଭାରତୀୟ ଶ୍ରଦ୍ଧାଳୁଙ୍କ ପକ୍ଷରୁ ଛଟ୍ ପୂଜା, ସ୍ଥାନ: ମହାନଦୀ ଅଯୋଦ୍ଧା ସରୋବର, ସମୟ : ସକାଳ ୫ଟା ୩୦।
- ଜିଲା ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ସଚେତନତା ରାଲି, ସ୍ଥାନ : ଜିଲା ସ୍କୁଲ ଛକ, ସମୟ : ସକାଳ ୭ଟା।
- ଆଇଏଫଡବ୍ଲ୍ୟୁଜେଚ ୭୫ତମ ପ୍ରତିଷ୍ଠା ଦିବସ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀରାମ କଥା ଭକ୍ତ ମଣ୍ଡଳ ଆୟୋଜିତ ଶ୍ରୀରାମ କଥା ପ୍ରବଚନ, ସ୍ଥାନ: କ୍ଷେତରାଜପୁର ଦୁର୍ଗା ମଙ୍ଗଳମ, ସମୟ: ଅପରାହ୍ନ ୩ଟାରୁ ରାତି ୭ଟା।
- ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ ଲିମିଟେଡ ଦ୍ୱିତୀୟ ସମ୍ବଲପୁର ଆନ୍ତର୍ଜାତୀୟ ଟ୍ରେଡ ଫେୟାର, ସ୍ଥାନ: ଅଇଁଠାପାଲି ପିଏଚଡି ପଡିଆ, ସମୟ : ଅପରାହ୍ନ ୨ଟା ୩୦ରୁ ରାତି ୧୦ଟା।
- ସମ୍ବଲପୁର ରେଳ ମଣ୍ଡଳ ଆୟୋଜନରେ ଆନ୍ତଃ ବିଭାଗୀୟ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ରେଳବାଇ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।

**ରାଉରକେଲା**
- ଛଟ୍ ପୂଜା ଉଦ୍‌ଯାପନୀ ଓ ପ୍ରଭାତ ଆରତୀ, ସ୍ଥାନ: କୋଏଲ ନଦୀ ଘାଟ, ଗୋପବନ୍ଧୁପାଲୀ ସମେତ ଅନ୍ୟ ଘାଟ, ସମୟ: ଭୋର ୫ଟା।

**ସୁନ୍ଦରଗଡ଼**
- କଲେଜ ଛାତ୍ର ଏବଂ ଅଧ୍ୟାପକଙ୍କ ପାଇଁ ଶିକ୍ଷାର ସ୍ଥାୟୀ ବିକାଶ ଲକ୍ଷ୍ୟ ଉପରେ ଏକ ଦିନିଆ ଜିଲା ସ୍ତରୀୟ କର୍ମଶାଳା, ସ୍ଥାନ: ସଂସ୍କୃତି ଭବନ, ପୂର୍ବାହ୍ନ: ୧୦ଟା।

**ବରଗଡ଼**
- ଶ୍ରୀଶ୍ରୀ ସୁରଭି ଯଜ୍ଞ ଓ ଗୋପାଷ୍ଟମୀ ମହୋତ୍ସବ, ସ୍ଥାନ: ଆନନ୍ଦକୁଞ୍ଜ ଆଶ୍ରମ, ଭୁଡୁବାହାଲ, ବରଗଡ଼, ସମୟ: ସକାଳ ୯ଟା।
- ସାଇବର ଅପରାଧ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ରାଣାପ୍ରତାପ ହାଇସ୍କୁଲ, ବରଗଡ଼, ସମୟ:ପୂର୍ବାହ୍ନ ୧୦ଟା।

**କଳାହାଣ୍ଡି**
- ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ପାଳନ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ରେଡ୍‌କ୍ରସ ଶିବିର ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣା ବ୍ଲକ ବୋର୍ଡସ୍ଥିତ ଚନ୍ଦ୍ରିକା ଜୈନ ଡିଗ୍ରୀ ମହାବିଦ୍ୟାଳୟ, ସମୟ: ଅପରାହ୍ନ ୪ଟା।

**ବୌଦ୍ଧ**
- ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା।

**ଦେବଗଡ଼**
- ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ରିଆମାଳ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଥ ଦିବସ, ସ୍ଥାନ: ଇନ୍ଦିରାଗାନ୍ଧୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଦୁର୍ନୀତି ନିବାରଣ ସଚେତନତା ସପ୍ତାହ କାର୍ଯ୍ୟକ୍ରମ, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ଆଞ୍ଚଳିକ ସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା, ସ୍ଥାନ: ଟାଉନ ହଲ, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ସାର୍ବଜନୀନ କାଳୀପୂଜା ମହୋତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାରକୋଟ ବ୍ଲକ, ଆସ୍ଥାୟୀ ପୂଜା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ଦେବଗଡ଼ ମଠସାହି, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ସୁବର୍ଣ୍ଣପୁର ସହର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତି, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।

ପ୍ରଥମ ପୃଷ୍ଠାରୁ...

## ବନ୍ଦର ଆଧାରିତ...

କୋଟି ଓ ଜାହାଜ ନିର୍ମାଣ କ୍ଲଷ୍ଟରରେ ୨୪,୭୦୦ କୋଟି ନିବେଶ ହେବ। ପୁରୀରେ ୫୦୦ କୋଟିରେ କ୍ରୁଜ୍ ଟର୍ମିନାଲ ନିର୍ମାଣ ହେବ। ସେହିପରି ରିଲିଆନ୍ସ ପକ୍ଷରୁ ଖୋର୍ଦ୍ଧାରେ ୯୩୮ କୋଟିରେ ବିସ୍କୁଟ, ପାନୀୟ ଓ ମିଠାଇ କାରଖାନା ସ୍ଥାପନ ହେବ। ଜୈନ ମେଟାଲସ୍ ଗଞ୍ଜାମରେ ୨,୧୦୦ କୋଟିରେ ଟାଇଟାନିୟମ କାରଖାନା ପ୍ରସ୍ତାବ ଦେଇଛି। ବଡ଼ ସମୁଦ୍ରତଟ ଓ ବିସ୍ତୃତ ଉପକୂଳ ଓଡ଼ିଶାକୁ ମାରିଟାଇମ ବାଣିଜ୍ୟର କେନ୍ଦ୍ର କରୁଛି। ଆମେ ବିଶ୍ୱସ୍ତରୀୟ ବନ୍ଦର ଓ ଶିଳ୍ପ ଗଢ଼ି ନିବେଶକଙ୍କୁ ଆକର୍ଷଣ କରୁଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ୩୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମ୍ମିଳନୀରେ ୧୦୦ରୁ ଅଧିକ ଦେଶର ନେତା, ନୀତିନିର୍ମାତା, ଶିଳ୍ପ ବିଶେଷଜ୍ଞ ଓ ନିବେଶକ ଅଂଶଗ୍ରହଣ କରିଛନ୍ତି। ଓଡ଼ିଶାର ଏକ ଟିମ ମଧ୍ୟ ସମ୍ମିଳନୀରେ ଯୋଗଦେଇଛି।

## ପ୍ରଦର୍ଶିତ ହେଲା ଓଡ଼ିଶାର ନୌବାଣିଜ୍ୟ ପରମ୍ପରା

ମୁମ୍ବାଇ ପ୍ରଦର୍ଶନୀ କେନ୍ଦ୍ରରେ ଆରମ୍ଭ ହୋଇଥିବା ଇଣ୍ଡିଆନ୍ ମାରିଟାଇମ ୱିକ୍ ୨୦୨୫ରେ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଓଡ଼ିଶାର ଗୌରବୋଜ୍ଜ୍ୱଳ ନୌବାଣିଜ୍ୟ ପରମ୍ପରା ଉପରେ ଆଧାରିତ ଏକ ଷ୍ଟଲ ଓ ପ୍ରଦର୍ଶନୀ ଖୋଲାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି କହିଛନ୍ତି, ଓଡ଼ିଶାର ରଣନୈତିକ ସ୍ଥିତି, ପ୍ରଗତିଶୀଳ ବନ୍ଦର ନୀତି ଏବଂ ସାମୁଦ୍ରିକ ବିକାଶ ପାଇଁ ସମନ୍ୱିତ ଆଭିମୁଖ୍ୟ ରାଜ୍ୟକୁ ଭାରତର ପୂର୍ବ ସାମୁଦ୍ରିକ କରିଡରରେ ଏକ ଅଗ୍ରଣୀ କେନ୍ଦ୍ର ଭାବରେ ସ୍ଥାପିତ କରୁଛି। ଆମର ଦୃଷ୍ଟିକୋଣ ହେଉଛି ଆମର ସାମୁଦ୍ରିକ ଐତିହ୍ୟକୁ ସମ୍ମାନ ଦେବା ସହିତ ଓଡ଼ିଶାର ନୀଳ ଅର୍ଥନୀତି ପାଇଁ ଏକ ଆଧୁନିକ, ସ୍ଥାୟୀ ଏବଂ ବିଶ୍ୱ ସ୍ତରରେ ସଂଯୁକ୍ତ ଭବିଷ୍ୟତକୁ ପରିଚାଳନା କରିବା। ଓଡ଼ିଶାର ସମୃଦ୍ଧ ସାମୁଦ୍ରିକ ଐତିହ୍ୟ, ଆଧୁନିକ ବନ୍ଦର ଭିତ୍ତିଭୂମି ଏବଂ ମହତ୍ତ୍ୱାକାଂକ୍ଷୀ ନୀଳ ଅର୍ଥନୀତି ରୋଡ୍‌ମ୍ୟାପ ଉପରେ ମୁଖ୍ୟମନ୍ତ୍ରୀ ମାଝୀ ଆଲୋକପାତ କରିଥିଲେ। ସେ କହିଲେ, କଳିଙ୍ଗର ପ୍ରାଚୀନ ସାମୁଦ୍ରିକ ଦକ୍ଷତାଠାରୁ ଆରମ୍ଭ କରି ଆମର ଆଜିର ବିଶ୍ୱ ବାଣିଜ୍ୟ ସଂଯୋଗ ପର୍ଯ୍ୟନ୍ତ, ଓଡ଼ିଶାର ଉପକୂଳ ଐତିହ୍ୟ ପ୍ରଗତିକୁ ପ୍ରେରଣା ଦେଇ ଚାଲିଛି। ବିଶ୍ୱସ୍ତରୀୟ ବନ୍ଦର ଏବଂ ସ୍ଥାୟୀ ନୀଳ ଅଭିବୃଦ୍ଧି ପାଇଁ ଏକ ରଣନୈତିକ ଦୃଷ୍ଟିକୋଣ ସହିତ ରାଜ୍ୟ ଭାରତର ପୂର୍ବ ସାମୁଦ୍ରିକ ପୁନରୁତ୍ଥାନର ଏକ ପ୍ରମୁଖ ବାହକ ଭାବରେ ଠିଆ ହୋଇଛି। ଏହି ଅବସରରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା , ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢି ପ୍ରମୁଖ ଉପସ୍ଥିତ ଥିଲେ। ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ଓଡିଶା ନୌବାଣିଜ୍ୟ ଉପରେ ନିର୍ମିତ ବାଲୁକା କଳା ବେଶ୍ ଆକର୍ଷଣୀୟ ହୋଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏଇ ଦେହ ପୁଣି ଏମନ୍ତ ଥାଏ ଲୋ**
**ହାତୀକୁ ପାରଇ ବାନ୍ଧି**
**ଏଇ ଦେହ ପୁଣି ଏମନ୍ତ ହୁଏ ଲୋ**
**କେଶ ନ ପାରଇ ବାନ୍ଧି ।**

ପୂର୍ଣ୍ଣ ଯୌବନ ଅବସ୍ଥାରେ ମଣିଷଟି ଧରାକୁ ସରା ମନେ କରୁଥିବାବେଳେ ନିଜ ଶକ୍ତି ସାମର୍ଥ୍ୟକୁ ନେଇ ଅନେକ ଗର୍ବ କରିଥାଏ। ତେବେ ବୟସ ଅତିକ୍ରାନ୍ତ ହୋଇଗଲାପରେ ଏଥିରେ ଶିଥିଳତା ଆସିଯିବା ସହ ସେ ନିଜକୁ ଅସହାୟ ମନେକରିଥାଏ। ତେଣୁ ବୟସ ଆଗରେ ଶକ୍ତି ସାମର୍ଥ୍ୟ ହାର ମାନୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଏକ ପୁଅରେ ଆଶ**
**ନଈ କୂଳରେ ଚାଷ**
**ଭାବନା ବାର ମାସ ।**

ସାଧାରଣତଃ ଯେଉଁ ମାତାପିତାଙ୍କର ଗୋଟିଏ ପୁତ୍ର ସନ୍ତାନ ରହିଥାଏ ସେମାନେ ସର୍ବଦା ଉକ୍ତ ସନ୍ତାନର ଭଲମନ୍ଦ ଦିଗ ପ୍ରତି ଆଶଙ୍କାଗ୍ରସ୍ତ ହୋଇପଡ଼ନ୍ତି। ସେହିପରି ନଈ କୂଳରେ ଚାଷ କରୁଥିବା ବ୍ୟକ୍ତିଙ୍କ ମନରେ ସର୍ବଦା ବନ୍ୟା ଆଶଙ୍କା ଲାଗି ରହିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଆଜି ସ୍ଥଳଭାଗ...

ଗୋପାଳପୁରଠାରୁ ୭୨୦କି.ମି. ଦକ୍ଷିଣରେ ରହିଥିଲା। ତେବେ ଏହା ଉତ୍ତର, ଉତ୍ତର-ପଶ୍ଚିମ ଦିଗକୁ ଗତିକରି ମଙ୍ଗଳବାର ସକାଳ ସୁଦ୍ଧା ଭୟଙ୍କର ବାତ୍ୟାରେ ପରିଣତ ହେବ। ବାତ୍ୟା ଅତିକ୍ରମ କରିବା ସମୟରେ ଏହାର ପ୍ରଭାବ ସାରା ଓଡ଼ିଶା ଉପରେ ପଡ଼ିବାକୁ ଥିବାବେଳେ ଦକ୍ଷିଣ ଓଡ଼ିଶାରେ ଏହାର ପ୍ରଭାବ ଅଧିକ ରହିବ। କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଦେଇ 'ମୋନ୍ଥା' ଗତି କରିବ। ଏହି ସମୟରେ ପବନର ବେଗ ୬୦ରୁ ୭୦ କି.ମି. ରହିବ ଏବଂ ଅତି ବେଶିରେ ପବନର ବେଗ ଘଣ୍ଟାପ୍ରତି ୮୦ କି.ମି. ରହିବ। ଛତିଶଗଡ଼ ପହଞ୍ଚିଲା ବେଳକୁ ଅବପାତ ହୋଇ ଦୁର୍ବଳ ହେବ ବୋଲି ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି। ପାଣିପାଗ ବିଭାଗର ଆକଳନ ଅନୁଯାୟୀ, ୨୮ ତାରିଖ ମଙ୍ଗଳବାର ରାଜ୍ୟର ସମସ୍ତ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ୫ ଜିଲା ଯଥା ଗଞ୍ଜାମ, ଗଜପତି, କୋରାପୁଟ, ରାୟଗଡ଼ା, ମାଲକାନଗିରି ଜିଲାକୁ ଅତି ଭୀଷଣ ବର୍ଷା ନେଇ ରେଡ୍ ୱାର୍ନିଂ ଜାରି କରାଯାଇଛି। ସେହିପରି ବରଗଡ଼, ସୁବର୍ଣ୍ଣପୁର, ବୌଦ୍ଧ, ନୟାଗଡ଼, ଖୋର୍ଦ୍ଧା, ବଲାଙ୍ଗୀର, କନ୍ଧମାଳ, ପୁରୀ, ନୂଆପଡ଼ା, କଳାହାଣ୍ଡି, ନବରଙ୍ଗପୁର ଜିଲାକୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଏବଂ ବାକି ସମସ୍ତ ଜିଲାରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ରେଡ୍ ୱାର୍ନିଂ ଜାରି ହୋଇଥିବା ଜିଲାଗୁଡ଼ିକରେ ୨୦ ସେ.ମି.ରୁ ଅଧିକ ବର୍ଷା ହେବ। ଅରେଞ୍ଜ ୱାର୍ନିଂ ଦିଆଯାଇଥିବା ଜିଲାଗୁଡ଼ିକରେ ୧୨ରୁ ୨୦ ସେ.ମି. ଏବଂ ୟେଲୋ ୱାର୍ନିଂ ଜାରି ହୋଇଥିବା ଜିଲାଗୁଡ଼ିକରେ ୭ରୁ ୧୧ ସେ.ମି. ପର୍ଯ୍ୟନ୍ତ ବର୍ଷା ହେବା ନେଇ ଆକଳନ କରାଯାଇଛି। ସେହିପରି ୨୯ ତାରିଖ ବୁଧବାର ପାଇଁ କଳାହାଣ୍ଡି, ରାୟଗଡ଼ା, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲାକୁ ଭୀଷଣ ବର୍ଷା ନେଇ ରେଡ୍ ୱାର୍ନିଂ ଜାରି କରାଯାଇଛି। ସମ୍ବଲପୁର, ବରଗଡ଼, ସୋନପୁର, ବୌଦ୍ଧ, କନ୍ଧମାଳ, ଗଞ୍ଜାମ, ଗଜପତି, ବଲାଙ୍ଗୀର ଓ ନୂଆପଡ଼ା ଜିଲାକୁ ଅରେଞ୍ଜ ୱାର୍ନିଂ ଏବଂ ବାକି ଜିଲାଗୁଡ଼ିକୁ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ବର୍ଷା ସହ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଜିଲାରେ ପ୍ରବଳ ପବନ ବହିବା ନେଇ ରେଡ୍ ୱାର୍ନିଂ ଜାରି କରାଯାଇଛି। ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଏଭଳି ବର୍ଷା ଲାଗି ରହିବ ବୋଲି ପାଣିପାଗ ନିର୍ଦ୍ଦେଶିକା ଡ. ମହାନ୍ତି ସୂଚନା ଦେଇଛନ୍ତି।

## ସ୍କୁଲ, ଅଙ୍ଗନୱାଡି...

ବନ୍ଦ ରହିବ। ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁରରେ ଥିବା ସମସ୍ତ ବିଦ୍ୟାଳୟ ବନ୍ଦ ରହିବ। ଅନ୍ୟପକ୍ଷରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ବାତ୍ୟା ଅଞ୍ଚଳଗୁଡ଼ିକରେ ଜିଲା ଶିକ୍ଷା ଅଧିକାରୀ (ଡିଇଓ)ମାନେ ନୋଡାଲ ଅଧିକାରୀ ଭାବେ କାର୍ଯ୍ୟ କରିବେ।

## 'ଜିରୋ-କାଜୁଆଲ୍‌ଟି'କୁ ସରକାରଙ୍କ ପ୍ରାଥମିକତା: ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର,୨୭।୧୦(ରବିନାରାୟଣ ଜେନା)

**୧୪୯୬ ଆସନ୍ନ ପ୍ରସବାଙ୍କ ସମେତ ୩ ହଜାର ସ୍ଥାନାନ୍ତର**

ବାତ୍ୟା ଓ ବର୍ଷାଜନିତ ସ୍ଥିତିର ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଯେପରି ଜଣେ ହେଲେ ବି ମୃତ୍ୟୁବରଣ ନ କରନ୍ତି, ସେଥିପାଇଁ 'ଜିରୋ-କାଜୁଆଲ୍‌ଟି'କୁ ପ୍ରାଥମିକତା ଦିଆଯାଇଛି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ବାତ୍ୟା ମୁକାବିଲା ସମୀକ୍ଷା ବୈଠକ ପରେ ମନ୍ତ୍ରୀ କହିଛନ୍ତି, ବାତ୍ୟା ବିଶେଷକରି ୯ଟି ଜିଲା ଯଥା ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର ଓ ଖୋର୍ଦ୍ଧା ଜିଲାରେ ଅଧିକ ପ୍ରଭାବ ପକାଇବ। ଏହା ମାଲକାନଗିରି ଦେଇ ଛତିଶଗଡ଼ ଯିବ, ଛତିଶଗଡ଼ରେ ବର୍ଷା ବି ହେବ। ଫଳରେ ମହାନଦୀରେ ପାଣି ଆସିବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଜଳଭଣ୍ଡାରରୁ ଜଳ ଛଡ଼ା ଯାଉଛି। ସମୁଦ୍ର ଭିତରୁ ମତ୍ସ୍ୟଜୀବୀଙ୍କୁ ଫେରି ଆସିବା ଲାଗି ବାରମ୍ବାର ସଚେତନ କରାଯାଉଛି। ଆବଶ୍ୟକସ୍ଥଳେ ହେଲିକପ୍ଟର ବ୍ୟବହାର କରାଯିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ୧୪୪୫ଟି ବାତ୍ୟା ଆଶ୍ରୟସ୍ଥଳୀକୁ ୧୪୯୬ ଆସନ୍ନ ପ୍ରସବାଙ୍କ ପ୍ରାୟ ୩ ହଜାର ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇଛି ଏବଂ ୩୨ ହଜାର ୫୨୮ ଜଣ ଲୋକଙ୍କୁ ସ୍ଥାନାନ୍ତର କରାଯିବାର ଲକ୍ଷ୍ୟ ରଖାଯାଇଛି। ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲା ଯାଇଛି। ପୋଲିସ ସହ ୧୪୦ ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍ ଓ ଅଗ୍ନିଶମ ବାହିନୀ ପ୍ରସ୍ତୁତ ରହିଛନ୍ତି। ତେଣୁ ବାତ୍ୟାକୁ ନେଇ ଲୋକେ ଆତଙ୍କିତ ହେବାର ନାହିଁ ବୋଲି ମନ୍ତ୍ରୀ କହିଛନ୍ତି। ବୈଠକରେ ଏସ୍‌ଆର୍‌ସି ଦେଓରଞ୍ଜନ କୁମାର ସିଂହ ଓ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ଝିଅକୁ ଗଣବଳାତ୍କାର...

ରଖି ଏବଂ ଗଣବଳାତ୍କାରର ଧମକ ଦେଇ ଲୁଟ୍‌ପାଟ କରିଥିବା ନିକିତା କହିଛନ୍ତି। ବଣାଇଁ ଏବେ ଅସୁରକ୍ଷିତ ହୋଇପଡିଛି। ପ୍ରତ୍ୟେକ ଦିନ ଛୋଟ ବଡ଼ ଅପରାଧ ଘଟୁଛି। ବିଶେଷକରି ଦୁର୍ବୃତ୍ତମାନଙ୍କ ଟାର୍ଗେଟ୍‌ରେ ଅସହାୟ ବ୍ୟକ୍ତି ଏବଂ ବ୍ୟବସାୟୀମାନେ ରହୁଛନ୍ତି। ଏହାକୁ ନେଇ ସହରବାସୀ ଆତଙ୍କିତ ଅବସ୍ଥାରେ ଥିବା ବେଳେ ରାଉରକେଲା ଏସ୍‌ପି ତୁରନ୍ତ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଦାବି କରାଯାଉଛି। ବଣାଇଁ ଥାନା ଅଧିକାରୀ ଜ୍ଞାନରଞ୍ଜନ ସାହୁ କହିଛନ୍ତି ଯେ, ସାଇଣ୍ଟିଫିକ୍ ଟିମ୍ ସହାୟତାରେ ସବୁ ଦିଗରୁ ତଦନ୍ତ ଜାରି ରହିଛି। ଦୁର୍ବୃତ୍ତମାନଙ୍କୁ ଧରିବା ପାଇଁ ଚଢ଼ାଉ ଓ ଯାଞ୍ଚ ଚାଲିଥିବା ଥାନା ଅଧିକାରୀ ସାହୁ କହିଛନ୍ତି।

## ଜିଏମ୍‌ଡିସି: ଗୁଜରାଟରୁ...

ବଞ୍ଚାଇବା ପାଇଁ ଅଞ୍ଚଳବାସୀ ଆନ୍ଦୋଳନ କରୁଛନ୍ତି। ଏଠାରେ ଖଣି ହେଲେ ନିକଟବର୍ତ୍ତୀ ଅଞ୍ଚଳର ଲୋକେ ଧୂଳିଧୂଆଁରେ କଲବଲ ହେବେ। ଚାଷବାସ ଉଜୁଡ଼ି ଜୀବନଜୀବିକା ପ୍ରଭାବିତ ହେବ। ଜଳ ଉତ୍ସ ଶୁଖିଯାଉଥିବାରୁ ପିଇବା ପାଣି ପାଇଁ ଲୋକେ ଦହଗଞ୍ଜ ହେବେ। ଏପରି କି ଶୁଦ୍ଧ ଅମ୍ଳଜାନ ଆଉ ମିଳିବ ନାହିଁ। ଖଣି ହେଲେ ଅଞ୍ଚଳର କି ପ୍ରକାର ବିକାଶ ହୋଇଥାଏ, ତାହା କୋଇଲା ଖଣି ଅଞ୍ଚଳ ଜନସାଧାରଣ ଭୋଗୁଥିବା କଷ୍ଟ ଓ ସମ୍ମୁଖୀନ ହେଉଥିବା ନାନା ସମସ୍ୟାରୁ ସ୍ପଷ୍ଟ ହେଉଛି। ତେଣୁ ଏ ଅଞ୍ଚଳରୁ ଗୁଜରାଟ କମ୍ପାନୀକୁ ହଟାଇବା ପାଇଁ ଆନ୍ଦୋଳନ ଜାରି ରହିବ। ବିସ୍ଥାପିତ ପ୍ରଜା ନୀଳମଣି ପଣ୍ଡା କହିଛନ୍ତି, ଜିଏମ୍‌ଡିସି କମ୍ପାନୀ ପକ୍ଷରୁ କରାଯାଉଥିବା ଜମି ଅଧିଗ୍ରହଣ ସମ୍ପୂର୍ଣ୍ଣ ବେଆଇନ। କମ୍ପାନୀ ପକ୍ଷରୁ ଜମିର ମୂଲ୍ୟାଙ୍କନ ଠିକ୍ ଭାବେ କରାଯାଉ ନାହିଁ। ଖଣି ଅଞ୍ଚଳରେ ଜମିର ମୂଲ୍ୟ ଗୋଟିଏ ରହିବା କଥା। କିନ୍ତୁ କମ୍ପାନୀ କର୍ତ୍ତୃପକ୍ଷ ବିଭିନ୍ନ ଜମିର ବିଭିନ୍ନ ମୂଲ୍ୟ ଦେଉଛନ୍ତି। ବିସ୍ଥାପନ ଓ ଥଇଥାନ ନେଇ କୌଣସି ଆଲୋଚନା କରୁନାହିଁ। ତାଳଚେର-ଅନୁଗୋଳ ବଞ୍ଚାଅ ଆନ୍ଦୋଳନର ଆବାହକ ଜଗଦାନନ୍ଦ ପ୍ରଧାନ କହିଛନ୍ତି, ଅନୁଗୋଳ ଜିଲାରେ ପ୍ରଦୂଷଣ ବଢ଼ିଚାଲିଛି। ଛେଣ୍ଡିପଦାରେ ମଧ୍ୟ ପରିବେଶର ଅବନତି ଦେଖିବାକୁ ମିଳୁଛି। ତେଣୁ ଏଠାରେ କୋଇଲା ଖଣି ପ୍ରକଳ୍ପକୁ ବାତିଲ କରିବାର ଆବଶ୍ୟକତା ରହିଛି।

ଲୋକଙ୍କ ଅଭିଯୋଗ ସମ୍ପର୍କରେ ଜିଏମ୍‌ଡିସି କମ୍ପାନୀର ସିଏସ୍‌ଆର୍ ଦାୟିତ୍ୱରେ ଥିବା ପ୍ରଶାନ୍ତ ଦେହୁରୀଙ୍କୁ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଏ ନେଇ ମତାମତ ରଖିବାକୁ ଅଧିକୃତ ଅଧିକାରୀ ନୁହନ୍ତି ବୋଲି କହିବା ସହ ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ କହି ଫୋନ କାଟି ଦେଇଥିଲେ।

## ସନ୍ଦେହରେ ନେତା...

କରିଥିଲା। ନୂଆପଡ଼ାର ଜଣାଶୁଣା ନେତା ମନୋଜ ମିଶ୍ରଙ୍କ ନାଁ ପ୍ରାର୍ଥୀ ତାଲିକାରେ ଚର୍ଚ୍ଚାରେ ରହିଥିଲା। ସେହିପରି ବର୍ତ୍ତମାନର ନୂଆପଡ଼ାର ଜିଲା ବିଜେଡି ସଭାପତି ଥିବା ଅବନୀ ଯୋଶୀଙ୍କ ନାଁ ମଧ୍ୟ ବିଜେଡି ଶିବିରରେ ଆଲୋଚନା କରାଯାଇଥିଲା। ସେହିପରି ନୂଆପଡ଼ା ବ୍ଲକ ଚେୟାରମ୍ୟାନ ଥିବା ତାରେଶ୍ୱରୀ ସାହୁଙ୍କ ନାଁ ମଧ୍ୟ ପ୍ରାର୍ଥୀ ତାଲିକାରେ ଦଳ ରଖିଥିଲା। ହେଲେ ଜୟଙ୍କ ଭଳି ଜଣେ ଆଗଧାଡ଼ିର ନେତା ଯେତେବେଳେ ଦଳ ଛାଡ଼ି ପଳାଉଛନ୍ତି ତାଙ୍କ ବାପାଙ୍କ ଅଧୀନରେ କାମ କରୁଥିବା ନେତାମାନଙ୍କୁ କେତେଦୂର ଭରସା କରାଯାଇ ପାରିବ ତାକୁ ନେଇ ପ୍ରାର୍ଥୀ ଚୟନ ଦାୟିତ୍ୱ ପାଇଥିବା ନେତାଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ତିଆରି କରିଥିଲା। ଶୁଣିବାକୁ ମିଳେ ସେହି ସମୟରେ ତାରେଶ୍ୱରୀଙ୍କୁ ଦଳ ପ୍ରାର୍ଥୀ ହେବା ନେଇ ପ୍ରସ୍ତାବ ଦେଇଥିଲା। ମାତ୍ର ତାରେଶ୍ୱରୀ ଏହି ପ୍ରସ୍ତାବ ପ୍ରତି ଅନାଗ୍ରହ ଦେଖାଇବା ସଙ୍ଗେସଙ୍ଗେ ଏହାର ଦୁଇଦିନ ପରେ ସେ ମଧ୍ୟ କୁଆଡେ ଭାଜପାରେ ଯୋଗଦେଲେ, ଯାହାକି ପ୍ରାର୍ଥୀ ଚୟନ ଦାୟିତ୍ୱ ପାଇଥିବା ନେତାଙ୍କ ଚିନ୍ତା ବଢ଼ାଇ ଦେଇଥିଲା। ଏସବୁ କଥାକୁ ଲକ୍ଷ୍ୟ କରି ଏପରି ଏକ ପ୍ରାର୍ଥୀ ଦେବାକୁ ବିଜେଡି ଚିନ୍ତା କଲା ଯିଏ ନିର୍ବାଚନ ଭିତରେ ଭାଜପାରେ ଯୋଗଦେବେ ନାହିଁ। କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝିଙ୍କୁ କୁଆଡ଼େ ବିଜେଡି ପ୍ରାର୍ଥୀ କରିବାକୁ ପ୍ରସ୍ତାବ ଦେଇଥିଲେ ମଧ୍ୟ ସେ ଏଥିରେ ରାଜି ହୋଇ ନ ଥିଲେ ବୋଲି ଶୁଣିବାକୁ ମିଳୁଛି। ଶେଷରେ ସ୍ନେହାଙ୍ଗିନୀ ଛୁରିଆଙ୍କୁ ଦଳ ପ୍ରାର୍ଥୀ କଲା। ହେଲେ ନୂଆପଡା ନିର୍ବାଚନ ମଣ୍ଡଳୀରେ ବିଜେଡିର ଆଗଧାଡ଼ି ନେତା ମନୋଜ ମିଶ୍ର ଏବଂ ଅବନୀ ଯୋଶୀଙ୍କ ଗତିବିଧି ଉପରେ ରାଜ୍ୟସ୍ତରରୁ ଆସିଥିବା ନେତାମାନେ ସନ୍ଦେହ କରୁଛନ୍ତି ବୋଲି ସ୍ଥାନୀୟ ମହଲରେ ଚର୍ଚ୍ଚା ଜୋର ଧରିଛି। କୋମନା ବ୍ଲକ ଅନ୍ତର୍ଗତ ମନୋଜ ମିଶ୍ରଙ୍କ ଫାର୍ମ ହାଉସକୁ ବିଜେଡି ଏବେ ନିଜର କ୍ୟାମ୍ପ ଅଫିସ କରିଛି। ଜଣେ ବିଜେଡି ନେତା ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ମନୋଜ ଏବଂ ଅବନୀଙ୍କ ରାଜନୈତିକ ଗତିବିଧି ଉପରେ ପ୍ରଣବ ପ୍ରକାଶ ଦାସ (ବବି) ସମ୍ପୂର୍ଣ୍ଣ ନଜର ରଖିଛନ୍ତି। ହେଲେ ଉଭୟ ସ୍ଥାନୀୟ ନେତା କୁଆଡ଼େ ଭାଜପା ସହ ଭିତିରେ ବୁଝାମଣାରେ ରହିଥିବା ଆମ ଦଳର ନେତାମାନେ ଜାଣି କି ମଧ୍ୟ କିଛି କରି ପାରୁ ନ ଥିବା ସେ କହିଛନ୍ତି। ଆଗକୁ ଉଭୟଙ୍କ ଭୂମିକାରେ ପରିବର୍ତ୍ତନ ଯେ ନ ଆସିବ ସେ କଥାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ସେ କହିଛନ୍ତି।

ବିଜେଡି ଭଳି ଭାଜପାରେ ମଧ୍ୟ ସମାନ ଅବସ୍ଥା। ଜୟଙ୍କୁ ଭାଜପା ପ୍ରାର୍ଥୀ କରିବା ପରେ ଶାସକ ଦଳରୁ ଟିକେଟ ଆଶାରେ ରହୁଥିବା ତିନି ବରିଷ୍ଠ ନେତା ବସନ୍ତ ପଣ୍ଡା, ପ୍ରସନ୍ନ କୁମାର ପାଢ଼ୀ ଏବଂ ଯଦୁମଣି ପାଣିଗ୍ରାହୀଙ୍କ ଭୂମିକାକୁ ନେଇ ତାଙ୍କ ଦଳରେ ଆଲୋଚନା ଜୋର୍ ଧରିଛି। ଦୀର୍ଘ ଦିନ ହେବ ଭାଜପା ସଂଗଠନ ନୂଆପଡ଼ା ଜିଲାରେ ବୃଦ୍ଧି କରିବା ଲାଗି ବସନ୍ତ, ପ୍ରସନ୍ନ ଏବଂ ଯଦୁମଣି ଅନେକ ପରିଶ୍ରମ କରି ଆସିଛନ୍ତି। ରାଜ୍ୟରେ ଭାଜପା ଯେତେବେଳେ ଶାସନକୁ ଆସିଲା ଏମାନେ ନିଜର ରାଜନୈତିକ ଭବିଷ୍ୟତକୁ ଆଗକୁ ବଢ଼ାଇବାର ସୁଯୋଗ ପାଇବେ ବୋଲି ଆଶା ରଖିଥିଲେ। ରାଜେନ୍ଦ୍ର ଢୋଲକିଆଙ୍କ ଦେହାନ୍ତ ପରେ ଏମାନଙ୍କ ମଧ୍ୟରୁ ଜଣଙ୍କୁ ଦଳୀୟ ଟିକେଟ ମିଳିପାରେ ବୋଲି ଚର୍ଚ୍ଚା ଜୋର୍ ଧରିଲା। ହେଲେ ଦୀର୍ଘ ବର୍ଷ ଧରି ସେମାନେ ଯାହା ବିରୋଧରେ ନୂଆପଡ଼ାରେ ସଂଗଠନ କରୁଥିଲେ ତାଙ୍କ ପରିବାରରୁ ଜଣଙ୍କୁ ଦଳ ପ୍ରାର୍ଥୀ କରିବା କଥାକୁ ସେମାନେ କୁଆଡ଼େ ସହଜେ ଗ୍ରହଣ କରି ପାରି ନାହାନ୍ତି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ଏମିତି ହୋଇଛି, ଜୟ ଭାଜପାକୁ ଆସିବା ସଙ୍ଗେ ସଙ୍ଗେ ତାଙ୍କ ବାପାଙ୍କ ସହିତ ତୃଣମୂଳସ୍ତରରେ କାମ କରୁଥିବା ଅନେକ ନେତା ବି ଶାସକ ଦଳରେ ଯୋଗଦେଇଛନ୍ତି। ଫଳରେ ଉପନିର୍ବାଚନରେ ଜୟ ତାଙ୍କ ଲୋକଙ୍କୁ ଧରି କାମ ଚଳାଇଛନ୍ତି, ଯାହାକି ବସନ୍ତ, ପ୍ରସନ୍ନ ଓ ଯଦୁମଣିଙ୍କ ସମର୍ଥକମାନଙ୍କୁ ଅସନ୍ତୁଷ୍ଟ କରୁଛି। ଗାଁ ଗହଳିରେ ଏହି ନେତାମାନଙ୍କ ସମର୍ଥକମାନେ କହିବା କଥା, ଆଜିଯାଏ ସେମାନେ ଶାସନରେ ଥିବା ଗୋଟିଏ ଦଳ ବିରୋଧରେ ଲଢ଼ି ଚାଲିଲେ। ଯେତେବେଳେ ତାଙ୍କ ଦଳ ଶାସନକୁ ଆସିଲା ସେତେବେଳେ ସେମାନଙ୍କୁ ଅଣଦେଖା କରାଯାଇ ବିରୋଧୀ କର୍ମୀଙ୍କୁ ଅଗ୍ରାଧିକାର ମିଳୁଛି। ସୋମବାର ନୂଆପଡ଼ା ବ୍ଲକ ବିଶୋରା, ଭାଲେଶର, ବେଲଟୁକୁରି ଆଦି ଗ୍ରାମ ପଞ୍ଚାୟତକୁ ଗସ୍ତ କରି ଉପନିର୍ବାଚନ ପାଣିପାଗ ସମ୍ପର୍କରେ ଜାଣିବାକୁ ଚେଷ୍ଟା କରିବା ସମୟରେ ଏହି ସବୁ କଥା ମଧ୍ୟ ସାମନାକୁ ଆସିଛି। ନିଜ ନାମ ଗୋପନ ରଖିବା ସର୍ତ୍ତରେ ଜଣେ ପଶ୍ଚିମ ଓଡ଼ିଶାର ଭାଜପା ନେତାଙ୍କ କହିବା ମୁତାବକ, ତାଙ୍କ ଦଳ ପକ୍ଷରୁ କାମ କରୁଥିବା ନେତା, ବରାହେ ନାମକ ପଲିଟିକାଲ କନ୍‌ସଲଟାନ୍‌ସି ସଂସ୍ଥା ଏବଂ ଆର୍‌ଏସ୍‌ଏସ୍‌ର ଗୋଟିଏ ଟିମ୍ ବସନ୍ତ, ପ୍ରସନ୍ନ ଓ ଯଦୁମଣିଙ୍କ ଭୂମିକା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ଏବାବଦରେ ସ୍ଥାନୀୟ ପୋଲିସ ଓ ଗୋଇନ୍ଦା ସଂସ୍ଥା ପକ୍ଷରୁ ଖବର ସଂଗ୍ରହ କରାଯାଉଛି। ତଥାପି ଆଗକୁ ଏହି ତିନି ନେତାଙ୍କ ଭୂମିକା କ'ଣ ରହିବ ଉପନିର୍ବାଚନ ପରେ ତାହା ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**: ଆଜି ବିଭିନ୍ନ ସମସ୍ୟାକୁ କେନ୍ଦ୍ରକରି ମାନସିକ ଦ୍ୱନ୍ଦ୍ୱ ସୃଷ୍ଟିହେବ। ଆଜି ପ୍ରତ୍ୟେକ କାମ ବାଧବାଧକତାରେ କରି ସମସ୍ୟାରେ ପଡ଼ିପାରନ୍ତି। ଘର କଥା ହେଉ କିମ୍ବା କର୍ମକ୍ଷେତ୍ର କଥା ହେଉ ସବୁ କାମ ଗୋଳିଆ ରହିବ। ପାରସ୍ପରିକ ଆଲୋଚନା ଓ ସମାଲୋଚନା ଭିତରେ ସମସ୍ୟା ସମାଧାନ ପୂର୍ବକ ପରିବାରରେ ଶାନ୍ତି ଫେରିଆସିବ।

**ବୃଷ**: ଆର୍ଥିକ ସ୍ଥିତି ଭଲ ରହିବ ଏବଂ ନୂତନ କର୍ମାରମ୍ଭର ଯୋଜନା କରିବେ। ଶୁକ୍ରଙ୍କ ପ୍ରଭାବରେ ଆଜି କ୍ରୀଡ଼ା, ଚଳଚ୍ଚିତ୍ର, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ସାଙ୍ଗସାଥୀ କିମ୍ବା ବନ୍ଧୁ କହିବେ ବହୁତ କିନ୍ତୁ କାମ ବେଳକୁ ସେମାନଙ୍କ ଦେଖା ମିଳି ନ ପାରେ। ଦୂରଯାତ୍ରାରେ ସଚେତନତା ଅଭାବରୁ ସାମାନ୍ୟ ଥଣ୍ଡା ଓ କାଶଜନିତ ସ୍ୱାସ୍ଥ୍ୟ ଭଲ ରହି ନ ପାରେ।

**ମିଥୁନ**: ଭୁଲ୍ ବୁଝାମଣା ହେତୁ ପରିବାରରେ କଳହ ଲାଗିପାରେ। ଜଣେ ବନ୍ଧୁଙ୍କ କଥାରେ ପଡ଼ି କୌଣସି କାମ କରିବା ଦ୍ୱାରା ଅନ୍ୟ ଜଣେ ବନ୍ଧୁଙ୍କ ଚକ୍ଷୁଶୂଳ ହେବେ। କୌଣସି ଶୁଣା ଖବରକୁ ନେଇ ସନ୍ତାନ ହେତୁକ ମାନସିକ ଆଘାତ ପାଇପାରନ୍ତି। ପରିବହନ, ବ୍ୟବସାୟ, ସଭାସମିତି, ଜମିଜମାକୁ କେନ୍ଦ୍ରକରି ସୁଫଳ ପାଇପାରନ୍ତି।

**କର୍କଟ**: ଭାବପ୍ରବଣତାବଶତଃ ଆଜି ଅନେକ କାଳ୍ପନିକ ଆଶା ଓ କାମନା ଉଜ୍ଜୀବିତ ହୋଇପାରେ। ବିଭିନ୍ନ କ୍ଷେତ୍ରରୁ ଅର୍ଥ ପାଇବେ ସତ, କିନ୍ତୁ ପାରିବାରିକ ବିଷୟକୁ ନେଇ ମାନସିକ ଶାନ୍ତି ହରାଇବେ। ଧର୍ମସଙ୍କଟରେ ପଡ଼ି କେତେକ କ୍ଷେତ୍ରରେ ଠିକ୍ ନିଷ୍ପତ୍ତି ନେଇପାରିବେ ନାହିଁ। ବନ୍ଧୁଙ୍କ ଆଚରଣ ସନ୍ଦେହ ସୃଷ୍ଟିକରିବା ସହ ମାନସିକ ଦ୍ୱନ୍ଦ୍ୱ ଲାଗିରହିବ।

**ସିଂହ**: ଆଜି ଆପଣ ପ୍ରତିଯୋଗିତା ଏବଂ ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ବିଜୟୀ ହେବା ଆଶା ରହିଛି। ରବିବାର ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ସାମାନ୍ୟ ବିଳମ୍ବରେ ପାଇଯିବେ। କର୍ମକ୍ଷେତ୍ରରେ ବାଧା ଉପୁଜିବ ତଥାପି ଆପଣଙ୍କର କୌଣସି କାମ ଅଟକିବ ନାହିଁ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନ ପାରେ।

**କନ୍ୟା**: ଆଜି ଯାହାକୁ ଯାହା କହିବେ କିମ୍ବା କରିବେ ପ୍ରତ୍ୟେକ କାମରେ ସଫଳତା ଅବଶ୍ୟମ୍ଭାବୀ। ବନ୍ଧୁଙ୍କ ସହାୟତାରେ ଦୀର୍ଘଦିନର ଚେଷ୍ଟା ପରେ ଋଣ ସୂତ୍ରରେ ଆଜି ହିଁ ଅର୍ଥଲାଭ କରିବେ। ସ୍ତ୍ରୀଙ୍କ ବରାଦ, ପ୍ରତିଦ୍ୱନ୍ଦ୍ୱୀଙ୍କ କାର୍ଯ୍ୟ, ଶିଳ୍ପ, ବାଣିଜ୍ୟରେ ପ୍ରତିବନ୍ଧକଜନିତ ଦୁଶ୍ଚିନ୍ତା ବଢ଼ିପାରେ। ପରିଶ୍ରମ କିମ୍ବା ଭ୍ରମଣଜନିତ ଅସୁସ୍ଥି ଅନୁଭବ କରିପାରନ୍ତି।

**ତୁଳା**: ଦୀର୍ଘଦିନର ସମ୍ପର୍କର ସୂତ୍ର ଛିନ୍ନହେବାର ସୂଚନା ପ୍ରତି ସାବଧାନ ରହିବା ଭଲ। ଆଳସ୍ୟ ଓ ଅବହେଳା ସାଙ୍ଗକୁ କାଳକ୍ଷେପଣ ନୀତି ହେତୁ ସଫଳତା ପାଇବା କଷ୍ଟକର ହେବ। କେତେକ କ୍ଷେତ୍ରରେ ମନଦେଇ କାମକଲେ ତାକୁ ପୂରା ନ କରିବା ଯାଏଁ ଛାଡ଼ିବେ ନାହିଁ। ନିଜ ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି।

**ବିଛା**: କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ବିବାଦୀୟ ପରିସ୍ଥିତିରେ ଦୃଢ଼ ମୁକାବିଲାକରି ବିଜୟୀ ହେବେ। ବ୍ୟବସାୟ ଆଗକୁ ବଢ଼ାଇବା ପାଇଁ ନୂଆ ପଦକ୍ଷେପ ଗ୍ରହଣକରି ଉପକୃତ ହେବେ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ**: ଉଦାର ମନୋଭାବ ପୋଷଣକଲେ ମଧ୍ୟ ବନ୍ଧୁଙ୍କ ଚିନ୍ତାଧାରାକୁ ବଦଳାଇବା ସମ୍ଭବପର ହେବ ନାହିଁ। ଯେତେ ଆଗୁଆ ପଦକ୍ଷେପ ଗ୍ରହଣକଲେ ମଧ୍ୟ ମାନସିକ ସୁସ୍ଥତା ଫେରିପାଇବା କଷ୍ଟକର ହେବ। ନୂଆ ଯୋଜନାଟିରେ ଖର୍ଚ୍ଚାନ୍ତ ଓ ହଇରାଣ ହେବାକୁ ପଡ଼ିପାରେ। ପରିବହନ, ହୋଟେଲ ପ୍ରଭୃତିରୁ ଆଶାଜନକ ସୁଫଳ ମିଳିବ।

**ମକର**: ଭୁଲ ବୁଝାମଣା ହେତୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ଦେଖାଦେବ। ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟିହେଲେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ। ତୀର୍ଥାଟନରେ କିମ୍ବା ବାହାର ଜାଗାରେ ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହେବେ। କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇପାରନ୍ତି।

**କୁମ୍ଭ**: କାର୍ଯ୍ୟକ୍ଷେତ୍ରରେ ନିଜ ଲୋକଙ୍କ କାର୍ଯ୍ୟକଳାପ ନେଇ ବିବ୍ରତ ହୋଇପାରନ୍ତି। କୌଣସି ବନ୍ଧୁଙ୍କ ମାଧ୍ୟମରେ ବହୁ ପ୍ରତୀକ୍ଷିତ ଶୁଭ ଖବରଟି ପାଇବେ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ ଓ ବନ୍ଧୁମାନଙ୍କ ଦ୍ୱାରା ପ୍ରଶଂସିତ ହେବେ। ଆଗାମୀ ନୂତନ ଭାବେ ଆରମ୍ଭ କରିବାକୁ ଥିବା କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ କରିପାରନ୍ତି।

**ମୀନ**: ଦୀର୍ଘଦିନର ଅଭିଳାଷ ପୂରଣହେବା ସାଙ୍ଗକୁ ଆର୍ଥିକ ଉନ୍ନତିର ମାର୍ଗ ସୁଗମ ହେବ। ଚେଷ୍ଟା କରୁଥିବା କାମ ଆଜି ସମ୍ପନ୍ନ ହେବ। ବନ୍ଧୁଙ୍କ ସହ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନାନ୍ତର ସୃଷ୍ଟି ହୋଇପାରେ। ବନ୍ଧୁଙ୍କ ସହାୟତାରେ ସାଙ୍ଗଠନିକ କାର୍ଯ୍ୟ, ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ।

ଆଜି ଅକ୍ଟୋବର ୨୮ ତାରିଖ, କାର୍ତ୍ତିକ ଶୁକ୍ଳ ଷଷ୍ଠୀଯୁକ୍ତ ସପ୍ତମୀ ମଙ୍ଗଳବାର, ଛଟ୍ ବ୍ରତ ଉଦ୍‌ଯାପନ। ରାଶି ନକ୍ଷତ୍ର-ପୂର୍ବାଷାଢ଼ା/ଧନୁ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଦିବା ୦୫।୪୯ ଗତେ, ଘ.୦୬।୩୫ ମଧ୍ୟେ, ଘ.୦୮।୪୦ ଗତେ, ଘ.୧୧।୦୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୨।୨୦ ଗତେ, ଘ.୦୩।୪୫ ମଧ୍ୟେ ରାହୁକାଳ।

# ବନ୍ଧୁଙ୍କୁ ହତ୍ୟାକରି ତିନି ବନ୍ଧୁ ଗିରଫ

## ଅନ୍ତର୍ଲାରେ ହତ୍ୟାକାଣ୍ଡ

### ଭୋଜି ସମୟରେ ବଚସା ନେଲା ହତ୍ୟାର ରୂପ

ଦେଓଗାଁ,୨୭।୧୦
(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)


ଦେଓଗାଁ ଥାନା ଅନ୍ତର୍ଲା ପତ୍ରଫଡି ନିକଟରେ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରୁଛି।

ବଲାଙ୍ଗୀର ଜିଲା ଦେଓଗାଁ ଥାନା ବନ୍ଧପଡ଼ା ଫାଣ୍ଡି ଅନ୍ତର୍ଗତ ଅନ୍ତର୍ଲା ଗାଁ ନିକଟରେ ଏକ ହତ୍ୟାକାଣ୍ଡ ଘଟିଛି। ଭୋଜି ସମୟରେ କୌଣସି କଥାକୁ ନେଇ ବଚସା ହେବାରୁ ଜଣେ ଯୁବକଙ୍କୁ ତାଙ୍କର ୩ ଜଣ ବନ୍ଧୁ ମିଶି ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଛି। ନିହତ ଯୁବକ ଜଣକ ହେଲେ ଅନ୍ତର୍ଲାର ପୂର୍ବତନ ପୋଲିସ କର୍ମଚାରୀ ମୀନକେତନ ଭୋଇଙ୍କ ପୁଅ ସୁଜିତ ଭୋଇ (୩୦)। ଗିରଫ ଅଭିଯୁକ୍ତମାନେ ହେଲେ ବନ୍ଧପଡ଼ା ଗ୍ରାମର ରାଜା କଟା (୧୯), ଓମ୍ ନନ୍ଦ (୧୯) ଓ ଡଙ୍ଗରପଡ଼ା ଗ୍ରାମର ଇରଫାନ ଛତ୍ରିଆ (୧୯)। ସେମାନଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

ମିଳିଥିବା ସୂଚନା ଅନୁଯାୟୀ, ରବିବାର ରାତିରେ ୪ ଜଣ ସାଙ୍ଗ ମିଶି ଅନ୍ତର୍ଲା ଗାଁ ପତ୍ରଫଡି ନିକଟରେ ଭୋଜି କରିଥିଲେ। ଏହି ସମୟରେ କୌଣସି କାରଣକୁ କେନ୍ଦ୍ରକରି ବଚସା ହେବା ପରେ ରାଜାଙ୍କ ମା' ରାଜାଙ୍କୁ ବାରମ୍ବାର ଫୋନ କରି ଘରକୁ ଆସିବା ପାଇଁ କହିଥିଲେ। ସେହି ସମୟରେ ସୁଜିତ ରାଜାଙ୍କ ମା'ଙ୍କ ସହ ଫୋନ୍‌ରେ କଥା ହୋଇ ଅସଭ୍ୟ ଭାଷାରେ ଗାଳି କରିଥିଲେ। ଏଥିରେ ରାଜା ଉତ୍ତ୍ୟକ୍ତ ହୋଇ ସାଇକେଲ ପେଡ଼ାଲରେ ସୁଜିତଙ୍କୁ ଆକ୍ରମଣ କରିଥିଲେ। ପରେ ତିନି ଜଣ ଅଭିଯୁକ୍ତ ତାଙ୍କୁ ବିଅର ବୋତଲ ଓ ଠେଙ୍ଗାରେ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ସୁଜିତଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ସୋମବାର ସକାଳେ ଘଟଣାସ୍ଥଳକୁ ବନ୍ଧପଡ଼ା ଫାଣ୍ଡି ଅଧିକାରୀ ମଳୟ ପଣ୍ଡା ,ଥାନାଧିକାରୀ ବୁଲୁ ମୁଣ୍ଡା ପ୍ରମୁଖ ସଦଳବଳ ପହଞ୍ଚି ସରଜମିନ ତଦନ୍ତ କରିଥିଲେ। ମୃତଦେହ ଜବତ କରି ଭୀମଭୋଇ ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଥିବା ସୂଚନା ମିଳିଛି। ମୃତକଙ୍କ ଭାଇ ସୁନୀଲ ଭୋଇଙ୍କ ଅଭିଯୋଗକୁ ଆଧାର କରି ଥାନାରେ ନଂ ୩୫୬/୨୫ରେ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରହିଥିବା ତଦନ୍ତକାରୀ ଅଧିକାରୀ ମଳୟ ପଣ୍ଡା ସୂଚନା ଦେଇଛନ୍ତି।

# ଆନ୍ଧ୍ରରୁ ଚୋରି ୫ ବାଇକ୍ ଓଡ଼ିଶାରୁ ଜବତ

ବନ୍ତ,୨୭।୧୦
(ହରିନାରାୟଣ ମହାନ୍ତି)


ଆନ୍ଧ୍ରପ୍ରଦେଶରୁ ଚୋରି ବାଇକ୍ ଓଡ଼ିଶାରେ ବିକ୍ରି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ ପରେ ଆନ୍ଧ୍ର ପୋଲିସ ଓଡ଼ିଶାରେ ପହଞ୍ଚି ସ୍ଥାନୀୟ ପୋଲିସ ସହାୟତାରେ ୪ ସ୍ଥାନରେ ଚଢ଼ାଉ କରି ୫ ବାଇକ୍ ଜବତ କରିଛି। ଜବତ ହୋଇଥିବା ବାଇକ୍‌ଗୁଡ଼ିକର କୌଣସି ନମ୍ବର ପ୍ଲେଟ୍ ନ ଥିବା ଜଣାଯାଇଛି।

ପ୍ରକାଶ ଯେ, ରବିବାର ରାତିରେ ଆନ୍ଧ୍ର ପୋଲିସ ଭଦ୍ରକ ଜିଲା ବନ୍ତ ଥାନାରେ ପହଞ୍ଚି ଆନ୍ଧ୍ରରୁ ଚୋରି ହୋଇଥିବା ବାଇକ୍ ସମ୍ପର୍କରେ ସୂଚନା ଦେଇଥିଲା। ଚୋରିରେ ସମ୍ପୃକ୍ତ ଥିବା ଯାଜପୁର ଜିଲା ବରୀ ଥାନା ଅଞ୍ଚଳର ସେକ୍ ସମିମ୍‌ଙ୍କୁ ସାଥିରେ ଧରି ଆନ୍ଧ୍ର ପୋଲିସ ବନ୍ତ ଥାନାରେ ପହଞ୍ଚିଥିଲା। ବନ୍ତ ଥାନା ଅଧୀନ ଚଣ୍ଡିପୁର ଗ୍ରାମରୁ ଗୋଟିଏ ବାଇକ୍ ଜବତ କରାଯାଇଥିଲା। ଏଥିସହ ଆନ୍ଧ୍ର ପୋଲିସ କେନ୍ଦୁଝର ଜିଲା ଘଟଗାଁ ଅଞ୍ଚଳରୁ ଗୋଟିଏ, କଟକରୁ ୨ ଏବଂ ଯାଜପୁର ଅଞ୍ଚଳରୁ ଗୋଟିଏ ବାଇକ୍ ସ୍ଥାନୀୟ ଥାନା ପୋଲିସ ସହାୟତାରେ ଜବତ କରିଛି। ପ୍ରକାଶଥାଉ କି, ଏହି ଚୋରି ନେଇ ଗତ ୨୦ ତାରିଖରେ ଆନ୍ଧ୍ରପ୍ରଦେଶର ଅନକାପଲ୍ଲୀ ଟାଉନ ଥାନାରେ ଏକ ମାମଲା (ନଂ.୨୪୧/୨୫), ୧୭ ତାରିଖରେ ବିଶାଖାପାଟଣା ଥାନାରେ ମାମଲା (ନଂ.୨୮୯/୨୫) ଏବଂ ପେଣ୍ଡୁରର୍ଥୀ ଥାନାରେ ଏକ ମାମଲା (ନଂ.୪୬୩/୨୫) ରୁଜୁ ହୋଇଥିଲା।

# ଜଙ୍ଗଲରୁ ବନ୍ଧୁକ କାରଖାନା ଠାବ, ୩ ଗିରଫ

**ଶରଣକୂଳ, ୨୭।୧୦(ଦୀପକ କର):** ନୟାଗଡ଼ ଜିଲା ଶରଣକୁଳ ଥାନା ଜାକେ ଗ୍ରାମରେ ବହୁଦିନ ଧରି ଚାଲିଥିବା ବେଆଇନ ବନ୍ଧୁକ କାରଖାନା ପୋଲିସ ଠାବ କରିଛି। ଏହି ଘଟଣାରେ ୩ଜଣଙ୍କୁ ଗିରଫ ପରେ ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସୁଶାନ୍ତ ପ୍ରଧାନ (୪୪), ବସନ୍ତ ବାଣ୍ଡ ଓରଫ ଟିଙ୍କିନା (୩୩) ଓ ପ୍ରଶାନ୍ତ ବିଶ୍ୱାଳ ଓରଫ ପଣ୍ଡା (୪୫)। ସେମାନଙ୍କୁ ପୃଥକ ସ୍ଥାନରେ ରଖି ଜେରା କରିବା ପରେ ସମସ୍ତ ୩ଜଣ ବନ୍ଧୁକ ତିଆରି କାର୍ଯ୍ୟରେ ନିୟୋଜିତ ଥିବା ସତ ମାନିଛନ୍ତି। ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଶରଣକୁଳ ଥାନା ଦାୟିତ୍ୱରେ ଥିବା ଅଧିକାରୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଜାକେ ଗ୍ରାମ ନିକଟସ୍ଥ ଏକ ଜଙ୍ଗଲରେ ବେଆଇନ ବନ୍ଧୁକ କାରଖାନା ଚାଲିଥିବା ପୋଲିସ କୌଣସି ସୂତ୍ରରୁ ଖବରପାଇ ଚଢ଼ାଉ କରିଥିଲା। ବନ୍ଧୁକ ତିଆରିରେ ସାମିଲ ଥିବା ବ୍ୟକ୍ତିମାନେ ଖସିବାକୁ ଉଦ୍ୟମ କରୁଥିବା ବେଳେ ସେମାନଙ୍କୁ ପୋଲିସ କାବୁ କରି ଥିଲା। ଘଟଣାସ୍ଥଳରୁ ବନ୍ଧୁକ ତିଆରି ସରଞ୍ଜାମ ଜବତ କରିଛି। ଘଟଣାର ମାଷ୍ଟରମାଇଣ୍ଡ ପ୍ରଶାନ୍ତ ବିଶ୍ୱାଳ ବୋଲି ପୋଲିସ ଜାଣିବାକୁ ପାଇଛି।




# ଘରେ ପଶି ଛୁରାମାଡ଼, ଦୁଇ ଗିରଫ

ଭୁବନେଶ୍ୱର,୨୭।୧୦
(ସତ୍ୟଜିତ ରାଉତ)

ଘରେ ପଶି ଜଣେ ବ୍ୟକ୍ତିଙ୍କୁ ଛୁରାମାଡ଼ ମାମଲାରେ ଖାରବେଳନଗର ଥାନା ପୋଲିସ ଦୁଇ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ୟୁନିଟ-୩ ଅଞ୍ଚଳର ଡି. ଉଦୟ କିରନ(୨୦) ଓ ସାଗର ବେହେରା(୧୯)। କୋର୍ଟ ଚାଲାଣ ପରେ ଉଭୟଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଫେରାର ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସ ପ୍ରୟାସ କରୁଛି।

ସୂଚନା ଅନୁଯାୟୀ, ଅଭିଯୋଗକାରୀ ଆଦିତ୍ୟ ସେଠୀ ୟୁନିଟ୍-୩ ଅଞ୍ଚଳରେ ରୁହନ୍ତି। ରବିବାର ରାତି ପ୍ରାୟ ୧୦ଟା ୩୦ ବେଳେ ସେ ଜଣେ ବନ୍ଧୁଙ୍କ ସହ ଘରେ ଟିଭି ଦେଖୁଥିଲେ। ଏହି ସମୟରେ ଅଭିଯୁକ୍ତ ଉଦୟ, ସାଗର ଏବଂ ଅନ୍ୟ ସହଯୋଗୀମାନେ ଘରେ ଜୋରଜବରଦସ୍ତ ପଶି ଗାଳିଗୁଲଜ କରିଥିଲେ। ସେମାନେ ହଠାତ୍ ଏକ ଛୁରିରେ ଆଦିତ୍ୟଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ପରେ ଅଭିଯୁକ୍ତମାନେ ଘଟଣାସ୍ଥଳ ଛାଡ଼ି ଦୌଡି ପଳାଇଥିଲେ। ପରିବାର ସଦସ୍ୟ ଆଦିତ୍ୟଙ୍କୁ ଉଦ୍ଧାର କରିଥିଲେ। ଏନେଇ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୪୮୩/୨୦୨୫) ରୁଜୁ କରିଥିଲା। ପୋଲିସ ଟିମ୍ ମାଷ୍ଟରକ୍ୟାଣ୍ଟିନ ଛକ ନିକଟରେ ଚଢାଉ କରି ଅଭିଯୁକ୍ତଦ୍ୱୟଙ୍କୁ କାବୁ କରିଥିଲା। ତେବେ ପୂର୍ବ ଶତ୍ରୁତାରୁ ଏହି ଘଟଣା ଘଟିଥିବା ପୋଲିସ ଜାଣିବାକୁ ପାଇଛି।

# ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ

ଫୁଲବାଣୀ,୨୭।୧୦
(ରାକେଶ କୁମାର ରାଉତ)

ଫୁଲବାଣୀ ଫାଷ୍ଟ ଟ୍ରାକ କୋର୍ଟ ବିଚାରପତି କୈଳାସ ଚନ୍ଦ୍ର ସ୍ୱାଇଁ ସୋମବାର ଜଣେ ନାବାଳିକା ବଳାତ୍କାର ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୦ ହଜାର ଟଙ୍କା ଜରିମାନା ଏବଂ ଏହା ଅନାଦାୟେ ଅଧିକ ୨ ବର୍ଷ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ଫୁଲବାଣୀ ସଦର ଥାନା ଅଧୀନ ସାଇନପଡ଼ା ଗ୍ରାମର ରିତିକ୍ ଦିଗାଲ(୧୯)। ଅନ୍ୟପକ୍ଷରେ ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ବିଚାରପତି ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ନାବାଳିକା ଜଣଙ୍କ ଫୁଲବାଣୀ ଏଜେଓ ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ପଢୁଥିଲେ। ଅଭିଯୁକ୍ତ ରିତିକ୍ ବିବାହର ପ୍ରଲୋଭନ ଦେଖାଇ ତାଙ୍କ ସହ ବିଭିନ୍ନ ସ୍ଥାନରେ ଅନେକ ଥର ଶାରୀରିକ ସମ୍ପର୍କ ରଖିଥିଲେ। ୨୦୨୪ ନଭେମ୍ବର ୨୧ ତାରିଖରେ ନାବାଳିକାଙ୍କୁ ସେ ବାଇକ୍‌ରେ ବସାଇ ନିଜ ମାମୁଘରକୁ ନେଇ ଯାଇ ସେଠାରେ ମଧ୍ୟ ଶାରୀରିକ ସମ୍ପର୍କ ରଖିଥିଲେ। ଝିଅ ଘରକୁ ନ ଫେରିବାରୁ ବାପା ଚାରିଆଡେ ଖୋଜି ନିରାଶ ହେବା ପରେ ସଦର ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ.୨୫୯/୨୪ରେ ମାମଲା ରୁଜୁ କରି ରିତିକ୍‌ଙ୍କୁ ଗିରଫ କରିଥିଲା। ବିଚାରପତି ୧୭ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଓ ଡାକ୍ତରୀ ରିପୋର୍ଟକୁ ଆଧାର କରି ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ପୋକ୍‌ସୋ କୋର୍ଟ ସ୍ୱତନ୍ତ୍ର ପିପି ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ।

## ରାଜ୍ୟ ଖବର

# ବଦଳିଯାଇଛି ପୁରୁଣା ସ୍ଥିତି

## ନୂଆପଡ଼ା ଉପନିର୍ବାଚନ

### ଇଆଡ଼େ ସିଆଡ଼େ ହୋଇଯାଇଛନ୍ତି ନେତା

ନୂଆପଡ଼ା,୨୭।୧୦
(ପୀତାମ୍ବର ସାହୁ)

ନୂଆପଡ଼ା ଉପନିର୍ବାଚନ ପାଖେଇ ଆସୁଥିବାବେଳେ ଲୋକଙ୍କ ମଧ୍ୟରେ ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ତିନି ପ୍ରମୁଖ ଦଳ ଭାଜପା, ବିଜେଡି ଓ କଂଗ୍ରେସ ପ୍ରଚାର ଜୋରଦାର କରିବା ସହିତ କର୍ମୀ ସମାବେଶ, ସଭା ସମିତି ଓ ମିଶ୍ରଣ ପର୍ବ କରି ମତଦାତାଙ୍କ ବିଶ୍ୱାସ ଭାଜନ ହେବାରେ ଲାଗିଛନ୍ତି। ଭାଜପାର ଜୟ ଢୋଲକିଆ, ବିଜେଡିର ସ୍ନେହାଙ୍ଗିନୀ ଛୁରିଆ ଓ କଂଗ୍ରେସର ଘାସିରାମ ମାଝି ଲୋକଙ୍କ ପାଖକୁ ଯାଇ ଭୋଟ ଭିକ୍ଷା କରୁଥିବା ଦେଖିବାକୁ ମିଳୁଛି। ଦଶନ୍ଧି ଧରି ବିଜେଡିର ଗଡ ଥିବା ନୂଆପଡ଼ାରେ କିନ୍ତୁ ଏବେ ଅନେକ ପରିବର୍ତ୍ତନ ଘଟିଛି। ବିଜେଡି ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ବିୟୋଗ ପରେ ତାଙ୍କ ପୁଅ ଭାଜପାରେ ଯୋଗଦେଇ ପ୍ରାର୍ଥୀ ହୋଇଛନ୍ତି। ଏହି ନିର୍ବାଚନ ମଣ୍ଡଳୀରେ ନୂଆପଡ଼ା ଓ କୋମନା ବ୍ଲକ ସହିତ ନୂଆପଡ଼ା ଓ ଖରିଆର ରୋଡ ଏନ୍ଏସି ରହିଛି। ତେବେ ନୂଆପଡ଼ା ବ୍ଲକର ମତଦାତାଙ୍କ ଉପରେ ସବୁବେଳେ ରାଜନୈତିକ ଦଳର ନେତୃବୃନ୍ଦଙ୍କ ନଜର ରହିଥାଏ। ୨୦୨୪ ସାଧାରଣ ନିର୍ବାଚନରେ ବିଜେଡିର ରାଜେନ୍ଦ୍ର ଢୋଲକିଆ ପ୍ରାୟ ୧୦,୮୮୧ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିବା ବେଳେ ନୂଆପଡ଼ା ବ୍ଲକରୁ ମଧ୍ୟ ସେ ଅଧିକ ଭୋଟ ପାଇଥିଲେ। ନୂଆପଡା ବ୍ଲକ ୩୧ ପଞ୍ଚାୟତକୁ ନେଇ ଗଠିତ। ବ୍ଲକରେ ୩ଟି ଜିଲା ପରିଷଦ ଜୋନ ରହିଛି। ଗତ ନିର୍ବାଚନରେ ବିଜେଡିର ରାଜେନ୍ଦ୍ର ଢୋଲକିଆ ନୂଆପଡ଼ା ବ୍ଲକରୁ ସର୍ବାଧିକ ୨୩ହଜାର ୮୫୮ ଖଣ୍ଡ ଭୋଟ ପାଇଥିବା ବେଳେ ସ୍ୱାଧୀନ ଭାବେ ଲଢ଼ିଥିବା କଂଗ୍ରେସର ବିଦ୍ରୋହୀ ପ୍ରାର୍ଥୀ ତଥା ବର୍ତ୍ତମାନର କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝି ୨୩ ହଜାର ୪୨୨ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ସେହିପରି ଭାଜପା ପ୍ରାର୍ଥୀ ଯୁବ ନେତା ଅଭିନନ୍ଦନ ପଣ୍ଡା ୨୦ ହଜାର ୩୩୪ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ଅପରପକ୍ଷରେ କଂଗ୍ରେସ ପ୍ରାର୍ଥୀ ଶରତ ପଟ୍ଟନାୟକ ସେହି ସମୟରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଥିଲେ ମଧ୍ୟ ମାତ୍ର ୬ ହଜାର ୩ଶହ ଭୋଟ ଏହି ବ୍ଲକରୁ ପାଇଥିଲେ। ଶରତ ବଲାଙ୍ଗୀର ଜିଲାର ଅଧିବାସୀ ହୋଇଥିବାରୁ ମତଦାତା ତାଙ୍କୁ ଭରସା କରି ନ ଥିଲେ।

ଗତ ନିର୍ବାଚନରେ ସ୍ଥାନୀୟ ନେତାମାନେ ଯେଉଁ ଦଳରେ ଥିଲେ ଏବେ କିନ୍ତୁ ଅନେକ ଦଳ ପରିବର୍ତ୍ତନ କରିଛନ୍ତି। ତେଣୁ ସାଧାରଣ ମତଦାତା ଦ୍ୱନ୍ଦ୍ୱରେ ଅଛନ୍ତି। ନୂଆପଡ଼ା ବ୍ଲକର ତିନୋଟି ଜିଲା ପରିଷଦ ଜୋନରୁ ଜୋନ ନଂ.୭ରେ ବିଜେଡିର ଉମା ଠାକୁର, ଜୋନ ୮ରେ ବିଜେଡିର ଭାନୁପ୍ରତାପ ସିଂ ମାଝୀ ଏବଂ ଜୋନ ୯ରେ କଂଗ୍ରେସର ଭରତ ଲାଲ ରାଉତ ଜିଲା ପରିଷଦ ସଭ୍ୟ ଅଛନ୍ତି। ଗତ ବିଧାନସଭା ନିର୍ବାଚନରେ ଉମା ଠାକୁର ବିଜେଡି ପାଇଁ କାମ କରୁଥିବାବେଳେ ଏବେ ମଧ୍ୟ ସେ ବିଜେଡିରେ ଅଛନ୍ତି। ସେହିପରି ଭରତ ଲାଲ ରାଉତ ଗତ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀଙ୍କ ସପକ୍ଷରେ ଥିବା ବେଳେ ଚଳିତଥର ମଧ୍ୟ ଦଳ ସପକ୍ଷରେ କାମ କରୁଛନ୍ତି। ଭରତ ଲାଲ ଏବେ ଯାଦବ ସମାଜ ଜିଲା ସଭାପତି ଅଛନ୍ତି। ଯାଦବ ଭୋଟକୁ କଂଗ୍ରେସ ସପକ୍ଷରେ ନେବା ପାଇଁ ସେ ଚେଷ୍ଟା କରୁଛନ୍ତି। ମାତ୍ର ଭାନୁ ପ୍ରତାପ ସିଂ ମାଝୀ ଗତ ନିର୍ବାଚନରେ ବିଜେଡିକୁ ସମର୍ଥନ ନ କରି ସ୍ୱାଧୀନ ପ୍ରାର୍ଥୀ ଘାସିରାମଙ୍କୁ ପରୋକ୍ଷ ସମର୍ଥନ କରିଥିଲେ। ତେଣୁ ଦଳ ତାଙ୍କୁ ବହିଷ୍କାର କରିଥିଲା। ଏବେ କିନ୍ତୁ ବିଜେଡି ଭାନୁପ୍ରତାପଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର କରିବା ପରେ ସେ ଦଳକୁ ଫେରିଛନ୍ତି। ତାଙ୍କ ମାଧ୍ୟମରେ ଆଦିବାସୀ ଭୋଟ ହାତେଇବା ପାଇଁ ବିଜେଡି ଲକ୍ଷ୍ୟ ରଖିଛି। ଭାନୁପ୍ରତାପଙ୍କ ଆଦିବାସୀ ସମାଜ ଉପରେ ବେଶ ପ୍ରଭାବ ଥିବା ବେଳେ ତାଙ୍କୁ ନେଇ ବିଜେଡ଼ି ଅନେକ କିଛି ଆଶା ରଖିଛି। ସେହିପରି ବର୍ତ୍ତମାନ ବ୍ଲକ ଅଧ୍ୟକ୍ଷା ଥିବା ତାରେଶ୍ୱରୀ ସାହୁ ଗତ ନିର୍ବାଚନରେ ବିଜେଡିକୁ ସମର୍ଥନ କରିଥିଲେ। ସେ ରାଜେନ୍ଦ୍ର ଢୋଲକିଆଙ୍କ ଏକାନ୍ତ ଅନୁଗତ ଥିବାରୁ ଗତ ଅକ୍ଟୋବର ୧୬ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନୂଆପଡ଼ା ଗସ୍ତ ସମୟରେ ବିଜେଡି ଛାଡ଼ି ସମର୍ଥକଙ୍କ ସହିତ ଭାଜପାରେ ଯୋଗ ଦେଇଛନ୍ତି। ସେହିପରି ବ୍ଲକ ଉପାଧ୍ୟକ୍ଷ ଦିଲୀପ ନିର୍ମଳ କର ମଧ୍ୟ ପୂର୍ବରୁ ବିଜେଡିରେ ଥିବା ବେଳେ ସେ ଏବେ ଭାଜପାରେ ଅଛନ୍ତି। ଏହା ସହିତ ବ୍ଲକର ୩୧ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟଙ୍କ ମଧ୍ୟରୁ ଅଧିକାଂଶ ଗତ ନିର୍ବାଚନରେ ବିଜେଡିରେ ଥିବା ବେଳେ ଏବେ ଜୟଙ୍କ ପଛେପଛେ ଭାଜପାକୁ ଚାଲିଯାଇଛନ୍ତି। ସେହିପରି ଗତ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଘାସିରାମଙ୍କୁ ସମର୍ଥନ ଦେଇଥିବା ଭାନୁପ୍ରତାପ ଓ ବିହାରିଲାଲ ବିଶ୍ୱାଳ ଏବେ କିନ୍ତୁ ତାଙ୍କୁ ସମର୍ଥନ ନ କରି ବିଜେଡିକୁ ସମର୍ଥନ ଦେଉଥିବା ଦେଖିବାକୁ ମିଳୁଛି। ବିଶିଷ୍ଟ ଆଦିବାସୀ ନେତା ଭକ୍ତ ବନ୍ଧୁ ଧରୁଆ ଗତ ନିର୍ବାଚନରେ ଘାସିରାମଙ୍କୁ ସମର୍ଥନ କରିଥିବା ବେଳେ ଏବେ କିନ୍ତୁ ସେ ନିଜେ ବିଧାୟକ ପ୍ରାର୍ଥୀ ହୋଇ ନର୍ବାଚନ ଲଢୁଛନ୍ତି। ଅପରପକ୍ଷରେ ଭାଜପାରୁ ପ୍ରାର୍ଥୀ ହୋଇଥିବା ଅଭିନନ୍ଦନଙ୍କୁ ଯେଉଁମାନେ ସମର୍ଥନ କରିଥିଲେ ଏବେ ସେମାନେ ଜୟଙ୍କୁ ସହଜରେ ଗ୍ରହଣ କରିପାରୁ ନ ଥିଲେ ମଧ୍ୟ ଭାଜପାର ସଭା, ସମିତିକୁ ଯିବା ସହିତ ଦଳ ପାଇଁ କାମ କରୁଥିବା ଦେଖିବାକୁ ମିଳୁଛି। ତେଣୁ ନୂଆପଡ଼ା ବ୍ଲକରେ ଚଳିତ ଉପନିର୍ବାଚନରେ ସମୀକରଣ ଭିନ୍ନ ହୋଇପାରେ ବୋଲି ଚର୍ଚ୍ଚା ହେଉଛି।

## ଜାତିଭିତ୍ତିକ ଭୋଟକୁ ପ୍ରମୁଖ ଦଳର ପ୍ରାଧାନ୍ୟ

ନୂଆପଡ଼ା,୨୭।୧୦
(ମକାରୁ ବେମାଲ)

ନୂଆପଡ଼ା ଉପନିର୍ବାଚନ ପାଇଁ ରାଜ୍ୟର ୩ ପ୍ରମୁଖ ଦଳ ଗୁରୁତ୍ୱ ଦେଇ ଜାତିଭିତ୍ତିକ ଭୋଟକୁ ପ୍ରାଧାନ୍ୟ ଦେଉଛନ୍ତି। ସବୁଠାରୁ ବଡ ଭୋଟ ଆଦିବାସୀମାନଙ୍କର ଥିବାବେଳେ ଏବେ ଏସ୍‌ସି ଓ ଓବିସି ଭୋଟ ଉପରେ ନେତା ବିଶେଷ ଧ୍ୟାନ ଦେଉଛନ୍ତି। ଏହି ଜାତିଭିତ୍ତିକ ଭୋଟ ହାତେଇବା ପାଇଁ ପ୍ରମୁଖ ଦଳ ସେହି ଜାତିର ଟାଣୁଆ ନାତାମାନଙ୍କୁ ନିଜ ସପକ୍ଷକୁ ଟାଣୁଛନ୍ତି। ଭାଜପା ଓବିସି ଭୋଟ ହାତେଇବା ପାଇଁ ବିଜେଡିରେ ତିନିଥର ପ୍ରାର୍ଥୀ ହୋଇଥିବା ଟାଣୁଆ ନେତା ତଥା ଉତ୍କଳ ଯାଦବ ମହାସଂଘର ସଚିବଙ୍କୁ ନିଜ ସପକ୍ଷରେ ନେବା ସହ ବିଜେଡିରୁ କ୍ଷମାସିଂ ନିଆଲ, ବରିଷ୍ଠ ଆଇନଜୀବୀ ଧନୀରାମ ସାହୁ, ନୂଆପଡା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଉପାଧ୍ୟକ୍ଷ ଦିଲୀପ ନିର୍ମଳକର ସମେତ ବିଭିନ୍ନ ପଞ୍ଚାୟତର ଓବିସି ବର୍ଗର ପୂର୍ବତନ ସରପଞ୍ଚ, ସମିତି ସଭ୍ୟ ଓ ବର୍ତ୍ତମାନର ସରପଞ୍ଚ, ସମିତି ସଭ୍ୟମାନଙ୍କୁ ନିଜ ସପକ୍ଷକୁ ଟାଣି ନେଇଛନ୍ତି। ସେମାନେ ଓବିସି ଭୋଟ ହାତେଇବା ପାଇଁ ଗାଁ ଗାଁ କ୍ୟାମ୍ପେନ କରୁଛନ୍ତି। ସେହିପରି କଂଗ୍ରେସ ଦଳରେ ଯାଦବ ସମାଜର ଜିଲା ସଭାପତି ଭରତ ଲାଲ ରାଉତ, କପିଳେନ୍ଦ୍ର ଯାଦବ ଓବିସି ଭୋଟରଙ୍କ ପାଖକୁ ଯାଇ ଭୋଟ ସାଉଁଟିବାରେ ଲାଗିଛନ୍ତି। ବିଜେଡିରେ ଥିବା ଓବିସି ଟାଣୁଆ ନେତାମାନେ ଦଳ ଛାଡି ଅନ୍ୟ ଦଳକୁ ଚାଲିଯିବାରୁ ବରଗଡ ଜିଲାରୁ ଯାଦବ ସମାଜ ଜିଲା ସଭାପତି ରାଜୁ ଘିବେଲା ଆସି ଓବିସିମାନଙ୍କୁ ପ୍ରବର୍ତ୍ତାଇବାରେ ଲାଗିଛନ୍ତି। ନୂଆପଡା ନିର୍ବାଚନ ମଣ୍ଡଳୀରେ ଓବିସି ଭୋଟ ୪୦ ହଜାରରୁ ଊର୍ଦ୍ଧ୍ୱ ରହିଥିବା ବେଳେ ସବୁ ଦଳ ତାଙ୍କ ଉପରେ ନଜର ରଖିଛନ୍ତି। ଓବିସିଙ୍କୁ ପ୍ରଲୋଭନ ଦେଖାଇ ନିଜ ଅକ୍ତିଆରକୁ ନେବା ପାଇଁ ଚେଷ୍ଟା କରୁଛନ୍ତି। ନେତାଙ୍କ ପ୍ରଲୋଭନରେ ଆମେ ଯିବୁ ନାହିଁ। ଯିଏ ଜିଲାର ବିକାଶ ପାଇଁ କାର୍ଯ୍ୟ କରିବ, ସମସ୍ତଙ୍କ ଦୁଃଖସୁଖରେ ସହଭାଗୀ ହେବ ସେଭଳି ପ୍ରାର୍ଥୀଙ୍କୁ ଚୟନ କରି ଭୋଟ ଦେବୁ ବୋଲି ଜଣେ ଓବିସି ଭୋଟର କହିଛନ୍ତି।



ସ୍ୱାଭାବିକ ଭାବେ ଯେଉଁ କାର୍ଯ୍ୟ କରିବାକୁ ତୁମେ ଇଚ୍ଛା କରୁଛ କର। ମାତ୍ର ତୁମେ ଏକ ଉନ୍ନତ ଉଦ୍ଦେଶ୍ୟ ବା ମନୋଭାବ ନେଇ ସେ କାର୍ଯ୍ୟଟି କର। ପରିସ୍ଥିତିକୁ ପରିବର୍ତ୍ତନ କରିଦେଇପାରେ କେବଳ ତୁମର ମନୋଭାବ। -ଶ୍ରୀମା

-ଶରଣ ଆରମ୍ଭ

# ଏଆଇରୁ ମରିବାନି

ଘଟଣା ହରିୟାଣା ଫରିଦାବାଦର। ନାୟକ ୧୯ ବର୍ଷ ବୟସ୍କ ରାହୁଲ ଭାରତୀ। ସେ ସ୍ଥାନୀୟ ଡିଏଭି କଲେଜର ଛାତ୍ର। ତିନି ବଡ଼ ଭଉଣୀ ଓ ତାଙ୍କ ଫଟୋକୁ ଅଶ୍ଳୀଳ ରୂପ ଦେଇ କେହି ଜଣେ ରାହୁଲଙ୍କୁ ବାରମ୍ବାର ଧମକାଇବା ଏବଂ ବ୍ଲାକ୍‌ମେଲ୍ କରିବାକୁ ଚେଷ୍ଟା କରୁଥିଲେ। ବାସ୍ତବରେ କୌଣସି ଅଶ୍ଳୀଳ ଚିତ୍ର ଉଠାଯାଇ ନ ଥିଲା। ବ୍ଲାକ୍‌ମେଲ୍ କରୁଥିବା ବ୍ୟକ୍ତି ଅତି ଚତୁରତାର ସହିତ କମ୍ପ୍ୟୁଟର ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତା ମାଧ୍ୟମରେ ମନଗଢ଼ା ଛବି ସୃଷ୍ଟି କରିପାରିଥିଲେ। ମନେରଖିବାକୁ ହେବ ଯେ ଆଜିର ପୃଥିବୀରେ ଏଆଇ ଅତି ପ୍ରାଥମିକ ଅବସ୍ଥାରେ ଥିବା ସତ୍ତ୍ୱେ ଯେକୌଣସି ବ୍ୟକ୍ତିବିଶେଷର ଶରୀର, ମୁହଁ ଏବଂ ସ୍ୱରକୁ ବ୍ୟବହାର କରାଯାଇ ସମ୍ପୂର୍ଣ୍ଣ ଭିନ୍ନ ଚିତ୍ର, ଅଡିଓ ଏବଂ ଭିଡିଓ ଅତି ସହଜରେ ପ୍ରସ୍ତୁତ କରାଯାଇପାରୁଛି। ଏହା ବର୍ତ୍ତମାନ ଆରମ୍ଭ ମାତ୍ର। ଏହିଭଳି ଏଆଇର ଅପବ୍ୟବହାର କରାଯିବା ଅତ୍ୟନ୍ତ ସହଜ ଓ ଆସନ୍ତା ଦିନଗୁଡ଼ିକରେ ଅଧିକରୁ ଅଧିକ ସହଜ ହୋଇଯିବ। ଏପରିକି ଏବେ ଏଆଇ ଦ୍ୱାରା ସୃଷ୍ଟି କରାଯାଇଥିବା ମହାଭାରତ ଧାରାବାହିକର ବିଜ୍ଞାପନ ଦେଖିବାକୁ ମିଳିଲାଣି। ଏଥିରେ କୌଣସି ମଣିଷ ତାରକାଙ୍କ ପ୍ରୟୋଜନ ରହୁନାହିଁ। ଏଭଳି ପ୍ରଚ୍ଛଦପଟରେ ରାହୁଲଙ୍କ ପ୍ରତିକ୍ରିୟା ଓ ସେଥିରୁ ଆତ୍ମହତ୍ୟାର ନିଷ୍ପତ୍ତି ଅତି ଦୁଃଖଦାୟକ। ଏଭଳି ବି ହୋଇପାରେ ଯେ ଅତି ଭଦ୍ରଲୋକଙ୍କର ଛବିକୁ ନେଇ ତାଙ୍କର କାଳି ସ୍ତ୍ରୀଙ୍କ ପରିବର୍ତ୍ତେ ଜଣେ ସଫା ଯୁବତୀଙ୍କ ସହିତ ଆଲିଙ୍ଗନ କରୁଥିବାର ଛବି ଓ ଭିଡିଓ ପ୍ରସ୍ତୁତ କରାଯାଇପାରିବ। ସେଭଳି ଯୁବତୀ ଓ ମହିଳାମାନଙ୍କ ସମ୍ପର୍କରେ ଅସଭ୍ୟ ଓ ଅରୁଚିକର ଭିଡିଓ ପ୍ରସ୍ତୁତ କରି ପରିବାର ଲୋକଙ୍କୁ ବ୍ଲାକ୍‌ମେଲ କରିବା ଆସନ୍ତା ଦିନଗୁଡ଼ିକରେ ସହଜ ହୋଇଯିବ। ଏଆଇର ମାରାତ୍ମକତା ବଡ଼ବଡ଼ିଆ, ରାଜନେତା, ସିନେମା ତାରକା କିମ୍ବା ଧନଶାଳୀ ବ୍ୟକ୍ତିଙ୍କୁ ଯେତେ କ୍ଷତି ପହଞ୍ଚାଇବ ନାହିଁ, ତା'ଠାରୁ ଅଧିକ କ୍ଷତିଗ୍ରସ୍ତ ହେବେ ସାଧାରଣ ଯୁବତୀ ଓ ଯୁବକ। ଯେଉଁମାନେ ସମାଜରେ ପ୍ରତିଷ୍ଠିତ ହୋଇନାହାନ୍ତି ଏବଂ ସେମାନଙ୍କ ମନରେ ସବୁବେଳେ ଚିନ୍ତା ଘାରୁଥାଏ 'ଆମ ବିଷୟରେ ଲୋକେ କ'ଣ କହିବେ' ସେମାନେ ଅତ୍ୟଧିକ ମାତ୍ରାରେ ଏଆଇର ଶିକାର ହେବାର ଆଶଙ୍କା ରହିଛି। ପ୍ରତିଷ୍ଠିତ ଲୋକଙ୍କର ପରିବାର ଏବଂ ନିକଟତମ ବ୍ୟକ୍ତି ଅଳ୍ପବହୁତେ ବୁଝିପାରିବେ ଯଦି କୌଣସି ସମ୍ପୂର୍ଣ୍ଣ ମିଥ୍ୟାକୁ ଏଆଇ ମାଧ୍ୟମରେ ପ୍ରଚାର କରାଯାଏ। କିନ୍ତୁ ରାହୁଲଙ୍କ ଭଳି ସାଧାରଣ ପରିବାରର ଯୁବକ ନିଜ ସମ୍ପର୍କରେ ଏକ ଅଶ୍ଳୀଳ ଭିଡିଓ ଯୋଗୁ ଅସ୍ତବ୍ୟସ୍ତ ହୋଇ ନିଜ ଜୀବନକୁ ଶେଷ କରିଦେଲେ।

ଏଆଇର ଯୁଗ ଏବେ ଆରମ୍ଭ ମାତ୍ର। ଏହାର ସକାରାତ୍ମକ ଦିଗ ମଣିଷ ଜାତିକୁ ବହୁ ଉନ୍ନତ କରିବାର କ୍ଷମତା ରଖିଥିବା ବେଳେ ତାହାର ନକାରାତ୍ମକ ଦିଗ ପ୍ରତ୍ୟେକ ଦିନ ଅନେକ ବ୍ୟକ୍ତିବିଶେଷଙ୍କ ଜୀବନକୁ ଛାରଖାର କରିବାକୁ ଆରମ୍ଭ କଲାଣି। ରାହୁଲଙ୍କୁ ବ୍ଲାକ୍‌ମେଲ୍ କରୁଥିବା ବ୍ୟକ୍ତି ସମ୍ଭବତଃ ତାଙ୍କ ଭଉଣୀମାନଙ୍କ ବିଷୟରେ ଭିଡିଓ ପ୍ରସ୍ତୁତ କରିଛନ୍ତି ବୋଲି ଧମକ ଦେଇ ଟଙ୍କା ଆଦାୟ କରିବାର ଉଦ୍ଦେଶ୍ୟରେ ଆଗେଇ ଚାଲିଥିଲେ। ଧମକ ପାଇ ରାହୁଲଙ୍କ ଦମ୍ଭୋକ୍ତି ଭାଙ୍ଗିଯିବା ଫଳରେ ଆତ୍ମହତ୍ୟା କଲାପରେ ସାହିଲ ନାମକ ଜଣେ ଯୁବକଙ୍କ ବିରୋଧରେ ପୋଲିସ ଏତଲା ଦାଏର କରିଛି। କୁହାଯାଉଛି ଯେ ଏଥିରେ ରାହୁଲଙ୍କ ଜଣେ ବନ୍ଧୁଙ୍କ ସମ୍ପୃକ୍ତି ରହିଥିଲା। କିନ୍ତୁ ଏବେ ଆଧାର, ଡିଜି ଯାତ୍ରା ଏବଂ ଆହୁରି ଅନେକ ସରକାରୀ ଫେସ୍ ରେକଗ୍‌ନିଶନ (ମୁହଁ ଚିହ୍ନିବା) ବ୍ୟବସ୍ଥା ଯେଉଁଭଳି ସରକାରୀ ପ୍ରୋତ୍ସାହନ ପାଇ ବ୍ୟାପକ ହେବାରେ ଲାଗିଛି, ସେଥିରେ ଯେକୌଣସି ବ୍ୟକ୍ତିଙ୍କୁ ଠକିବା କିମ୍ବା ଶିକାର ବା ଟାର୍ଗେଟ କରିବା ଅଧିକରୁ ଅଧିକ ସହଜ ହେଉଛି। ବର୍ତ୍ତମାନ ମଣିଷ ନିୟନ୍ତ୍ରଣରେ ଏଆଇ ନାହିଁ। ଆଜିର ସ୍ଥିତିରେ ଏଆଇ ଆପଣାଛାଏଁ ଶିଖିବାରେ ଲାଗିଛି, ସବୁ ସରକାରୀ ସହିତ ବେସରକାରୀ ତଥ୍ୟ ରଖୁଥିବା ବ୍ୟବସ୍ଥାକୁ ବ୍ୟବହାର କରି ନିଜର ଶକ୍ତି ନିଜେ ବଢ଼ାଇ ଚାଲିଛି। ଏହି ସମ୍ପାଦକୀୟ ଲେଖିଲା ବେଳକୁ ଏଆଇର କଳେବର ଯାହା ଥିଲା, ତାହା ଆପଣ ପଢ଼ିବା ବେଳକୁ ଯଥେଷ୍ଟ ବୃଦ୍ଧି ପାଇସାରିବଣି। ଆଧୁନିକ ଏଆଇ ଯୁଗରେ ବଦ୍‌ନାମକୁ ଭୟ କରି କୌଣସି ଭାବେ ବ୍ୟସ୍ତ ହୋଇ ଚରମ ପଦକ୍ଷେପ ନେବା ବୋକାମିର ପରିଚୟ।

ବର୍ତ୍ତମାନ ମଣିଷ ନିୟନ୍ତ୍ରଣରେ ଏଆଇ ନାହିଁ। ଆଜିର ସ୍ଥିତିରେ ଏଆଇ ଆପଣାଛାଏଁ ଶିଖିବାରେ ଲାଗିଛି, ସବୁ ସରକାରୀ ସହିତ ବେସରକାରୀ ତଥ୍ୟ ରଖୁଥିବା ବ୍ୟବସ୍ଥାକୁ ବ୍ୟବହାର କରି ନିଜର ଶକ୍ତି ନିଜେ ବଢ଼ାଇ ଚାଲିଛି। ଏହି ସମ୍ପାଦକୀୟ ଲେଖିଲା ବେଳକୁ ଏଆଇର କଳେବର ଯାହା ଥିଲା, ତାହା ଆପଣ ପଢ଼ିବା ବେଳକୁ ଯଥେଷ୍ଟ ବୃଦ୍ଧି ପାଇସାରିବଣି। ଆଧୁନିକ ଏଆଇ ଯୁଗରେ ବଦ୍‌ନାମକୁ ଭୟ କରି କୌଣସି ଭାବେ ବ୍ୟସ୍ତ ହୋଇ ଚରମ ପଦକ୍ଷେପ ନେବା ବୋକାମିର ପରିଚୟ।

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | 5 | 3 | | | | | 8 |
| | | | | | 7 | | 3 | |
| | | | | 2 | | | 9 | 7 |
| | | | 8 | 3 | 5 | | | |
| | 6 | | | | | | | |
| 4 | | | 7 | | | 1 | | |
| | | | | | 4 | 9 | | |
| | | | 5 | | | | 4 | |
| 9 | 2 | | | | | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 6 | 4 | 3 | 5 | 2 | 1 | 7 | 9 |
| 9 | 5 | 2 | 8 | 1 | 7 | 4 | 3 | 6 |
| 7 | 1 | 3 | 9 | 6 | 4 | 2 | 8 | 5 |
| 2 | 3 | 6 | 4 | 7 | 5 | 8 | 9 | 1 |
| 1 | 7 | 9 | 2 | 8 | 6 | 5 | 4 | 3 |
| 4 | 8 | 5 | 1 | 9 | 3 | 7 | 6 | 2 |
| 5 | 9 | 8 | 7 | 3 | 1 | 6 | 2 | 4 |
| 3 | 2 | 1 | 6 | 4 | 8 | 9 | 5 | 7 |
| 6 | 4 | 7 | 5 | 2 | 9 | 3 | 1 | 8 |

ଗତକାଲିର ଉତ୍ତର

# ବିହାର ରାଜନୀତିରେ ସାମାଜିକ ନ୍ୟାୟ



ଅଧ୍ୟାପକ ଗୋପବନ୍ଧୁ

ବିହାର ରାଜନୀତି ସର୍ବଦା ଏକ ପ୍ରମୁଖ ଚର୍ଚ୍ଚାର ବିଷୟଭାବେ ସ୍ଥାନ ପାଇ ଆସିଛି। ସାମ୍ପ୍ରତିକ ଅବସ୍ଥାରେ ରାଜ୍ୟର ଆଗାମୀ ବିଧାନସଭା ନିର୍ବାଚନ ଏ ଚର୍ଚ୍ଚାକୁ ବହୁଗୁଣିତ କରିଛି। ଏହି ନିର୍ବାଚନରେ ଦୁଇଟି ଅଗ୍ରଣୀ ମେଣ୍ଟ ଏନ୍‌ଡିଏ ଓ ଇଣ୍ଡିଆ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେବାର ଆକଳନ କରାଯାଉଛି। ଏନ୍‌ଡିଏ ମେଣ୍ଟର ଅନ୍ୟତମ ମୁଖ୍ୟ ଅଂଶୀଦାର ହେଉଛି ଜନତା ଦଳ ୟୁନାଇଟେଡ (ଜେଡିୟୁ)। ଏହାର ମୁଖ୍ୟ ହେଉଛନ୍ତି ନୀତିଶ କୁମାର, ଯିଏ ଏବେ ମୁଖ୍ୟମନ୍ତ୍ରୀ ଅଛନ୍ତି। ବିରୋଧୀ ମେଣ୍ଟ ଇଣ୍ଡିଆର ମୁଖ୍ୟ ଅଂଶୀଦାର ହେଉଛି ରାଷ୍ଟ୍ରୀୟ ଜନତା ଦଳ(ଆରଜେଡି), ଯାହାର ନେତୃତ୍ୱ ନେଉଛନ୍ତି ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ। ସେ ହେଉଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କ ପୁତ୍ର ଓ ତାଙ୍କ ରାଜନୈତିକ ଉତ୍ତର ଦାୟାଦ। ଉଭୟ ନୀତିଶ କୁମାର ଓ ଲାଲୁପ୍ରସାଦ ଯାଦବ ଜୟପ୍ରକାଶ ଆନ୍ଦୋଳନର ଉତ୍ପତ୍ତି ଓ ସାମାଜିକ ନ୍ୟାୟର ପ୍ରବକ୍ତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ କର୍ପୂରୀ ଠାକୁରଙ୍କ ବିଚାରଧାରାର ବାହକ। ଉଭୟେ ମଣ୍ଡଳ କମିଶନର ପକ୍ଷଧର ଓ ଏହି କମିଶନ ପ୍ରଦତ୍ତ ରିପୋର୍ଟ କାର୍ଯ୍ୟକାରିତାର ସମର୍ଥକ।

୧୯୯୦ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ପ୍ରତାପ ସିଂ ମଣ୍ଡଳ କମିଶନ ରିପୋର୍ଟର କାର୍ଯ୍ୟକାରିତା ଘୋଷଣା ପଛରେ ଉଭୟ ନୀତିଶ କୁମାର ଓ ଲାଲୁପ୍ରସାଦ ଯାଦବ ଦୃଢ଼ଭାବେ ଛିଡ଼ା ହୋଇଥିଲେ। ଏମାନଙ୍କ ସହିତ ଥିଲେ ରାମବିଳାସ ପାଶ୍ୱାନ। ଏମାନେ ସମସ୍ତେ ଭିପି ସିଂଙ୍କ ନେତୃତ୍ୱରେ ଗଠିତ ହୋଇଥିବା ଜନତା ଦଳର ସଦସ୍ୟ ଥିଲେ। ଜନତା ଦଳର ବିଘଟନ ପରେ ନୀତିଶଙ୍କ ଗୋଷ୍ଠୀ ପ୍ରଥମେ ଗଠନ କଲେ ସମତା ପାର୍ଟି ଓ ପରେ ଏହା ମିଶିଲା ଜନତା ଦଳ ୟୁନାଇଟେଡ଼ରେ। ଲାଲୁପ୍ରସାଦ ଯାଦବ ଗଠନ କଲେ ରାଷ୍ଟ୍ରୀୟ ଜନତା ଦଳ। ରାମବିଳାସ ପାଶ୍ୱାନ ଗଠନ କଲେ ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି) ଯାହାର ନେତୃତ୍ୱ ନେଉଛନ୍ତି ତାଙ୍କ ପୁଅ ଚିରାଗ ପାଶ୍ୱାନ। ସେହିପରି ଜେଡିୟୁରୁ ଜନ୍ମ ନେଇଛି ଉପେନ୍ଦ୍ର କୁଶୱାଙ୍କ ପାର୍ଟି ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା (ଆର୍‌ଏଲ୍‌ଏମ୍) ଓ ଜିତେନରାମ ମାନଝୀଙ୍କ ପାର୍ଟି ହିନ୍ଦୁସ୍ଥାନୀ ଆୱାମୀ ମୋର୍ଚ୍ଚା (ହାମ୍)। ପଶୁପତି ପରାସଙ୍କ ପାର୍ଟି ରାଷ୍ଟ୍ରୀୟ ଲୋକ ଜନଶକ୍ତି ପାର୍ଟି (ଆରଏଲ୍‌ଜେପି) ମୂଳ ଲୋକ ଜନଶକ୍ତି ପାର୍ଟିରୁ ଜନ୍ମ ନେଇଛି। ଏନଡିଏ ମେଣ୍ଟରେ ଜେଡିୟୁ, ଭାଜପା, ଏଲଜେପି, ଆର୍‌ଏଲ୍‌ଏମ୍ ଓ ହାମ ରହିଛି। ଇଣ୍ଡିଆ ମେଣ୍ଟରେ ଆରଜେଡି, କଂଗ୍ରେସ, ବାମପନ୍ଥୀ ପାର୍ଟିଗୁଡ଼ିକ, ଭିଆଇପି, ଆରଏଲଜେପି ରହିଛି। ଏନଡିଏ ମେଣ୍ଟରେ ଆସନ ବୁଝାମଣା ପ୍ରାୟତଃ ସରିଛି। କିନ୍ତୁ ଇଣ୍ଡିଆ ମେଣ୍ଟରେ ଏହା ସ୍ପଷ୍ଟ ହୋଇନାହିଁ। ନିଜ ନିଜ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି।



ବହୁ ଚର୍ଚ୍ଚିତ ମଣ୍ଡଳ କମିଶନର ଅଧ୍ୟକ୍ଷ ଥିଲେ ବିନ୍ଦେଶ୍ୱରୀ ପ୍ରସାଦ ମଣ୍ଡଳ। ତାଙ୍କରି ନାମ ଅନୁସାରେ ଏହା ମଣ୍ଡଳ କମିଶନଭାବେ ଖ୍ୟାତ। ସେ ଥିଲେ ଜଣେ ସମାଜ ସଂସ୍କାରକ ଓ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ। ୧୯୭୭ରେ ଗଠିତ ଜନତା ପାର୍ଟି ସରକାର ଏହି କମିଶନ ବସାଇଥିଲେ। ୧୯୮୦ରେ କମିଶନ ତାର ରିପୋର୍ଟ ସରକାରଙ୍କୁ ପ୍ରଦାନ କରିଥିଲା। ସେତେବେଳକୁ ଜନତା ପାର୍ଟି ସରକାର ଭାଙ୍ଗି ଯାଇଥିଲା। ୧୯୯୦ରେ ଭିପି ସିଂ ଏହି ରିପୋର୍ଟ ଅନୁଯାୟୀ ଚାକିରି କ୍ଷେତ୍ରରେ ଅନ୍ୟାନ୍ୟ ପଛୁଆବର୍ଗଙ୍କୁ ୨୭% ସଂରକ୍ଷଣ ସୁବିଧା ଦେବା ପାଇଁ ଘୋଷଣା କଲେ। ଏହି ସମୟରେ ଉଲ୍ଲେଖିତ ସମସ୍ତ ନେତା ମଣ୍ଡଳ ରିପୋର୍ଟର କାର୍ଯ୍ୟକାରିତା ସପକ୍ଷରେ ଥିଲେ। ମଣ୍ଡଳ ପ୍ରଭାବକୁ ପ୍ରତିହତ କରିବା ପାଇଁ ଲାଲକୃଷ୍ଣ ଆଡ଼ଭାନୀ ରାମ ରଥ ଯାତ୍ରା ଆରମ୍ଭ କରିଥିଲେ। ଏହା ବିହାରରେ ପ୍ରବେଶ କରିବା ମାତ୍ରେ ତତ୍କାଳୀନ ବିହାର ମୁଖ୍ୟମନ୍ତ୍ରୀ ଲାଲୁପ୍ରସାଦ ଯାଦବ ତାଙ୍କୁ ଗିରଫ କରିଥିଲେ। ଏହାର ପ୍ରତିବାଦରେ ଭଜପା କେନ୍ଦ୍ର ସରକାରଙ୍କଠାରୁ ସମର୍ଥନ ପ୍ରତ୍ୟାହାର କରିଥିଲା ଓ ଭିପି ସିଂ ସରକାର ଭାଙ୍ଗି ଯାଇଥିଲା।

୧୯୯୦ରେ ଲାଲୁପ୍ରସାଦ ଯାଦବ ମଣ୍ଡଳ କମିଶନ ରିପୋର୍ଟକୁ ବିହାରରେ କାର୍ଯ୍ୟକାରୀ କରିଥିଲେ। ଏ ଦିଗରେ ନୀତିଶ କୁମାର ଓ ରାମବିଳାସ ପାଶ୍ୱାନଙ୍କ ପୂର୍ଣ୍ଣ ସହଯୋଗ ଥିଲା। ଏହା ପୂର୍ବରୁ କର୍ପୂରୀ ଠାକୁର ବିହାରର ମୁଖ୍ୟମନ୍ତ୍ରୀ ଥିବା ଅବସରରେ ୧୯୭୮ରେ ଅନ୍ୟାନ୍ୟ ପଛୁଆବର୍ଗଙ୍କୁ ଚାକିରିରେ ୨୬% ସଂରକ୍ଷଣ ସୁବିଧା ଦେଇଥିଲେ। ନୀତିଶ କୁମାର ନିଜ କାର୍ଯ୍ୟକାଳ ସମୟରେ ଓବିସିଙ୍କ ସଂରକ୍ଷଣ ସୀମା ବଢ଼ାଇବାକୁ ବହୁ ଚେଷ୍ଟା କରିଛନ୍ତି। ଏହା ସହିତ ଏସଟି ଓ ଏସସିଙ୍କ କୋଟା ମଧ୍ୟ ବଢ଼ାଇବା ପାଇଁ ଚେଷ୍ଟା କରିଛନ୍ତି। ସମସ୍ତ ରାଜନୈତିକ ଦଳ ଏଦିଗରେ ସହମତ ହୋଇଥିଲେ। ସୁପ୍ରିମ କୋର୍ଟଙ୍କ ସର୍ବୋଚ୍ଚ ସୀମା ନିର୍ଦ୍ଧାରଣ ଯୋଗୁ ଏହା କର୍ଯ୍ୟକାରୀ ହୋଇପାରି ନଥିଲା। ପରବର୍ତ୍ତୀ ସମୟରେ ନୀତିଶ କୁମାର ପ୍ରତ୍ୟେକ ଜାତିର ସଂଖ୍ୟା ଓ ସ୍ଥିତିଗତ ଅବସ୍ଥାର ଅନୁଧ୍ୟାନ ପାଇଁ ରାଜ୍ୟରେ ୨୦୨୩ରେ ଜାତିଗତ ଜନଗଣନା କରାଇଛନ୍ତି। ରାଜ୍ୟରେ ଓବିସିଙ୍କ ସଂଖ୍ୟା ୬୩% ବୋଲି ତଥ୍ୟ ଉପଲବ୍ଧ ହୋଇଛି। ଏହି ଜନଗଣନା ଆଧାରରେ ରାଜ୍ୟରେ ପୁଣି ସଂରକ୍ଷଣ ସୀମାକୁ ୬୫% ବୃଦ୍ଧି ପାଇଁ ବିଧେୟକ ପାରିତ ହୋଇଛି। ଏହା କାର୍ଯ୍ୟକାରୀ ହୋଇପାରି ନାହିଁ, ଯେହେତୁ ଏହା ଏବେ ପାଟନା ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ରହିଛି।

ଆଗାମୀ ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାୟ ସମସ୍ତ ଦଳ ସାମାଜିକ ନ୍ୟାୟ ବିଚାର ଧାରାର। ଭାଜପା ମଧ୍ୟ ଏଥିରୁ ବାଦ ନୁହେଁ। ଏହା ରାଜ୍ୟର ରାଜନୈତିକ ବାଧ୍ୟବାଧକତା। ଏହି ବିଚାରଧାରାକୁ ଛାଡି ଏଠାରେ ରାଜନୀତି କରାଯାଇ ପାରିବ ନାହିଁ। ଏନ୍‌ଡିଏ ମଧ୍ୟରେ ନୀତିଶ କୁମାର ତୁଲ୍ୟ ଚେହେରା ଆଉ କାହାର ନାହିଁ। ଅନ୍ୟପଟେ ଇଣ୍ଡିଆ ମେଣ୍ଟର ଅନ୍ୟତମ ଅଂଶୀଦାର ଦଳ ହେଉଛି କଂଗ୍ରେସ। ରାହୁଲ ଗାନ୍ଧୀ 'ଯାହାର ଯେତେ ସଂଖ୍ୟା ତାହାର ସେତେ ଭାଗ' କଥା ଉଠାଉଛନ୍ତି। ବରଂ ଆଗକୁ ପାଦେ ଯାଇ କହୁଛନ୍ତି ଯେ ସଂରକ୍ଷଣର ଯେଉଁ ସର୍ବୋଚ୍ଚ ସୀମା ୫୦% ନିର୍ଦ୍ଧାରଣ ହୋଇଛି ତାହାର ଉଚ୍ଛେଦ ହେବା ଉଚିତ। ତାଙ୍କ ମେଣ୍ଟ କେନ୍ଦ୍ର କ୍ଷମତାକୁ ଆସିଲେ ଏହା ନିଶ୍ଚୟ କରିବ। ଆରଜେଡି, କଂଗ୍ରେସ ଓ ଅନ୍ୟ ଦଳମାନେ ସମ୍ପୂର୍ଣ୍ଣଭାବେ ସାମାଜିକ ନ୍ୟାୟ ବିଚାରଧାରା ଉପରେ ନିର୍ବାଚନ ଲଢୁଛନ୍ତି। ତେଣୁ ଅନେକ ରାଜନୈତିକ ପର୍ଯ୍ୟବେକ୍ଷକ କହିବା ଆରମ୍ଭ କରିଛନ୍ତି ଯେ ବିହାରରେ ନିର୍ବାଚନ ଲଢେଇ ପଛୁଆବର୍ଗ ବନାମ ପଛୁଆବର୍ଗ।

ଏହି ଦୁଇ ମେଣ୍ଟ ବ୍ୟତୀତ ଅନ୍ୟ ଏକ ରାଜନୈତିକ ଶକ୍ତି ଆଲୋଚନା ପରିସରକୁ ଆସୁଛି, ତାହା ହେଉଛି ରାଜନୈତିକ ବିଶେଷଜ୍ଞ ପ୍ରଶାନ୍ତ କିଶୋରଙ୍କ ପ୍ରତିଷ୍ଠିତ ନୂଆ ଜନ ସୂରଜ ପାର୍ଟି (ଜେଏସ୍‌ପି)। ଏହା ଭ୍ରଷ୍ଟାଚାର ବିରୋଧୀ ଆଭିମୁଖ୍ୟ ନେଇ ନିର୍ବାଚନ ଲଢୁଛି। ଏହା ବାଦେ ନିର୍ବାଚନ ମଇଦାନକୁ ଅନ୍ୟ ଏକ ମେଣ୍ଟ ଆସିଛି ସାମାଜିକ ନ୍ୟାୟ ଓ ସାମଜିକ ସୁରକ୍ଷା ପ୍ରସଙ୍ଗକୁ ନେଇ, ଯେଉଁଥିରେ ଚନ୍ଦ୍ରଶେଖର ଆଜାଦଙ୍କ ଆଜାଦ ସମାଜ ପାର୍ଟି (ଏଏସ୍‌ପି), ଆଶାଉଦ୍ଦିନ ଓଏସିଙ୍କ ଏମ୍‌ଆଇଏମ୍ ଓ ସ୍ୱାମୀ ପ୍ରସାଦ ମୌର୍ଯ୍ୟଙ୍କ ଆପନି ଜନତା ଦଳ ରହିଛି। ଏହାର ନାମ ହେଉଛି ଗ୍ରାଣ୍ଡ ଡେମୋକ୍ରାଟିକ ଆଲାଏନ୍ସ (ଜିଡିଏ)। ଚନ୍ଦ୍ରଶେଖରଙ୍କ ଜନସଭାରେ ଭଲ ଜନସମାଗମ ଦେଖିବାକୁ ମିଳୁଛି।

ନିର୍ବାଚନ ଫଳାଫଳ କେଉଁ ମେଣ୍ଟ ସପକ୍ଷରେ ଯିବ ତାହା ଏବେ କୁହାଯାଇ ପାରିବ ନାହିଁ, ତେବେ ନିର୍ବାଚନ ପରେ ପୁଣି ଏକ ନୂତନ ମେଣ୍ଟ ଗଠନର ସମ୍ଭାବନାକୁ ଏଡାଇ ଦିଆଯାଇ ପାରିବ ନାହିଁ। କାରଣ ବିହାର ରାଜନୀତିରେ ପଟ ପରିବର୍ତ୍ତନର ଦୃଷ୍ଟାନ୍ତ ଅନେକ ରହିଛି। ଏହା ସତ୍ତ୍ୱେ ଗୋଟିଏ କଥା ସ୍ପଷ୍ଟ ଯେ ରାଜ୍ୟରେ ଯେଉଁ ସରକାର ଆସିଲେ ମଧ୍ୟ ତାହା ସାମାଜିକ ନ୍ୟାୟ ବିଚାରଧାରାରୁ ଭିନ୍ନ ହୋଇ ପାରିବ ନାହିଁ।

ବାରିପଦା, ମୟୂରଭଞ୍ଜ
ମୋ: ୭୦୦୮୯୭୬୧୮୦

# ଆଜିର ପ୍ରୟାସ, କାଲିର ସଫଳତା



ସରୋଜ କୁମାର ଶତପଥୀ

ପ୍ରୟାସ ବିନା ସଫଳତା ନାହିଁ। ସଫଳତା ଏକ ସୁନ୍ଦର ସ୍ୱପ୍ନ, ଯାହାକୁ ପ୍ରାୟ ସମସ୍ତେ ଦେଖନ୍ତି। କିନ୍ତୁ ସମସ୍ତଙ୍କୁ ସେହି ସଫଳତା ମିଳି ନ ଥାଏ। କେହି ଜୀବନରେ ବହୁତ ବଡ଼ ସଫଳତା ଅର୍ଜନ କରନ୍ତି, ଆଉ କେହି କେହି ଚେଷ୍ଟା କଲେ ମଧ୍ୟ ଅଧା ରାସ୍ତାରେ ରହିଯାନ୍ତି। ଏହାର ପଛରେ କେତେକ ପ୍ରମୁଖ କାରଣ ରହିଛି। ପ୍ରଥମେ ଲକ୍ଷ୍ୟ ଓ ପ୍ରୟାସର ତଫାତ୍। ସମସ୍ତଙ୍କର ସ୍ୱପ୍ନ ଥାଏ, କିନ୍ତୁ ସେହି ସ୍ୱପ୍ନକୁ ସତ୍ୟ କରିବା ପାଇଁ ଅଟଳ ପ୍ରୟାସ, ସାହସ ଓ ସହନଶୀଳତା ଦରକାର ଯାହା ସମସ୍ତଙ୍କର ସମାନ ନୁହେଁ। ଦ୍ୱିତୀୟ, ପରିସ୍ଥିତି ଓ ସୁଯୋଗର ତଫାତ୍। କାହା ପାଖରେ ଶିକ୍ଷା, ସମ୍ପର୍କ ଓ ସହଯୋଗ ଇତ୍ୟାଦିରେ ଭରପୂର ସୁଯୋଗ ଥିବାବେଳେ କେତେଜଣ ବିପରୀତ ପରିସ୍ଥିତିରେ ଯୁଝିବାକୁ ବାଧ୍ୟ ହୁଅନ୍ତି। ସୁଯୋଗକୁ ଚିହ୍ନଟକରି ଉପଯୋଗ କରିବାରେ ଯିଏ ସକ୍ଷମ, ସେମାନଙ୍କଠାରେ ସଫଳତା ନିଶ୍ଚିତ। ତୃତୀୟ, ମନୋଭାବ ଓ ଧୈର୍ଯ୍ୟ। ସଫଳତାର ପଥରେ ବିଫଳତା ଏକ ସାଧାରଣ ସାଥୀ। କିନ୍ତୁ ଯିଏ ବିଫଳତାକୁ ଶିକ୍ଷା ଭାବରେ ନେଇ ପୁନର୍ବାର ଚେଷ୍ଟାକରେ, ସେଥିରେ ଲକ୍ଷ୍ୟ ସାଧନର ସମ୍ଭାବନା ବଢ଼ିଯାଏ। ଆଉ ଯିଏ ପ୍ରଥମେ ହାରିଯାଏ, ସେ ସଫଳତାରୁ ଦୂରେଇଯାଏ। ଚତୁର୍ଥ, ସମୟ ଓ ପ୍ରାଥମିକତା। ଜୀବନରେ କାହାକୁ ସଫଳତା ଶୀଘ୍ର ମିଳେ, ଆଉ କାହାକୁ ଡେରିରେ। ଯିଏ ସମୟକୁ ସତ୍ ବ୍ୟବହାର କରେ, ଧୈର୍ଯ୍ୟ ଧରେ, ସେହି ବ୍ୟକ୍ତିର ସ୍ୱପ୍ନ ଦିନେ ନା ଦିନେ ସତ୍ୟ ହୋଇଥାଏ। କିନ୍ତୁ ଧୈର୍ଯ୍ୟ ହରାଇଲେ ସୁଯୋଗ ହାତଛଡ଼ା ହୋଇଯାଏ। ମନୋବିଜ୍ଞାନୀମାନେ କହନ୍ତି, ଯିଏ କାମକୁ ପୁନଃ ପୁନଃ ପଛକୁ ରଖନ୍ତି, ସେମାନଙ୍କର ଆତ୍ମବିଶ୍ୱାସ କମେ, ସ୍ପୃହା କମେ ଓ ସଫଳତା ସମ୍ଭାବନା କମିଯାଏ। ସଫଳତା ପାଇଁ ଆବଶ୍ୟକ-ସ୍ପଷ୍ଟ ଲକ୍ଷ୍ୟ, ଅଟଳ ପ୍ରୟାସ, ଧୈର୍ଯ୍ୟ, ସୁଯୋଗକୁ ବୁଝିବା କୌଶଳ ଏବଂ ନିଜର ପରିଭାଷା। ଯିଏ ଏହି ସବୁକୁ ଅନୁସରଣ କରେ, ସେହି ଜଣଙ୍କ ପାଇଁ ସଫଳତା ନିଶ୍ଚିତ।

ଆଉ କେତେଜଣ ଲୋକଙ୍କ କ୍ଷେତ୍ରରେ ସଫଳତାର ସମସ୍ତ ସାଧନ ଥିଲେ ମଧ୍ୟ ପ୍ରୟାସର ଘୋର ଅଭାବ ପରିଲକ୍ଷିତ ହୁଏ। ମୋ ଦ୍ୱାରା ହେବନି, ମୁଁ ପାରିବିନି, ଏତେ କଷ୍ଟ କିଏ କରିବ, କାଲି କରିବି ଏଭଳି ଉକ୍ତି ରଖୁଥିବା ମଣିଷ ନିଜର ସ୍ୱପ୍ନକୁ ଆରମ୍ଭରୁ ହିଁ ମାରିଦିଏ। ଯିଏ କହେ ମୁଁ ପାରିବିନି ବା ସେ କାର୍ଯ୍ୟ ମୋ ଦ୍ୱାରା ହେବନି ସେ କାମ ଆରମ୍ଭ କରିବା ପୂର୍ବରୁ ହିଁ ପରାଜୟ ସ୍ୱୀକାରକରି ଦେଇଥାଏ। ଏହା ନିରାଶାର ଭାବନା ଏବଂ ଆତ୍ମବିଶ୍ୱାସର ଅଭାବ। ମୁଁ ପାରିବିନି କହିବାର ଅର୍ଥ ହେଲା ନିଜ କ୍ଷମତାକୁ ସେ କେବେ ବିଶ୍ୱାସ କରେନାହିଁ। ସଫଳତା ସେହିଥିରେ ଆସେ, ଯେଉଁଠି ସକାରାତ୍ମକ ଭାବନା ଥାଏ। ନକାରାତ୍ମକ ମନୋଭାବ ଥିଲେ ପାଦେ ପାଦେ ବିଫଳତା ଆସିଥାଏ। ପ୍ରୟାସ ସେତେବେଳେ ସଫଳ ହୋଇପାରେ, ଯେବେ ମୁଁ ପାରିବି ବୋଲି ବିଶ୍ୱାସ ରହେ। ସଫଳତା ପାଇଁ ପ୍ରୟାସ ଆବଶ୍ୟକ। କିନ୍ତୁ ଯିଏ କହେ, କଷ୍ଟ କିଏ କରିବ ସେ ପ୍ରୟାସରୁ ଓହରିଯାଇଥାଏ। କିନ୍ତୁ କଷ୍ଟ ବିନା କେବେ ସଫଳତା ମିଳେନାହିଁ। କଷ୍ଟ ହେଉଛି ସଫଳତାର ଶିଡ଼ି, ଯାହା ମାଧ୍ୟମରେ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ସମ୍ଭବ। ପ୍ରୟାସର ମୂଳ ଆଧାର ପରିଶ୍ରମ। ଯେତେ କଷ୍ଟ, ସେତେ ଫଳ। ଯିଏ ପରିଶ୍ରମ କାତର ସେ ସୁଯୋଗ ହରାଇଥାଏ ଏବଂ ଜୀବନରେ ପଛୁଆ ହୋଇ ରହିଥାଏ। 'କାଲି କରିବି' - ଏହି ଅଭ୍ୟାସଟି ଆମ ଦୈନନ୍ଦିନ ଜୀବନର ସର୍ବାଧିକ ପ୍ରଚଳିତ କଥା। କାଲିରେ କାମ ସରିବ ବୋଲି ଆମେ ନିଜକୁ ସାନ୍ତ୍ୱନା ଦେଇଥାଉ, କିନ୍ତୁ ସେହି କାଲି କେବେ ଆସେନି। ପ୍ରତ୍ୟେକ କାଲି ପୁଣି ଆଜିରେ ପରିଣତ ହୁଏ। ସେହିପରି ଆମର ସ୍ୱପ୍ନ, ଲକ୍ଷ୍ୟ ଓ କାମଗୁଡ଼ିକ କାଲିକୁ ରହିଲେ ସେଗୁଡ଼ିକ ସର୍ବଦା ଅପୂର୍ଣ୍ଣ ରହିଯାଏ। ବିଶ୍ୱରେ ଯେଉଁମାନେ ସଫଳ ହୋଇଛନ୍ତି, ସେମାନଙ୍କ ଜୀବନରୁ ଏ କଥା ସ୍ପଷ୍ଟ -ସେମାନେ କାଲି ପାଇଁ ଅପେକ୍ଷାକରି ନ ଥିଲେ। ଥୋମାସ ଏଡିସନ ୧୦୦୦ରୁ ଅଧିକ ବିଫଳ ପରୀକ୍ଷଣ ପରେ ବିଦ୍ୟୁତ୍ ବଲ୍‌ବ ଆବିଷ୍କାରକଲେ। ଯଦି ସେ କାଲି ପାଇଁ ଛାଡ଼ି ଦେଇଥାନ୍ତେ, ଆଜି ବିଶ୍ୱ ଅନ୍ଧକାରରେ ରହୁଥାନ୍ତା। ମହାତ୍ମା ଗାନ୍ଧୀ ଯଦି କାଲି ପାଇଁ ଅପେକ୍ଷା କରିଥାନ୍ତେ, ସ୍ୱାଧୀନତା ଆନ୍ଦୋଳନ କେବେ ଗତି କରିପାରି ନ ଥାନ୍ତା।



ପ୍ରୟାସ ହେଉଛି ଜୀବନର ମୂଳ ଚାବି, ଯାହା ବିନା କୌଣସି ସଫଳତା ସମ୍ଭବ ନୁହେଁ। ଆଜିର ପରିଶ୍ରମ, ନିଷ୍ଠା ଓ ଧୈର୍ଯ୍ୟ କାଲିର ଉଜ୍ଜ୍ୱଳ ସଫଳତାକୁ ନିଶ୍ଚିତକରେ। ଯେଉଁଠି ସଫଳତାର ପରିଭାଷା ପ୍ରତ୍ୟେକଙ୍କ ପାଇଁ ଅଲଗା, ସେଠି ଏକମାତ୍ର ସାଧାରଣ ସତ୍ୟ ହେଲା ଅନବରତ ପରିଶ୍ରମ ଓ ଦୃଢ଼ ସଙ୍କଳ୍ପ ବିନା ସଫଳତା ସମ୍ଭବ ନୁହେଁ। ପରିଶ୍ରମୀ, ସହନଶୀଳ ଓ ସକାରାତ୍ମକ ମନୋଭାବ ବ୍ୟକ୍ତିଙ୍କ ପାଇଁ କୌଣସି ଲକ୍ଷ୍ୟ ଦୂର ନୁହେଁ। ଯେପରି ସୂର୍ଯ୍ୟ ଉଦୟ ପୂର୍ବରୁ ଅନ୍ଧକାର ଅପସରି ଯାଏ, ସେପରି ପ୍ରୟାସର ଆଲୋକରେ ଅସଫଳତା ଦୂରୀଭୂତ ହୋଇ ସଫଳତାର ପ୍ରଭାତ ଆସିଥାଏ। ଜୀବନର ପ୍ରତ୍ୟେକ କ୍ଷଣ ଏକ ସୁଯୋଗ। ସେହି ସୁଯୋଗକୁ କାଲି ପାଇଁ ଛାଡ଼ିଦେଲେ, ଏହା ଆଉ କେବେ ମିଳେନାହିଁ। ଆମର ପ୍ରୟାସ ପରିଶ୍ରମ ଓ ସଫଳତାର ସ୍ଥାନ କେବଳ ଆଜି।

ମୋ: ୯୩୪୮୧୨୭୪୪୭

## ଏଇ ଭାରତରେ

ଅପରାହ୍ନ ୩ଟା ବେଳକୁ ଦିଲ୍ଲୀ ଲାଲକିଲ୍ଲା ନିକଟସ୍ଥ ସାଇ ମନ୍ଦିର ପାଖକୁ ପିଲାମାନେ ବ୍ୟାଗ୍ ଧରି ଯାଉଥିବାର ଦେଖିବେ। ଏହା କୌଣସି ସ୍କୁଲ ଛୁଟି ସମୟର ଦୃଶ୍ୟ ନୁହେଁ, ବରଂ ବସ୍ତିର ପିଲାମାନେ ପଢ଼ିବାକୁ ଆସୁଥିବାର ସମୟ। ପିଲାମାନେ ପ୍ରତିଦିନ ୩ଟାରୁ ୫।୩୦ ଯାଏ ସାଇ ମନ୍ଦିର ସମ୍ମୁଖ ପାର୍କିଂ ସ୍ଥାନରେ ପଢୁଛନ୍ତି। ଏହି ସ୍କୁଲର ନାମ 'ଥାନ୍ ସିଂ କା ପାଠଶାଳା'। ଦିଲ୍ଲୀର ବିଭିନ୍ନ ବସ୍ତିରୁ ପିଲାମାନେ ଏହି ପାଠଶାଳାକୁ ପଢ଼ିବା ପାଇଁ ଆସୁଛନ୍ତି। ଯେଉଁ ପିଲାମାନେ ସ୍କୁଲ ଶିକ୍ଷାଠାରୁ ଦୂରେଇ ରହି ବିଭିନ୍ନ କାମରେ ନିୟୋଜିତ ହେଉଥିଲେ ସେମାନଙ୍କୁ ଉଦ୍ଧରକରି ଥାନ୍ ସିଂ ପାଠଶାଳାକୁ ଆଣୁଛନ୍ତି। ଥାନ୍ ସିଂ ଏବେ ଦିଲ୍ଲୀ ପୋଲିସର ହେଡ୍ କନ୍‌ଷ୍ଟେବଲ୍ ଭାବେ କାର୍ଯ୍ୟରତ। ପାଠଶାଳରେ ୩ରୁ ୧୫ ବର୍ଷ ବୟସର ପିଲାମାନେ ପଢୁଛନ୍ତି। ଥାନ୍ ସିଂ ଓ ଏକ ସ୍ୱେଚ୍ଛାସେବୀ ଗୋଷ୍ଠୀ ଏଠାରେ ପଢ଼ାଉଛନ୍ତି। ଅନେକ ଇ-ଅଟୋରିକ୍ସା ଚାଳକ ସ୍ୱେଚ୍ଛାକୃତ ଭାବେ ବିଭିନ୍ନ ବସ୍ତିରୁ ପିଲାମାନଙ୍କୁ ଏହି ପାଠଶାଳାକୁ ଆଣୁଛନ୍ତି। ଅନୁଦାନ ଅର୍ଥରେ ଏହା ଚାଲୁଛି ଏବଂ ପିଲାମାନଙ୍କ ପଢ଼ିବା ଲାଗି କୌଣସି ଦେୟ ଦେବାକୁ ପଡୁନାହିଁ। ପ୍ରଥମେ ପାଠଶାଳାକୁ ୫ ଜଣ ପିଲା ପଢ଼ିବାକୁ ଆସୁଥିଲେ। ଏବେ ଏହି ସଂଖ୍ୟା ବୃଦ୍ଧି ପାଇ ୧୦୦ରେ ପହଞ୍ଚିଲାଣି।

## ୫୦ ବର୍ଷ ତଳର ଧରିତ୍ରୀ

### ୨୮ ଅକ୍ଟୋବର ୧୯୭୬

- ରାଜସ୍ଥାନ ପ୍ରଦେଶ କଂଗ୍ରେସ ବିଧାୟକ ଦଳ ପକ୍ଷରୁ ୪୪ତମ ସମ୍ବିଧାନ ସଂଶୋଧନ ବିଲ୍‌କୁ ପୂର୍ଣ୍ଣ ସମର୍ଥନ ଜ୍ଞାପନ।
- ବମ୍ବେ ମହାନଗରୀର ଉନ୍ନୟନ ନିମନ୍ତେ ବିଶ୍ୱବ୍ୟାଙ୍କ ପକ୍ଷରୁ ୨ କୋଟି ୨୫ ଲକ୍ଷ ଟଙ୍କା ଋଣ ମଞ୍ଜୁର।

## ପାଠକ ଶ୍ରେଷ୍ଠ ବିଚାରକ

### ଦେବଦେବୀଙ୍କ ଛବିକୁ ଅସମ୍ମାନ

ମହାଶୟ,

ସମାଜରେ ଦେବଦେବୀଙ୍କ ପ୍ରତି ଅତୁଟ ଶ୍ରଦ୍ଧା ଓ ଭକ୍ତି ରହିଛି। କିନ୍ତୁ ଆଧୁନିକ ବ୍ୟବସାୟିକ ଦୁନିଆରେ ଦେବଦେବୀଙ୍କ ଫଟୋ ବ୍ୟବହାର ଏବଂ ଏହାର ଅସମ୍ମାନକୁ ନେଇ ଚିନ୍ତା ପ୍ରକଟ କରାଯାଉଛି। ଆଜିର ବଜାରରେ ବିକ୍ରି ହେଉଥିବା ଅନେକ ପୂଜା ସାମଗ୍ରୀ ଯେପରି କି ଅଗରବତି, ଧୂପ, କର୍ପୂର, ଦୈନନ୍ଦିନ ବ୍ୟବହାର ଜିନିଷ, ପ୍ୟାକେଜିଂ କଭର ଏବଂ ବିଭିନ୍ନ ଖାଦ୍ୟପଦାର୍ଥର ଆବରଣରେ ଦେବଦେବୀଙ୍କ ଛବି ଦେଖିବାକୁ ମିଳୁଛି। ବ୍ୟବସାୟୀମାନେ ନିଜ ଦ୍ରବ୍ୟର ପ୍ରଚାର ପ୍ରସାର ଏବଂ ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ଏହି ଚିତ୍ରଗୁଡ଼ିକୁ ବ୍ୟବସାୟର ମାଧ୍ୟମ କରୁଛନ୍ତି। ବ୍ୟବସାୟିକ ଦୃଷ୍ଟିକୋଣରୁ ଏହା ଲାଭଜନକ ହୋଇପାରେ, କିନ୍ତୁ ଏହାର ପରିଣାମ ଆମ ସାମାଜିକ ଓ ଧାର୍ମିକ ପବିତ୍ରତା ପାଇଁ କ୍ଷତିକାରକ ହେଉଛି। କାରଣ ଏହି ସାମଗ୍ରୀଗୁଡ଼ିକ ବ୍ୟବହାର ହେବା ପରେ ଏହାର ଖୋଳ ବା ଆବରଣଗୁଡ଼ିକୁ ଆମେ ଅଳିଆ ଭାବି ରାସ୍ତାରେ, ଡ୍ରେନ୍‌ରେ, ଘର ବାହାରେ କିମ୍ବା ଅଳିଆଗଦାରେ ଫିଙ୍ଗିଦେଉଛୁ। ଏହି ସମସ୍ୟାର ସମାଧାନ ପାଇଁ ଉତ୍ପାଦନକାରୀ ସଂସ୍ଥାଗୁଡ଼ିକ ସ୍ୱଇଚ୍ଛାରେ ଏହି ଧାର୍ମିକ ଚିତ୍ରଗୁଡ଼ିକର ବ୍ୟବହାରକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ଉଚିତ। ସାଧାରଣ ଜନତା ଏପରି ଉତ୍ପାଦ କିଣିବାକୁ ପ୍ରତ୍ୟାଖ୍ୟାନ କରିବା ଦରକାର। ସରକାର ଏହା ଉପରେ କଡ଼ା ନିୟମ ଜାରିକରି ଏକ କଠୋର ଆଇନ ପ୍ରଣୟନ କରିବାକୁ ପଡ଼ିବ। ସମୟ ଆସିଛି, ଆମେ ସମସ୍ତେ ମିଶି ଏହି ଅସମ୍ମାନଜନକ ପ୍ରଥାକୁ ବନ୍ଦକରିବା ଏବଂ ଆମର ଧାର୍ମିକ ମୂଲ୍ୟବୋଧର ମର୍ଯ୍ୟାଦା ବଜାୟ ରଖିବା।

-ଅଖିଳ ତରାଇ ,ଗଞ୍ଜାମ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଆଜି ପୁଣି ଧୀରେ ଧୀରେ ଉଭା ହେଲା ତେସନେ
ଶୁଭ୍ର ଶୋଭାର ଢେଉ ବୁଣି ଦେଇ ବସନେ
ମୃଦୁ ମଧୁ ହାସ ଲେଖି ସଜ ଓଠ ତଟରେ
କସିଦେଇ ଏ ପରାଣ ଅକାରଣ କଷଣେ !

-(ପଥର ପ୍ରେମିକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ମନ୍ଥର ଗତିରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ନିର୍ମାଣ

- ଗ୍ରାମ୍ୟ ନିର୍ମାଣ ବିଭାଗକୁ ମନ୍ତ୍ରୀଙ୍କ ତାଗିଦା
- ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ, ସାଧାରଣ ରୋଗ ପାଇଁ ରେଫର

ଯାଜପୁର, ୨୭।୧୦ (ହର୍ଷବର୍ଦ୍ଧନ ବେହେରା)




ସ୍ୱାସ୍ଥ୍ୟ ବିଭାଗ ସାଧାରଣ ଲୋକଙ୍କୁ ଚିକିତ୍ସା ସେବା ପ୍ରଦାନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବରେ କାର୍ଯ୍ୟ କରୁଛି। ଜରୁରିକାଳୀନ ପରିସ୍ଥିତିର ମୁକାବିଲା କରିବାରେ ଜନସ୍ୱାସ୍ଥ୍ୟ ଭିତ୍ତିଭୂମି ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ତେଣୁ ସ୍ୱାସ୍ଥ୍ୟ ପ୍ରକଳ୍ପଗୁଡ଼ିକ ସମାପ୍ତ କରିବାରେ ବିଳମ୍ବ କାରଣରୁ ଲୋକମାନେ ସମୟକ୍ରମେ ଚିକିତ୍ସା ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ଗ୍ରାମ୍ୟ ନିର୍ମାଣ ବିଭାଗ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ନିର୍ମାଣ ଦାୟିତ୍ୱ ନେଇଥିଲେ ହେଁ ଧାର୍ଯ୍ୟ ସମୟରେ ଉପଯୁକ୍ତ ମାନରେ ପ୍ରକଳ୍ପଗୁଡ଼ିକ ନିର୍ମାଣ କରୁ ନ ଥିବାରୁ ସ୍ୱାସ୍ଥ୍ୟସେବାର ମୂଳ ଲକ୍ଷ୍ୟ ପରାହତ ହେଉଥିବା ମତପ୍ରକାଶ ପାଇଛି। ଏହିକ୍ରମରେ ରାଜ୍ୟରେ ୨୨୪୩ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଆୟୁଷ ଇତ୍ୟାଦି ଡାକ୍ତରଖାନା ନିର୍ମାଣ ପାଇଁ ଚୁକ୍ତି ହୋଇସାରିଥିଲେ ହେଁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ଏହାସହ ୧୫୩୭ଟି ପ୍ରକଳ୍ପ ନିର୍ମାଣାଧୀନ ଥିଲେ ହେଁ ତାହା ସମ୍ପୂର୍ଣ୍ଣ ହେଉ ନାହିଁ। ତେଣୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଉଦ୍‌ବେଗ ପ୍ରକାଶ କରିବା ସହ ନିର୍ମାଣାଧୀନ ପ୍ରକଳ୍ପଗୁଡ଼ିକୁ ଡିସେମ୍ବର ୨୦୨୫ ସୁଦ୍ଧା ସାରିବାକୁ ଗ୍ରାମ୍ୟ ନିର୍ମାଣ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାବାଦ୍ ନ୍ୟାଶନାଲ ହେଲଥ୍ ମିଶନ(ଏନ୍‌ଏଚ୍‌ଏମ୍) ଅଧୀନରେ ୩,୦୭୩ ପ୍ରକଳ୍ପ ନିର୍ମାଣ ହେବାକୁ ନିଷ୍ପତ୍ତି ହୋଇଛି। ସେଥିରୁ ମାତ୍ର ୨୮୮ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବାବେଳେ ୧୫୧୬ଟି ପ୍ରକଳ୍ପ ନିର୍ମାଣାଧୀନ ଏବଂ ୧୨୬୭ଟି ପ୍ରକଳ୍ପ କାର୍ଯ୍ୟ ଏଯାଏ ଆରମ୍ଭ ହୋଇନାହିଁ। ତେଣୁ ଗ୍ରାମ୍ୟ ନିର୍ମାଣ ବିଭାଗର ଚିଫ୍ ଇଞ୍ଜିନିୟର ୨୩।୧୦।୨୦୨୫ରେ ଅସମ୍ପୂର୍ଣ୍ଣ ଏବଂ ଆରମ୍ଭ ହୋଇ ନ ଥିବା ପ୍ରକଳ୍ପଗୁଡ଼ିକୁ ଶେଷ କରିବାକୁ ସମୟ ଧାର୍ଯ୍ୟ କରିବା ସହ ସମସ୍ତ ଅଧୀକ୍ଷଣ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀମାନଙ୍କୁ ତତ୍ପରତା ପ୍ରକାଶ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି।

ଡାକ୍ତରଖାନା କୋଠା ନିର୍ମାଣରେ ମନ୍ଥର ଗତି ହେତୁ ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ଏବଂ ଉନ୍ନତି ବିଳମ୍ବିତ ହେଉଛି। ଡାକ୍ତର ଏବଂ କର୍ମଚାରୀମାନଙ୍କ ପାଇଁ ଆବାସ ବ୍ୟବସ୍ଥା ଯଥେଷ୍ଟ ହେଉନାହିଁ, ଯାହା ସେମାନଙ୍କୁ ଡାକ୍ତରଖାନା ପରିସର ବାହାରେ ରହିବାକୁ ବାଧ କରୁଛି। ଜାତୀୟ ସ୍ୱାସ୍ଥ୍ୟ ନୀତି-୨୦୧୭ ଅନୁଯାୟୀ ରାଜ୍ୟରେ ୯୧,୩୯୨ ଶଯ୍ୟା ଆବଶ୍ୟକ ଥିବାବେଳେ କେବଳ ୩୨,୭୬୭ ଶଯ୍ୟା(୬୪%) ରହିଛି, ଯାହାକି ଡାକ୍ତରଖାନା ସେବା କାର୍ଯ୍ୟକୁ ଗୁରୁତର ଭାବରେ ପ୍ରଭାବିତ କରୁଛି। ବିଶେଷକରି ଗୁରୁତର ରୋଗୀଙ୍କୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ନ କରି ରେଫର କରିବା, ଅସ୍ତ୍ରୋପଚାର ବାତିଲ ଏବଂ ଜରୁରିକାଳୀନ ଆଡ୍‌ମିଶନରେ ବିଳମ୍ବ ଇତ୍ୟାଦି ଆବଶ୍ୟକ ଭିତ୍ତିଭୂମିର ଅଭାବ ମୂଳ କାରଣ ହୋଇଛି। ବିଡ଼ମ୍ବନା ଯେ, କୌଣସି ଅଙ୍ଗରେ ସାମାନ୍ୟ ଫାକ୍ଚର ହେଲେ ସେଥିପାଇଁ ସହର ଡାକ୍ତରଖାନାକୁ ରେଫର କରାଯାଉଛି। ଏଠାରେ ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉଦାହରଣ ଭାବେ ନିଆଯାଇପାରେ। କିଛିଦିନ ତଳେ ଜଣେ ଗରିବ ପିଲାଙ୍କ ହାତ ଭାଙ୍ଗିଯାଇଥିଲା। ଏଠାରେ କିନ୍ତୁ ତାହାର ସାମାନ୍ୟତମ ଚିକିତ୍ସା ବ୍ୟବସ୍ଥା ନ କରି କଟକ ବଡ଼ ଡାକ୍ତରଖାନାକୁ ରେଫର କରାଯାଇଥିଲା। ଫଳରେ ଗରିବ ଲୋକ ଏଥିରୁ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ଏଭଳି ଅନେକ ସାମାନ୍ୟ ରୋଗ କିମ୍ବା ଜରୁରିକାଳୀନ ସ୍ୱାସ୍ଥ୍ୟସେବା ପାଇଁ ଅନ୍ୟ ଡାକ୍ତରଖାନାକୁ ରେଫର୍ କରାଯାଉଥିବା ଅନେକ ନଜିର ରହିଛି।

## ଗଜରାଜ ସଂଗ୍ରହ କେନ୍ଦ୍ର ବୁଲି ଦେଖିଲେ ପୂର୍ବତନ ରାଜ୍ୟ ଭାଜପା ସଭାପତି



ପୂର୍ବତନ ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି, ସାହିତ୍ୟିକ କାଳନ୍ଦୀ ସାମଲ, ଗବେଷକ ଅଜିତ କୁମାର ଦାସ ଗଜରାଜ କେନ୍ଦ୍ର ପରିଦର୍ଶନ କରୁଛନ୍ତି।

କାଏମା,୨୭।୧୦(ଶିବପ୍ରସାଦ ମହାନ୍ତି):

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ କାଏମାଠାରେ ଥିବା ଗଜରାଜ ସଂଗ୍ରହ କେନ୍ଦ୍ରକୁ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ୍‌ର ସଭାପତି ତଥା ପୂର୍ବତନ ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି ଓ ସାହିତ୍ୟିକ କାଳନ୍ଦୀ ସାମଲ ଏବଂ ଗବେଷକ ଅଜିତ କୁମାର ଦାସ ପ୍ରମୁଖ ରବିବାର ପରିଦର୍ଶନରେ ଆସି ବୁଲି ଦେଖିଛନ୍ତି। ଏଠାରେ ଥିବା ବିଭିନ୍ନ ସଂଗୃହୀତ ପୁରାତନ ସାମଗ୍ରୀ ଓ ସ୍ମାରକୀଗୁଡ଼ିକର ଉଚ୍ଚପ୍ରଶଂସା କରିବା ସହ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଗବେଷକ ସ୍ୱର୍ଗତ ଡ. ନୃସିଂହ ଚରଣ ସାହୁଙ୍କ ଦ୍ୱାରା ସ୍ଥାପିତ ଏହି ସଙ୍ଗଠନ ଆଜି ବିଶ୍ୱସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି କହିଥିଲେ। ଡ.ସାହୁଙ୍କ ଆବର୍ତ୍ତମାନରେ ତାଙ୍କ ପୁତ୍ର ସୂର୍ଯ୍ୟକାନ୍ତ ସାହୁ ସମ୍ପାଦକ ରୂପେ ନିଜ ଦାୟିତ୍ୱ ନିର୍ବାହ କରିବା ସହ ବିଭିନ୍ନ ଉନ୍ନୟନମୂଳକ ତଥା ଲୋକହିତକର କାର୍ଯ୍ୟ କରୁଥିବାରୁ ଅତିଥିମାନେ ତାଙ୍କୁ ସାଧୁବାଦ ଜଣାଇଛନ୍ତି। ନିକଟସ୍ଥ ଗୋଗଳ ପାହାଡ଼ ପାଦଦେଶରେ ଥିବା ଐତିହାସିକ ପର୍ଯ୍ୟଟନସ୍ଥଳୀ ହାତିଆଣ୍ଡୁଣି ହସ୍ତୀ ପ୍ରତିମା ବୁଲି ଦେଖିଥିଲେ। ସଙ୍ଗଠନର ସଭାପତି ଅଖିଳ କୁମାର ସ୍ୱାଇଁ ଓ ସହ ସମ୍ପାଦକ ସୁଧାକର ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଧର୍ମଶାଳା କୃଷି ଉଦ୍ୟାନ କାର୍ଯ୍ୟାଳୟରୁ ଚୋରି

ଧର୍ମଶାଳା, ୨୭।୧୦ (ବଟକୃଷ୍ଣ ପରିଡା)

ଧର୍ମଶାଳା ଥାନା ଅଧୀନ ଗଙ୍ଗାଧରପୁର ପଞ୍ଚାୟତ ନୂଆଗାଁ ମୌଜାରେ ଥିବା ଧର୍ମଶାଳା କୃଷି ଉଦ୍ୟାନ କାର୍ଯ୍ୟାଳୟରୁ ଶନିବାର ବିଳମ୍ବିତ ରାତିରେ ବିଭିନ୍ନ ସାମଗ୍ରୀ ଚୋରି ହୋଇଛି। କୃଷି ଉଦ୍ୟାନ କାର୍ଯ୍ୟାଳୟର ଫାଟକ ଓ ତାଲା ଭାଙ୍ଗି ଦୁର୍ବୃତ୍ତମାନେ କାର୍ଯ୍ୟାଳୟର ୨ୟ ମହଲାର କବାଟ ଭାଙ୍ଗି ସେଥିରେ ଥିବା କମ୍ପ୍ୟୁଟର ପ୍ରିଣ୍ଟର ଚୋରି କରି ନେଇଛନ୍ତି। ସିପିୟୁ, କିବୋର୍ଡ, ମାଉସ୍, ରେଜିଷ୍ଟର କାଗଜପତ୍ର ଆଦି ସାମଗ୍ରୀ ଫିଙ୍ଗି ଦେଇଛନ୍ତି। ଦୁର୍ବୃତ୍ତମାନେ ଏକ ତାଲା ଭଙ୍ଗା ଯନ୍ତ୍ର ଛାଡ଼ି ଯାଇଛନ୍ତି। ଏହି ଖବରପାଇ ସହକାରୀ କୃଷି ଉଦ୍ୟାନ ଅଧିକାରୀ ଶୁଭଶ୍ରୀ ଶୁଭଦର୍ଶିନୀ ଚୋରି ହୋଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। କୃଷି ଉଦ୍ୟାନ ଅଧିକାରୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ହେଲେ ଚୋରି ସମ୍ପର୍କରେ କୌଣସି ସୁରାକ୍ ପାଇ ନ ଥିବା ଆଇଆଇସି ରଞ୍ଜନ କୁମାର ମାଝୀ କହିଛନ୍ତି।

## ଶିଶୁ ହସିଲେ ଦୁନିଆ ହସେ

**୨୪ତମ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ଉଦ୍‌ଯାପିତ**

ବଡ଼ଚଣା, ୨୭।୧୦( ଦିଲୀପ କୁମାର ମହାନ୍ତି):

ଚଣ୍ଡିଖୋଲସ୍ଥିତ ଉଦୀୟମାନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ୨୪ତମ ବାର୍ଷିକ ଉତ୍ସବ ଓ ଶିଶୁ ମହୋତ୍ସବ ଉଦ୍‌ଯାପିତ ସୋମବାର ହୋଇଯାଇଛି। ଶିକ୍ଷାବିତ୍ କାହ୍ନୁଚରଣ ସାହୁଙ୍କ ପୌରୋହିତ୍ୟରେ ପ୍ରଥମ ଅଧିବେଶନ କାର୍ଯ୍ୟକ୍ରମକୁ ଲୋକମଣ୍ଡଳ ସଭାପତି ଡା. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ବକ୍ତବ୍ୟ ଛଳରେ ସେ କହିଥିଲେ ଦୀର୍ଘ ୨୪ ବର୍ଷ ଧରି ଶିଶୁମାନଙ୍କ ପ୍ରତିଭାକୁ ଅନ୍ୱେଷଣ କରୁଥିବା ଉଦୀୟମାନର ଏହି ସାଧୁ ଉଦ୍ୟମକୁ ଯେତେବି ପ୍ରଶଂସା କଲେ କମ୍ ହେବ।

ମୁଖ୍ୟବକ୍ତା ଉପ ଆରକ୍ଷୀ ଅଧୀକ୍ଷକ ଶରତ ଚନ୍ଦ୍ର ପାତ୍ର କହିଛନ୍ତି, ଶିଶୁ ହସିଲେ ଦୁନିଆ ହସେ। ସମ୍ମାନିତ ଅତିଥି ଅତିରିକ୍ତ ତହସିଲଦାର ଗଗନ ବିହାରୀ ଦାଶ କହିଥିଲେ ଶିଶୁମାନେ ହେଉଛନ୍ତି ଦେଶର ଭବିଷ୍ୟତ, ସେମାନଙ୍କ ଚିନ୍ତା ଓ ଚେତନାକୁ ଉଦ୍ରେକ କରିବା ହେଉଛି




ଶିଶୁ ମହୋତ୍ସବରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର ପୁରସ୍କୃତ ହେଉଛନ୍ତି।

ପ୍ରତ୍ୟେକ ନାଗରିକଙ୍କର ପ୍ରଧାନ କର୍ତ୍ତବ୍ୟ। ପରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ଅତିଥିମାନେ ଦ୍ୱିତୀୟ ଅଧିବେଶନ ପୁରସ୍କାର ପ୍ରଦାନ କରିଥିଲେ। ଏଥିରେ ଚଣ୍ଡିଖୋଲ ଡିୟୁ ପବ୍ଲିକ ସ୍କୁଲରୁ ଛାତ୍ରୀ ସାଇ ଦୀବ୍ୟାସିଂ ଶତପଥୀ ସବୁ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରି ଶ୍ରେଷ୍ଠ ପ୍ରତିଯୋଗୀ ଭାବେ ଚାମ୍ପିୟନ ଟ୍ରଫି ଅତିଥିମାନଙ୍କଠାରୁ ପାଇଥିଲେ। ଅନୁଷ୍ଠାନର ସଭାପତି ଅବିନାଶ ଜେନାଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ସଭାରେ ବଡ଼ଚଣା ବିଧାୟକ ଅମର କୁମାର ନାୟକ ଯୋଗଦେଇ ଅନୁଷ୍ଠାନର ମୁଖପତ୍ର ଆଶା ପତ୍ରିକାକୁ ଲୋକାର୍ପଣ କରିଥିଲେ। ମୁଖ୍ୟ ବକ୍ତା ବରିଷ୍ଠ ଗ୍ରନ୍ଥକାର ପ୍ରଦ୍ୟୁମ୍ନ ଶତପଥୀ କହିଥିଲେ ସେବା, ତ୍ୟାଗ ତିତିକ୍ଷାର ପ୍ରତୀକ ହେବା ଏକ ସହଜ କଥା ନୁହେଁ। ଯାହା ଏ ଅନୁଷ୍ଠାନ କରି ଦେଖାଇଛି। ସମ୍ମାନିତ ବକ୍ତା ଭାବେ ଯାଜପୁର ଜିଲା ଭାଜପା ସଭାନେତ୍ରୀ ଦେବଜାନୀ ପ୍ରଧାନ ଓ ପୂର୍ବତନ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ ଶତପଥୀ ଯୋଗଦେଇଥିଲେ। ଏହି ଅବସରରେ ୨୪ ଜଣ ବିଭିନ୍ନ କ୍ଷେତ୍ରରେ ଅବଦାନ ଥିବା ବରିଷ୍ଠ ବ୍ୟକ୍ତିଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅନୁଷ୍ଠାନର ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ଜେନା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

**OFFICE OF THE PRINCIPAL**
**DERABIS COLLEGE, DERABISH, DIST. - KENDRAPARA**
**NAAC ACCREDITED - B+**
E-mail : derabishcollege@gmail.com, Website - derabiscollege.edu.in

**WANTED**

Guest lecturers in Botany, Chemistry, English, History, Odia, Physics, Political Science, Sociology and Junior Clerk, PET, Junior Librarian are wanted for immediate appointment.

Retired faculties and non-teaching members below the age of 69 years may apply through HIMS portal on or before 31/10/2025.

The salary for the above cited posts will be as per the notification of DHE, Odisha vide letter No.-57198 and 57203 on dated 23/10/2025.

Sd./- Principal-cum-Secretary
Derabis College, Derabish, Kendrapara

## ମୁଖ୍ୟମନ୍ତ୍ରୀ, ଯୋଗାଣ ମନ୍ତ୍ରୀ, ଜିଲାପାଳଙ୍କୁ ତଦନ୍ତ ପାଇଁ ଅନୁରୋଧ

**ଧାନମଣ୍ଡଳ ପଣ୍ୟାଗାରରୁ ନିମ୍ନମାନର ଚାଉଳ ଯୋଗାଣ ଘଟଣା**

ଚଣ୍ଡିଖୋଲ,୨୭।୧୦(ପ୍ରଦୀପ୍ତ କୁମାର ପୃଷ୍ଟି)

କେନ୍ଦ୍ର ଓ ରାଜ୍ୟ ସରକାର ହିତାଧିକାରୀଙ୍କୁ ମାଗଣାରେ ଚାଉଳ ଯୋଗାଉଛନ୍ତି। ଏହି ଚାଉଳ ସମ୍ପୂର୍ଣ୍ଣ ଭଲ ଓ ଧଳା ହେବା ଆବଶ୍ୟକ। କିନ୍ତୁ ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଧାନମଣ୍ଡଳଠାରେ ଥିବା ପଣ୍ୟାଗାରରୁ ନିମ୍ନମାନର ନାଲି ଚାଉଳ ଯୋଗାଣକୁ ନେଇ ଖବର ପ୍ରକାଶ ପରେ ସାମାଜିକ କର୍ମୀ ଅମିତାଂଶୁ ବଳ ଏହାର ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ, ଯୋଗାଣ ମନ୍ତ୍ରୀ ଓ ଯାଜପୁର ଜିଲାପାଳଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି।

ସୂଚନା ଅନୁଯାୟୀ, ଧାନମଣ୍ଡଳଠାରେ ଖାଦ୍ୟ ପଣ୍ୟାଗାର ନିଗମ (ଏଫ୍‌ସିଆଇ)ର ଗୋଦାମ ଗୃହ ରହିଛି। ଏଠାରୁ ବଡ଼ଚଣା, ବରୀ, ଧର୍ମଶାଳା ଓ ରସୁଲପୁର ବ୍ଲକକୁ ଚାଉଳ ଯୋଗାଣ କରାଯାଇଥାଏ। ଏହାର ସଂରକ୍ଷଣ କ୍ଷମତା ୧୧ ହଜାର ମେଟ୍ରିକ ଟନ। ତେବେ ୭ଟି ରାଇସ ମିଲ ଏହି ପଣ୍ୟାଗାରକୁ ଚାଉଳ ଯୋଗାଣ କରିଥାନ୍ତି। ପ୍ରତ୍ୟେକ ପାକ୍ସରୁ ମିଲରମାନେ ଧାନ ଆଣି ଏହାକୁ ପେଷାଇ ଚାଉଳ କରି ପଣ୍ୟାଗାରକୁ ପଠାଇଥାଆନ୍ତି। ଚାଉଳ ପଣ୍ୟାଗାର ଗୋଦାମ ଗୃହରେ ପ୍ରବେଶ ପୂର୍ବରୁ ଏହାର ମାନ ପରୀକ୍ଷା କରାଯିବାର ନିୟମ ରହିଛି। କେବଳ 'ଏ' ଗ୍ରେଡର ଚାଉଳ ସମ୍ପୂର୍ଣ୍ଣ ଧଳା ଓ ଉନ୍ନତମାନର ରଖାଯିବ ନଚେତ ଏହାକୁ ନାକଚ କରାଯିବ। ନାକଚ ହେବା ପରେ ମିଲର ସେ ଚାଉଳ ଫେରାଇ ନେବେ। ତେବେ ଦାୟିତ୍ୱରେ ଥିବା ଅଧିକାରୀ, ମିଲର ଓ ପରିବହନ ଠିକାଦାରଙ୍କ ସଲାସୁତୁରାରେ ଗ୍ରାମାଞ୍ଚଳର ଡିଲରମାନଙ୍କୁ ଖରାପ ଚାଉଳ ଯୋଗାଣ କରାଯାଇଛି। ଯାହାକୁ ନେଇ ଖାଦ୍ୟ ସୁରକ୍ଷା ଯୋଜନାରେ ପାଉଥିବା ହିତାଧିକାରୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଏ ନେଇ ରବିବାର ଧରିତ୍ରୀରେ ହିତାଧିକାରୀଙ୍କୁ ମିଳୁଛି ନିମ୍ନମାନର ନାଲି ଚାଉଳ ଶୀର୍ଷକ ଖବର ପ୍ରକାଶ ପରେ ସୋମବାର ଜିଲା ଯୋଗାଣ ଅଧିକାରୀ ଦିଲୀପ କୁମାର ପାଣିଗ୍ରାହୀ ମିଲରମାନଙ୍କୁ ତାଗିଦ କରିଛନ୍ତି। ସାମାଜିକ କର୍ମୀ ମୁଖ୍ୟମନ୍ତ୍ରୀ, ଯୋଗାଣ ମନ୍ତ୍ରୀ ଓ ଯାଜପୁର ଜିଲାପାଳଙ୍କୁ ଟୁଇଟ୍ କରି ତଦନ୍ତ କରିବାକୁ ନିବେଦନ କରିଛନ୍ତି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ପାଣିଗ୍ରାହୀଙ୍କୁ ପଚାରିବାରେ ଧର୍ମଶାଳା ବ୍ଲକ କଣ୍ଟିଗଡିଆରେ ଥିବା ମହାବଳି ରାଇସ ମିଲର ମେଶିନ ଖରାପ ଥିବାରୁ ସେ ନାଲି ଚାଉଳ ଯୋଗାଣ କରିଛନ୍ତି। ସେଥିପାଇଁ ଆମେ ତାଙ୍କୁ ତାଗିଦ କରିଛୁ। ଯେହେତୁ ସରକାରଙ୍କଠାରୁ ଧାନ ନେଇଛନ୍ତି ତେଣୁ ତାଙ୍କ ନିକଟରୁ ଆମକୁ ଚାଉଳ ଉଠାଇବାକୁ ପଡିବ। ଏହା ନିମ୍ନମାନର ନୁହେଁ କେବଳ ରଙ୍ଗ ଟିକେ ଖରାପ ଅଛି ବୋଲି ସେ କହିଛନ୍ତି।

**ସତର୍କତା ଜାଗରଣ ସପ୍ତାହ**
27 ଅକ୍ଟୋବର ଠାରୁ 2 ନଭେମ୍ବର 2025

**"ସତର୍କତା: ଆମର ମିଳିତ ଦାୟିତ୍ୱ"**

**➤ ଉପଭୋକ୍ତାମାନଙ୍କୁ ନିବେଦନ ➤**

- ଦୟାକରି ବୈଧ ଶୁଳ୍କଠାରୁ କୌଣସି ଅଧିକ ଶୁଳ୍କ ଦିଅନ୍ତୁ ନାହିଁ।
- ଦୟାକରି ଆପଣମାନଙ୍କ ଦ୍ୱାରା କରାଯାଇଥିବା ଶୁଳ୍କ ପୈଠର ରସିଦ୍/ଟିକଟ ମାଗି ନିଅନ୍ତୁ।
- ରେଳବାଇର କୌଣସି କର୍ମଚାରୀଙ୍କ ଦ୍ୱାରା ଲାଞ୍ଚମାଗିବା କିମ୍ବା ଭ୍ରଷ୍ଟାଚାରରେ ସଂପୃକ୍ତ ହେବା ଜାଣିବା ପରେ ଦୟାକରି ନିଜର ଅଭିଯୋଗ ବରିଷ୍ଠ ଉପ ମହାପ୍ରବନ୍ଧକ (SDGM), ପୂର୍ବ ତଟ ରେଳପଥ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-751017, ଦୂରଭାଷ ନଂ.: 0674-2300230, ଫ୍ୟାକ୍ସ ନଂ.: 0674-2301328, ଏବଂ ଇ-ମେଲ୍ ଆଇଡି: sdgm@ecor.railnet.gov.in ଙ୍କ ନିକଟକୁ ପଠାନ୍ତୁ।
- ଦୟାକରି ଅଭିଯୋଗରେ ଦସ୍ତଖତ କରନ୍ତୁ ଏବଂ ସମ୍ପୂର୍ଣ୍ଣ ଠିକଣା ଉଲ୍ଲେଖ କରନ୍ତୁ। ଇ-ମେଲ୍ ଦ୍ୱାରା କରାଯାଇଥିବା ଅଭିଯୋଗରେ ସମ୍ପୂର୍ଣ୍ଣ ଡାକ ଠିକଣା ସହିତ ଗୋଟିଏ ସ୍ୱ-ହସ୍ତାକ୍ଷରିତ ନକଲ ସଲଗ୍ନ ହେବା ଅନିବାର୍ଯ୍ୟ ଅଟେ।
- ଯଦି ଆପଣ ନିଜର ନାମ ଗୋପନୀୟ ରଖିବାକୁ ଚାହୁଁଛନ୍ତି, ତେବେ ଦୟାକରି ଅଭିଯୋଗପତ୍ରରେ ଏହା ଉଲ୍ଲେଖ କରନ୍ତୁ ଏବଂ ଗୋଟିଏ ଜଉମୁଦା/ସୁରକ୍ଷିତ ଲଫାଫାରେ ନିଜର ଅଭିଯୋଗପତ୍ରକୁ ସଚିବ, କେନ୍ଦ୍ରୀୟ ସତର୍କତା ଆୟୋଗ, ସତର୍କତା ଭବନ, ବ୍ଲକ୍-ଏ, ଜିପିଓ କମ୍ପ୍ଲେକ୍ସ, ଆଇଏନ୍‌ଏ, ନୂଆଦିଲ୍ଲୀ-110023କୁ ସମ୍ବୋଧିତ କରି ପଠାନ୍ତୁ। ଲଫାଫା ଉପରେ "ଜନହିତ ପ୍ରକଟିକରଣ ଏବଂ ସୂଚନାକାରୀଙ୍କ ସୁରକ୍ଷା ଅଧିନରେ ଅଭିଯୋଗ" କିମ୍ବା "PIDPI" ସ୍ପଷ୍ଟ ଭାବେ ଲେଖାଯିବା ଆବଶ୍ୟକ।
- ଯଦି ଆପଣଙ୍କ ନିକଟରେ ରେଳବାଇରେ ଭ୍ରଷ୍ଟାଚାର ବିଷୟରେ କୌଣସି ଅଭିଯୋଗ ଥାଏ, ତେବେ ଆପଣ ସତର୍କତା ହେଲ୍ପଲାଇନ୍ ନଂ.: 8455885031କୁ ଫୋନ କରି ସୂଚନା ଦେଇପାରିବେ।

ସତର୍କତା ହେଲ୍ପଲାଇନ୍ ନଂ. 8455885031
ପୂର୍ବ ତଟ ରେଳପଥ
www.eastcoastrail.indianrailways.gov.in
PR-727/O/25-26

**OFFICE OF PRINCIPAL**
**EKLAVYA MODEL RESIDENTIAL SCHOOL**
Ministry of Tribal Affairs, Govt. of India
(Support : OMTES, SC/ST Dev. Dept., Govt. of Odisha)
At/Po - Kuchinda, Dist. - Sambalpur (768222), Odisha
Affiliated to CBSE, Delhi. Affiliation No. - 1520209
School No. - 17297 I UDISE CODE : 2103120097

**SHORT TENDER CALL NOTICE FOR HIRING OF VEHICLE**

Letter No. : 632 Date : 24.10.2025

Sealed tenders are invited in the prescribed format from registered transport agencies/vehicle owners for hiring of vehicles on a monthly/need basis for official use at EMRS Kuchinda, Dist.- Sambalpur, Odisha.

**Tender Details:**
- Tender Issue Date : 26.10.2025
- Last Date for Submission : 03.11.2025
- Tender forms and terms & conditions can be obtained from the school website https://emrskuchinda.com or office during working hours
- Date and Time of Opening of Tender Documents - 07.11.2025 at 10 AM

Interested parties may submit their sealed quotations with all required documents to the Principal, EMRS, Kuchinda, Dist.- Sambalpur, Odisha by the due date.

Notwithstanding anything contained to the contrary in the tender document, the undersigned reserves the right to cancel/ modify "invitation for bids" or to reject any or all of the bids or cancel the entire tender process without assigning any reason thereof and shall bear no liability whatsoever consequent upon such a decision.

Sd./- PRINCIPAL
EMRS, KUCHINDA, Sambalpur

## ନିଆଁ ଲାଗି ୩ ଗୋରୁ, ୪ ଛେଳି ଆହତ

ଚଣ୍ଡିଖୋଲ,୨୭।୧୦(ପ୍ରଦୀପ୍ତ କୁମାର ପୃଷ୍ଟି)

ବଡ଼ଚଣା ବ୍ଲକ ମହିପୁର ଗାଁର ଫଗୁ ଦାସ, ମାଗୁଣି ଦାସ ଓ ଜଗବନ୍ଧୁ ଦାସଙ୍କ ଗୁହାଳରେ ରବିବାର ବିଳମ୍ବିତ ରାତିରେ ନିଆଁ ଲାଗି ସମ୍ପୂର୍ଣ୍ଣ ପୋଡିଯାଇଛି। ଗୁହାଳରେ ଥିବା ଫଗୁଙ୍କ ଗୋଟିଏ ଗାଈ ଓ ବାଛୁରୀ ଏବଂ ୨ଟି ଛେଳି, ମାଗୁଣି, ଜଗବନ୍ଧୁଙ୍କ ୧ ଗୋରୁ ୨ ଛେଳି ପୋଡ଼ି ଗୁରୁତର ହୋଇଛନ୍ତି। ଖବରପାଇ ଚଣ୍ଡିଖୋଲ ଅଗ୍ନିଶମ ବାହିନୀ ପହଞ୍ଚିବା ବେଳକୁ ଗ୍ରାମବାସୀ ନିଆଁକୁ ଆୟତ୍ତ କରିଥିଲେ। ଉପରୋକ୍ତ ୩ ପରିବାର ଗରିବ ହୋଇଥିବାରୁ ପ୍ରଶାସନ ଆହତ ଗୋରୁ ଓ ଛେଳିଙ୍କୁ ମାଗଣା ଚିକିତ୍ସା ସହ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

କାନାରା ବ୍ୟାଙ୍କ Canara Bank A Government of India Undertaking
ସିଣ୍ଡିକେଟ Syndicate

କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ
ଶ୍ରୀଜୀ କମ୍ପ୍ଲେକ୍ସ, ପ୍ଲଟ୍ ନଂ.: ୮୪୦/୮୫୮ ଏବଂ ୮୪୦/୮୫୯
କଟକ ଟାଉନ, ୟୁନିଟ୍ ନଂ.-୧୭, ମାଛୁଆ ବଜାର, କଟକ-୭୫୩୦୦୧

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନସ୍ୱାକ୍ଷରକାରୀ **କାନାରା ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ୍ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ ଜଣେଇଦେଇଥିଲେ। ଯେହେତୁ ଋଣଗ୍ରହୀତା ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪) ସହ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତାବଳରେ ନିମ୍ନସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତିକୁ **ଦଖଲ** କରିଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଜାମିନ୍ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି କି, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କ, ଓସ୍ତପୁର ଶାଖା** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଦେୟ ପାଇଁ ଦାୟୀ ରହିବେ।

| ଶାଖା / ଋଣଗ୍ରହୀତା / ଜାମିନ୍‌ଦାର / ବନ୍ଧକଦାତାଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ / (ଖ) ଧାରା ୧୩(୨) ନୋଟିସ୍ ତାରିଖ / (ଗ) ୧୩ (୪) ନୋଟିସ୍ ତାରିଖ / (ଘ) ବକେୟା ରାଶି |
| --- | --- |
| **ଓସ୍ତପୁର ଶାଖା (୫୯୬୭) / (ସାଙ୍କେତିକ ଦଖଲ)** ଋଣଗ୍ରହୀତାମାନେ: ୧) ମେସର୍ସ ସାଇ ଇଲେକ୍ଟ୍ରୋନିକ୍ସ, ସ୍ୱତ୍ୱାଧିକାରୀ: ଶ୍ରୀମତୀ ମନସ୍ମିତା ରାଉତରାୟ, ରାହାଣିଆ, ଗୋକଳପୁର, କଟକ, ପିନ୍-୭୫୪୨୦୪, ୨) ଶ୍ରୀମତୀ ମନସ୍ମିତା ରାଉତରାୟ, ପିତା: ସଦାନନ୍ଦ ରାଉତରାୟ, ସା: କାଳିଅଣ୍ଡି, ପୋ: ଚାୟାଁପାଳ, ଥାନା: ମାହାଙ୍ଗା, ଜିଲ୍ଲା: କଟକ, ପିନ୍-୭୫୪୨୦୪ / ଜାମିନ୍‌ଦାର ଏବଂ ବନ୍ଧକଦାତା: ଶ୍ରୀ ଅସିତ କୁମାର ମହାନ୍ତି, ପିତା: ଅଜିତ କୁମାର ମହାନ୍ତି, ସା: କାଳିଅଣ୍ଡି, ପୋ: ଚାୟାଁପାଳ, ଥାନା: ମାହାଙ୍ଗା, ଜିଲ୍ଲା: କଟକ, ପିନ୍-୭୫୪୨୦୪ | (କ) ଅସିତ କୁମାର ମହାନ୍ତିଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୯୦୩/୩୫୫, ପ୍ଲଟ୍ ନଂ.: ୧୭୦୫/୩୩୫୮, କ୍ଷେତ୍ର: ଏକର୦.୦୪୦ ଡିସିମିଲି, କିସମ: ଘରବାରି, ଅନୁରୂପ ସାବକ ଖାତା ନଂ.: ୯୦୩/୧୧୩, ଅନୁରୂପ ଚକବନ୍ଦୀ ଖାତା ନଂ.: ୫୬୦, ମୌଜା: କାଳିଅଣ୍ଡି, ତହସିଲ: ମାହାଙ୍ଗା, ଜିଲ୍ଲା: କଟକ, ଏସଆରଓ: ମାହାଙ୍ଗା, ଏହାର ଚାରିପାର୍ଶ୍ୱରେ- ଉତ୍ତର: କାଳିଅଣ୍ଡି ୟୁପିଏମ୍‌ଇ ବିଦ୍ୟାଳୟ, ଦକ୍ଷିଣ: ପ୍ଲଟ୍ ନଂ. ୧୭୦୫/୩୩୫୭, ପୂର୍ବ: ଜତିନ୍ଦ୍ର ମହାନ୍ତି, ପଶ୍ଚିମ: କେନାଲ ବନ୍ଧ ରାସ୍ତା / (ଖ) ୦୪.୦୮.୨୦୨୫ / (ଗ) ୨୪.୧୦.୨୦୨୫ / (ଘ) ଟ.୧୩,୧୫,୬୧୧.୭୭ (ତେର ଲକ୍ଷ ପନ୍ଦର ହଜାର ଛଅ ଶହ ଏଗାର ଟଙ୍କା ଏବଂ ସତସ୍ତରୀ ପଇସା ମାତ୍ର) ସହିତ ସେବାବଦ ସୁଧ ଏବଂ ଆଇନଗତ ଖର୍ଚ୍ଚ। |

ସ୍ଥାନ : କଟକ, ତାରିଖ : ୨୭.୧୦.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

इंडियन बैंक Indian Bank
इलाहाबाद ALLAHABAD

ଆଞ୍ଚଳିକ କାର୍ଯ୍ୟାଳୟ, କଟକ
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର - ୬, ସିଡ଼ିଏ, ପୋ.: ମର୍କତ ନଗର, କଟକ - ୭୫୩୦୧୪, zocuttack@indianbank.co.in

**ଦଖଲ ନୋଟିସ୍**
ପରିଶିଷ୍ଟ-୪ [ରୁଲ୍-୮(୧)]
ସ୍ଥାବର ସମ୍ପତ୍ତି ନିମନ୍ତେ

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩ (୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ **ଦଖଲ** ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। ଆମେ ସରଫେଶୀ ଆକ୍ଟର ଧାରା ୧୩(୮) ପ୍ରାବଧାନ ଏବଂ ଏହା ଅର୍ନ୍ତଗତ ନିୟମାନୁସାରେ ଆପଣଙ୍କ ଦୃଷ୍ଟି ଆକର୍ଷଣ କରୁଅଛୁ ଯାହାକି ବନ୍ଧକପ୍ରାପ୍ତ ସମ୍ପତ୍ତିକୁ ବନ୍ଧକମୁକ୍ତ କରିବାରେ ଆପଣଙ୍କ ଅଧିକାର ଅଟେ।

| ଶାଖା / ଋଣଗ୍ରହୀତା/ବନ୍ଧକଦାତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
| --- | --- | --- | --- |
| **ବାସୁଦେବପୁର ଶାଖା /** ଋଣଗ୍ରହୀତା/ବନ୍ଧକଦାତାମାନେ: ୧) ସୁରେଶ କୁମାର ପାଣି, ପିତା: ସୁରେନ୍ଦ୍ର ପ୍ରସାଦ ପାଣି, ୨) ସନ୍ତୋଷ କୁମାର ପାଣି, ପିତା: ସୁରେନ୍ଦ୍ର ପ୍ରସାଦ ପାଣି / ଗ୍ୟାରେଣ୍ଟିଦାତା: ରଙ୍ଗଲତା ଧୂପାଳ, ସ୍ୱାମୀ: ସୁରେନ୍ଦ୍ର ପ୍ରସାଦ ପାଣି, ସମସ୍ତଙ୍କ ଠିକଣା- ସା: ବଡ ଆନନ୍ଦପୁର, ପୋ: ବଛିପୁର, ଥାନା: ବାସୁଦେବପୁର, ଜିଲ୍ଲା: ଭଦ୍ରକ, ଓଡିଶା-୭୫୬୧୬୫ | ୧୪.୦୭.୨୦୨୫ ସୁଦ୍ଧା ଟ.୧୦,୬୬,୬୨୦/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୪.୦୭.୨୦୨୫ / ୨୭.୧୦.୨୦୨୫ | ସୁରେଶ କୁମାର ପାଣି ଏବଂ ସନ୍ତୋଷ କୁମାର ପାଣିଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୨୩୭/୧୪୦, ରେଭିନ୍ୟୁ ପ୍ଲଟ୍ ନଂ.: ୨୨୬/୭୮୭, ପରିମିତ କ୍ଷେତ୍ର: ଏକର୦.୧୩ ଡିସିମିଲି, ମୌଜା: ବଡ ଆନନ୍ଦପୁର, ଥାନା: ବାସୁଦେବପୁର, ତହସିଲ: ବାସୁଦେବପୁର, ଜିଲ୍ଲା: ଭଦ୍ରକ, ଓଡିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ଶଙ୍କର୍ଷଣ ପାଣି, ଦକ୍ଷିଣ: ରାସ୍ତା, ପୂର୍ବ: କ୍ରେତା ନିଜେ, ପଶ୍ଚିମ: ଅଶୋକ ଜେନା |
| **କଟକ ଜଗତ୍‌ପୁର ଶାଖା /** ଋଣଗ୍ରହୀତା/ବନ୍ଧକଦାତା: ଶାନ୍ତିଲତା ଦାସ, ସ୍ୱାମୀ: ରବିନ୍ଦ୍ର ନାଥ ଦାସ / ଋଣଗ୍ରହୀତା: ସୁବ୍ରତ କୁମାର ଦାସ, ପିତା: ରବିନ୍ଦ୍ର ନାଥ ଦାସ, ଉଭୟଙ୍କ ଠିକଣା-୧: ସା/ପୋ: ଜଙ୍କିଆ (ଗଡସାହି), ଥାନା: କଣାସ, ଜିଲ୍ଲା: ପୁରୀ, ପିନ୍-୭୫୨୦୨୦, ଠିକଣା-୨: ପ୍ଲଟ୍ ନଂ.: ୬୭୪/୨୮୮୭, ଗୋପିନାଥପୁର, ପୋ: ଭୈରପୁର, ତହସିଲ/ ଥାନା: ସାଲେପୁର, ଜିଲ୍ଲା: କଟକ, ପିନ୍-୭୫୪୨୦୦ | ୦୭.୦୮.୨୦୨୫ ସୁଦ୍ଧା ଟ.୧୦,୬୭,୫୬୬/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୦୭.୦୮.୨୦୨୫ / ୨୨.୧୦.୨୦୨୫ | ଶାନ୍ତିଲତା ଦାସ, ସ୍ୱାମୀ: ରବିନ୍ଦ୍ର ନାଥ ଦାସଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୫୮୫/୩୬୪, ପ୍ଲଟ୍ ନଂ.: ୬୭୪/୨୮୮୭, କ୍ଷେତ୍ର: ଏକର୦.୦୪୪ ଡିସିମିଲି, ପ୍ରକାର: ଘରବାରୀ, ମୌଜା: ଗୋପିନାଥପୁର, ପୋ: ଭୈରପୁର, ତହସିଲ: ସାଲେପୁର ନଂ.: ୫୧, ଥାନା: ସାଲେପୁର ନଂ.: ୪, ଜିଲ୍ଲା: କଟକ, ଓଡିଶା, ଏହାର ଚାରିପାର୍ଶ୍ୱରେ (ବିକ୍ରୟ ଦଲିଲ୍ ଅନୁଯାୟୀ) ଉତ୍ତର: ବିକ୍ରେତା, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୬୭୫, ପଶ୍ଚିମ: ରାସ୍ତା |

ସ୍ଥାନ: କଟକ, ତାରିଖ : ୨୭.୧୦.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

# ଜିଲାପାଳ, ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି



ଶିବିରରେ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

## ୧୧୬ ଅଭିଯୋଗ ପଞ୍ଜୀକୃତ

ପଟ୍ଟାମୁଣ୍ଡାଇ,୨୭।୧୦(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ପଞ୍ଚାୟତ ଯତ ସମିତି କାର୍ଯ୍ୟାଳୟରେ ସୋମବାର ଜିଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୧୬ ଅଭିଯୋଗର ପଞ୍ଜୀକୃତ ହୋଇଥିଲା। ସେଥିରୁ ୧୦୩ ବ୍ୟକ୍ତିଗତ ହୋଇଥିବା ବେଳେ ୧୩ ସାମୂହିକ ରହିଥିଲା। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୮ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ୧୩ ସାମୂହିକ ଅଭିଯୋଗ ମଧ୍ୟରୁ ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ପକ୍ଷରୁ ସଭାପତି ଗୋପୀବଲ୍ଲଭ ନାୟକ, ସମ୍ପାଦକ ଗୋପୀନାଥ ତ୍ରିପାଠୀ ପଟ୍ଟାମୁଣ୍ଡାଇରେ ବନ୍ଦ ହୋଇଥିବା ସମବାୟ ସମିତିକୁ କାର୍ଯ୍ୟକ୍ଷମ କରିବା, ସମସ୍ତ ସ୍କୁଲରେ ଖାଲିପଡ଼ିଥିବା ଶିକ୍ଷକ ପଦବୀ ପୂରଣ, ପଟ୍ଟାମୁଣ୍ଡାଇ ପୌର ପରିଷଦ ଓ ବ୍ଲକ୍‌ରେ ନିର୍ମାଣ ହୋଇଥିବା ଅଙ୍ଗନୱାଡ଼ି ଗୃହକୁ କାର୍ଯ୍ୟକ୍ଷମ କରାଯାଉ ବୋଲି ଜିଲାପାଳଙ୍କୁ ନିବେଦନ କରିଥିଲେ।

ଏହି ଅଭିଯୋଗ ଶୁଣାଣିରେ ଜିଲାପାଳ ରଘୁରାମ ଆର୍. ଆୟର,ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କୋଟାରିଆ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲାପାଳ(ସାଧାରଣ)ନବକ୍ରିଷ୍ଣ ଜେନା, ଉପଜିଲାପାଳ ଅରୁଣ ନାୟକ, ପଟ୍ଟାମୁଣ୍ଡାଇ ବିଡିଓ ଶୀତଳ ଅଗରୱାଲା ଓ ତହସିଲଦାର ପଞ୍ଚାନନ ନାୟକଙ୍କ ସମେତ ଜିଲାସ୍ତରୀୟ ଲାଇନ ଅଧିକାରୀମାନେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ ଉପରେ ପଦକ୍ଷେପ ଗ୍ରହଣ କରିବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ନଭେମ୍ବର ୩ରେ କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟି ଟାଉନ ହଲ୍,୧୦ ନଭେମ୍ବରରେ ରାଜକନିକା ବ୍ଲକ୍,୧୭ ନଭେମ୍ବରରେ ମାର୍ଶାଘାଇ ବ୍ଲକ୍,୨୪ ନଭେମ୍ବର ଆଳି ବ୍ଲକ୍ କାର୍ଯ୍ୟାଳୟରେ ପୂର୍ବାହ୍ନ ୧୦ଟାରୁ ୧ ଘଟିକା ପର୍ଯ୍ୟନ୍ତ ଜିଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବା କାର୍ଯ୍ୟକ୍ରମ ରହିଛି ବୋଲି ଜିଲା କାର୍ଯ୍ୟାଳୟରୁ ଜଣାପଡ଼ିଛି । (ଫଟୋ- ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

## ଯଶୋବନ୍ତ ପୀଠରେ ଓଡ଼ଶ ଷଷ୍ଠୀ ଉପଲକ୍ଷେ ପ୍ରସ୍ତୁତି

ରଘୁନାଥପୁର,୨୭।୧୦
(ରାଜେନ୍ଦ୍ର ନାରାୟଣ ସିଂହ)

ନଭେମ୍ବର ୨୬ରେ ଜଗତସିଂହପୁର ଜିଲା ବିରିଡି ବ୍ଲକ ଅନ୍ତର୍ଗତ ନାଇଲୋସ୍ଥିତ ସିଦ୍ଧସାଧକ ମହାପୁରୁଷ ଯଶୋବନ୍ତ ଦାସଙ୍କ ମହାପ୍ରୟାଣ ଦିବସ ଏବଂ ଓଡ଼ଶ ଷଷ୍ଠୀ ଏହି ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯଶୋବନ୍ତ ସାହିତ୍ୟ ଓ ସଂସ୍କୃତି ସଂସଦ ଆନୁକୂଲ୍ୟରେ ଆୟୋଜିତ ଏହି ବୈଠକରେ ସଂସଦର ସଭାପତି ଦେବୀପ୍ରସାଦ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ସବୁବର୍ଷ ପରି ଚଳିତ ବର୍ଷ ଓଡ଼ଶ ଷଷ୍ଠୀ ପାଳନ ପାଇଁ ଏକ ଖସଡ଼ା ପ୍ରସ୍ତୁତ କରାଯାଇଥିଲା। ବହୁ ଜନସମାଗମକୁ ଦୃଷ୍ଟିରେ ରଖି ଏହାର ସୁପରିଚାଳନା ପାଇଁ କମିଟି ଗଠନ ଓ ଦାୟିତ୍ୱ ପ୍ରଦାନ କରାଯିବ ପାଇଁ ସ୍ଥିର ହୋଇଥିଲା। ଏହି ଅବସରରେ ଆଇନଶୃଙ୍ଖଳା ରକ୍ଷା ସହ ପାଣ୍ଟି ସୁବିଧା ଏବଂ ପ୍ରସାଦ ସେବନର ବନ୍ଦୋବସ୍ତ କରିବା ପାଇଁ ସ୍ଥିର ହୋଇଥିଲା। ସଂସଦର ସମ୍ପାଦକ ସୁବ୍ରତ କୁମାର ମହାପାତ୍ର ବୈଠକ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟି ଚିତ୍ତରଞ୍ଜନ ଦାସ, ଲିଙ୍ଗରାଜ ମଲ୍ଲ, ଅକ୍ଷୟ କୁମାର ଦାସ, ବିଜୟ କୁମାର ଦାସ, ରମେଶ ଚନ୍ଦ୍ର ମହାନ୍ତି, ଦେବାଶିଷ ମହାନ୍ତିଙ୍କ ସହ ସଂସଦର ସଦସ୍ୟ ଓ ଗ୍ରାମର ବରିଷ୍ଠ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ଶେଷରେ ପ୍ରଦୀପ୍ତ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ, ଜଣେ ଗିରଫ

ରାଜକନିକା,୨୭।୧୦(ସଞ୍ଜୟ କୁମାର ଦାଶ)



ଗିରଫ ଚିନ୍ତାମଣି ସେଠୀ


ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ସମ୍ପୃକ୍ତ ଜେଜେ ଚିନ୍ତାମଣି ସେଠୀ(୫୫)ଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ନେଇ ରାଜକନିକା ପୋଲିସ ସୂଚନା ଦେଇଛି । ଅଭିଯୋଗ ଅନୁଯାୟୀ, ରାଜକନିକା ଥାନା ଅଞ୍ଚଳର ସମ୍ପୃକ୍ତ ଜେଜେ ଚିନ୍ତାମଣି ୧୩ ବର୍ଷୀୟା ନାବାଳିକା ଛାତ୍ରୀ ନାତୁଣୀଙ୍କୁ ତାଙ୍କ ଘରେ ଓ ଗାଁ ପାଖ ବଜାର ନିକଟରେ ଗତ ୬ ତାରିଖରେ ଅସଦାଚରଣ କରିଥିବା ନେଇ ପୀଡିତା ଏଲାରେ ଦର୍ଶାଇଛନ୍ତି । ପ୍ରଥମେ ନାବାଳିକା ନାତୁଣୀ ଜଣକ ଚିନ୍ତାମଣିଙ୍କ କଥାରେ ଅରାଜି ହେବାରୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଧମକଚମକ ଦେଇଥିଲେ। ଏ ନେଇ ନାବାଳିକା ଛାତ୍ରୀ ଜଣକ ରବିବାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ ୫୪୨/୨୫ ରେ ମାମଲା ରୁଜୁକରି ପୋକ୍‌ସୋ ଦଫାରେ ଅଭିଯୁକ୍ତଙ୍କୁ ଗିରଫ ପରେ ସୋମବାର କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ସଞ୍ଜୟ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

## ବାଲିଘାଟରୁ ଚାନ୍ଦା ଆଦାୟ କରି ଯୁବକ କୋର୍ଟ ଚାଲାଣ

ବରୀ, ୨୭।୧୦(ମହେନ୍ଦ୍ର ସ୍ୱାଇଁ)

ବରୀ ରାମଚନ୍ଦ୍ରପୁର ଥାନା ଅଧୀନ ମହାକାଳପଡ଼ା ପଞ୍ଚାୟତ ନିଲାପଦା ଗ୍ରାମ ନିକଟରେ ଥିବା ବାଲିଟାଙ୍କିନାମକ ସରକାରୀ ବାଲି ଉଠାଣ ସୈରାତରୁ ବାଲି ଉଠାଣ ବେଳେ ଚାନ୍ଦା ଆଦାୟ କରିବା ଅଭିଯୋଗରେ ରବିବାର ଜଣେ ଯୁବକଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେ ହେଲେ କେନ୍ଦ୍ରାପଡ଼ା ଜିଲା ନିକିରାଇ ଥାନା ଅଧୀନ ଛୋଟି ଗ୍ରାମର ମଥୁରି ମଲ୍ଲିକ(୩୪)। ମଥୁରି ସୈରାତରୁ ଚାନ୍ଦା ମାଗି ବିଫଳ ହେବାରୁ ବନ୍ଧୁକରୁ ଗୁଳି ଚଳାଇ ଆତଙ୍କ ସୃଷ୍ଟି କରିଥିଲେ। ଏହି ଘଟଣାକୁ ନେଇ ବାଲି ସୈରାତର ଲିଜ୍‌ଧାରୀ ଗିରିଧାରୀ ଜେନା ରାମଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୪୩୬/୨୫ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ରବିବାର ବିଳମ୍ବିତ ରାତିରେ ଏସ୍‌ଆଇ ସୌମ୍ୟରଞ୍ଜନ ଭୋଳଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ଅଭିଯୁକ୍ତ ମଥୁରି ମଲ୍ଲିକଙ୍କୁ ଛୋଟି-ଇନ୍ଦୁପୁର ବଜାର ରାସ୍ତା ଉପରୁ ଗିରଫ କରିଛି। ଗିରଫ ପରେ ଅଭିଯୁକ୍ତଙ୍କ ନିକଟରୁ ଏକ କଟୁରି, ମୁନିଆ ରଡ଼, ବ୍ୟବହୃତ ଗୁଳି ଜବତ କରିଛି।

# ଷଣ୍ଢ ଆକ୍ରମଣରେ ୧୨ ଆହତ



ଆହତ ଲୋକେ।



କାବୁ କରାଯାଇଥିବା ଷଣ୍ଢ।

କୁଜଙ୍ଗ, ୨୭।୧୦ (ମନୋଜ ପ୍ରଧାନ )

କୁଜଙ୍ଗ ଥାନା ବାମଦେଇପୁର ପଞ୍ଚାୟତ ଅନ୍ତର୍ଗତ କଣ୍ଟେଇନାଳି, ବାରାକଣା, ବାମଦେଇପୁର ଓ ଜାଲପଦା ଗ୍ରାମରେ ଷଣ୍ଢ ଆକ୍ରମଣରେ ୧୨ ଜଣ ଆହତ ହୋଇଛନ୍ତି। ଗତ ୨ ଦିନ ହେବ ଏକ ମାରଣା ଷଣ୍ଢ ଏସବୁ ଗ୍ରାମରେ ପଶି ବିଭିନ୍ନ ଲୋକଙ୍କୁ ଆକ୍ରମଣ କରିଛି। ଆକ୍ରମଣରେ ବାରାକଣା ଗ୍ରାମର ସୁକାନ୍ତି ସାଇଁ ଓ ପୂର୍ଣ୍ଣଚନ୍ଦ୍ର ମଲ୍ଲିକଙ୍କୁ ପ୍ରଥମେ ବାଲିତୁଠ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ସେହିପରି କଣ୍ଟେଇନାଳି ଗ୍ରାମର ଲିଙ୍ଗରାଜ ପଟ୍ଟନାୟକ, ଅଭୟ ଦଳାଇ, ଜାଲପଦା ଗ୍ରାମର ବୈଷ୍ଣବ ରାଉତ ଓ ସୁନାମଣି ରାଉତଙ୍କ ସମେତ ଅନ୍ୟମାନେ ଆହତ ହୋଇଛନ୍ତି। ଉକ୍ତ ଷଣ୍ଢଟି କଣ୍ଟେଇନାଳି ଗ୍ରାମ ସୁତିଆ ଦଳାଇଙ୍କ ଗୁହାଳ ଘରେ ପସି ଏକ ବାଛୁରୀକୁ ଆକ୍ରମଣ କରିବା ସହିତ ତାଙ୍କ ଗୁହାଳ ଘର ଭାଙ୍ଗି ପକାଇଛି। ଷଣ୍ଢ ଆକ୍ରମଣ ଯୋଗୁ ଏ ସମସ୍ତ ଗ୍ରାମରେ ଏକ ପ୍ରକାର ଆତଙ୍କ ଖେଳିଯାଇଛି। ତାକୁ ଆୟତ୍ତ କରିବା ପାଇଁ ରବିବାର ଉଦ୍ୟମ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ନଥିଲା। ସୋମବାର ସନ୍ଧ୍ୟାରେ ଗ୍ରାମବାସୀ, ବାମଦେଇପୁର ସରପଞ୍ଚଙ୍କ ପ୍ରତିନିଧି ହରିହର ଲିଙ୍ଗରାଜ ମହାନ୍ତି ଓ ବାଲିତୁଠସ୍ଥିତ ଆଶୀର୍ବାଦ ଚାରିଟେବୁଲ ଟ୍ରଷ୍ଟ ସଭାପତି ଉମାକାନ୍ତ ପରିଡାଙ୍କ ଉଦ୍ୟମରେ ଷଣ୍ଢଟିକୁ ଆୟତ୍ତ କରାଯାଇଛି।

## ବେଆଇନ ଗୋ ଚାଲାଣକୁ ନେଇ ଉତ୍ତେଜନା

ଯାଜପୁର ସଦର/ଯାଜପୁର ଟାଉନ, ୨୭।୧୦ (ସମର ବିଜୟ ଶରଣ/ ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ସଦର ଥାନା ଅଞ୍ଚଳରେ ବେଆଇନ ଗୋରୁ ଚାଲାଣ କରାଯାଉଥିବା ଖବରପାଇ ନବ ଭାରତ ହିନ୍ଦୁ ସଙ୍ଗଠନ ଓ ବଜରଙ୍ଗ ଦଳ ପକ୍ଷରୁ ମିଳିତ ଭାବେ ଯାଞ୍ଚ କରି ଏକ ଟାଟା ଏସି ନଂ. ଓଡ଼ି-୦୨-ସିଏଫ୍-୫୬୮୦କୁ ବରୁଆଁ ଛକ ନିକଟରେ ଅଟକାଇଥିଲେ। ଏହାକୁ ନେଇ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୋରୁ ଗାଡ଼ିକୁ ଜବତ କରିବା ସହ ଚାଳକ ବସନ୍ତ ପତିଙ୍କୁ ଥାନାରେ ଅଟକ ରଖିଛି। ଗାଡ଼ିରେ ଥିବା ୩ ଗୋରୁଙ୍କୁ କୁଆଖିଆରେ ଥିବା ଗୋଶାଳାରେ ଛଡ଼ା ଯାଇଛି। ବେଆଇନ୍ ଗୋଚାଲାଣ ରୋକିବା କ୍ଷେତ୍ରରେ ପୋଲିସ ପ୍ରଶାସନ ଠୋସ ପଦକ୍ଷେପ ନେଉ ନ ଥିବାରୁ ସଦର ଥାନା ପରିସରରେ ନବ ଭାରତ ହିନ୍ଦୁ ସଙ୍ଗଠନର ଜିଲା କାର୍ଯ୍ୟକର୍ତ୍ତା ଓ କର୍ମୀମାନେ ଏକତ୍ରିତ ହୋଇ ବିଭିନ୍ନ ନାରାବାଜି କରିବା ସହ ଏକ ଲିଖିତ ଅଭିଯୋଗ ପ୍ରଦାନ କରିଛନ୍ତି। ଆଗାମୀଦିନରେ ସଦର ପୋଲିସ ବେଆଇନ ଗୋରୁ ଚାଲାଣ ରୋକିବାକୁ ପଦକ୍ଷେପ ନ ନେଲେ ରାଜରାସ୍ତାକୁ ଓହ୍ଲାଇବାକୁ ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

# ବାଇକ୍‌କୁ ଧକ୍କା ଦେଲା ପିକ୍‌ଅପ୍ ଭ୍ୟାନ: ମା'ପୁଅ ଗୁରୁତର

ବାଲିକୁଦା, ୨୭।୧୦(ତାପସ ସ୍ୱାଇଁ)

ବାଲିକୁଦା ଥାନା ଅନ୍ତର୍ଗତ କଟକ-ମାଛଗାଁ ମୁଖ୍ୟ ରାସ୍ତା ଆମ୍ବଶାଳ ନିକଟରେ ସୋମବାର ଏକ ବାଇକ୍‌କୁ ମହିନ୍ଦ୍ରା ପିକ୍‌ଅପ ଭ୍ୟାନ ଧକ୍କା ଦେଇଛି। ଫଳରେ ବାଇକରେ ଆସୁଥିବା ମା' ପୁଅ ଗୁରୁତର ହୋଇଛନ୍ତି। ସେମାନେ ହେଲେ ବାଲିକୁଦା ଥାନା ଅନନ୍ତପୁର ପଞ୍ଚାୟତ ଅନ୍ତର୍ଗତ ଭୁଆସୁଣୀ ଗ୍ରାମର ତୁଷାରକାନ୍ତ ବେହେରାଙ୍କ ପୁତ୍ର ଆଶୁତୋଷ ଓ ମା' ପ୍ରତିମା। ଉଭୟ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି।

ମା'ପ୍ରତିମାଙ୍କ ଦେହ ଅସୁସ୍ଥ ଥିବାରୁ ଆଶୁତୋଷ ତାଙ୍କୁ ନେଇ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଉଥିଲେ। ଆମ୍ବଶାଳଠାରୁ ବାଲିକୁଦା ପଟୁ ଦ୍ରୁତ ଗତିରେ ଆସୁଥିବା ମହିନ୍ଦ୍ରା ପିକଅପ ଭ୍ୟାନ ବାଇକ୍‌କୁ ମୁହାଁମୁହିଁ ଧକ୍କା ଦେଇଥିଲା। ଫଳରେ



ରାସ୍ତା ତଳକୁ ଖସିଯାଇଥିବା ଭ୍ୟାନ।

୨ଟି ଯାକ ଗାଡି ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଧାନ ବିଲକୁ ପଶିଯାଇଥିଲା। ଦୁର୍ଘଟଣାରେ ଆଶୁତୋଷଙ୍କ ମୁଣ୍ଡ ଫାଟି ପ୍ରଚୁର ରକ୍ତସ୍ରାବ ହେବା ସହ ଗୋଡ଼ ଭାଙ୍ଗିଯାଇଥିଲା। ଫଳରେ ସେ ବେହୋସ ହୋଇଯାଇଥିଲେ। ସେହିପରି ପ୍ରତିମାଙ୍କ ଅଣ୍ଟା ହାଡ଼ ମଧ୍ୟ ଭାଙ୍ଗି ଯାଇଛି। ସ୍ଥାନୀୟ ଲୋକେ ପୋଲିସକୁ ସୂଚନା ଦେଇଥିଲେ ମଧ୍ୟ ବିଳମ୍ବରେ ପହଞ୍ଚିବା କାରଣରୁ ପିକ୍‌ଅପ୍ ଭ୍ୟାନ ଡ୍ରାଇଭର ଗାଡ଼ି ଛାଡ଼ି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଅବଗତ କରାଇବା ପରେ ଦମକଳ କର୍ମଚାରୀ ପହଞ୍ଚି ଗୁରୁତର ଦ୍ୱୟଙ୍କୁ ଉଦ୍ଧାର କରି ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ପ୍ରତିମାଙ୍କୁ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟ ଓ ଆଶୁତୋଷଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଖବର ଲେଖା ପର୍ଯ୍ୟନ୍ତ ଥାନାରେ ଅଭିଯୋଗ ହୋଇ ନଥିବାରୁ ପୋଲିସ ମାମଲା ରୁଜୁ କରି ନ ଥିବାବେଳେ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦ୍ୱୟକୁ ହେପାଜତକୁ ନେଇ ତଦନ୍ତ ଜାରି ରଖିଛି ବୋଲି ଥାନା ଅଧିକାରୀ ସୁଶାନ୍ତ ସାହୁ କହିଛନ୍ତି।

## ନଦୀରେ ବୁଡ଼ି ମତ୍ସ୍ୟଜୀବୀ ମୃତ

ଏରସମା,୨୭।୧୦ (ଦୀପ୍ତି ଖଣ୍ଡୁଆଳ)

ନଦୀରେ ନଦୀରେ ବୁଡ଼ିଯିବାରୁ ଏରସମା ଥାନା ଅନ୍ତର୍ଗତ ଆମ୍ବିକି ପଞ୍ଚାୟତସ୍ଥିତ କାଙ୍କଣ ଗ୍ରାମର ଜଣେ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗୋବିନ୍ଦ ମାଇତି (୪୫)। ଅପରାହ୍ନରେ ଗୋବିନ୍ଦ ଡଙ୍ଗା ନେଇ କାଙ୍କଣ ନଦୀରେ ମାଛ ଧରୁଥିଲେ। କୌଣସି କାରଣରୁ ଭାରସାମ୍ୟ ହରାଇ ନଦୀ ଗର୍ଭକୁ ଖସି ପଡ଼ିଥିଲେ। ଏହାପରେ ଗ୍ରାମବାସୀ ଡଙ୍ଗା ସାହାଯ୍ୟରେ ଖୋଜାଖୋଜି କରି ଗୋବିନ୍ଦଙ୍କୁ ପାଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଗୋବିନ୍ଦଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏରସମା ଥାନାରେ ଅପମୃତ୍ୟୁ ମାମଲା (ନଂ. ୩୦/ ୨୫) ରୁଜୁ କରାଯାଇଛି।


**OFFICE OF THE PRINCIPAL**
**DERABIS COLLEGE, DERABISH, DIST. - KENDRAPARA**
**NAAC ACCREDITED - B+**
E-mail : derabishcollege@gmail.com, Website - derabiscollege.edu.in

**WANTED**

Guest lecturers in Botany, Chemistry, English, History, Odia, Physics, Political Science, Sociology and Junior Clerk, PET, Junior Librarian are wanted for immediate appointment.

Retired faculties and non-teaching members below the age of 69 years may apply through HIMS portal on or before 31/10/2025.

The salary for the above cited posts will be as per the notification of DHE, Odisha vide letter No.-57198 and 57203 on dated 23/10/2025.

Sd./- Principal-cum-Secretary
Derabis College, Derabish, Kendrapara



**OFFICE OF PRINCIPAL**
**EKLAVYA MODEL RESIDENTIAL SCHOOL**
Ministry of Tribal Affairs, Govt. of India
(Support : OMTES, SC/ST Dev. Dept., Govt. of Odisha)
At/Po - Kuchinda, Dist. - Sambalpur (768222), Odisha
Affiliated to CBSE, Delhi. Affiliation No. - 1520209
School No. - 17297 I UDISE CODE : 2103120097

**SHORT TENDER CALL NOTICE FOR HIRING OF VEHICLE**

Letter No. : 632 Date : 24.10.2025

Sealed tenders are invited in the prescribed format from registered transport agencies/vehicle owners for hiring of vehicles on a monthly/need basis for official use at EMRS Kuchinda, Dist.- Sambalpur, Odisha.

**Tender Details:**
- Tender Issue Date : 26.10.2025
- Last Date for Submission : 03.11.2025
- Tender forms and terms & conditions can be obtained from the school website https://emrskuchinda.com or office during working hours
- Date and Time of Opening of Tender Documents - 07.11.2025 at 10 AM

Interested parties may submit their sealed quotations with all required documents to the Principal, EMRS, Kuchinda, Dist.- Sambalpur, Odisha by the due date.

Notwithstanding anything contained to the contrary in the tender document, the undersigned reserves the right to cancel/ modify "invitation for bids" or to reject any or all of the bids or cancel the entire tender process without assigning any reason thereof and shall bear no liability whatsoever consequent upon such a decision.

Sd./- PRINCIPAL
EMRS, KUCHINDA, Sambalpur



**ସତର୍କତା ଜାଗରଣ ସପ୍ତାହ**
27 ଅକ୍ଟୋବର ଠାରୁ 2 ନଭେମ୍ବର 2025

**"ସତର୍କତା: ଆମର ମିଳିତ ଦାୟିତ୍ୱ"**

**➤ ଉପଭୋକ୍ତାମାନଙ୍କୁ ନିବେଦନ ◀**

- ଦୟାକରି ବୈଧ ଶୁଳ୍କଠାରୁ କୌଣସି ଅଧିକ ଶୁଳ୍କ ଦିଅନ୍ତୁ ନାହିଁ।
- ଦୟାକରି ଆପଣମାନଙ୍କ ଦ୍ୱାରା କରାଯାଇଥିବା ଶୁଳ୍କ ପୈଠର ରସିଦ୍/ଟିକଟ ମାଗି ନିଅନ୍ତୁ।
- ରେଳବାଇର କୌଣସି କର୍ମଚାରୀଙ୍କ ଦ୍ୱାରା ଲାଞ୍ଚମାଗିବା କିମ୍ବା ଭ୍ରଷ୍ଟାଚାରରେ ସଂପୃକ୍ତ ହେବା ଜାଣିବା ପରେ ଦୟାକରି ନିଜର ଅଭିଯୋଗ ବରିଷ୍ଠ ଉପ ମହାପ୍ରବନ୍ଧକ (SDGM), ପୂର୍ବ ତଟ ରେଳପଥ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-751017, ଦୂରଭାଷ ନଂ.: 0674-2300230, ଫ୍ୟାକ୍ସ ନଂ.: 0674-2301328, ଏବଂ ଇ-ମେଲ୍ ଆଇଡି: sdgm@ecor.railnet.gov.in ଙ୍କ ନିକଟକୁ ପଠାନ୍ତୁ।
- ଦୟାକରି ଅଭିଯୋଗରେ ଦସ୍ତଖତ କରନ୍ତୁ ଏବଂ ସମ୍ପୂର୍ଣ୍ଣ ଠିକଣା ଉଲ୍ଲେଖ କରନ୍ତୁ। ଇ-ମେଲ୍ ଦ୍ୱାରା କରାଯାଇଥିବା ଅଭିଯୋଗରେ ସମ୍ପୂର୍ଣ୍ଣ ଡାକ ଠିକଣା ସହିତ ଗୋଟିଏ ସ୍ୱ-ହସ୍ତାକ୍ଷରିତ ନକଲ ସଲଗ୍ନ ହେବା ଅନିବାର୍ଯ୍ୟ ଅଟେ।
- ଯଦି ଆପଣ ନିଜର ନାମ ଗୋପନୀୟ ରଖିବାକୁ ଚାହୁଁଛନ୍ତି, ତେବେ ଦୟାକରି ଅଭିଯୋଗପତ୍ରରେ ଏହା ଉଲ୍ଲେଖ କରନ୍ତୁ ଏବଂ ଗୋଟିଏ ଜଉମୁଦା/ସୁରକ୍ଷିତ ଲଫାଫାରେ ନିଜର ଅଭିଯୋଗପତ୍ରକୁ ସଚିବ, କେନ୍ଦ୍ରୀୟ ସତର୍କତା ଆୟୋଗ, ସତର୍କତା ଭବନ, ବ୍ଲକ୍-ଏ, ଜିପିଓ କମ୍ପ୍ଲେକ୍ସ, ଆଇଏନ୍‌ଏ, ନୂଆଦିଲ୍ଲୀ-110023କୁ ସମ୍ବୋଧିତ କରି ପଠାନ୍ତୁ। ଲଫାଫା ଉପରେ "ଜନହିତ ପ୍ରକଟିକରଣ ଏବଂ ସୂଚନାକାରୀଙ୍କ ସୁରକ୍ଷା ଅଧିନରେ ଅଭିଯୋଗ" କିମ୍ବା "PIDPI" ସ୍ପଷ୍ଟ ଭାବେ ଲେଖାଯିବା ଆବଶ୍ୟକ।
- ଯଦି ଆପଣଙ୍କ ନିକଟରେ ରେଳବାଇରେ ଭ୍ରଷ୍ଟାଚାର ବିଷୟରେ କୌଣସି ଅଭିଯୋଗ ଥାଏ, ତେବେ ଆପଣ ସତର୍କତା ହେଲ୍ପଲାଇନ୍ ନଂ.: 8455885031କୁ ଫୋନ କରି ସୂଚନା ଦେଇପାରିବେ।

ସତର୍କତା ହେଲ୍ପଲାଇନ୍ ନଂ. 8455885031
ପୂର୍ବ ତଟ ରେଳପଥ
www.eastcoastrail.indianrailways.gov.in
PR-727/O/25-26



**କାନାରା ବ୍ୟାଙ୍କ Canara Bank** A Government of India Undertaking
ସିଣ୍ଡିକେଟ Syndicate

**କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, ପ୍ଲଟ୍ ନଂ.: ୮୪୦/୮୫୮ ଏବଂ ୮୪୦/୮୫୯
କଟକ ଟାଉନ, ୟୁନିଟ୍ ନଂ.-୧୭, ମାଛୁଆ ବଜାର, କଟକ-୭୫୩୦୦୧

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନସ୍ୱାକ୍ଷରକାରୀ **କାନାରା ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ ଜଣେଇଦେଇଥିଲେ। ଯେହେତୁ ଋଣଗ୍ରହୀତା ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪) ସହ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତାବଳରେ ନିମ୍ନସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତିକୁ **ଦଖଲ** କରିଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି କି, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କ, ଓସ୍ତପୁର ଶାଖା** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଦେୟ ପାଇଁ ଦାୟୀ ରହିବେ।

| ଶାଖା / ଋଣଗ୍ରହୀତା / ଜାମିନ୍‌ଦାର / ବନ୍ଧକଦାତାଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ / (ଖ) ଧାରା ୧୩(୨) ନୋଟିସ୍ ତାରିଖ / (ଗ) ୧୩ (୪) ନୋଟିସ୍ ତାରିଖ / (ଘ) ବକେୟା ରାଶି |
|---|---|
| **ଓସ୍ତପୁର ଶାଖା (୪୯୬୭) / (ସାଙ୍କେତିକ ଦଖଲ)**<br>ଋଣଗ୍ରହୀତାମାନେ: ୧) ମେସର୍ସ ସାଇ ଇଲେକ୍ଟ୍ରୋନିକ୍ସ, ସ୍ୱତ୍ୱାଧିକାରୀ: ଶ୍ରୀମତୀ ମନସ୍ୱିତା ରାଉତରାୟ, ରାହାଣିଆ, ଗୋକଳପୁର, କଟକ, ପିନ୍-୭୫୪୨୦୪, ୨) ଶ୍ରୀମତୀ ମନସ୍ୱିତା ରାଉତରାୟ, ପିତା: ସଦାନନ୍ଦ ରାଉତରାୟ, ସା: କାଳିଅଣ୍ଟି, ପୋ: ଚାୟାଁପାଳ, ଥାନା: ମାହାଙ୍ଗା, ଜିଲ୍ଲା: କଟକ, ପିନ୍-୭୫୪୨୦୪ / ଜାମିନ୍‌ଦାର ଏବଂ ବନ୍ଧକଦାତା: ଶ୍ରୀ ଅସିତ କୁମାର ମହାନ୍ତି, ପିତା: ଅଜିତ କୁମାର ମହାନ୍ତି, ସା: କାଳିଅଣ୍ଟି, ପୋ: ଚାୟାଁପାଳ, ଥାନା: ମାହାଙ୍ଗା, ଜିଲ୍ଲା: କଟକ, ପିନ୍-୭୫୪୨୦୪ | (କ) ଅସିତ କୁମାର ମହାନ୍ତିଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୯୦୩/୩୫୫, ପ୍ଲଟ୍ ନଂ.: ୧୭୦୫/୩୩୫୮, କ୍ଷେତ୍ର: ଏକର୦.୦୪୦ ଡିସିମିଲି, କିସମ: ଘରବାରି, ଅନୁରୂପ ସାବକ ଖାତା ନଂ.: ୯୦୩/୧୧୩, ଅନୁରୂପ ଚକବନ୍ଦୀ ଖାତା ନଂ.: ୫୬୦, ମୌଜା: କାଳିଅଣ୍ଟି, ତହସିଲ: ମାହାଙ୍ଗା, ଜିଲ୍ଲା: କଟକ, ଏସ୍‌ଆର୍‌ଓ: ମାହାଙ୍ଗା, ଏହାର ଚତୁଃପାର୍ଶ୍ୱରେ- ଉତ୍ତର: କାଳିଅଣ୍ଟି ୟୁପିଏମ୍‌ଇ ବିଦ୍ୟାଳୟ, ଦକ୍ଷିଣ: ପ୍ଲଟ୍ ନଂ. ୧୭୦୫/୩୩୫୭, ପୂର୍ବ: ଜତିନ୍ଦ୍ର ମହାନ୍ତି, ପଶ୍ଚିମ: କେନାଲ ବନ୍ଧ ରାସ୍ତା / (ଖ) ୦୪.୦୮.୨୦୨୫ / (ଗ) ୨୪.୧୦.୨୦୨୫ / (ଘ) ଟ.୧୩,୧୫,୬୧୧.୭୭ (ତେର ଲକ୍ଷ ପନ୍ଦର ହଜାର ଛଅ ଶହ ଏଗାର ଟଙ୍କା ଏବଂ ସତସ୍ତରୀ ପଇସା ମାତ୍ର) ସହିତ ସେବାବଦ ସୁଧ ଏବଂ ଆଇନଗତ ଖର୍ଚ୍ଚ। |

ସ୍ଥାନ : କଟକ, ତାରିଖ : ୨୭.୧୦.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ



**ଇଣ୍ଡିଆନ ବ୍ୟାଙ୍କ Indian Bank** ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର - ୬, ସିଡ଼ିଏ, ପୋ.: ମର୍କତ ନଗର, କଟକ - ୭୫୩୦୧୪, zocuttack@indianbank.co.in

**ଦଖଲ ନୋଟିସ୍**
ପରିଶିଷ୍ଟ-୪ [ରୁଲ୍-୮(୧)]
ସ୍ଥାବର ସମ୍ପତ୍ତି ନିମନ୍ତେ

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩ (୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ **ଦଖଲ** ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। ଆମ୍ଭେ ସରଫେଶୀ ଆକ୍ଟର ଧାରା ୧୩(୮) ପ୍ରାବଧାନ ଏବଂ ଏହା ଅର୍ନ୍ତଗତ ନିୟମାନୁସାରେ ଆପଣଙ୍କ ଦୃଷ୍ଟି ଆକର୍ଷଣ କରୁଅଛୁ ଯାହାକି ବନ୍ଧକପ୍ରାପ୍ତ ସମ୍ପତ୍ତିକୁ ବନ୍ଧକମୁକ୍ତ କରିବାରେ ଆପଣଙ୍କ ଅଧିକାର ଅଟେ।

| ଶାଖା / ଋଣଗ୍ରହୀତା/ବନ୍ଧକଦାତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| **ବାସୁଦେବପୁର ଶାଖା /**<br>ଋଣଗ୍ରହୀତା/ବନ୍ଧକଦାତାମାନେ: ୧) ସୁରେଶ କୁମାର ପାଣି, ପିତା: ସୁରେନ୍ଦ୍ର ପ୍ରସାଦ ପାଣି, ୨) ସନ୍ତୋଷ କୁମାର ପାଣି, ପିତା: ସୁରେନ୍ଦ୍ର ପ୍ରସାଦ ପାଣି / ଗ୍ୟାରେଣ୍ଟିଦାତା: ରଙ୍ଗଲତା ଧୁପାଳ, ସ୍ୱାମୀ: ସୁରେନ୍ଦ୍ର ପ୍ରସାଦ ପାଣି, ସମସ୍ତଙ୍କ ଠିକଣା- ସା: ବଡ ଆନନ୍ଦପୁର, ପୋ: ବଛିପୁର, ଥାନା: ବାସୁଦେବପୁର, ଜିଲ୍ଲା: ଭଦ୍ରକ, ଓଡିଶା-୭୫୬୧୬୫ | ୧୪.୦୭.୨୦୨୫ ସୁଦ୍ଧା ଟ.୧୦,୬୬,୬୨୦/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୪.୦୭.୨୦୨୫ / ୨୭.୧୦.୨୦୨୫ | ସୁରେଶ କୁମାର ପାଣି ଏବଂ ସନ୍ତୋଷ କୁମାର ପାଣିଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୨୩୭/୧୪୦, ରେଭିନ୍ୟୁ ପ୍ଲଟ୍ ନଂ.: ୨୨୬/୭୮୭, ପରିମିତ କ୍ଷେତ୍ର: ଏକର୦.୧୩ ଡିସିମିଲି, ମୌଜା: ବଡ ଆନନ୍ଦପୁର, ଥାନା: ବାସୁଦେବପୁର, ତହସିଲ: ବାସୁଦେବପୁର, ଜିଲ୍ଲା: ଭଦ୍ରକ, ଓଡିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ଶଙ୍କର୍ଷଣ ପାଣି, ଦକ୍ଷିଣ: ରାସ୍ତା, ପୂର୍ବ: କ୍ରେତା ନିଜେ, ପଶ୍ଚିମ: ଅଶୋକ ଜେନା |
| **କଟକ ଜଗତ୍‌ପୁର ଶାଖା /**<br>ଋଣଗ୍ରହୀତା/ବନ୍ଧକଦାତା: ଶାନ୍ତିଲତା ଦାସ, ସ୍ୱାମୀ: ରବିନ୍ଦ୍ର ନାଥ ଦାସ / ଋଣଗ୍ରହୀତା: ସୁବ୍ରତ କୁମାର ଦାସ, ପିତା: ରବିନ୍ଦ୍ର ନାଥ ଦାସ, ଉଭୟଙ୍କ ଠିକଣା-୧: ସା/ପୋ: ଜଙ୍କିଆ (ଗଡସାହି), ଥାନା: କଣାସ, ଜିଲ୍ଲା: ପୁରୀ, ପିନ୍-୭୫୨୦୨୦, ଠିକଣା-୨: ପ୍ଲଟ୍ ନଂ.: ୬୭୪/୨୮୮୭, ଗୋପିନାଥପୁର, ପୋ: ଭୈରପୁର, ତହସିଲ/ ଥାନା: ସାଲେପୁର, ଜିଲ୍ଲା: କଟକ, ପିନ୍-୭୫୪୨୦୦ | ୦୭.୦୮.୨୦୨୫ ସୁଦ୍ଧା ଟ.୧୦,୬୭,୫୬୬/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୦୭.୦୮.୨୦୨୫ / ୨୨.୧୦.୨୦୨୫ | ଶାନ୍ତିଲତା ଦାସ, ସ୍ୱାମୀ: ରବିନ୍ଦ୍ର ନାଥ ଦାସଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୫୮୫/୩୬୪, ପ୍ଲଟ୍ ନଂ.: ୬୭୪/୨୮୮୭, କ୍ଷେତ୍ର: ଏକର୦.୦୪୪ ଡିସିମିଲି, ପ୍ରକାର: ଘରବାରୀ, ମୌଜା: ଗୋପିନାଥପୁର, ପୋ: ଭୈରପୁର, ତହସିଲ: ସାଲେପୁର ନଂ.: ୫୧, ଥାନା: ସାଲେପୁର ନଂ.: ୪, ଜିଲ୍ଲା: କଟକ, ଓଡିଶା, ଏହାର ଚାରିପାର୍ଶ୍ୱରେ (ବିକ୍ରୟ ଦଲିଲ୍ ଅନୁଯାୟୀ) ଉତ୍ତର: ବିକ୍ରେତା, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୬୭୫, ପଶ୍ଚିମ: ରାସ୍ତା |

ସ୍ଥାନ: କଟକ, ତାରିଖ : ୨୭.୧୦.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

# ନୂତନ ଆର୍‌ଆଇ ଅଫିସକୁ ରାସ୍ତା ନାହିଁ

■ନିର୍ମାଣ ଶେଷ ହୋଇଥିଲେ ମଧ ହୋଇପାରୁନି କାର୍ଯ୍ୟକ୍ଷମ
■ବିଭାଗୀୟ ଯନ୍ତ୍ରୀଙ୍କ କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନ

ନୂଆଗାଁ, ୨୭।୧୦(ଧନେଶ୍ୱର ସାହୁ)


ରାସ୍ତା ନ ଥିବାରୁ କାର୍ଯ୍ୟକ୍ଷମ ହେଉ ନ ଥିବା ମାଳିସାହି ଆର୍‌ଆଇ ଅଫିସ।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ୍ ମାଳିସାହିଠାରେ ରାଜସ୍ୱ ନିରୀକ୍ଷକ(ଆର୍‌ଆଇ)ଙ୍କ ନୂତନ କାର୍ଯ୍ୟାଳୟ ନିର୍ମାଣ କରାଯାଇଛି। କିନ୍ତୁ ଏଠାକୁ ଯିବା ଆସିବା କରିବା ପାଇଁ ରାସ୍ତା ନ ଥିବାରୁ କାର୍ଯ୍ୟାଳୟଟି କାର୍ଯ୍ୟକ୍ଷମ ହୋଇ ପାରୁନାହିଁ କିମ୍ବା ଜନସାଧାରଣଙ୍କ କାମରେ ଆସୁ ନ ଥିବା ଅଭିଯୋଗ ହେଉଛି।

ଲୋକଙ୍କ ନିକଟରେ ସେବା ଯୋଗାଇଦେବା ପାଇଁ ସରକାର ବହୁ ଅର୍ଥ ବ୍ୟୟକରି ପ୍ରକଳ୍ପ ନିର୍ମାଣ କରୁଛନ୍ତି। ଅନେକ ସ୍ଥାନରେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ମଧ ତାହା କାର୍ଯ୍ୟକ୍ଷମ ହେବାରେ ବିଳମ୍ବ ହେଉଛି। ଫଳରେ ସରକାରଙ୍କ ଉଦ୍ଦେଶ୍ୟ ସଫଳ ହେବାରେ ବିଳମ୍ବ ହେବା ସହ ଲୋକମାନେ ପୂର୍ବପରି ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଯାହାର ଉଦାହରଣ ମାଳିସାହିଠାରେ ନିର୍ମାଣ କରାଯାଇଥିବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ। ନୂଆଗାଁ ତହସିଲ କାର୍ଯ୍ୟାଳୟ ଅଧୀନରେ ପୂର୍ବରୁ ୪ଟି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ରହିଥିଲା। ଆର୍‌ଆଇ ଅଫିସରେ ଲୋକମାନଙ୍କର ଅନେକ କାର୍ଯ୍ୟ ରହୁଥିବାରୁ ସେମାନେ ଦୂରଦୂରାନ୍ତରୁ ଆସି ନିଜ ଆର୍‌ଆଇ ଅଫିସରୁ କାର୍ଯ୍ୟ ହାସଲ କରିବାରେ ଅସୁବିଧାର ସମ୍ମୁଖୀନ ହେବା ସହ ଖର୍ଚ୍ଚାନ୍ତ ମଧ ହେଉଥିଲେ। ତେଣୁ ସବୁ ବର୍ଗର ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନୂଆଗାଁ ତହସିଲ ଅଧୀନରେ ନୂତନ ଭାବେ ଆଉ ୩ଟି ଆର୍‌ଆଇ ଅଫିସ ଖୋଲାଗଲା। ସେଥିରୁ ମାଳିସାହିଠାରେ ଗୋଟିଏ ଆର୍‌ଆଇ ଅଫିସ ଗୃହ ନିର୍ମାଣ କରାଗଲା, ଯାହାକି ମାଳିସାହିର କଂକ୍ରିଟ ରାସ୍ତାକୁ ଲାଗି ନିର୍ମାଣ କରାଯାଇଛି। କିନ୍ତୁ ଗୃହଟିର ନିର୍ମାଣ ଶୈଳୀ ଏପରି କରାଯାଇଛି ରାସ୍ତାରୁ କାର୍ଯ୍ୟାଳୟକୁ ଯିବାକୁ ବାଟ ନାହିଁ। କଂକ୍ରିଟ ରାସ୍ତାକଡ଼ରେ ଖାଲ ହୋଇ ରହିଛି। କାର୍ଯ୍ୟାଳୟର ଗୋଟିଏ ପଟେ ରାସ୍ତା ଓ ଅନ୍ୟ ଦୁଇପଟେ ଗହୀର ଥିବା ବେଳେ କାର୍ଯ୍ୟାଳୟଟି ଖାଲରେ ରହିଛି। ବର୍ଷା ହେଲେ କାର୍ଯ୍ୟାଳୟ ପରିସର ପାଣି ବାହାରକୁ ଯିବା ପାଇଁ ବାଟ ନାହିଁ। ତେବେ କାର୍ଯ୍ୟାଳୟ ନିର୍ମାଣ କରିବା ପୂର୍ବରୁ ପ୍ରଥମେ ରାସ୍ତା ତିଆରିକରି ଉକ୍ତ ସ୍ଥାନକୁ ମାଟି ପକାଇ ପୋତିବା ଆବଶ୍ୟକତା ଥିବା ବେଳେ ତାହା କରାଯାଇ ନାହିଁ। ଏହାକୁ ଦେଖି ଲୋକମାନେ କାର୍ଯ୍ୟ କରାଇବା ଦାୟିତ୍ୱ ନେଇଥିବା ବିଭାଗର ଯନ୍ତ୍ରୀଙ୍କ କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନ କରିଛନ୍ତି। ମାଳିସାହି ଗ୍ରାମର ଆନନ୍ଦ ପ୍ରଧାନ କୁହନ୍ତି, ପୂର୍ବ ସରକାର ଯେପରି ତାଙ୍କ କାମ ସେପରି ଆଉ କାମ କରାଉଥିବା କନିଷ୍ଠ ଯନ୍ତ୍ରୀ ମଧ ସେମିତିଆ। କାମ ସରିବାର ବର୍ଷେ ହେଲାଣି ରାସ୍ତା ହୋଇପାରୁନାହିଁ କି ଅଫିସ୍ ଚାଲୁନାହିଁ ବୋଲି ସେ କହିଛନ୍ତି।

ଆର୍‌ଆଇ ଅଫିସ କାର୍ଯ୍ୟକ୍ଷମ ସମ୍ପର୍କରେ ନୂଆଗାଁ ତହସିଲଦାର ହେମନ୍ତ କୁମାର ନାୟକଙ୍କୁ ପଚାରିବାରେ କାର୍ଯ୍ୟାଳୟକୁ ରାସ୍ତା ତିଆରି କରିବାକୁ କହିଛୁ। ରାସ୍ତା ହୋଇଗଲେ ଶୀଘ୍ର କାର୍ଯ୍ୟକ୍ଷମ କରିବୁ ବୋଲି ସେ କହିଛନ୍ତି।

# ନଭେମ୍ବର ୬ରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ପ୍ରସ୍ତୁତି ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି।

## ଓଡ଼ଗାଁ ବ୍ଲକ

ଓଡ଼ଗାଁ, ୨୭।୧୦
(ଆଦର୍ଶ କୁମାର ପଟ୍ଟନାୟକ )

ନଭେମ୍ବର ୬ ରେ ନୟାଗଡ଼ ଜିଲା ଓଡ଼ଗାଁ ରଘୁନାଥ ସରକାରୀ ଉଚ୍ଚ ବିଦ୍ୟାଳୟରେ ଓଡ଼ଗାଁ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ୨୦୨୫ ଅନୁଷ୍ଠିତ ହେବ। ଏହାକୁ ଆୟୋଜନ ନିମନ୍ତେ ବ୍ଲକ ସଭାଗୃହରେ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଜିତେନ୍ଦ୍ର କୁମାର ନାୟକ, ସାମାଜିକ ସୁରକ୍ଷା ଅଧିକାରୀ ରାଜସ୍ୱିନୀ ପ୍ରଧାନ ବୈଠକରେ ଯୋଗଦେଇ ୩୬ ପଞ୍ଚାୟତ ସହିତ ଓଡ଼ଗାଁ ଏନ୍‌ଏସିର ୭ଶହରୁ ଊର୍ଦ୍ଧ୍ୱ ଆବେଦନକାରୀ ଅଂଶଗ୍ରହଣ କରିବାର ସମ୍ଭାବନା ରହିଥିବା ଆକଳନ କରିଥିଲେ। ମାନସିକ ଅନଗ୍ରସରମାନଙ୍କୁ ଚିହ୍ନଟ କରିବା ନିମନ୍ତେ ଏଥର ୨ଜଣ ସାଇକୋଲୋଜିଷ୍ଟ ଆସୁଥିବା ବେଳେ ମେଡିସିନ, ଅସ୍ଥିଶଲ୍ୟ, ଚକ୍ଷୁ, ଶ୍ରବଣ ଓ ବାକ୍‌ବାଧିତ ବିଶେଷଜ୍ଞ ଭିନ୍ନକ୍ଷମ ଚିହ୍ନଟ କରିବେ। ଶୂନରୁ ୬ବର୍ଷ ବୟସର ଶିଶୁ ଏବଂ ତଦୂର୍ଦ୍ଧ୍ୱ ବିଦ୍ୟାଳୟଗୁଡ଼ିକର ଭିନ୍ନକ୍ଷମ ଛାତ୍ରୀଛାତ୍ରମାନେ ଅଥବା ଅନ୍ୟ ଆବେଦନକାରୀମାନେ ଅନ୍‌ଲାଇନ୍ ମାଧମରେ ଆବେଦନ କରି ସାଙ୍ଗରେ ସେହି ଆବେଦନ ପତ୍ର ସହିତ ଫଟୋ, ଆଧାର କାର୍ଡ ଏବଂ ରାଶନ କାର୍ଡର ନକଲ କପି ସାଙ୍ଗରେ ନେଇ ଆସିବେ। ଯେଉଁ ହିତାଧିକାରୀମାନେ ପୁରୁଣା ହାତଲେଖା ଭିନ୍ନକ୍ଷମ ପ୍ରମାଣପତ୍ର ରଖିଛନ୍ତି ସେମାନେ ଅନ୍‌ଲାଇନ୍‌ରେ ପୁନଃ ଆବେଦନ କରି ହାତଲେଖା ପ୍ରମାଣପତ୍ର ସହିତ ଅନ୍‌ଲାଇନ୍ ଆବେଦନ ପତ୍ର ସାଙ୍ଗରେ ଆଣିବେ। ଶିବିରରେ ଶାନ୍ତି ଶୃଙ୍ଖଳା ପାଇଁ ପୋଲିସ, ସ୍ୱଚ୍ଛତା ପାଇଁ ଏନ୍‌ଏସି, ପାନୀୟଜଳ ଯୋଗାଣ ପାଇଁ ଆରଡବ୍ଲ୍ୟୁଏସ୍‌ଏସ୍, ଦୁର୍ଘଟଣା ପାଇଁ ଅଗ୍ନିଶମ ବାହିନୀ, ଫାଷ୍ଟଏଡ୍ ସେବା ଯୋଗାଇ ଦେବାକୁ ଓଡ଼ଗାଁ ମେଡିକାଲ ଅଫିସର ଉପସ୍ଥିତ ରହିବେ।

# ଜିଲାପାଳଙ୍କ ଅଭିଯୋଗ ଶୁଣାଣି

ଭାପୁର, ୨୭।୧୦
(ପ୍ରଭାତ ବରାଡ )


ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

ନୟାଗଡ଼ ଜିଲା ଭାପୁର ବ୍ଲକ ସଭାଗୃହରେ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧକ୍ଷତାରେ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ଲୋକମାନଙ୍କର ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ। ପଞ୍ଜୀକୃତ ୬୮ ମଧ୍ୟରୁ ବ୍ୟକ୍ତିଗତ ଭାବେ ୬୧ ଅଭିଯୋଗ ଥିଲା। ସାମୂହିକ ଗ୍ରାମ୍ୟ ବିବାଦ ୩ ଗୋଟିଏ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୪ ଅଭିଯୋଗ ହୋଇଥିଲା। ୧୭ ଅଭିଯୋଗର ତତ୍କାଳୀନ ସମାଧାନ କରାଯାଇଛି। ଅନ୍ୟ ଅଭିଯୋଗଗୁଡ଼ିକୁ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଶିବିରରେ ଜିଲା ଆରକ୍ଷୀ ଅଧୀକ୍ଷକ ଏସ୍.ସୁଶ୍ରୀ, ଅତିରିକ୍ତ ଜିଲାପାଳ ବିଚିତ୍ରାନନ୍ଦ ନାୟକ, ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଗ୍ନଜିତ ରାଉତ, ସିଡିଏମ୍‌ଓ ଶୁଶାନ୍ତ କୁମାର ଦାସ, ବିଡିଓ ଶାରଦା ପ୍ରସନ୍ନ ପଣ୍ଡା , ତହସିଲଦାର ଅର୍ଜ୍ଜୁନ କୁମାର ପ୍ରଧାନ, ଖଣ୍ଡପଡ଼ା ଏସ୍‌ଡିପିଓ ମଦନମୋହନ ପ୍ରଧାନ, ଫତେଗଡ ଥାନା ଅଧିକାରୀ ପଞ୍ଚାନନ ପରିଡ଼ା, ଭାପୁର ବିଟ୍ ହାଉସ ଅଧିକାରୀ ଶୁଶାନ୍ତ କୁମାର ବେହେରା, ଜିଲାସ୍ତରୀୟ ପଦାଧିକାରୀ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ସମସ୍ୟାଗୁଡ଼ିକର ଶୁଣାଣି କରିବାରେ ଜିଲାପାଳଙ୍କୁ ସହଯୋଗ କରିଥିଲେ। ସୋମବାର ଭାପୁର ବ୍ଲକରେ ଜିଲାପାଳଙ୍କ ଜନଶୁଣାଣି ୧୦.୩୦ରେ ରହିଥିଲେ ମଧ ଖବରଦାତାମାନଙ୍କୁ ବ୍ଲକ ପ୍ରଶାସନ ସକାଳ ୧୦.୧୫ ରେ ଜଣାଇଥିଲେ।

# ସ୍କୁଲ, ଅଙ୍ଗନୱାଡି କେନ୍ଦ୍ର ୨ ଦିନ ଛୁଟି

## ସମ୍ଭାବ୍ୟ ବାତ୍ୟା ପାଇଁ ଜିଲାପାଳଙ୍କ ନିଷ୍ପତ୍ତି

ନୟାଗଡ,୨୭।୧୦(ଲୋକନାଥ ମିଶ୍ର)

ସମ୍ଭାବ୍ୟ ବାତ୍ୟା ମୋନ୍ଥା ପ୍ରଭାବ ନୟାଗଡ ଜିଲାରେ ଆରମ୍ଭ ହୋଇଯାଇଛି। ବର୍ଷା ସାଙ୍ଗକୁ ସୁଲୁସୁଲିଆ ପବନ ବହୁଛି। ବାତ୍ୟା ମୁକାବିଲା ପାଇଁ ଆଗୁଆ ସତର୍କ ରହିବାକୁ ଜିଲା ପ୍ରଶାସନ ପରାମର୍ଶ ଦେଇଛି। ତେବେ ବାତ୍ୟା ସମ୍ପର୍କରେ ପ୍ରଶାସନ ପକ୍ଷରୁ ଆଦୌ ସଚେତନତା କରାଯାଉ ନାହିଁ। ନୟାଗଡ ଜିଲାର ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରକୁ ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ୨୮ ଓ ୨୯ ତାରିଖ ଦୁଇ ଦିନ ପାଇଁ ଛୁଟି ଘୋଷଣା କରିଛନ୍ତି। ଏଭଳି ସ୍ଥଳେ ଜିଲାର ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ର ଛୁଟି ରହିବ। ଛୁଟି ନେଇ ଜିଲା ପ୍ରଶାସନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇ ନାହିଁ। ତେବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ ଦୁଇ ଦିନର ଛୁଟି ନେଇ ପ୍ରେସ ବିବୃତି ଦେଇଛନ୍ତି। ଜିଲା ଶିକ୍ଷା ଅଧିକାରୀ ଚିତ୍ତ ରଞ୍ଜନ ପାଣ୍ଡେ କହିଛନ୍ତି, ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ର ବାତ୍ୟା ଯୋଗୁ ଦୁଇ ଦିନ ଛୁଟି ଘୋଷଣା ହୋଇଛି। ଅଭିଭାବକଙ୍କୁ ଅନୁରୋଧ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରକୁ ଛାତ୍ରୀଛାତ୍ର ଓ ଛୋଟ ଛୋଟ ପିଲାମାନଙ୍କୁ ଛାଡନ୍ତୁ ନାହିଁ।ଅପରପକ୍ଷେ ଜିଲାର ବିଭିନ୍ନ ସ୍ଥାନରେ ଡୁହାକୁ ଡୁହା ବର୍ଷା ହେଉଛି।

**OFFICE OF THE PRINCIPAL**
**DERABIS COLLEGE, DERABISH, DIST. - KENDRAPARA**
**NAAC ACCREDITED - B+**
E-mail : derabishcollege@gmail.com, Website - derabiscollege.edu.in

**WANTED**

Guest lecturers in Botany, Chemistry, English, History, Odia, Physics, Political Science, Sociology and Junior Clerk, PET, Junior Librarian are wanted for immediate appointment.

Retired faculties and non-teaching members below the age of 69 years may apply through HIMS portal on or before 31/10/2025.

The salary for the above cited posts will be as per the notification of DHE, Odisha vide letter No.-57198 and 57203 on dated 23/10/2025.

Sd./- Principal-cum-Secretary
Derabis College, Derabish, Kendrapara

# ଦଶପଲ୍ଲା ପୋଲିସ ପକ୍ଷରୁ ସାଇବର ସଚେତନତା



ମଞ୍ଚାସୀନ ଅତିଥି ବୃନ୍ଦ।

ଦଶପଲ୍ଲା, ୨୭।୧୦(ପ୍ରକାଶ କୁମାର ପାଣି)

ଦଶପଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ଏକ ସାଇବର ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଦଶପଲ୍ଲା ଥାନା ଆଇଆଇସିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଦଶପଲ୍ଲା ବ୍ଲକ ଚେୟାରମ୍ୟାନ ସୁନନ୍ଦା ସାହୁ, ଏନ୍‌ଏସି ଚେୟାରମେନ ଇଂ ପୁନମ ପ୍ରିୟଦର୍ଶିନୀ,ନୟାଗଡ଼ ଜିଲା ଅତିରିକ୍ତ ଏସ୍‌ପି ସୁବାସ ଚନ୍ଦ୍ର ପଣ୍ଡା,ଡିଏସ୍‌ପି ସୁକାନ୍ତ ପାତ୍ର ଏବଂ ନୟାଗଡ଼ ଏସ୍‌ଡିପିଓ ଜ୍ୟୋତି ରଞ୍ଜନ ସାମନ୍ତରାୟ ପ୍ରମୁଖ ଯୋଗଦ ଦେଇଥିଲେ। ସାଇବର ଠକେଇ ପ୍ରତି ଜନସାଧାରଣ ସଚେତନ ହେଲେ ଏହାକୁ ରୋକାଯାଇ ପାରିବ। ତେଣୁ ଜନସାଧାରଣ ସଚେତନତା ହେବା ନିହାତି ଆବଶ୍ୟକ ବୋଲି ଅତିଥିମାନେ ଆହ୍ୱାନ ଦେଇଥିଲେ। ଯଦି କେହି ଏହାର ଶିକାର ହୁଅନ୍ତି, ତେବେ ସଙ୍ଗେ ସଙ୍ଗେ ପୋଲିସକୁ ସୂଚନା ଦେବାକୁ କୁହାଯାଇଥିଲା। କାର୍ଯ୍ୟକ୍ରମରେ ଦଶପଲ୍ଲା ଅଞ୍ଚଳର ବହୁ ଛାତ୍ରୀଛାତ୍ର ଏବଂ ଜନସାଧାରଣ ଯୋଗ ଦେଇଥିଲେ। ସାଇବର ସଚେତନତା ଉପରେ ଏକକ ଅଭିନୟ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।। ଆଗାମୀ ଦିନରେ ଏହି ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବ ବୋଲି ଦଶପଲ୍ଲା ଥାନା ଆଇଆଇସି ବିନୟ ରଞ୍ଜନ ପରିଡା କହିବା ସହ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

**ସତର୍କତା ଜାଗରଣ ସପ୍ତାହ**
27 ଅକ୍ଟୋବର ଠାରୁ 2 ନଭେମ୍ବର 2025

**"ସତର୍କତା: ଆମର ମିଳିତ ଦାୟିତ୍ୱ"**

➤ ଉପଭୋକ୍ତାମାନଙ୍କୁ ନିବେଦନ ➤

- ଦୟାକରି ବୈଧ ଶୁଳ୍କଠାରୁ କୌଣସି ଅଧିକ ଶୁଳ୍କ ଦିଅନ୍ତୁ ନାହିଁ।
- ଦୟାକରି ଆପଣମାନଙ୍କ ଦ୍ୱାରା କରାଯାଇଥିବା ଶୁଳ୍କ ପୈଠର ରସିଦ୍/ଟିକଟ ମାଗି ନିଅନ୍ତୁ।
- ରେଳବାଇର କୌଣସି କର୍ମଚାରୀଙ୍କ ଦ୍ୱାରା ଲାଞ୍ଚମାଗିବା କିମ୍ବା ଭ୍ରଷ୍ଟାଚାରରେ ସଂଯୁକ୍ତ ହେବା ଜାଣିବା ପରେ ଦୟାକରି ନିଜର ଅଭିଯୋଗ ବରିଷ୍ଠ ଉପ ମହାପ୍ରବନ୍ଧକ (SDGM), ପୂର୍ବ ତଟ ରେଳପଥ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-751017, ଦୂରଭାଷ ନଂ.: 0674-2300230, ଫ୍ୟାକ୍ସ ନଂ.: 0674-2301328, ଏବଂ ଇ-ମେଲ୍ ଆଇଡି: sdgm@ecor.railnet.gov.in ଙ୍କ ନିକଟକୁ ପଠାନ୍ତୁ।
- ଦୟାକରି ଅଭିଯୋଗରେ ଦସ୍ତଖତ କରନ୍ତୁ ଏବଂ ସମ୍ପୂର୍ଣ୍ଣ ଠିକଣା ଉଲ୍ଲେଖ କରନ୍ତୁ। ଇ-ମେଲ୍ ଦ୍ୱାରା କରାଯାଇଥିବା ଅଭିଯୋଗରେ ସମ୍ପୂର୍ଣ୍ଣ ଡାକ ଠିକଣା ସହିତ ଗୋଟିଏ ସ୍ୱ-ହସ୍ତାକ୍ଷରିତ ନକଲ ସଲଗ୍ନ ହେବା ଅନିବାର୍ଯ୍ୟ ଅଟେ।
- ଯଦି ଆପଣ ନିଜର ନାମ ଗୋପନୀୟ ରଖିବାକୁ ଚାହୁଁଛନ୍ତି, ତେବେ ଦୟାକରି ଅଭିଯୋଗପତ୍ରରେ ଏହା ଉଲ୍ଲେଖ କରନ୍ତୁ ଏବଂ ଗୋଟିଏ ଜଉମୁଦା/ସୁରକ୍ଷିତ ଲଫାଫାରେ ନିଜର ଅଭିଯୋଗପତ୍ରକୁ ସଚିବ, କେନ୍ଦ୍ରୀୟ ସତର୍କତା ଆୟୋଗ, ସତର୍କତା ଭବନ, ବ୍ଲକ୍-ଏ, ଜିପିଓ କମ୍ପ୍ଲେକ୍ସ, ଆଇଏନ୍‌ଏ, ନୂଆଦିଲ୍ଲୀ-110023କୁ ସମ୍ବୋଧିତ କରି ପଠାନ୍ତୁ। ଲଫାଫା ଉପରେ "ଜନହିତ ପ୍ରକଟିକରଣ ଏବଂ ସୂଚନାକାରୀଙ୍କ ସୁରକ୍ଷା ଅଧିନରେ ଅଭିଯୋଗ" କିମ୍ବା "PIDPI" ସ୍ପଷ୍ଟ ଭାବେ ଲେଖାଯିବା ଆବଶ୍ୟକ।
- ଯଦି ଆପଣଙ୍କ ନିକଟରେ ରେଳବାଇରେ ଭ୍ରଷ୍ଟାଚାର ବିଷୟରେ କୌଣସି ଅଭିଯୋଗ ଥାଏ, ତେବେ ଆପଣ ସତର୍କତା ହେଲ୍ପଲାଇନ୍ ନଂ.: 8455885031କୁ ଫୋନ କରି ସୂଚନା ଦେଇପାରିବେ।

ସତର୍କତା ହେଲ୍ପଲାଇନ୍ ନଂ. 8455885031
ପୂର୍ବ ତଟ ରେଳପଥ
www.eastcoastrail.indianrailways.gov.in
PR-727/O/25-26

**OFFICE OF PRINCIPAL**
**EKLAVYA MODEL RESIDENTIAL SCHOOL**
Ministry of Tribal Affairs, Govt. of India
(Support : OMTES, SC/ST Dev. Dept., Govt. of Odisha)
At/Po - Kuchinda, Dist. - Sambalpur (768222), Odisha
Affiliated to CBSE, Delhi. Affiliation No. - 1520209
School No. - 17297 I UDISE CODE : 2103120097

**SHORT TENDER CALL NOTICE FOR HIRING OF VEHICLE**

Letter No. : 632 Date : 24.10.2025

Sealed tenders are invited in the prescribed format from registered transport agencies/vehicle owners for hiring of vehicles on a monthly/need basis for official use at EMRS Kuchinda, Dist.- Sambalpur, Odisha.

**Tender Details:**
- Tender Issue Date : 26.10.2025
- Last Date for Submission : 03.11.2025
- Tender forms and terms & conditions can be obtained from the school website https://emrskuchinda.com or office during working hours
- Date and Time of Opening of Tender Documents - 07.11.2025 at 10 AM

Interested parties may submit their sealed quotations with all required documents to the Principal, EMRS, Kuchinda, Dist.-Sambalpur, Odisha by the due date.

Notwithstanding anything contained to the contrary in the tender document, the undersigned reserves the right to cancel/ modify "invitation for bids" or to reject any or all of the bids or cancel the entire tender process without assigning any reason thereof and shall bear no liability whatsoever consequent upon such a decision.

Sd./- PRINCIPAL
EMRS, KUCHINDA, Sambalpur

# ଦିବାରାତ୍ର ଏକଦିବସୀୟ ଭଲିବଲ ଟୁର୍ନାମେଣ୍ଟ, ବାଇଗୁଣିଆ ଚାମ୍ପିୟନ

ଖଣ୍ଡପଡ଼ା, ୨୭।୧୦
(ଅଜୟ କୁମାର ମହାରଣା)


ଟ୍ରଫି ସହ ବିଜୟୀ ଦଳ ।

ଖଣ୍ଡପଡ଼ା ବ୍ଲକ ବାହାଡ଼ା ଗ୍ରାମରେ ମା' ବାହାଡ଼ାଶୁଣୀ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ରବିବାର ଦିବାରାତ୍ର ଏକ ଦିବସୀୟ ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ଅଧିନ ବାହାଡ଼ା, ବାଇଗୁଣିଆ, ବୋରଗାଁ, ଖଳିସାହି, ମାଧପୁର, ବାଘୁଆପଲ୍ଲୀ ଓ ଜଗନ୍ନାଥପ୍ରସାଦ ଆଦି ଗ୍ରାମ ଭଲିବଲ ଟିମ୍‌କୁ ନେଇ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଶେଷରେ ବାଇଗୁଣିଆ ଓ ମାଧପୁର ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମ୍ୟାଚରେ ମାଧପୁରକୁ ହରାଇ ବାଇଗୁଣିଆ ଦଳ ଚାମ୍ପିୟନ ହୋଇଥିଲା । ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ଅନୁଷ୍ଠାନ ପକ୍ଷରୁ ଟ୍ରଫି ପ୍ରଦାନ କରାଯାଇଥିଲା। ଅତିଥି ଭାବେ ପ୍ରଦୀପ କୁମାର ପାଇକରାୟ, କଟକ ଏମ୍ପିଙ୍କ ଜିଲା ପ୍ରତିନିଧି ଗୟାଧର ପରିଡ଼ା, ସାମାଜକର୍ମୀ ନାରାୟଣ ମହାରଣା, ଉଦ୍ୟୋଗପତି ମନୋଜ କୁମାର ପାଲ, ରାଜ କିଶୋର ଦଳେଇ, ତୋଫାନ ପଢ଼ିଆରୀ, ଦୁର୍ଯ୍ୟୋଧନ ପରିଡ଼ା, ଅଭୟ କୁମାର ମିଶ୍ର ଓ ସିଦ୍ଧେଶ୍ୱର ବେହେରା ପ୍ରମୁଖ ଯୋଗଦେଇ ଟୁର୍ନାମେଣ୍ଟ ଆୟୋଜକ ଓ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସାମାଜିକ କର୍ମୀ ମହେନ୍ଦ୍ର କୁମାର ବାରିକ ଓ ଅକ୍ଷୟ କୁମାର ନାୟକ ରେଫରୀ ଭାବେ ଦାୟିତ୍ୱ ତୁଲାଇଥିଲେ । ସୂଚନାଯୋଗ୍ୟ, ମା' ବାହାଡାଶୁଣୀ ସ୍ପୋର୍ଟ୍ସ କ୍ଲବର ସଦସ୍ୟ ସର୍ଗତ ଫୁକୁନା ମିଶ୍ର ଓ ସନ୍ତୋଷ କୁମାର ନାୟକଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ଏହି ଟୁର୍ନାମେଣ୍ଟର ଆୟୋଜନ କରାଯାଇଥିବା ଆୟୋଜକଙ୍କ ସୂତ୍ରରୁ ପ୍ରକାଶ ।

କାନାରା ବ୍ୟାଙ୍କ Canara Bank
ସିଣ୍ଡିକେଟ Syndicate
**କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, ପ୍ଲଟ୍ ନଂ.: ୮୪୦/୮୫୮ ଏବଂ ୮୪୦/୮୫୯
କଟକ ଟାଉନ, ୟୁନିଟ୍ ନଂ.-୧୭, ମାଛୁଆ ବଜାର, କଟକ-୭୫୩୦୦୧

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନସ୍ୱାକ୍ଷରକାରୀ **କାନାରା ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ ଜଣେଇଦେଇଥିଲେ। ଯେହେତୁ ଋଣଗ୍ରହୀତା ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪) ସହ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତାବଳରେ ନିମ୍ନସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତିକୁ **ଦଖଲ** କରିଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି କି, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କ, ଓସ୍ତପୁର ଶାଖା** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଦେୟ ପାଇଁ ଦାୟୀ ରହିବେ।

| ଶାଖା / ଋଣଗ୍ରହୀତା / ଜାମିନ୍‌ଦାର / ବନ୍ଧକଦାତାଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ / (ଖ) ଧାରା ୧୩(୨) ନୋଟିସ୍ ତାରିଖ / (ଗ) ୧୩ (୪) ନୋଟିସ୍ ତାରିଖ / (ଘ) ବକେୟା ରାଶି |
|---|---|
| **ଓସ୍ତପୁର ଶାଖା (୪୯୬୭) / (ସାଙ୍କେତିକ ଦଖଲ)** ଋଣଗ୍ରହୀତାମାନେ: ୧) **ମେସର୍ସ ସାଇ ଇଲେକ୍ଟ୍ରୋନିକ୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ମନସ୍ୱିତା ରାଉତରାୟ,** ରାହାଣିଆ, ଗୋକଳପୁର, କଟକ, ପିନ୍-୭୫୪୨୦୪, ୨) **ଶ୍ରୀମତୀ ମନସ୍ୱିତା ରାଉତରାୟ,** ପିତା: ସଦାନନ୍ଦ ରାଉତରାୟ, ସା: କାଳିଅଣ୍ଡି, ପୋ: ଚାୟାଁପାଳ, ଥାନା: ମାହାଙ୍ଗା, ଜିଲ୍ଲା: କଟକ, ପିନ୍-୭୫୪୨୦୪ / ଜାମିନ୍‌ଦାର ଏବଂ ବନ୍ଧକଦାତା: **ଶ୍ରୀ ଅସିତ କୁମାର ମହାନ୍ତି,** ପିତା: ଅଜିତ କୁମାର ମହାନ୍ତି, ସା: କାଳିଅଣ୍ଡି, ପୋ: ଚାୟାଁପାଳ, ଥାନା: ମାହାଙ୍ଗା, ଜିଲ୍ଲା: କଟକ, ପିନ୍-୭୫୪୨୦୪ | (କ) **ଅସିତ କୁମାର ମହାନ୍ତିଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୯୦୩/୩୫୫, ପ୍ଲଟ୍ ନଂ.: ୧୭୦୫/୩୩୫୮, କ୍ଷେତ୍ର: ଏକର୦.୦୪୦ ଡିସିମିଲି, କିସମ: ଘରବାରି, ଅନୁରୂପ ସାବକ ଖାତା ନଂ.: ୯୦୩/୧୧୩, ଅନୁରୂପ ଚକବନ୍ଦୀ ଖାତା ନଂ.: ୫୬୦, ମୌଜା: କାଳିଅଣ୍ଡି, ତହସିଲ: ମାହାଙ୍ଗା, ଜିଲ୍ଲା: କଟକ, ଏସ୍‌ଆରଓ: ମାହାଙ୍ଗା, ଏହାର ଚରିପାର୍ଶ୍ୱରେ- ଉତ୍ତର: କାଳିଅଣ୍ଡି ୟୁପିଏମ୍‌ଇ ବିଦ୍ୟାଳୟ, ଦକ୍ଷିଣ: ପ୍ଲଟ୍ ନଂ. ୧୭୦୫/୩୩୫୭, ପୂର୍ବ: ଜତିନ୍ଦ୍ର ମହାନ୍ତି, ପଶ୍ଚିମ: କେନାଲ ବନ୍ଧ ରାସ୍ତା / (ଖ) ୦୪.୦୮.୨୦୨୫ / (ଗ) ୨୪.୧୦.୨୦୨୫ / (ଘ) ଟ.୧୩,୧୫,୬୧୧.୭୭ (ତେର ଲକ୍ଷ ପନ୍ଦର ହଜାର ଛଅ ଶହ ଏଗାର ଟଙ୍କା ଏବଂ ସତସ୍ତରୀ ପଇସା ମାତ୍ର) ସହିତ ସେବାବଦ ସୁଧ ଏବଂ ଆଇନଗତ ଖର୍ଚ୍ଚ। |

ସ୍ଥାନ : କଟକ, ତାରିଖ : ୨୭.୧୦.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

इंडियन बैंक Indian Bank
इलाहाबाद ALLAHABAD
**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର - ୬, ସିଡ଼ିଏ, ପୋ.: ମର୍କତ ନଗର, କଟକ - ୭୫୩୦୧୪, zocuttack@indianbank.co.in

**ଦଖଲ ନୋଟିସ୍**
ପରିଶିଷ୍ଟ-୪ [ରୁଲ୍-୮(୧)]
ସ୍ଥାବର ସମ୍ପତ୍ତି ନିମନ୍ତେ

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩ (୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ **ଦଖଲ** ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ । ଆମ୍ଭେ ସରଫେଶୀ ଆକ୍ଟର ଧାରା ୧୩(୮) ପ୍ରାବଧାନ ଏବଂ ଏହା ଅର୍ନ୍ତଗତ ନିୟମାନୁସାରେ ଆପଣଙ୍କ ଦୃଷ୍ଟି ଆକର୍ଷଣ କରୁଅଛୁ ଯାହାକି ବନ୍ଧକପ୍ରାପ୍ତ ସମ୍ପତ୍ତିକୁ ବନ୍ଧକମୁକ୍ତ କରିବାରେ ଆପଣଙ୍କ ଅଧିକାର ଅଟେ ।

| ଶାଖା / ଋଣଗ୍ରହୀତା/ବନ୍ଧକଦାତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ବାସୁଦେବପୁର ଶାଖା /** ଋଣଗ୍ରହୀତା/ବନ୍ଧକଦାତାମାନେ: ୧) **ସୁରେଶ କୁମାର ପାଣି,** ପିତା: ସୁରେନ୍ଦ୍ର ପ୍ରସାଦ ପାଣି, ୨) **ସନ୍ତୋଷ କୁମାର ପାଣି,** ପିତା: ସୁରେନ୍ଦ୍ର ପ୍ରସାଦ ପାଣି / **ଗ୍ୟାରେଣ୍ଟିଦାତା: ରଙ୍ଗଲତା ଧୁପାଳ,** ସ୍ୱାମୀ: ସୁରେନ୍ଦ୍ର ପ୍ରସାଦ ପାଣି, ସମସ୍ତଙ୍କ ଠିକଣା- ସା: ବଡ ଆନନ୍ଦପୁର, ପୋ: ବଛିପୁର, ଥାନା: ବାସୁଦେବପୁର, ଜିଲ୍ଲା: ଭଦ୍ରକ, ଓଡିଶା-୭୫୬୧୬୫ | ୧୪.୦୭.୨୦୨୫ ସୁଦ୍ଧା ଟ.୧୦,୬୬,୬୨୦/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୪.୦୭.୨୦୨୫ / ୨୭.୧୦.୨୦୨୫ | **ସୁରେଶ କୁମାର ପାଣି ଏବଂ ସନ୍ତୋଷ କୁମାର ପାଣିଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୨୩୭/୧୪୦, ରେଭିନ୍ୟୁ ପ୍ଲଟ୍ ନଂ.: ୨୨୬/୭୮୭, ପରିମିତ କ୍ଷେତ୍ର: ଏକର୦.୧୩ ଡିସିମିଲି, ମୌଜା: ବଡ ଆନନ୍ଦପୁର, ଥାନା: ବାସୁଦେବପୁର, ତହସିଲ: ବାସୁଦେବପୁର, ଜିଲ୍ଲା: ଭଦ୍ରକ, ଓଡିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ଶଙ୍କର୍ଷଣ ପାଣି, ଦକ୍ଷିଣ: ରାସ୍ତା, ପୂର୍ବ: କ୍ରେତା ନିଜେ, ପଶ୍ଚିମ: ଅଶୋକ ଜେନା |
| **କଟକ ଜଗତ୍‌ପୁର ଶାଖା /** ଋଣଗ୍ରହୀତା/ବନ୍ଧକଦାତା: **ଶାନ୍ତିଲତା ଦାସ,** ସ୍ୱାମୀ: ରବିନ୍ଦ୍ର ନାଥ ଦାସ / **ଋଣଗ୍ରହୀତା: ସୁବ୍ରତ କୁମାର ଦାସ,** ପିତା: ରବିନ୍ଦ୍ର ନାଥ ଦାସ, ଉଭୟଙ୍କ **ଠିକଣା-୧:** ସା/ପୋ: ଜଙ୍କିଆ (ଗଡସାହି), ଥାନା: କଣାସ, ଜିଲ୍ଲା: ପୁରୀ, ପିନ୍-୭୫୨୦୨୦, **ଠିକଣା-୨:** ପ୍ଲଟ୍ ନଂ.: ୬୭୪/୨୮୮୭, ଗୋପିନାଥପୁର, ପୋ: ଭୈରପୁର, ତହସିଲ/ ଥାନା: ସାଲେପୁର, ଜିଲ୍ଲା: କଟକ, ପିନ୍-୭୫୪୨୦୦ | ୦୭.୦୮.୨୦୨୫ ସୁଦ୍ଧା ଟ.୧୦,୬୭,୫୬୬/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୦୭.୦୮.୨୦୨୫ / ୨୨.୧୦.୨୦୨୫ | **ଶାନ୍ତିଲତା ଦାସ,** ସ୍ୱାମୀ: ରବିନ୍ଦ୍ର ନାଥ ଦାସଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୫୮୫/୩୬୪, ପ୍ଲଟ୍ ନଂ.: ୬୭୪/୨୮୮୭, କ୍ଷେତ୍ର: ଏକର୦.୦୪୪ ଡିସିମିଲି, ପ୍ରକାର: ଘରବାରୀ, ମୌଜା: ଗୋପିନାଥପୁର, ପୋ: ଭୈରପୁର, ତହସିଲ: ସାଲେପୁର ନଂ.: ୫୧, ଥାନା: ସାଲେପୁର ନଂ.: ୪, ଜିଲ୍ଲା: କଟକ, ଓଡିଶା, ଏହାର ଚାରିପାର୍ଶ୍ୱରେ (ବିକ୍ରୟ ଦଲିଲ୍ ଅନୁଯାୟୀ) ଉତ୍ତର: ବିକ୍ରେତା, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୬୭୫, ପଶ୍ଚିମ: ରାସ୍ତା |

ସ୍ଥାନ: କଟକ, ତାରିଖ : ୨୭.୧୦.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

# ବର୍ଷାରେ ଫିକାପଡ଼ିଲା କାଳୀପୂଜା ଶେଷସନ୍ଧ୍ୟା





କିଆନାଳୀକୂଳ ପୂଜାମଣ୍ଡପରେ ଓଲିଉଡ କଣ୍ଠଶିଳ୍ପୀ ଇରା ମହାନ୍ତି ସଙ୍ଗୀତ ପରିବେଷଣ କରୁଛନ୍ତି। ଯାଜପୁର ରୋଡ଼ କୋପଣ୍ଡ କାଳୀ ପୂଜାମଣ୍ଡପରେ ସତ୍ୟଜିତ ଓ ଶୁଭଶ୍ରୀ ସଙ୍ଗୀତ ପରିବେଷଣ କରୁଛନ୍ତି। ଭବାନୀଗଞ୍ଜ ପୂଜାମଣ୍ଡପରେ ମହମ୍ମଦ ନାସିର ଗୀତ ଗାଉଛନ୍ତି।

**ଯାଜପୁର ଟାଉନ,୨୭।୧୦ (ପ୍ରଯଜ୍ଞା ପ୍ରିୟଦର୍ଶିନୀ ମହାନ୍ତି)**

- ଇରା ମହାନ୍ତିଙ୍କ ସଙ୍ଗୀତରେ ଝୁମିଲେ ଦର୍ଶକ
- ଭବାନୀଗଞ୍ଜରେ ଜଲୱା ଦେଖାଇଲେ ଅଭିନେତା ସିଦ୍ଧାନ୍ତ
- ପୁରୁଣା ହିଟ୍ ଗୀତ ଗାଇ ମନ ମୋହିଲେ ନାସିର

ଯାଜପୁର ଗଣପର୍ବ କାଳୀପୂଜାର ସୋମବାର ଥିଲା ଶେଷସନ୍ଧ୍ୟା। ଦିନ ସାରା ପାଗ ଠିକ୍‌ଠାକ୍ ଥିଲା। ସମସ୍ତେ ମନସ୍ଥ କରିଥିଲେ ଶେଷସନ୍ଧ୍ୟାରେ ପୂଜା ବଜାର ବୁଲିବାକୁ। ସଞ୍ଜ ନଇଁବା କ୍ଷଣି ରଙ୍ଗିନ ଆଲୋକରେ ଝଲସି ଉଠିଥିଲା ସହର। ଲୋକମାନେ ମଧ୍ୟ ଘରୁ ପଦାକୁ ଗୋଡ଼ ବାହାର କରି ପୂଜା ମଣ୍ଡପ ସାମ୍ନାକୁ ଆଗେଇ ଆସୁଥିଲେ। ହଠାତ୍ ଆକାଶରେ କଳା ବାଦଲ ଘୋଟି ଆସି ପବନ ସହ ବର୍ଷା ମାଡ଼ି ଆସିଥିଲା। ପାଖାପାଖି ଅଧଘଣ୍ଟା ବର୍ଷା ହୋଇଥିଲା। ଆଉ ଏହି ବର୍ଷାରେ ଲୋକମାନେ କିଏ କେଉଁଠି ମୁଣ୍ଡ ଗୁଞ୍ଜିବେ ଦୌଡ଼ି ବାଟ ପାଇ ନ ଥିଲେ। କେତେଜଣ ଲୋକ ଭିଜି ଯାଇଥିଲେ। ପୂଜାର ମାହୋଲକୁ ଏହି ବର୍ଷା ଫିକା ପକାଇ ଦେଇଥିଲା। କାଳୀପୂଜାର ଶେଷସନ୍ଧ୍ୟାରେ ଯେଉଁଭଳି ଭିଡ଼କୁ ଆଶା କରାଯାଉଥିଲା, କିନ୍ତୁ ତାହାଠାରୁ ଭିଡ଼ ବହୁତ କମି ଯାଇଥିଲା। ଦୂରଦୂରାନ୍ତରୁ କାଳୀପୂଜା ବୁଲିବାକୁ ମନସ୍ଥ କରିଥିବା ଲୋକେ ବର୍ଷା ଯୋଗୁ ଆସିଲେ ନାହିଁ। ସନ୍ଧ୍ୟା ୭ଟା ପରେ ବର୍ଷା ଛାଡ଼ିଯିବାରୁ ଅଳ୍ପ ଦର୍ଶକ ପୂଜା ମଣ୍ଡପ ବୁଲୁଥିବା ଦେଖିବାକୁ ମିଳିଥିଲା। ଶେଷସନ୍ଧ୍ୟାରେ ବଜାରରେ ପସରା ମେଲାଇଥିବା ଉଠା ଦୋକାନୀମାନେ ଭଲ ଦୁଇ ପଇସା ରୋଜଗାର କରିବାକୁ ଆଶା କରିଥିଲେ ମଧ୍ୟ ତାହା ବର୍ଷା ଯୋଗୁ ଫିକା ପଡ଼ିଯାଇଥିଲା।

ସୋମବାର କିଆନାଳୀକୂଳ ପୂଜା ମଣ୍ଡପ ପକ୍ଷରୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶାର କଣ୍ଠଶିଳ୍ପୀ ଇରା ମହାନ୍ତିଙ୍କୁ ଦେଖିବାକୁ ଦର୍ଶକମାନେ ଭିଡ଼ ଜମାଇଥିଲେ। ଇରା ନିଜର ମନଛୁଆଁ ଓଡ଼ିଆ ଓ ହିନ୍ଦୀ ଗୀତ ଗାଇ ଦର୍ଶକଙ୍କୁ ବିଭୋର କରିଥିଲେ। ନେଇ ଯା ରେ ମେଘ ମତେ..., ମୁଁ ତୋ ଡ୍ରିମ ଗାର୍ଲ..., ଯୋଉ ଦିନ ତୋ ଚେହେରା..., କଉଠି ଅଛୁ ତୁ ଆ..., ପଚାରେନା ମତେ କିଛି..., ସେଦିନ ମୁଁ ହୁନୁ ହୁନୁ ସମେତ ବହୁତ ଧମାକାଦାର ଗୀତ ଗାଇଥିଲେ। ରାଖୀ ବାନ୍ଧିଲି ମୁଁ ରଖିବି ମାନ ଗୀତ ଗାଇ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ସେହିପରି ଭବାନୀଗଞ୍ଜ ପୂଜା କମିଟି ପକ୍ଷରୁ ଆୟୋଜିତ ମେଲୋଡ଼ି କାର୍ଯ୍ୟକ୍ରମରେ ପ୍ରଖ୍ୟାତ ଗାୟକ ମହମ୍ମଦ ନାସିର ବହୁ ପୁରୁଣା ଗୀତ ଗାଇ ଦର୍ଶକଙ୍କ ମନ ମୋହିଥିଲେ। ଏ ପାଦେ ଘୁଙ୍ଗୁରୁ ବାଜେ ମିରା ନାଚେ ଗୀତ ଗାଇ ଦର୍ଶକଙ୍କୁ ନଚାଇଥିଲେ। ହଠାତ୍ ଭବାନୀଗଞ୍ଜ ମଞ୍ଚ ଉପରକୁ ଚଢ଼ି ଆସିଥିଲେ ଓଡ଼ିଆ ଚଳଚ୍ଚିତ୍ରର ବରିଷ୍ଠ ଅଭିନେତା ସିଦ୍ଧାନ୍ତ ମହାପାତ୍ର। ତାଙ୍କୁ ଦେଖିବା କ୍ଷଣି ଦର୍ଶକମାନେ ଛିଡ଼ା ହୋଇ ସିଦ୍ଧାନ୍ତ ସିଦ୍ଧାନ୍ତ ହୋଇ ପାଟି କରିଥିଲେ। ଅଭିନେତା ସିଦ୍ଧାନ୍ତ ନିଜ ଫିଲ୍ମର ଡାଇଲଗ କହିବା ସହ ଅଭିନୟ ମାଧ୍ୟମରେ ନିଜର ଜଲୱା ଦେଖାଇଥିଲେ। ପୁଚୁକି ଗାଲି ଫେଶନ ବାଲୀ ଗୀତରେ ନୃତ୍ୟ କରି ଭିଡ଼ ଜମାଇଥିବା ଶତାଧିକ ଦର୍ଶକଙ୍କୁ ଝୁମାଇଥିଲେ। ଅନୁକୂଳ ପାଗ ସତ୍ତ୍ୱେ ବିଳମ୍ବିତ ରାତି ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଥିବା ଦେଖାଯାଇଛି।

# ସତର୍କ ରୁହ, ସଚେତନ ହୁଅ, ଠକଙ୍କଠାରୁ ଦୂରରେ ରୁହ

## ସାଇବର ଠକାମିରେ ଶିକାର ହେଉଛନ୍ତି ଜନତା




ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମରେ ବିଧାୟିକା ସୁଜାତା ସାହୁ, ଅତିଥି ଓ ପ୍ରଶାସନିକ ଅଧିକାରୀ।

**ଯାଜପୁର ଟାଉନ,୨୭।୧୦ (ପ୍ରଯଜ୍ଞା ପ୍ରିୟଦର୍ଶିନୀ ମହାନ୍ତି)**

ସତର୍କ ରୁହ ସଚେତନ ହୁଏ, ସାଇବର ଠକଙ୍କଠାରୁ ନିଜକୁ ଦୂରେଇ ରଖ ବୋଲି ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଯାଜପୁର ପୋଲିସ ଓ ଇଣ୍ଡିଆନ ବ୍ୟାଙ୍କ ଦ୍ୱାରା ଆୟୋଜିତ ସାଇବର ସଚେତନତା କାର୍ଯ୍ୟକ୍ରମରେ ସୋମବାର ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ମୁଖ୍ୟ ଅତିଥି ସ୍ଥାନୀୟ ବିଧାୟିକା ସୁଜାତା ସାହୁ ସାଇବର ଅପରାଧ ଦିନକୁଦିନ ବଢ଼ି ଚାଲିଛି। ସାଧାରଣ ଜନତା ଜାଣି ନ ପାରି ସାଇବର ଠକାମୀର ଶିକାର ହେଉଛନ୍ତି। ନିଜର ଅସାବଧାନତା ଯୋଗୁ ସାଇବର ଠକ ବ୍ୟାଙ୍କ ଜମା ଖାତାରୁ ଟଙ୍କା ଲୁଟି ନେଉଛନ୍ତି। ତେଣୁ ସମସ୍ତେ ସଚେତନ ହେବା ଓ ଅନ୍ୟକୁ ସଚେତନ କଲେ ଏହି ଅପରାଧକୁ ରୋକି ପାରିବା। ଅନ୍ୟତମ ଅତିଥି ଜିଲାପାଳ ଅମ୍ବର କୁମାର କର ଯୋଗଦେଇ ସାଇବର ଠକାମୀର ଶିକାର ହେଉଥିବା ଲୋକ ସଚେତନ ହେବା ଆବଶ୍ୟକତା ରହିଛି। ଲୋଭ ବଶବର୍ତ୍ତୀ ନ ହୋଇ ନିଜର ସମ୍ପୂର୍ଣ୍ଣ ବିବରଣୀ ଅଚିହ୍ନା ବ୍ୟକ୍ତିଙ୍କୁ ଦିଅନ୍ତୁ ନାହିଁ। ଯାହାଦ୍ୱାରା ସାଇବର ଠକାମୀରୁ ବଞ୍ଚି ପାରିବେ। ଏବେ ସମଗ୍ର ଦେଶ, ରାଜ୍ୟ ଓ ଜିଲାରେ ପ୍ରତ୍ୟେକ ଦିନ ଲୋକେ ସାଇବର ଠକାମୀର ଶିକାର ହେଉଛନ୍ତି। ସମସ୍ତେ ସଚେତନ ହେବା ଓ ଅନ୍ୟକୁ ସଚେତନ କରାଇଲେ ଏହି ସାଇବର ରୋଗକୁ ଦୂରେଇ ଦେଇ ପାରିବା। ଏସ୍‌ପି ଯଶ୍ ପ୍ରତାପ ଶ୍ରୀମଲଙ୍କ ପରିବାର କିପରି ସାଇବର ଠକାମୀର ଶିକାର ହୋଇଥିଲେ ସେ ସମ୍ପର୍କରେ କହିଥିଲେ। ଲୋକେ ସାଇବର ଠକାମୀର ଶିକାର ହେଲେ ଅପରାଧୀଙ୍କୁ ଧରିବା ପରିବର୍ତ୍ତେ ନିଜର ଅର୍ଥ କେମିତି ମିଳିବ ସେଥିପ୍ରତି ଗୁରୁତ୍ୱ ଦେଇଥାନ୍ତି। ଯାହାଦ୍ୱାରା ଅନାୟସରେ ଅପରାଧୀ ଖସି ଯାଇଥାନ୍ତି। ଠକାମୀର ଶିକାର ହେଲେ ତୁରନ୍ତ ସାଇବର ସେଲ୍ ଦ୍ୱାରା ଦିଆଯାଇଥିବା ଫୋନ୍ ନମ୍ବରକୁ ୧୯୩୦କୁ ଯୋଗାଯୋଗ କରିବା ଜରୁରୀ। ପରେ ଏ ସମ୍ପର୍କରେ ନିକଟସ୍ଥ ଥାନାରେ ଅଭିଯୋଗ କରିପାରିବେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶୀତିକଣ୍ଠ କାନୁନ୍‌ଗୋ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଯାଜପୁର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପ୍ରଶାନ୍ତ କୁମାର ମାଝୀ ଯୋଗଦେଇ ଶିକ୍ଷାବିତ୍ ଓ ବୁଦ୍ଧିଜୀବୀ କିପରି ସାଇବର ଠକାମୀର ଶିକାର ହେଉଛନ୍ତି ସେ ସମ୍ପର୍କରେ କହିଥିଲେ। ଯଦି ଜଣେ ବ୍ୟକ୍ତି ସଚେତନ ହେବ ତେବେ ସାଇବର ଠକ ତାଙ୍କର କିଛି କରିପାରିବ ନାହିଁ। ଲୋକଙ୍କୁ ସାଇବର ଠକ ପ୍ରଲୋଭିତ କରି ଠକିବାର ନଜର ରହିଛି। ଯଦି ଲୋକ ପ୍ରଲୋଭିତ ନ ହେବେ ତେବେ ଏହି ସାଇବର ଠକାମୀର ରୋଗ ଆପେ ଆପେ ଦୂରେଇ ଯିବ। ଏହି ସଚେତନତା କାର୍ଯ୍ୟକ୍ରମରେ ଯଯାତି କେଶରୀ ମେଡ଼ିକାଲ କଲେଜର ଡିନ୍ ପ୍ରଫେସର ସୀତାରାମ ମହାପାତ୍ର, ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ମନୋରମା ସ୍ୱାଇଁ, ଜିଲା ପରିଷଦ ଅଧ୍ୟକ୍ଷ ନଳିନୀପ୍ରଭା ଜେନା, ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ଉପଜିଲାପାଳ ତାପସ ରଞ୍ଜନ ଦେହୁରୀ, ଅବକାରୀ ବିଭାଗ ସୁପରିଣ୍ଟେଣ୍ଡେଣ୍ଟ ଦିବ୍ୟଶଙ୍କର ତାଣ୍ଡେଲ, ବରିଷ୍ଠ ନାଗରିକ ସଂଘର ସଭାପତି ପ୍ରବୋଧ ନାୟକ ପ୍ରମୁଖ ଯୋଗଦେଇଥିଲେ। ଯାଜପୁର ଥାନାଧିକାରୀ ଦାୟିତ୍ୱରେ ଥିବା ଡିଏସ୍‌ପି ଶରତ ଚନ୍ଦ୍ର ପାତ୍ର ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଆଇନଜୀବୀ, ଛାତ୍ରୀଛାତ୍ର ପ୍ରମୁଖ ଯୋଗଦେଇଥିଲେ।

# ଜିଲାପାଳଙ୍କ ନିର୍ଦ୍ଦେଶରେ ଦୁଇ ଶିଶୁଶ୍ରମିକ ଉଦ୍ଧାର

**କଳିଙ୍ଗନଗର, ୨୭।୧୦(ଶୁଭାଶିଷ ରାଉତ)**

କଳିଙ୍ଗନଗର ଶିଳ୍ପାଞ୍ଚଳରେ ଶିଶୁଶ୍ରମିକ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଦାନଗଦି ବ୍ଲକ ଅନ୍ତର୍ଗତ ଦାନଗଦି ବଜାରରୁ ୨ ଜଣ ଶିଶୁଶ୍ରମିକଙ୍କୁ ସୋମବାର ଉଦ୍ଧାର କରାଯାଇଛି। ଶିଶୁ ଅଧିକାର କର୍ମୀ ମଣ୍ଟୁ ଦାସ ଏହି ଶିଶୁଶ୍ରମିକ ଉଦ୍ଧାର କରିବାକୁ ଜିଲାପାଳଙ୍କୁ ଅନୁରୋଧ କରିଥିଲେ। ଜିଲାପାଳ ଅମ୍ବର କୁମାର କରଙ୍କ ନିର୍ଦ୍ଦେଶରେ ଶିଶୁ ସୁରକ୍ଷା ୟୁନିଟ୍‌ର ତପନ କୁମାର ପାତ୍ର, ଜିଲା ଅତିରିକ୍ତ ଶ୍ରମ ଅଧିକାରୀ ଦେବାଶିଷ ଜେନା,ଦାନଗଦି ପୋଲିସ ଓ ଶିଶୁ ଅଧିକାର କର୍ମୀ ଦାସ, ବିଶ୍ୱଜିତ ମାଝୀ ପ୍ରମୁଖ ମିଳିତ ଭାବେ ଏକ ଗ୍ୟାରେଜରେ ଚଢ଼ାଉ କରି ଦୁଇଜଣ



ଶିଶୁଶ୍ରମିକଙ୍କୁ ଉଦ୍ଧାର କରିଥିଲେ। ଏମାନଙ୍କ ବୟସ ଯଥାକ୍ରମେ ୧୪ ଓ ୧୨ ବର୍ଷ ହେବ ବୋଲି ଜଣାପଡିଛି। ବର୍ଷେ ହେବ ସେମାନେ ଏହି ଗ୍ୟାରେଜ ଶିଶୁ ଶ୍ରମିକ ଭାବେ କାମ କରିଆସୁଥିଲେ। ଏହି ଶିଶୁଶ୍ରମିକଙ୍କୁ ଗ୍ୟାରେଜ ମାଲିକ ୧୨ ଘଣ୍ଟାରୁ ଅଧିକ ସମୟ କାମ କରାଇ ଦିନକୁ ୧୦୦ ଟଙ୍କା ହିସାବରେ ମାସକୁ ୩ ହଜାର ମଜୁରି ପ୍ରଦାନ କରୁଥିବା ଶିଶୁମାନେ କହିଛନ୍ତି। ଏହି ଶିଶୁମାନଙ୍କ ମଧ୍ୟରେ ଜଣଙ୍କ ଘର ମୟୂରଭଞ୍ଜ ଓ ଅନ୍ୟ ଜଣକ ଘର ଯାଜପୁର ଜିଲାରେ। ଏହି ଦୁଇ ଶିଶୁଙ୍କୁ ଶିଶୁ ମଙ୍ଗଳ କମିଟିରେ ହାଜର ପରେ ଉତ୍କଳ ବାଳାଶ୍ରମରେ ଥଇଥାନ କରାଯାଇଛି।

## ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

metroselfie@gmail.com



@ ଆଦିତ୍ୟ



@ ମୁକ୍ତିମଧୁର



@ ସଲିମ୍



@ ଶ୍ରୀକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଉଚ୍ଚଶିକ୍ଷା ବିଭାଗର କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

## ଚଣ୍ଡିଖୋଲ କଲେଜ ଉନ୍ନୟନ କାର୍ଯ୍ୟରେ ଅନିୟମିତତା

**ଚଣ୍ଡିଖୋଲ,୨୭।୧୦(ପ୍ରଦୀପ୍ତ କୁମାର ପୃଷ୍ଟି)**

ଯାଜପୁର ଜିଲା ଚଣ୍ଡିଖୋଲସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଉନ୍ନୟନ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ଅଡିଟ ସମୟରେ ଜଣାପଡ଼ିଛି। ୬୫ ଲକ୍ଷ ଟଙ୍କାରୁ ଅଧିକ ଟଙ୍କାର ଅନିୟମିତତା ହୋଇଥିବା ନେଇ ଜଣାପଡ଼ିବା ପରେ ପତ୍ର ସଂଖ୍ୟା ୫୪୬୨୭ରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଗତ ୧୦ ତାରିଖରେ କଲେଜ ଅଧ୍ୟକ୍ଷଙ୍କୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ନିର୍ଦ୍ଦେଶ ଆସିଛି। ୨୦୨୨-୨୩ ଓ ୨୩-୨୪ ଆର୍ଥିକ ବର୍ଷରେ କଲେଜରେ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଛି। ସେ ସମୟରେ ଦାୟିତ୍ୱରେ ଥିବା କଲେଜ ଅଧ୍ୟକ୍ଷ ଓ କେତେଜଣ ଅଧ୍ୟାପକ ସରକାରୀ ଅର୍ଥ ଆତ୍ମସାତ୍ କରିଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ବାବା ଭୈରବା ନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟରେ କାର୍ଯ୍ୟ ନ କରି ପଇସା ଉଠାଯାଇଥିବା ନେଇ ୨୦୨୪ ବର୍ଷ ଶେଷ ବେଳକୁ ଛାତ୍ରୀଛାତ୍ରମାନେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଅଡିଟ କଲେଜରେ କରାଯାଇଥିଲା। ଅଡିଟ ରିପୋର୍ଟରେ ଲକ୍ଷାଧିକ ଟଙ୍କା ଦୁର୍ନୀତି ହୋଇଥିବା ଉଚ୍ଚଶିକ୍ଷା ବିଭାଗ ଦର୍ଶାଇଛି। ଅର୍ଥ ତୋସରପାତ କରିଥିବା ପୂର୍ବତନ ଅଧ୍ୟକ୍ଷ ଓ ଅଧ୍ୟାପକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ରହିଥିବା ବର୍ତ୍ତମାନର ଅଧ୍ୟକ୍ଷ ଡ. ପ୍ରସନ୍ନ କୁମାର ମହାପାତ୍ରଙ୍କୁ ନିର୍ଦ୍ଦେଶ ଆସିଥିବା ସେ କହିଛନ୍ତି। ୨୦୨୨ ରୁ ୨୦୨୪ ଶିକ୍ଷା ବର୍ଷରେ ବିଭିନ୍ନ ଉନ୍ନୟନ କାମକୁ ନେଇ ଏପରି ଅର୍ଥ ତୋସରପାତ ହୋଇଥିବା ଉଚ୍ଚଶିକ୍ଷା ବିଭାଗ ଅଡିଟ ରିପୋର୍ଟରେ ଦର୍ଶାଯାଇଛି। ଉଚ୍ଚଶିକ୍ଷା ବିଭାଗ ଚିଠି ଓ ଏହି ଅଡିଟ ରିପୋର୍ଟ ଚଳିତ ମାସ ୨୫ ତାରିଖରେ କଲେଜ ଅଧ୍ୟକ୍ଷଙ୍କୁ ମିଳିଛି ବୋଲି ସ୍ୱୀକାର କରିଛନ୍ତି।

# ଗଳିପୋଲ ଉଚ୍ଚା, ପ୍ରଶସ୍ତ ନିର୍ମାଣ ଦାବିରେ ଗଣଧାରଣା




ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକ ପି. କେ. ଶର୍ମାଙ୍କୁ ଧାରଣାକାରୀ ଦାବିପତ୍ର ଦେଉଛନ୍ତି। ରାଜପଥ ଅବରୋଧ ଯୋଗୁ ଗାଡି ଅଟକି ରହିଛି।

**ଧର୍ମଶାଳା/କାଏମା, ୨୭।୧୦ (ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି):**

## ପ୍ରଶାସନ ପ୍ରତିଶ୍ରୁତି ପରେ ହଟିଲା

ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ କଣ୍ଟିଗଡ଼ିଆ ନିକଟ ଚଣ୍ଡିଖୋଲଠାରୁ ପାରାଦୀପକୁ ସଂଯୋଗ କରୁଥିବା ୫୩ ନଂ. ଜାତୀୟ ରାଜପଥର କ୍ଷେତ୍ରପାଳ ପଞ୍ଚାୟତ ଗାନ୍ଧୀଛକଠାରେ ଗଳିପୋଲ ନିର୍ମାଣ ଚାଲିଛି। ଏହାର ଉଚ୍ଚତା କମ ସାଙ୍ଗକୁ ଛୋଟ ହୋଇଥିବାରୁ ବଡ ଗାଡ଼ି ଯାତାୟତରେ ଅସୁବିଧା ହେବ। ଗଳିପୋଲ ଉଚ୍ଚ ଓ ପ୍ରଶସ୍ତ ଦାବିରେ ଗଳିପୋଲ ସଂଗ୍ରାମ ସମିତି ପକ୍ଷରୁ କ୍ଷେତ୍ରପାଳ ପଞ୍ଚାୟତ ସମେତ ୧୩ ପଞ୍ଚାୟତର ମହିଳାପୁରୁଷ ସୋମବାର ରାଜପଥ ଅବରୋଧ କରି ପ୍ରତିବାଦ ସଭା ଓ ଗଣଧାରଣା ଦେଇଥିଲେ। ଫଳରେ ବହୁ ଗାଡ଼ିମୋଟର ଉଭୟ ପାର୍ଶ୍ୱ ବହୁ ସମୟ ଧରି ଅଟକି ରହିଥିଲା। ଘଟଣାସ୍ଥଳରେ ପ୍ରଶାସନିକ ଅଧିକାରୀ ପହଞ୍ଚି ବୁଝାସୁଝା କରିବା ପରେ ଲୋକେ ରଜପଥରୁ ହଟି ଥିଲେ।

ଚଣ୍ଡିଖୋଲଠାରୁ ପାରାଦୀପ ପର୍ଯ୍ୟନ୍ତ ରାସ୍ତାର ସମ୍ପ୍ରସାରଣ କାର୍ଯ୍ୟ ଚାଲୁରହିଛି। ରାଜପଥର ଗାନ୍ଧୀଛକ ନିକଟରେ ଏକ ଗଳିପୋଲ ନିର୍ମାଣ କରାଯାଉଛି। କିନ୍ତୁ ଏହାର ଉଚ୍ଚତା କମ ଥିବାବେଳେ ଏହା ବହୁତ ଛୋଟ ରହିଛି। ଛୋଟ ଗାଡ଼ି ଏବଂ ବାଇକ୍ ଯାତାୟାତ ସମ୍ଭବ କିନ୍ତୁ ବଡ଼ ଗାଡ଼ି ଯାତାୟାତ କରି ପାରିବ ନାହିଁ। ଯାହା ଫଳରେ ପାଖାପାଖି ୧୦ ପଞ୍ଚାୟତର ବହୁ ଲୋକ ବଡ଼ ଗାଡ଼ି ଚଳାଚଳ ପାଇଁ ରାସ୍ତାର ଅପରପାର୍ଶ୍ୱକୁ ଯିବା ପାଇଁ ଭବିଷ୍ୟତରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବେ। ଜରୁରୀକାଳୀନ ସେବା ଭଳି ଗାଡ଼ିଗୁଡ଼ିକ ଆସିବା ଯିବାରେ ମଧ୍ୟ ଅନେକ ସମୟ ବିଳମ୍ବ ହେବ। ସେହିପରି ଚାଷୀମାନେ ମଧ୍ୟ ଧାନ ଗାଡ଼ି ଭଳି ଚାଷ କାର୍ଯ୍ୟରେ ବ୍ୟବହୃତ ବଡ ଗାଡ଼ିଗୁଡ଼ିକୁ ନେବା ଆଣିବା ସମୟରେ ଅନେକ ସମସ୍ୟା ଉପୁଜିବ। ତେଣୁ ଏ ସମସ୍ୟା ସମ୍ପର୍କରେ ବାରମ୍ବାର ପ୍ରଶାସନ ପାଖେ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ସୁଦ୍ଧା ପ୍ରଶାସନ ପକ୍ଷରୁ ଏହା ଉପରେ ଦୃଷ୍ଟି ଦିଆଯାଉ ନ ଥିଲା। ଫଳରେ ସକାଳୁ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରି ବସି ରହିଥିଲେ। ରାଜପଥର ଦୁଇ ପାର୍ଶ୍ୱରେ ଦୀର୍ଘ ସମୟ ଧରି ଅନେକ ଗାଡ଼ି ଛିଡା ହୋଇ ରହିଥିଲା। ଘଟଣାସ୍ଥଳରେ ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକ ପି.କେ. ବର୍ମା, ଆରୁହା ମଣ୍ଡଳ ସଭାପତି ଜିତେନ୍ଦ୍ର ରାଉତ, ପ୍ରଦୀପ କୁମାର ପରିଡ଼ା ପ୍ରମୁଖ ପହଞ୍ଚି ଧାରଣାକାରୀଙ୍କୁ ବୁଝାସୁଝା କରିଥିଲେ। ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରିବା ନିମନ୍ତେ ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକ ବର୍ମା ମାସେ ସମୟ ନେଇଥିଲେ। ପରେ ଆନ୍ଦୋଳନ ହଟିଥିଲା ଏବଂ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଯାଜପୁର ରୋଡ ଏସ୍‌ଡିପିଓ ଲକ୍ଷ୍ମୀଧର ସ୍ୱାଇଁ, ଧର୍ମଶାଳା ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ ଓ ଅନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। କ୍ଷେତ୍ରପାଳର ପୂର୍ବତନ ସରପଞ୍ଚ ଶାନ୍ତିଲତା ସାହୁ ଅଭିଯୋଗ କରିଛନ୍ତି ଯେ, ସେ ସରପଞ୍ଚ ଥିବା ସମୟରେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ଏଠାରେ ଏକ ଉଚ୍ଚ ଗଳିପୋଲ ନିର୍ମାଣ କରିବାକୁ ଦାବି କରିଥିଲେ। ମାତ୍ର ଛୋଟ ଗଳିପୋଲ ହେଉଥିବାରୁ ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କ ସମସ୍ୟା ଦୂର ହେବା ସମ୍ଭବ ନୁହେଁ ବୋଲି ସୂଚନା ଦେଇଥିଲେ। ଧର୍ମଶାଳା ନିର୍ବାଚନମଣ୍ଡଳୀର ବହୁ ସରପଞ୍ଚ ଓ ପୂର୍ବତନ ସରପଞ୍ଚ ଏବଂ ଅନ୍ୟମାନେ ଧାରଣାରେ ସାମିଲ ହୋଇଥିଲେ।

ଇଣ୍ଡିୟନ ବୈଙ୍କ Indian Bank ଇଲାହାବାଦ ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ. ସି/୯, ସେକ୍ଟର-୬, ସିଡ଼ିଏ, ପୋ: ମର୍କତନଗର, କଟକ-୭୫୩୦୧୪, zocuttack@indianbank.co.in

ପରିଶିଷ୍ଟ-୪[ରୁଲ୍-୮(୧)]
**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ବନ୍ଧକଦାତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲ ନେଇଛନ୍ତି। ଏତଦ୍ଦ୍ୱାରା ବିଶେଷକରି ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ଦ୍ୱାରା ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା/ଜାମିନ୍‌ଦାର/ ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
| --- | --- | --- | --- |
| **କଟକ ମଙ୍ଗଳାବାଗ ଶାଖା /** **ଋଣଗ୍ରହୀତା ଫାର୍ମ: ମେସର୍ସ ହରେକ୍ରିଷ୍ଣା ମାର୍କେଟିଂ, ସ୍ୱତ୍ୱାଧିକାରୀ: ଜିତେନ୍ଦ୍ର କୁମାର ଲଖାନି,** ଫ୍ଲାଟ୍ ନଂ.: ୪୩୮/ଏ, ୱାର୍ଡ ନଂ.: ୨୪, ସାମନ୍ତ ସାହି, ଶିବ ବଜାର, କଟକ, ପିନ୍-୭୫୩୦୦୧ / **ଋଣଗ୍ରହୀତା, ସ୍ୱତ୍ୱାଧିକାରୀ ଏବଂ ବନ୍ଧକଦାତା: ଜିତେନ୍ଦ୍ର କୁମାର ଲଖାନି,** ପିତା: ଏ ନାରାୟଣ ଦାସ ଲଖାନି / **ଜାମିନ୍‌ଦାର: ରଶ୍ମି ଲଖାନି,** ସ୍ୱାମୀ: ଜିତେନ୍ଦ୍ର କୁମାର ଲଖାନି, ଉଭୟଙ୍କ ଠିକଣା- ସା: ଫ୍ଲାଟ୍ ନଂ.: ଏଡ଼ି/୩, ୩ୟ ମହଲା, ଶ୍ରୀ ଜଗନ୍ନାଥ ହୋମ୍ସ, କ୍ୟାଣ୍ଟନମେଣ୍ଟ ରୋଡ୍, କଟକ ସଦର, କଟକ, ଓଡ଼ିଶା, ପିନ୍-୭୫୩୦୦୧ | ୧୬.୦୮.୨୦୨୫ ସୁଦ୍ଧା ଟ.୧,୧୩,୨୮,୯୨୬.୦୦ ଏବଂ ସେବାବଦ ସୁଧ | ୧୬.୦୮.୨୦୨୫ / ୨୧.୧୦.୨୦୨୫ | (୧) **ଶ୍ରୀ ଜିତେନ୍ଦ୍ର କୁମାର ଲଖାନିଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୩୫୯/୨୬୯, ରେଭିନ୍ୟୁ ପ୍ଲଟ୍ ନଂ.: ୩୩୦/୮୯୭, ସବ୍ ପ୍ଲଟ୍ ନଂ.: ୩୪, ପରିମିତ କ୍ଷେତ୍ର: ଏକର୦.୦୪୬ ଡିସିମିଲି, ମୌଜା: ଅଟଳା, ଥାନା: ବାଲିଅନ୍ତା, ତହସିଲ: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ଏହାର ଚଉହଦି- ଉତ୍ତର: ୨୦ଫୁଟିଆ ଚଉଡା ପ୍ରସ୍ତାବିତ ରାସ୍ତା, ଦକ୍ଷିଣ: ସବ୍ ଡିଭିଜନ୍ ପ୍ଲଟ୍ ନଂ. ୩୯, ପୂର୍ବ: ସବ୍ ଡିଭିଜନ୍ ପ୍ଲଟ୍ ନଂ. ୩୩, ପଶ୍ଚିମ: ଜ୍ୟୋତି ମୋଦି, **(୨) ଶ୍ରୀ ଜିତେନ୍ଦ୍ର କୁମାର ଲଖାନିଙ୍କ** ନାମରେ ଥିବା, **"ଶ୍ରୀ ଜଗନ୍ନାଥ ହୋମ୍ସ"** ନାମକ ବାସୋପଯୋଗୀ ଆପାର୍ଟମେଣ୍ଟର ବ୍ଲକ୍-ଏ, ୩ୟ ମହଲା, ଫ୍ଲାଟ୍ ନଂ.: ଏଡ଼ି-୩ ଯାହାର ବିଲ୍ଟ ଅପ୍ ଏରିଆ: ୧୩୫୬ ବର୍ଗଫୁଟ ଏବଂ ପାର୍କିଂ ସ୍ଥାନ ୧୫୪ ବର୍ଗଫୁଟ, ଏହି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାକି ଡିଏସ୍‌ଆରଓ: କଟକ, ମୌଜା: କଟକ ସହର ୟୁନିଟ୍ ନଂ. ୧୭ ମାଛୁଆବଜାର, ତହସିଲ: କଟକ, ତହସିଲ ନଂ. ୨୧୮, ଥାନା: ମଙ୍ଗଳାବାଗ, ଥାନା ନଂ. ୩, ଜିଲ୍ଲା: କଟକ, ମ୍ୟୁଟେସନ୍ ଖାତା ନଂ.: ୩୧/୨୭, ପ୍ଲଟ୍ ନଂ.: ୯, କିସମ: ଘରବାରି-ଏକ, କ୍ଷେତ୍ର: ଏକର୦.୪୫୯ଡିସିମିଲି ଏବଂ ପ୍ଲଟ୍ ନଂ.: ୨୮, କିସମ: ଘରବାରି-ଏକ, କ୍ଷେତ୍ର: ଏକର୦.୧୦୬ଡିସିମିଲି, ସମୁଦାୟ କ୍ଷେତ୍ର: ଏକର୦.୫୬୫ଡିସିମିଲିରୁ ବିକ୍ରୟ ହୋଇଥିବା ଅବିଭକ୍ତ, ସମାନୁପାତିକ, ନିରପେକ୍ଷ ଅଂଶ ଏକର୦.୦୦୭ଡିସିମିଲି, ବାର୍ଷିକ ଖଜଣା ଟ.୦.୪୨ପଇସା, ଅନୁରୂପ ହାଲ ବନ୍ଦୋବସ୍ତ ଖାତା ନଂ.: ୩୩, ଅନୁରୂପ ସାବକ ମୌଜା: ତୁଳସୀପୁର, ସାବକ ଖାତା ନଂ.: ୭୦, ସାବକ ପ୍ଲଟ୍ ନଂ.: ୧୬, ୧୭, ୧୮, ୧୯ (ଅଂଶ), ଏହାର ଚଉହଦି- ଉତ୍ତର: ପ୍ଲଟ୍ ନଂ. ୨୯, ଦକ୍ଷିଣ: ପ୍ଲଟ୍ ନଂ. ୭, ପୂର୍ବ: ପ୍ଲଟ୍ ନଂ. ୭୫୭ ଏବଂ ୭୪୯, ପଶ୍ଚିମ: ପ୍ଲଟ୍ ନଂ. ୨୭ ଏବଂ ୧୦ |

ସ୍ଥାନ: କଟକ
ତାରିଖ: ୨୭.୧୦.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ଇଣ୍ଡିଆନ୍ ବ୍ୟାଙ୍କ

# ସାମୁଦ୍ରିକ ଝଡ଼ ଆଶଙ୍କାରେ କେନ୍ଦ୍ରାପଡ଼ା ଜିଲାବାସୀ

କେନ୍ଦ୍ରାପଡ଼ା,୨୭।୧୦(ଜଗନ୍ନାଥ ଧଳ)


ରାଜନଗର ବ୍ଲକ ପେଣ୍ଠ ସମୁଦ୍ର ।

ବଙ୍ଗୋପସାଗରେ ଘନୀଭୂତ ଲଘୁଚାପ ସାମୁଦ୍ରିକ ଝଡ଼ରେ ପରିଣତ ହୋଇଛି । ଏହି ସମ୍ଭାବ୍ୟ ଝଡ଼ ଆସନ୍ତା ମଙ୍ଗଳବାର ସକାଳ ସମୟରେ ବାତ୍ୟାରୂପ ନେବ । ୨୮ ଓ ୨୯ ତାରିଖରେ କେନ୍ଦ୍ରାପଡ଼ା ଜିଲାରେ ପ୍ରବଳ ବର୍ଷା ହେବ ବୋଲି ଆକଳନ କରାଯାଉଛି । ଏହାର ପ୍ରଭାବରେ ସମୁଦ୍ର ଅଶାନ୍ତ ହେବା ସହ ମଝିରେ ମଝିରେ ବଡ଼ ଜୁଆର ତଟରେ ମାଡ଼ ହେବ ବୋଲି ଜିଲାବାସୀ ଆଶଙ୍କା କରିଛନ୍ତି। ସମ୍ଭାବ୍ୟ ବାତ୍ୟା ସମ୍ପର୍କରେ ରାଜନଗର ବ୍ଲକ୍ ପେଣ୍ଠ ଗ୍ରାମର ହରିହର ସ୍ୱାଇଁ କହିଛନ୍ତି, ଜିଲା ପ୍ରଶାସନ ପକ୍ଷରୁ ଲଗାତର ବାତ୍ୟା ସମ୍ପର୍କିତ ସତର୍କ ସୂଚନା ଦିଆଯାଉଛି। ନିକଟରେ ଥିବା ବାତ୍ୟା ଆଶ୍ରୟସ୍ଥଳୀକୁ କେତେଜଣ ଲୋକ ସ୍ଥାନାନ୍ତର ହେବେ ବୋଲି ସୂଚନା ମିଳିଛି । ଝଡ଼ ସମୟରେ ସମୁଦ୍ରର ଉତ୍ତାଳ ଜୁଆର ହେବ । ଏଠାରେ ନିର୍ମିତ ଲୁଣା ବନ୍ଧ ସମେତ ଜିଓ ସିନ୍ଥେଟିକ୍ ଟ୍ୟୁବ୍ ୱାଲ୍ ସୁରକ୍ଷିତ ନୁହେଁ । ଝଡ଼ ପ୍ରଭାବରେ ଜୁଆର ଯୋଗୁ ଉଠୁଥିବା ପାଣିର ଉଚ୍ଚତା ତଟାଞ୍ଚଳରେ ୧ ମିଟର ଉଚ୍ଚା ହେଲେ ଲୁଣା ବନ୍ଧ ପାର କରିବ । ସେହିପରି ଜିଓ ଟ୍ୟୁବ୍‌ୱାଲରୁ ବଡ଼ ପଥର ଓ ଗାବିଅନ ବକ୍ସ ସମୁଦ୍ରକୁ ଚାଲିଯାଉଥିବାରୁ ଏହି ଗ୍ରାମ ପ୍ରତି ବିପଦ ବଢ଼ିଥିବା ସେ କହିଛନ୍ତି। ରାଜନଗର ବ୍ଲକ୍ ମଗରକନ୍ଦା ଗ୍ରାମର କୈଳାସ ଚନ୍ଦ୍ର ବେହେରା କହିଛନ୍ତି, ୨୦୨୪ରେ ସାମୁଦ୍ରିକ ଝଡ଼ ଦାନା ପ୍ରକୋପ ଭିତରକନିକାରେ ଦେଖିବାକୁ ମିଳିଥିଲା । ଏହାସହ ପ୍ରତିବର୍ଷ ଏପରି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ତଟକ୍ଷୟ ହେଉଛି । ଏହାର ନିରାକରଣ ପାଇଁ ଯଥେଷ୍ଟ ପରିମାଣର ହେନ୍ତାଳ ବଣ ନାହିଁ । ତଟକ୍ଷୟ ଯୋଗୁ ସାତଭାୟାର ମଗରକନ୍ଦା ସମେତ ବରାହୀପୁରର ୫୭୧ ପରିବାରକୁ ବଗପାଟିଆରେ ଥଇଥାନ କରାଯାଇଛି । ସମ୍ଭାବ୍ୟ ସାମୁଦ୍ରିକ ଝଡ଼ ମୋନ୍ଥା ପ୍ରଭାବରେ ଜାତୀୟ ଉଦ୍ୟାନ ଭିତରକନିକା ମଧ୍ୟରେ ଥିବା ମଣିଷ, ବନ୍ୟଜୀବ ଓ ସାମୁଦ୍ରିକ ଜୀବଙ୍କ ଜୀବନ ବିପନ୍ନ ହେବ । ବାତ୍ୟା ଆସିବା ଖବର ଜାଣିବା ପରେ ସ୍ଥାନୀୟ ଅଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଛନ୍ତି । ଚାଷବାସ ନଷ୍ଟ ସହ ଜୀବନହାନି ସମ୍ଭାବନା ଅଛି । ସାମୁଦ୍ରିକ ଜୁଆର ବଢ଼ିଲେ ନଦୀ ନାଳକୁ କୁମ୍ଭୀର ପଶିବା, ଲୁଣା ପାଣି ମାଡ଼ି ଆସିବା ଯୋଗୁ ଚାଷ ନଷ୍ଟହେବା, ଘରଦ୍ୱାର ଭାଙ୍ଗିବା ଆଦି ଭୟ ରହିଥିବା ସେ କହିଛନ୍ତି । ମହାକାଳପଡ଼ାର ସାମାଜିକ କର୍ମୀ ପ୍ରତାପ ଚନ୍ଦ୍ର ତ୍ରିପାଠୀ କହିଛନ୍ତି, ସାମୁଦ୍ରିକ ଝଡ଼ ମୋନ୍ଥାର ଅତ୍ୟଧିକ ପ୍ରଚାରର ସୁବିଧା ବ୍ୟବସାୟୀ ଉଠାଇବା ଆରମ୍ଭ କରିଛନ୍ତି। ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ବଜାର ଦର ବଢ଼ାଉଛନ୍ତି । ଖାଦ୍ୟ ସାମଗ୍ରୀର ଅତ୍ୟଧିକ ଦର ବ୍ୟବସାୟୀ ନେଉଥିଲେ ମଧ୍ୟ ପ୍ରଶାସନିକ ଅଧିକାରୀ ଏଥିପ୍ରତି ଧ୍ୟାନ ଦେଉନାହାନ୍ତି । ଡିଏଫ୍‌ଓ ଭରଦରାଜ ଗାଓଁକର କହିଛନ୍ତି, ସାମୁଦ୍ରିକ ଝଡ଼କୁ ଦୃଷ୍ଟିରେ ରଖି ବନ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ବିଭାଗର ୫ଟିମ୍ ଯାତାୟାତ ପଥକୁ ସଫା ରଖିବା ପାଇଁ ବ୍ୟବସ୍ଥା ହୋଇଛି । ଅନ୍ୟ ଦୁଇଟି ଟିମ୍ ବନ୍ୟଜନ୍ତୁଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ପାଇଁ ବ୍ୟବସ୍ଥା ହୋଇଛି । ହେନ୍ତାଳ ବଣ ଏଠାରେ ଥିବାରୁ ବନ୍ୟ ଓ ସାମୁଦ୍ରିକ ଜୀବଙ୍କ ଜୀବନହାନି ନିଶ୍ଚିତ ଭାବେ କମ୍ ରହିବ । ଏବେ ଦେଶୀୟ ପକ୍ଷୀଙ୍କ ଅଣ୍ଡା ଓ ଶାବକଙ୍କ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଝଡ଼ ପରେ ଏନେଇ ଥଇଥାନ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ । ଜିଲାପାଳ ରଘୁରାମ ଆର୍. ଆୟାର କହିଛନ୍ତି, ସମ୍ଭାବ୍ୟ ସାମୁଦ୍ରିକ ଝଡ଼ ପରିଚାଳନା ପାଇଁ ଜିଲା ପ୍ରଶାସନ ସଜାଗ ଅଛି । ଶୁଖିଲା ଖାଦ୍ୟ ପଦାର୍ଥ ମହଜୁଦ ଠାରୁ ଆରମ୍ଭକରି ଝଡ଼ ପରବର୍ତ୍ତୀ ଅବସ୍ଥାକୁ ନିୟନ୍ତ୍ରଣ ପର୍ଯ୍ୟନ୍ତ ପ୍ରତ୍ୟେକ କାର୍ଯ୍ୟକୁ ଗୁରୁତ୍ୱ ଦିଆଯାଇଛି । ଜିଲାବାସୀ ଏହି ଝଡ଼ ପ୍ରତି ଭୟ ନ କରି ସତର୍କ ରହିବାକୁ ଜିଲାପାଳ ଆୟାର କହିଛନ୍ତି।

# ଆତଙ୍କରେ ସାନ୍ତାଳୀ ପାଣିଖିଆ ଗ୍ରାମବାସୀ

ମହାକାଳପଡ଼ା,୨୭।୧୦ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

■ ୧୯୯୯ ମହାବାତ୍ୟା ପରେ ଚିତ୍ର ବଦଳିନି

■ ସମୁଦ୍ର ଢେଉରେ ଭାସିଯାଇଥିଲେ ୧୨ ଜଣ

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ୍ ବଙ୍ଗୋପସାଗର କୂଳରେ ଏକ ଆଦିବାସୀ ଅଧ୍ୟୁଷିତ ସାନ୍ତାଳୀ ଗାଁ ପାଣିଖିଆ। ଗାଁରେ ବାସ କରୁଥିବା ଜନଜାତି ୫୦ ପରିବାର ଜନସଂଖ୍ୟା ୩ ଶହରୁ ଅଧିକ। ଶିକ୍ଷା, ସ୍ୱାସ୍ଥ୍ୟ ଗମନାଗମନ ପାଇଁ ଅପହଞ୍ଚ ଜନଜାତି ଝାଟିମାଟି ଗାଁ ପାଣିଖିଆ। କୌଣସି ପ୍ରଶାସନିକ ଅଧିକାରୀଙ୍କ ପାଦ ଏହି ସାନ୍ତାଳୀ ଗାଁକୁ ପଡିନାହିଁ। ଗାଁରେ ଶତ ପ୍ରତିଶତ ଦାଦନ ଶ୍ରମିକ ଖଟିବାକୁ ବାହାରକୁ ଯାଆନ୍ତି ବୋଲି ମୁରବିମାନେ କହିଛନ୍ତି। ଗାଁକୁ ଘେରି ରହିଛି ପୂର୍ବରେ ବଙ୍ଗୋପସାଗର, ଉତ୍ତର, ଦକ୍ଷିଣରେ ଘଞ୍ଚ ଲୁଣା ହେନ୍ତାଳ ଜଙ୍ଗଲ ଓ ପଶ୍ଚିମରେ ମୁଖ୍ୟ ରାସ୍ତାକୁ ଏକ ସରୁ ଅଙ୍କାବଙ୍କା ଜଙ୍ଗଲିଆ କାଦୁଅ ରାସ୍ତା। ସନ୍ଧ୍ୟା ହେଲେ ଗାଁରେ ଶୁଭେ ଜଙ୍ଗଲୀ ଜନ୍ତୁଙ୍କ ରଡ଼ି। ୧୯୯୯ ମହାବାତ୍ୟାରେ ଏହି ଗାଁ ସମୁଦ୍ରଠାରୁ ୧ କି.ମି. ହୋଇଥିବାରୁ ଏହା ଗର୍ଭରେ ଚାଲିଗଲା ୧୨ ଜଣଙ୍କ ଜୀବନ। ସେଦିନର ସମୁଦ୍ର ଗର୍ଜନ ଓ କରାଳ ରୂପ ମନେପଡ଼ିଲେ ଛାତିରେ ଛନକା ପଶିଯାଏ ବୋଲି ଗ୍ରାମର ମୁରବିମାନେ କହିଛନ୍ତି । ସେଦିନ ଥିଲା ଠିକ୍ ଆଜକୁ ୨୬ ବର୍ଷ ପୂର୍ବର ଘଟଣା। ଗୁରୁବାର ରାତି ପହିଲା ପରେ ଶୁକ୍ରବାର ସକାଳୁ ଭୀଷଣ ପବନ ସାଙ୍ଗକୁ ଦୁହାକୁ ଦୁହା ବର୍ଷା ଲାଗିରହି ଥିବାରୁ ମନରେ ଭୟ ସୃଷ୍ଟିହେଲା। ଗାଁର ସମସ୍ତ ଲୋକ ଏକ ଉଚ୍ଚ ଚାଳଛପର ଘରେ ରହିଲେ। ଅପରାହ୍ନ ବେଳକୁ ଧୀରେ ଧୀରେ ସମୁଦ୍ର ଜଳ ପଉନ ବଢ଼ିଲା। ଲୋକମାନେ ଭଗବାନଙ୍କୁ ସ୍ମରଣକରି ସମସ୍ତେ ଦୁଇ ହାତ ଟେକିଦେଲି ଆମର ଅଧିଷ୍ଠାତ୍ରୀ ଦେବୀ ମା' ମାରାଙ୍ଗ ବୁରୁଙ୍କ ଚରଣରେ ସମର୍ପିତ ହୋଇଥାଉ। ରାତିରେ ସୁ ସୁ ଗର୍ଜନରେ ସମୁଦ୍ର ଢେଉ ଅଚାନକ ୧୦ ଫୁଟ ଉଚ୍ଚରେ ଲୁଣି ପାଣି ମାଡ଼ି ଆସିଲା। ଆଖି ଆଗରେ ଜଣ ଜଣ କରି ହାତ ଧରାଧରି ହୋଇ ୧୨ ଜଣ ସମୁଦ୍ର ଢେଉରେ ଭାସିଯାଇଥିଲେ ବୋଲି ଗାଁ ମୁରବିଙ୍କ ମଧ୍ୟରେ ଫଗଲା ମାରାଣ୍ଡି, ସୁନା ରାମ ମାରାଣ୍ଡି, ଲବ ମାରାଣ୍ଡି, ଗଜେନ୍ଦ୍ର ମାରାଣ୍ଡି, ଦୁର୍ଗା ମାରାଣ୍ଡି, ରାମେଶ୍ୱର ମାରାଣ୍ଡି, ମୁଖା ସୋରେନ ଓ ଗୁରୁଭା ହାଁସଦା ପ୍ରମୁଖ କହିଛନ୍ତି। ସେଦିନର ୨୬ ବର୍ଷ ପରେ କାଳ ରାତ୍ରି ଆଉ ନ ଆସୁ ବୋଲି ଇଷ୍ଟଦେବତାଙ୍କ ନିକଟରେ ପୂଜାର୍ଚ୍ଚନା କରିଛନ୍ତି। ଅଦ୍ୟାବଧି ପ୍ରଶାସନିକ ଅଧିକାରୀଙ୍କ ପାଦ ଗାଁରେ ପଡ଼ି ନ ଥିବା ଲୋକେ କହିଛନ୍ତି। ରାସ୍ତା ନ ଥିବାରୁ ରୋଗୀ ଓ ଗର୍ଭବତୀଙ୍କୁ ବାଉଁଶ ଦୋଳାରେ ମେଡିକାଲ ନେବାକୁ ପଡ଼େ ବୋଲି କୁହାଯାଇଛି। ଏମାନଙ୍କ ମୂଳ ବାସିନ୍ଦା ମୟୂରଭଞ୍ଜ ଜିଲାରୁ ଶହେ ବର୍ଷ ପୂର୍ବେ ପୂର୍ବ ବଂଶଜମାନେ ଆସି ଜଙ୍ଗଲ ଜମିରେ ବସବାସ କରୁଥିବା କୁହାଯାଇଛି।


ମହାକାଳପଡ଼ା ବ୍ଲକ୍ ନାଞ୍ଜୁରା ପଞ୍ଚାୟତ ସାନ୍ତାଳୀ ପାଣିଖିଆ ଗାଁ ।

# ଭୟଭୀତ ହୁଅନ୍ତୁ ନାହିଁ, ଜିରୋ କାଜୁଆଲଟି ଲକ୍ଷ୍ୟ


ବୈଠକରେ ଯୋଗଦେଇଥିବା ଅଧିକାରୀ ।

ରାଜକନିକା,୨୭।୧୦
(ସଞ୍ଜୟ କୁମାର ଦାଶ/ରବୀନ୍ଦ୍ର କୁମାର ଦାସ)

## ସମ୍ଭାବ୍ୟ ବାତ୍ୟା ମୁକାବିଲା ପ୍ରସ୍ତୁତି ବୈଠକ

ବାତ୍ୟା 'ମୋନ୍ଥା' ମୁକାବିଲା ଲକ୍ଷ୍ୟନେଇ ଜିଲା ପ୍ରଶାସନଠାରୁ ବ୍ଲକ ପ୍ରଶାସନ ତତ୍ପର ହୋଇଉଠିଛି । ରାଜକନିକା ବ୍ଲକ ପ୍ରଶାସନ ପକ୍ଷରୁ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ନେଇ ସୋମବାର ବ୍ଲକ ସମ୍ମିଳନୀ କକ୍ଷରେ ବିଡ଼ିଓ କୈଳାସ ଚନ୍ଦ୍ର ମହାଲିକଙ୍କ ତତ୍ତ୍ୱାବଧାନରେ ଏକ ଜରୁରୀକାଳୀନ ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜକନିକା, କନିକା ତହସିଲଦାର ଭାନୁମତୀ ମାଝୀଙ୍କ ସମେତ ସିଡ଼ିପିଓ, ଏଇଇ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ, ବିଡିଓ, କୃଷି ଅଧିକାରୀ, ଜିପିଡିଓ, ଫାୟାର ଅଫିସର, ଇଲେକ୍ଟ୍ରିକାଲ ଯନ୍ତ୍ରୀଙ୍କ ବ୍ୟତିତ ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ, ସମସ୍ତ ପଞ୍ଚାୟତସ୍ତରୀୟ ଅଧିକାରୀ, ସରପଞ୍ଚ ଓ ସମିତି ସଭ୍ୟମାନେ ଯୋଗ ଦେଇଥିଲେ । ପିଇବା ପାଣି, ବିଦ୍ୟୁତ୍ ସରୋବରାହ, ତଳିଆ ଅଞ୍ଚଳରୁ ଲୋକମାନଙ୍କୁ ଉଚ୍ଚ ସ୍ଥାନକୁ ଆଣିବା ଆଦି ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ନିଜ ନିଜର ଦାୟିତ୍ୱ ସମ୍ପାଦନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟ ସରକାରଙ୍କ ଜିରୋ କାଜୁଆଲଟିକୁ ଦୃଷ୍ଟିରେ ରଖି ଏହି ଦୁର୍ବିପାକ ସମୟରେ ଅଗ୍ନିଶମ, ଓଡ୍ରାଫ, ବିଦ୍ୟୁତ୍, ପୋଲିସ ଓ ଡାକ୍ତରୀ ଟିମ ଆଦି ସଜାଗ ରହିବାପାଇଁ ଗୁରୁତ୍ୱ ଦିଆଯାଇଛି। ସମ୍ଭାବ୍ୟ ବାତ୍ୟାରେ କ୍ଷତିଗ୍ରସ୍ତଙ୍କ ପାଇଁ ସମସ୍ତ ବାତ୍ୟା ଆଶ୍ରୟସ୍ଥଳୀ ଗୁଡିକୁ ପ୍ରସ୍ତୁତ ରଖାଯାଇଛି । ଏହାବାଦ ଶୁଖିଲା ଖାଦ୍ୟ, ପାନୀୟ ଜଳ, ଜରୁରୀ ଔଷଧ, ଗୋଖାଦ୍ୟ ଆଦି ମହଜୁଦ ରଖିବା ଓ ଅତ୍ୟାବଶ୍ୟକ ସ୍ଥାନରେ ରନ୍ଧାଖାଦ୍ୟ ପାଇଁ ପ୍ରସ୍ତୁତି ନିମନ୍ତେ ନିର୍ଦ୍ଦେଶ ଥିବା ବିଡ଼ିଓ କହିଛନ୍ତି । ତେବେ ରାଜକନିକା ବ୍ଲକର ୨୯ ପଞ୍ଚାୟତରୁ ୧୮ ପଞ୍ଚାୟତର ୪୩ ଗାଁରେ ସମ୍ଭାବ୍ୟ ବାତ୍ୟା ପ୍ରଭାବରେ ବର୍ଷା ଆଶଙ୍କା କରାଯାଇ ସେହିସବୁ ସ୍ଥାନଗୁଡ଼ିକ ପାଇଁ ବ୍ଲକ ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ଥିବା ବିଡ଼ିଓ କହିଛନ୍ତି । ନଦୀକୂଳିଆ ଗାଁ ମାନଙ୍କରେ ବସବାସ କରୁଥିବା ଲୋକମାନଙ୍କୁ ସ୍ଥାନାନ୍ତର କରାଯିବା ପାଇଁ ପଞ୍ଚାୟତସ୍ତରୀୟ ୬ଟି ବାତ୍ୟା ଆଶ୍ରୟସ୍ଥଳୀ ଗୁଡିକୁ ବ୍ୟବସ୍ଥା କରାଯାଇଥିବା ବିଡ଼ିଓ ସୂଚନା ଦେଇଛନ୍ତି । ସେହିପରି ଗୃହପାଳିତ ପଶୁମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ମଧ୍ୟ ବ୍ୟବସ୍ଥା କରାଯାଇଥିବା କହିଛନ୍ତି ।

# ବାତ୍ୟା ପାଇଁ ରାଜନଗର ବ୍ଲକ୍ ପ୍ରଶାସନ ସଜାଗ

ରାଜନଗର,୨୭।୧୦(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ସମୁଦ୍ର କୂଳବର୍ତ୍ତୀ ଅଞ୍ଚଳରେ ଲୋକମାନଙ୍କୁ ସମ୍ଭାବ୍ୟ ବାତ୍ୟା ମୋନ୍ଥା ଦାଉରୁ ସୁରକ୍ଷା ଦେବା ପାଇଁ କେନ୍ଦ୍ରାପଡା ଜିଲାପାଳ ରାଜନଗର ବ୍ଲକ ଓ ତହସିଲ ପ୍ରଶାସନକୁ ସଜାଗ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବଙ୍ଗୋପସାଗରରେ ସୃଷ୍ଟି ବାତ୍ୟା ମୋନ୍ଥା ଏବେ ଗୋପାଳପୁରଠାରୁ ୫୫୦ କି.ମି.ଦୂରରେ ସମୁଦ୍ରରେ ବଳ ଗୋଟାଇ ସ୍ଥଳଭାଗ ଆଡକୁ ମାଡ଼ିଆସୁଛି । ଏହାର ପ୍ରଭାବରେ ସାଧାରଣ ଲୋକଙ୍କୁ ଯେପରି କୌଣସି କ୍ଷତି ନ ହେବ ସେନେଇ ସୋମବାର ରାଜନଗର ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଡ଼ିଓ ଅନିରୁଦ୍ଧ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ତହସିଲଦାର ଯୀଶୁକୃଷ୍ଣ ଦାସ ପ୍ରମୁଖ ଉପସ୍ଥିତ ରହି ବାତ୍ୟା ପାଇଁ ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯିବ ସହ ବ୍ଲକରେ ଥିବା ୪୫ ବାତ୍ୟା ଆଶ୍ରୟସ୍ଥଳୀକୁ ପ୍ରସ୍ତୁତ ରଖିବାକୁ କହିଥିଲେ । ବୈଠକରେ ଉପସ୍ଥିତ ଥିବା ସମସ୍ତ ସରପଞ୍ଚ,ସମିତି ସଭ୍ୟ ଓ ଲୋକ ପ୍ରତିନିଧିମାନେ ଜାଗ୍ରତ ରହିବାକୁ ପରାମର୍ଶ ଦିଆଯାଇଛି। ସୂଚନାଯୋଗ୍ୟ, ରାଜନଗର ବ୍ଲକ ସମୁଦ୍ର କୂଳଠାରୁ ଦେଢ କି.ମି.ଦୂରରେ ୪୭ ଗାଁ ରହିଛି। ପ୍ରଶାସନ ପକ୍ଷରୁ ଡ଼ାକବାଜି ଯନ୍ତ୍ର ମାଧ୍ୟମରେ ଲୋକମାନଙ୍କୁ ସଚେତନ କରାଯାଇଛି।


ବୈଠକରେ ବିଡିଓ ଏବଂ ଅନ୍ୟ ଅଧିକାରୀମାନେ ଆଲୋଚନା କରୁଛନ୍ତି ।

# ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ଡେରାବିଶ, ୨୭।୧୦(ବେବର୍ତ୍ତା ଅଜୟ ଦାସ)



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

ଡେରାବିଶ ବ୍ଲକ ରତାଦିଆଖଣ୍ଡସାହି ପଞ୍ଚାୟତ ରତାଦିଆ ଉଚ୍ଚ ବିଦ୍ୟାଳୟରେ ହାଟବାଣପୁର ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ସୋମବାର ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ନିର୍ମଳ କୁମାର ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ପ୍ରଧାନ ଶିକ୍ଷୟିତ୍ରୀ ଜୁଲୀ ମଲିକ ସଭାପତିତ୍ୱ କରିଥିବା ବେଳେ ଏଚ୍‌ଏନ୍‌ଏସ୍ ମହାବିଦ୍ୟାଳୟ ଅଧକ୍ଷ ପ୍ରାଧ୍ୟାପକ ଅକ୍ଷୟ କୁମାର ବଳ, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ସଞ୍ଜିକାନ୍ତ ମିଶ୍ର, ସରପଞ୍ଚ ଶିଶିର କୁମାର ସାମଲ,ଶିକ୍ଷାବିତ ଲଲାଟ କିଶୋର ଭୂୟାଁ, ଅଧ୍ୟାପକ ଦିବ୍ୟ କୁମାର ଦାଶ, ନବକିଶୋର ମିଶ୍ର, ସୁଜାତା ସାହୁ ଓ ଜିତେନ୍ଦ୍ର ସାହୁ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ୯ ଟି ବିଦ୍ୟାଳୟ ଓ ଗୋଟିଏ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ରଙ୍କୁ ନେଇ ଚିତ୍ରାଙ୍କନ, କୁଇଜ, ବକ୍ତୃତା, ନୃତ୍ୟ ଓ ସଙ୍ଗୀତ ସମେତ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବ୍ଲକ ସାଧନ କେନ୍ଦ୍ର ସଂଯୋଜକ ଦେବଦତ୍ତ ଶତପଥୀ ମୁଖ୍ୟ ଅତିଥି, ବିଦ୍ୟାଳୟ ପଞ୍ଚସଖା ଶିକ୍ଷା ସେତୁ ସଭାପତି ତଥା ପୂର୍ବତନ ସରପଞ୍ଚ ନିବେଦିତା ଦ୍ୱିବେଦୀ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରମୋଦ କୁମାର ମଲ୍ଲ, ବିଶ୍ୱଜିତ ମୁଦୁଲି, ତ୍ରିଲୋଚନ ମଲିକ ଓ ମନୋଜ କୁମାର ନାୟକ ଯୋଗଦେଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। କାର୍ଯ୍ୟକ୍ରମକୁ ତୁଷାରକାନ୍ତ ପରିଡ଼ା, ରଘୁନାଥ ଦାସ ସଂଯୋଜନା କରିଥିବା ବେଳେ ଶିକ୍ଷୟିତ୍ରୀ ପ୍ରିୟଙ୍କା ଦାସ, ପ୍ରିୟଙ୍କା ରାଉତ, ଗାୟତ୍ରୀ ରାଉତ, ରୀନା ସାହୁ,ପିଙ୍କିନା ସାହୁ,କିରଣବାଳା ହାଁସଦା, ଧରିତ୍ରୀ ମିଶ୍ର ଓ ଶିକ୍ଷକ ପ୍ରିୟବ୍ରତ ଦାସ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ନାରାୟଣ ପ୍ରସାଦ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଆଦିତ୍ୟ


@ ମୁକ୍ତିମଧୁର


@ ସଲିମ୍


@ ଶ୍ରୀକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


इंडियन बैंक Indian Bank
इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ. ସି/୯, ସେକ୍ଟର-୬, ସିଡ଼ିଏ, ପୋ: ମର୍କତନଗର, କଟକ-୭୫୩୦୧୪,
zocuttack@indianbank.co.in

ପରିଶିଷ୍ଟ-୪[ରୁଲ୍-୮(୧)]
**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ବନ୍ଧକଦାତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା/ଜାମିନ୍‌ଦାର/ ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **କଟକ ମଙ୍ଗଳାବାଗ ଶାଖା /** **ଋଣଗ୍ରହୀତା ଫାର୍ମ: ମେସର୍ସ ହରେକ୍ରିଷ୍ଣା ମାର୍କେଟିଂ, ସ୍ୱତ୍ୱାଧିକାରୀ: ଜିତେନ୍ଦ୍ର କୁମାର ଲଖାନି,** ପ୍ଲଟ୍ ନଂ.: ୪୩୮/ଏ, ୱାର୍ଡ ନଂ.: ୨୪, ସାମନ୍ତ ସାହି, ଶିବ ବଜାର, କଟକ, ପିନ୍-୭୫୩୦୦୧ / **ଋଣଗ୍ରହୀତା, ସ୍ୱତ୍ୱାଧିକାରୀ ଏବଂ ବନ୍ଧକଦାତା: ଜିତେନ୍ଦ୍ର କୁମାର ଲଖାନି,** ପିତା: ୰ ନାରାୟଣ ଦାସ ଲଖାନି / **ଜାମିନ୍‌ଦାର: ରଶ୍ମି ଲଖାନି,** ସ୍ୱାମୀ: ଜିତେନ୍ଦ୍ର କୁମାର ଲଖାନି, ଉଭୟଙ୍କ ଠିକଣା- ସା: ପ୍ଲଟ୍ ନଂ.: ଏଡ଼ି/୩, ୩ୟ ମହଲା, ଶ୍ରୀ ଜଗନ୍ନାଥ ହୋମ୍ସ, କ୍ୟାଣ୍ଟନମେଣ୍ଟ ରୋଡ୍, କଟକ ସଦର, କଟକ, ଓଡ଼ିଶା, ପିନ୍-୭୫୩୦୦୧ | ୧୬.୦୮.୨୦୨୫ ସୁଦ୍ଧା ଟ.୧,୧୩,୨୮,୯୨୬.୦୦ ଏବଂ ସେବାବଦ ସୁଧ | ୧୬.୦୮.୨୦୨୫ / ୨୧.୧୦.୨୦୨୫ | **(୧) ଶ୍ରୀ ଜିତେନ୍ଦ୍ର କୁମାର ଲଖାନିଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୩୫୯/୨୬୯, ରେଭିନ୍ୟୁ ପ୍ଲଟ୍ ନଂ.: ୩୩୦/୮୯୭, ସବ୍ ପ୍ଲଟ୍ ନଂ.: ୩୪, ପରିମିତ କ୍ଷେତ୍ର: ଏକର୦.୦୪୬ ଡିସିମିଲି, ମୌଜା: ଅଟଳା, ଥାନା: ବାଲିଅନ୍ତା, ତହସିଲ: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ଏହାର ଚଉହଦୀ ଚତୁଃପାର୍ଶ୍ୱରେ- ଉତ୍ତର: ୨୦ଫୁଟିଆ ଚଉଡା ପ୍ରସ୍ତାବିତ ରାସ୍ତା, ଦକ୍ଷିଣ: ସବ୍ ଡିଭିଜନ୍ ପ୍ଲଟ୍ ନଂ. ୩୯, ପୂର୍ବ: ସବ୍ ଡିଭିଜନ୍ ପ୍ଲଟ୍ ନଂ. ୩୩, ପଶ୍ଚିମ: ଜ୍ୟୋତି ମୋଦି, **(୨) ଶ୍ରୀ ଜିତେନ୍ଦ୍ର କୁମାର ଲଖାନିଙ୍କ** ନାମରେ ଥିବା, **"ଶ୍ରୀ ଜଗନ୍ନାଥ ହୋମ୍ସ"** ନାମକ ବାସୋପଯୋଗୀ ଆପାର୍ଟମେଣ୍ଟର ବ୍ଲକ୍-ଏ, ୩ୟ ମହଲା, ଫ୍ଲାଟ୍ ନଂ.: ଏଡ଼ି-୩ ଯାହାର ବିଲ୍ଟ ଅପ୍ ଏରିଆ: ୧୩୫୬ ବର୍ଗଫୁଟ ଏବଂ ପାର୍କିଂ ସ୍ଥାନ ୧୫୪ ବର୍ଗଫୁଟ, ଏହି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାକି ଡିଏସ୍‌ଆର୍‌ଓ: କଟକ, ମୌଜା: କଟକ ସହର ୟୁନିଟ୍ ନଂ. ୧୭ ମାଛୁଆବଜାର, ତହସିଲ: କଟକ, ତହସିଲ ନଂ. ୨୧୮, ଥାନା: ମଙ୍ଗଳାବାଗ, ଥାନା ନଂ. ୩, ଜିଲ୍ଲା: କଟକ, ମ୍ୟୁଟେସନ୍ ଖାତା ନଂ.: ୩୧/୨୭, ପ୍ଲଟ୍ ନଂ.: ୯, କିସମ: ଘରବାରି-ଏକ, କ୍ଷେତ୍ର: ଏକର୦.୪୫୯ଡିସିମିଲି ଏବଂ ପ୍ଲଟ୍ ନଂ.: ୨୮, କିସମ: ଘରବାରି-ଏକ, କ୍ଷେତ୍ର: ଏକର୦.୧୦୬ଡିସିମିଲି, ସମୁଦାୟ କ୍ଷେତ୍ର: ଏକର୦.୫୬୫ଡିସିମିଲିରୁ ବିକ୍ରୟ ହୋଇଥିବା ଅବିଭକ୍ତ, ସମାନୁପାତିକ, ନିରପେକ୍ଷ ଅଂଶ ଏକର୦.୦୦୭ଡିସିମିଲି, ବାର୍ଷିକ ଖଜଣା ଟ.୦.୪୨ପଇସା, ଅନୁରୂପ ହାଲ ବନ୍ଦୋବସ୍ତ ଖାତା ନଂ.: ୩୩, ଅନୁରୂପ ସାବକ ମୌଜା: ତୁଳସୀପୁର, ସାବକ ଖାତା ନଂ.: ୭୦, ସାବକ ପ୍ଲଟ୍ ନଂ.: ୧୬, ୧୭, ୧୮, ୧୯ (ଅଂଶ), ଏହାର ଚତୁଃପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୨୯, ଦକ୍ଷିଣ: ପ୍ଲଟ୍ ନଂ. ୭, ପୂର୍ବ: ପ୍ଲଟ୍ ନଂ. ୭୫୭ ଏବଂ ୭୪୯, ପଶ୍ଚିମ: ପ୍ଲଟ୍ ନଂ. ୨୭ ଏବଂ ୧୦ |

**ସ୍ଥାନ: କଟକ**
**ତାରିଖ: ୨୭.୧୦.୨୦୨୫**

ସ୍ୱା/- **କ୍ଷମତାପ୍ରାପ୍ତ ଅଧିକାରୀ**
**ଇଣ୍ଡିଆନ୍ ବ୍ୟାଙ୍କ**

# ପ୍ରଧାନମନ୍ତ୍ରୀ ସୌର ଘର ମାଗଣା ବିଦ୍ୟୁତ୍ ଯୋଜନା ପ୍ରତି ବଢୁନି ଆଗ୍ରହ

- ୨୦ ମାସରେ ମାତ୍ର ୨୧୨ ପରିବାର ସାମିଲ
- ଟାର୍ଗେଟ ୧ କୋଟି ଥିବାବେଳେ ସବ୍‌ସିଡି ବଢ଼ାଇପାରୁନି ଆଗ୍ରହ
- ବିଦ୍ୟୁତ୍ ବିଭାଗ ରିପୋର୍ଟରେ ତାଳମେଳ ନ ଥିବା ଅଭିଯୋଗ

**ନୟାଗଡ,୨୭।୧୦(ଲୋକନାଥ ମିଶ୍ର)**

ନୟାଗଡ ଜିଲାରେ ରୁଫ୍‌ଟପ୍ ସୌର ପ୍ରକଳ୍ପରେ ୩୦୦ ୟୁନିଟ୍ ମାଗଣା ବିଜୁଳି ସରକାର ଯୋଗାଉଥିବା ବେଳେ ୨୦ ମାସରେ ମାତ୍ର ୨୧୨ ପରିବାର ସାମିଲ ହେବା ପ୍ରଧାନମନ୍ତ୍ରୀ ସୌର ଘର ମୁଫ୍‌ତ ବିଜୁଳି ଯୋଜନାର ସଫଳତା ନେଇ ପ୍ରଶ୍ନ ଉଠିଛି। ଜିଲାରେ ଚାଲିଥିବା ଯୋଜନାର ସ୍ଥିତିକୁ ଅନୁଧ୍ୟାନ କଲେ ରୁଫ୍‌ଟପ୍ ସୌର ପ୍ରକଳ୍ପରେ ୨୦୨୬-୨୭ ଆର୍ଥିକ ବର୍ଷ ସୁଦ୍ଧା ୧ କୋଟି ପରିବାରକୁ ସାମିଲ ହେବା ସମ୍ଭବ ନୁହେଁ ବୋଲି କୁହାଯାଉଛି। ସମ୍ପୃକ୍ତ ଯୋଜନାରେ ୫୫ ହଜାରରୁ ୧ ଲକ୍ଷ ୩୮ ହଜାର ଟଙ୍କା ପର୍ଯ୍ୟନ୍ତ ସବ୍‌ସିଡି ମିଳୁଥିବା ସତ୍ତ୍ୱେ ହିତାଧିକାରୀ କାହିଁକି ମାଗଣା ବିଜୁଳି ଜାଳିବାକୁ ଆଗ୍ରହୀ ନୁହନ୍ତି ତା'ର କାରଣ ଖୋଜାଯାଉନି। ଏଭଳିସ୍ଥିତି ଲାଗି ରହିଲେ ଜିଲାରେ ରୁଫ୍ ଟପ୍ ସୌର ପ୍ରକଳ୍ପ ବାଟବଣା ହୋଇଯିବ ବୋଲି ଏବେଠାରୁ ତା'ର ଅସଲି ଚିତ୍ର ଜଣାପଡିଲାଣି ବୋଲି ମତ ପ୍ରକାଶ ପାଇଛି। ଅନ୍ୟପକ୍ଷେ ପ୍ରଧାନମନ୍ତ୍ରୀ ସୌର ଘର ମୁଫ୍‌ତ ବିଜୁଳି ଯୋଜନା ଉପରେ ବିଦ୍ୟୁତ୍ ବିଭାଗ ରିପୋର୍ଟକୁ ଅନୁଧ୍ୟାନ କଲେ ତାହା ଠିକ ନ ଥିବା ଅଭିଯୋଗ ଉଠିଛି।

ରୁଫ୍ ଟପ ସୌର ପ୍ରକଳ୍ପ ନୟାଗଡ ଜିଲାରେ ୨୦୨୪ ଫେବୃଆରୀ ୧୩ରୁ ଆରମ୍ଭ ହୋଇଛି। ଏହା ୨୦୨୬-୨୭ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଚାଲିବ। ଯୋଜନାରେ ୧ କୋଟି ପରିବାରକୁ ରୁଫ୍ ଟପ ସୌର ପ୍ରକଳ୍ପରେ ସାମିଲ କରାଯିବାକୁ ଲକ୍ଷ୍ୟ ରହିଛି। ଏଥିପାଇଁ ସରକାର ୭୫ କୋଟି ୨୧ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଯୋଜନାରେ ସାମିଲ ହେଲେ ମାସକୁ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ମାଗଣା ଦେଉଛନ୍ତି। ପ୍ରତି ଘର ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ସବ୍‌ସିଡ୍ ଦେଉଛନ୍ତି। ୧ କିଲୋୱାଟ୍ ପ୍ରକଳ୍ପ କଲେ ୫୫ ହଜାର ଟଙ୍କା ସବ୍‌ସିଡ୍ ମିଳୁଛି। ଏଥିରେ କେନ୍ଦ୍ର ସରକାରଙ୍କର ୩୦ ହଜାର ଓ ରାଜ୍ୟ ସରକାରଙ୍କର ୨୫ ହଜାର ରହିଛି।

ସେହିପରି ୨ କିଲୋୱାଟ୍‌ରେ କେନ୍ଦ୍ର ସରକାରଙ୍କର ୬୦ ହଜାର ଓ ରାଜ୍ୟ ସରକାରଙ୍କର ୫୦ ହଜାର ଏପରି ୧ ଲକ୍ଷ ୧୦ ହଜାର ମିଳୁଥିବାବେଳେ ୩କିଲୋୱାଟ୍ ପାଇଁ କେନ୍ଦ୍ର ସରକାରଙ୍କର ୭୮ ହଜାର ଓ ରାଜ୍ୟ ସରକାରଙ୍କର ୬୦ ହଜାର ଏପରି ମୋଟରେ ୧ ଲକ୍ଷ ୩୮ ହଜାର ଟଙ୍କା ମିଳୁଛି। ଅନ୍‌ଲାଇନ୍‌ରେ ନାଁ ପଞ୍ଜୀକରଣ କରି ଯୋଜନାର ସୁଫଳ ନେଇ ହେବ। ଯୋଜନାରେ ସାମିଲ ହେବା ପାଇଁ ଜିଲାରେ ଗତ ଜୁନ ସୁଦ୍ଧା ୨୨୧୬ ଆବେଦନ ହୋଇଥିବାବେଳେ ଏଥିରୁ ୧୧୦୯ ଆବେଦନକୁ ମଞ୍ଜୁରି ମିଳିଥିଲା। ଗତ ଜୁନ ମାସ ଭିତରେ ଦଶପଲ୍ଲା ବ୍ଲକରେ ୧୫, ଗଣିଆରେ ୩, ଖଣ୍ଡପଡାରେ ୩, ନୟାଗଡରେ ୨୭, ଓଡଗାଁରେ ୫, ରଣପୁରରେ ୧୫ ଏପରି ମୋଟରେ ୬୮ ହିତାଧିକାରୀଙ୍କର ରୁଫ୍‌ଟପ୍ ସୌର ପ୍ରକଳ୍ପ ହୋଇଥିଲା। ତେବେ ଏବର ରିପୋର୍ଟ କହୁଛି, ଜିଲାରେ ୪୮୭ ପରିବାର ମାଗଣା ବିଦ୍ୟୁତ୍ ପାଇଁ ଆବେଦନ କରିଥିଲେ। ଏଥିରୁ ୨୧୨ ଦରଖାସ୍ତ ଖାରଜ ହୋଇଯାଇଛି। ୨୭୫ ଆବେଦନ କାର୍ଯ୍ୟ ଚାଲୁ ରହିଛି। ୨୧୨ ଜଣ ସବ୍‌ସିଡି ପାଇ ସାରିଲେଣି। ତାଲିକାରେ ନୟାଗଡ ଡିଭିଜନର ନୟାଗଡ, ଇଟାମାଟି, ଖଣ୍ଡପଡା ଓ ଦଶପଲ୍ଲା ସବ୍‌ଡିଭିଜନ ରହିଛି। ଏଥିରେ ଓଡଗାଁ ସେକ୍ସନ ୨ରେ କେତେକ ଉପଭୋକ୍ତା ଯୋଜନାରେ ସାମିଲ ହୋଇଥିବା ଜଣାପଡିଛି। ତେବେ ଓଡଗାଁ ୧ ସେକ୍ସନରେ ଅନେକ ଉପଭୋକ୍ତା ପ୍ରଧାନମନ୍ତ୍ରୀ ସୌର ଘର ମୁଫ୍‌ତ ବିଜୁଳି ଯୋଜନାରେ ସାମିଲ ହୋଇଥିଲେ ହେଁ ସେମାନଙ୍କ ସଂଖ୍ୟା ତାଲିକାରେ ନାହିଁ। ବିଦ୍ୟୁତ୍ ବିଭାଗ ପକ୍ଷରୁ ଦିଶା ବୈଠକରେ ଗତ ଜୁନ ୧୯ ଓ ଅକ୍ଟୋବର ୨୪ ରେ ଦିଆଯାଇଥିବା ୪ମାସର ଦୁଇଟି ରିପୋର୍ଟକୁ ଦେଖିଲେ ସଂଖ୍ୟାରେ ତାଳମେଳ ରହୁଥିବା ଅନୁଭବ ହେଉଛି। ଗତ ୨୪ ତାରିଖରେ ଦିଶା ବୈଠକରେ ଦିଆଯାଇଥିବା ରିପୋର୍ଟ ମଧ୍ୟ ଠିକ ପରି ଲାଗୁ ନ ଥିବା ଜଣାପଡିଛି। ବିଦ୍ୟୁତ୍ ବିଭାଗ କେତେବେଳେ ବ୍ଲକ ଅନୁସାରେ ରିପୋର୍ଟ ଦେଉଛି ତ ଆଉ କେତେବେଳେ ସବ୍‌ଡିଭିଜନ ଅନୁସାରେ ରିପୋର୍ଟ ଦେଉଛି। ବିଭାଗର ଭିନ୍ନ ଭିନ୍ନ ରିପୋର୍ଟକୁ ଦେଖିଲେ ବିଭାଗର ପ୍ରଧାନମନ୍ତ୍ରୀ ସୌର ଘର ମୁଫ୍‌ତ ବିଜୁଳି ଯୋଜନାର ସଫଳତା ଉପରେ ନଜର ନ ଥିବା ପରି ଅନୁମାନ କରାଯାଉଛି। ଏଭଳି ଅବ୍ୟବସ୍ଥା ଲାଗି ରହିଲେ ଜିଲାରେ ପ୍ରଧାନମନ୍ତ୍ରୀ ସୌର ଘର ମୁଫ୍‌ତ ବିଜୁଳି ଯୋଜନା ବାଟବଣା ହୋଇଯିବ ବୋଲି କୁହାଯାଉଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି


metroselfie@gmail.com



@ ଆଦିତ୍ୟ



@ ମୁକ୍ତିମଧୁର



@ ସଲିମ୍



@ ଶ୍ରୀକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଲଘୁଚାପଜନିତ ବର୍ଷାରେ ଧାନଫସଲ ନଷ୍ଟ, ଚିନ୍ତାରେ ଚାଷୀ



ଖଣ୍ଡପଡା ଅଞ୍ଚଳରେ ହୋଇଥିବା ଧାନ ଫସଲ ।

**ଖଣ୍ଡପଡ଼ା ୨୭।୧୦ (ଅଜୟ କୁମାର ମହାରଣା)**

ଲଘୁଚାପଜନିତ ବର୍ଷା ପ୍ରଭାବରେ ସୋମବାର ଅପରାହ୍ନ ପ୍ରାୟ ୨ଟାରୁ ଖଣ୍ଡପଡ଼ା ଓ ଏହାର ଆଖପାଖ ଅଞ୍ଚଳରେ ଝିପି ଝିପି ବର୍ଷା କଣ୍ଟିଲୋ, ସିଧାମୂଳା ଓ ପଥର ଚକଡା ଆଦି ଅଞ୍ଚଳରେ ଲାଗି ରହିଛି। ଅଦିନିଆ ବର୍ଷା ଯୋଗୁ ଧାନ ଫସଲ ଓ ପନିପରିବା ଚାଷ କ୍ଷତିଗ୍ରସ୍ତ ହେବାର ଆଶଙ୍କା ପ୍ରକାଶ ପାଇଛି। ଏକର ଏକର ଚାଷ ଜମିରେ ଧାନ ଫସଲ ବର୍ଷା ଯୋଗୁ ନଷ୍ଟ ହେବା ଆଶଙ୍କା ଥିବାରୁ ଶହଶହ ଚାଷୀ ପରିବାର ଏବେ ଚିନ୍ତାରେ ପଡି ଯାଇଥିବା ଜଣାପଡିଛି। ସମ୍ଭାବ୍ୟ ବାତ୍ୟା ପ୍ରଭାବରେ ଭୀଷଣ ବର୍ଷା ହେବାର ସମ୍ଭାବନା ଥିବା ନେଇ ପ୍ରଚାର ହେଉଥିବାରୁ ଖଣ୍ଡପଡ଼ା ବ୍ଲକ ଅଞ୍ଚଳର ଚାଷୀ ଭୟଭୀତ ହୋଇଛନ୍ତି।

ସେହିପରି ଖଣ୍ଡପଡ଼ା ବ୍ଲକ ଅଧିନ ବଡବାଣପୁର, ସିଧାମୂଳା, ବୋଦସା, ବେଣାଗାଡିଆ ରାଣୀପଡା, ଗୁଣ୍ଡୁଣି, ବନମାଳୀପୁର, ବାଣପୁର,ଶିଖରପୁର, କୋସକା ଓ କିଆଝର ପଞ୍ଚାୟତ ଅଧିନ ବିଭିନ୍ନ ଗ୍ରାମର ଚାଷୀମାନେ ପନିପରିବା ଚାଷ କରି ପରିବାରର ଚଳାଉଥିବା ବେଳେ ଅଦିନିଆ ବର୍ଷା ଯୋଗୁ ସବୁ ପରିବା ଚାଷ ନଷ୍ଟ ହେବାର ସମ୍ଭାବନା ରହିଛି। ତେବେ ଭାରି ବର୍ଷାରେ ଅନେକ ଚାଷୀ ଧାନ କାଟି ନ ଥିବାରୁ ତଳେପଡ଼ି ନଷ୍ଟ ହୋଇଯାଇଥିବା ବଳରାମ ପ୍ରସାଦର ଚାଷୀ ସନାତନ ଲେଙ୍କା କହିଛନ୍ତି। ଯଦି ଏପରି ବର୍ଷା ଲାଗିରୁହେ ତେବେ ଚାଷ ସବୁ ନଷ୍ଟ ହୋଇଯିବ ବୋଲି ସେ କହିଛନ୍ତି।

# ସରପଞ୍ଚଙ୍କ ପୁଅଙ୍କୁ ଲାଞ୍ଚ ନ ଦେବାରୁ ମିଳିଲାନି କାର୍ଯ୍ୟାଦେଶ

**ନୟାଗଡ,୨୭।୧୦ (ଲୋକନାଥ ମିଶ୍ର)**

**ଅନ୍ତ୍ୟୋଦୟ ଗୃହ ଯୋଜନା**

- ଜିଲାପାଳଙ୍କୁ ଫେରାଦ୍ ହେଲେ ବିଧବା

ସରପଞ୍ଚଙ୍କ ପୁଅଙ୍କୁ ୨୦ ହଜାର ଲାଞ୍ଚ ନ ଦେବାରୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ମିଳିଲାନି ବୋଲି ଭାପୁର ବ୍ଲକରେ ଅନୁଷ୍ଠିତ ଜିଲାପାଳଙ୍କ ଜନ ଶୁଣାଣିରେ ସୋମବାର ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ଭାପୁର ବ୍ଲକ ଏଲପଡା ଗାଁର ପୁଷ୍ପଲତା ବିଶ୍ୱାଳ କହିଛନ୍ତି। ପୁଷ୍ପଲତାଙ୍କ ଅଭିଯୋଗ ଅନୁସାରେ ସ୍ୱାମୀଙ୍କ ମୃତ୍ୟୁପରେ ପରିବାରରେ ରୋଜଗାର କ୍ଷମ ବ୍ୟକ୍ତି କେହି ନାହାନ୍ତି। ପୁଷ୍ପଲତାଙ୍କ ଉପରେ ଶାଶୁ, ନାବାଳକ ପୁଅ ଓ ଝିଅଙ୍କର ବୋଝ ରହିଛି। ବାସସ୍ଥାନଟି ଝାଟିମାଟିର ଚାଳ ଛପର ଘର ହୋଇଥିବାରୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଘର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ଅନ୍ତ୍ୟୋଦୟ ଗୃହ ଯୋଜନା ପାଇବାକୁ ଯୋଗ୍ୟ ବିବେଚିତ ହେବା ପରେ ସରପଞ୍ଚଙ୍କ ପୁଅ ଆସି ଅଫିସ ଖର୍ଚ୍ଚ ପାଇଁ ୨୦ ହଜାର ଲାଞ୍ଚ ମାଗିଥିଲେ। ନିଜର ଅସହାୟତା ପ୍ରକାଶ କରିବା ପରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ମିଳିଲାନି। ତେବେ କିଛି ଅଯୋଗ୍ୟ ହିତାଧିକାରୀ ଧରାଧରି କରି ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ପାଇ ସାରିଛନ୍ତି। ଲାଞ୍ଚ ସମ୍ପର୍କରେ ବିଡିଓଙ୍କୁ ଅଭିଯୋଗ କରିବା ପରେ ସୁଫଳ ମିଳିଲା ନାହିଁ। ଏଣୁ ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଭଙ୍ଗା ଘରେ ରହୁଥିବାରୁ ଭାଙ୍ଗିଯିବାର ଭୟ ରହିଛି। ଏଭଳିସ୍ଥଳେ ଜିଲାପାଳଙ୍କୁ ଅଭିଯୋଗ ପରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଘର ମିଳିବାର ପ୍ରତିଶ୍ରୁତି ମିଳିଥିବା ପୁଷ୍ପଲତା କହିଛନ୍ତି।



ଅଭିଯୋଗ କରିବାକୁ ଆସିଥିବା ମହିଳା।

# ନ୍ୟାୟ ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ମହିଳା



ଅଭିଯୋଗ ଶୁଣାଣିରେ ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ମହିଳା ।

**ଭାପୁର,୨୭।୧୦(ପ୍ରଭାତ ବରାଡ)**

ଫତେଗଡ ଥାନା କେନ୍ଦୁପଲ୍ଲୀ ପଞ୍ଚାୟତ ମାରଡା ଗ୍ରାମର ପିଙ୍କି ନାୟକ ନ୍ୟାୟ ପାଇଁ ଭାପୁରରେ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଅନୁଯାୟୀ ସେପ୍ଟେମ୍ବରରେ ମାରଡା ଗ୍ରାମର ଲକ୍ଷ୍ମୀଧର ନାୟକ ଓ ପପୁନା ନାୟକ ବାପ ପୁଅ ମିଶି ପୂର୍ବ ଶତ୍ରୁତାରୁ ପିଙ୍କିଙ୍କ ଘରେ ପଶି ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଘଟଣାକୁ ନେଇ ପିଙ୍କି ଫତେଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ହେଲେ ପୋଲିସ ନ୍ୟାୟ ଦେଇ ନ ଥିଲା। ଏହାପରେ ନୟାଗଡ଼ ଜିଲା ଆରକ୍ଷୀ ଅଧୀକ୍ଷକ ଏସ୍.ସୁଶ୍ରୀଙ୍କୁ ଭେଟି ଅଭିଯୋଗ କରିଥିଲେ। ହେଲେ ଆଜି ପର୍ଯ୍ୟନ୍ତ କୌଣସି ନ୍ୟାୟ ମିଳିଲା ନାହିଁ। ବରଂ ଆକ୍ରମଣକାରୀ ଦିନକୁ ଦିନ ଉଦ୍ଧତ ହୋଇ ଗାଳିମନ୍ଦ କରିବା ସହ ତାଙ୍କ ପରିବାରକୁ ହତ୍ୟା କରିବା ପାଇଁ ଧମକ ଦେଉଛନ୍ତି। ଏପରିକି ପିଙ୍କିଙ୍କ ଝିଅ କଣ୍ଟିଲୋ ନୀଳମାଧବ କଲେଜରେ ପଢୁଛନ୍ତି। ସେ କଲେଜ ଯିବା ବାଟରେ ତାଙ୍କୁ ପିଛାକରି ଭୟଭୀତ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଉଛନ୍ତି। ଫଳରେ ସେ ପାଠ ପଢ଼ିବାକୁ ଯାଇ ପାରୁନାହାନ୍ତି। ଜିଲାପାଳଙ୍କୁ ଅଭିଯୋଗ ପରେ ଆରକ୍ଷୀ ଅଧୀକ୍ଷକ ଖଣ୍ଡପଡ଼ା ଏସ୍‌ଡିପିଓ ମଦନମୋହନ ପ୍ରଧାନ ଓ ଫତେଗଡ ଥାନା ଅଧିକାରୀ ପଞ୍ଚାନନ ପରିଡାଙ୍କୁ ତାଗିଦ କରିବା ସହ ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

# ମାଙ୍କଡ, ବାର୍‌ହା ଉପଦ୍ରବରେ ଫସଲ ନଷ୍ଟ

**ଖଣ୍ଡପଡା,୨୭।୧୦(ଅଜୟ କୁମାର ମହାରଣା)**

ଖଣ୍ଡପଡା ଅଞ୍ଚଳରେ ଦିନରେ ମାଙ୍କଡ ଓ ରାତିରେ ବାର୍‌ହାଙ୍କ ଉପଦ୍ରବ ଯୋଗୁ ପନିପରିବା, ଆଖୁ, ଧାନ ଓ ରବିଫସଲ ବ୍ୟାପକ କ୍ଷତିଗ୍ରସ୍ତ ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ସଞ୍ଜନଇଁଲେ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରୁ ପଲପଲ ବାର୍‌ହା ଚାଷଜମିକୁ ଚାଲିଆସି ଫସଲ ନଷ୍ଟ କରୁଥିବା ଅଭିଯୋଗ ହେଉଛି। ବିଶେଷ କରି ବାଣପୁର ପଞ୍ଚାୟତ ବାରଖୋଲା ଜଙ୍ଗଲ, ଧାନଚେଙ୍ଗଡା ପଞ୍ଚାୟତ ଗୋସିଂଙ୍ଗ ଜଙ୍ଗଲ ଓ ଏହାର ଆଖାପଖ ଅଞ୍ଚଳରେ ଥିବା ଗ୍ରାମ ଜଙ୍ଗଲରୁ ରାତିହେଲେ ବାର୍‌ହା ଦଳଦଳ ହୋଇ ସାରୁ, ମାଣ୍ଡିଆ, ମକା ଓ ବାଇଗଣ ଆଦି ଖାଇବା ସହ ସେମାନଙ୍କ ଉପଦ୍ରବରେ ଫସଲ ସବୁ ଉଜୁଡି ଯାଉଥିବା ଅଭିଯୋଗ ହେଉଛି । ଚଳିତବର୍ଷ ଅନିୟମିତ ବୃଷ୍ଟିପାତ ସାଙ୍ଗକୁ ଲଘୁଚାପ ଜନିତ ବର୍ଷାରେ ପନିପରିବା ଓ ଧାନଫସଲ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଏବେ ବାର୍‌ହାଙ୍କ ଉପଦ୍ରବ ସାଙ୍ଗକୁ ମାଙ୍କଡଙ୍କ ଦୌରାତ୍ମ୍ୟ ଖଣ୍ଡପଡା ବ୍ଲକ ଅଞ୍ଚଳର ଚୈତନ୍ୟପୁର, କୁମୁଣ୍ଡି, ବାଣପୁର ଓ ଘଣାଶାଳିଆ ଆଦି ଚାଷୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ମାଙ୍କଡ ଓ ବାର୍‌ହାଙ୍କ ଦାଉରୁ ରକ୍ଷା ପାଇବା ଲାଗି ବ୍ଲକ ଅଞ୍ଚଳର ଚାଷୀମାନେ ଖଣ୍ଡପଡା ବନବିଭାଗ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ସୁଫଳ ମିଳୁନଥିବା ଅଭିଯୋଗ ହେଉଛି।



ନଷ୍ଟ ହୋଇଥିବା ଫସଲ ।

# ଖଣ୍ଡପଡ଼ାରେ ଗିରିଗୋବର୍ଦ୍ଧନଙ୍କ ଭସାଣି ଉତ୍ସବ

**ଖଣ୍ଡପଡ଼ା ୨୭।୧୦ (ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ସହର ରଥଗଡ଼ା ଛକସ୍ଥିତ ୫ ମଣ୍ଡପରେ ପୂଜା ପାଉଥିବା ଗିରିଗୋବର୍ଦ୍ଧନଙ୍କ ଭସାଣି ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମ ସମ୍ମୁଖରୁ ଏକ ବିରାଟ ଶୋଭାଯାତ୍ରାରେ ମୃଣ୍ମୟ ମୂର୍ତ୍ତିଗୁଡ଼ିକୁ ନିଆଯାଇ ସହର ପରିକ୍ରମା କରାଯାଇଥିଲା। ପରେ ମୂର୍ତ୍ତିଗୁଡ଼ିକୁ ନିକଟସ୍ଥ ଜଳାଶୟରେ ବିସର୍ଜନ କରାଯାଇଥିବା ଜଣାଯାଇଛି । ପୂଜା କମିଟି ସଦସ୍ୟମାନଙ୍କ ସହ ଶୁଭେଚ୍ଛୁମାନେ ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଖଣ୍ଡପଡ଼ା ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିବା ବେଳେ ଶାନ୍ତିଶୃଙ୍ଖଳା ସହ ଭସାଣି ଉତ୍ସବ ଶେଷ ହୋଇଥିବା ଜଣାଯାଇଛି ।



ଗିରିଗୋବର୍ଦ୍ଧନଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।


ଇଣ୍ଡିଆନ ବ୍ୟାଙ୍କ Indian Bank
इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**

ସା: ପ୍ଲଟ୍ ନଂ. ସି/୯, ସେକ୍ଟର-୬, ସିଡ଼ିଏ, ପୋ: ମର୍କତନଗର, କଟକ-୭୫୩୦୧୪,
zocuttack@indianbank.co.in

ପରିଶିଷ୍ଟ-୪[ରୁଲ୍-୮(୧)]

**ଦଖଲ ନୋଟିସ୍**

(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ବନ୍ଧକଦାତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା/ଜାମିନ୍‌ଦାର/ ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **କଟକ ମଙ୍ଗଳାବାଗ ଶାଖା /** **ଋଣଗ୍ରହୀତା ଫାର୍ମ: ମେସର୍ସ ହରେକ୍ରିଷ୍ଣା ମାର୍କେଟିଂ, ସ୍ୱତ୍ତ୍ୱାଧିକାରୀ: ଜିତେନ୍ଦ୍ର କୁମାର ଲଖାନି,** ଫ୍ଲାଟ୍ ନଂ.: ୪୩୮/ଏ, ୱାର୍ଡ ନଂ.: ୨୪, ସାମନ୍ତ ସାହି, ଶିବ ବଜାର, କଟକ, ପିନ୍-୭୫୩୦୦୧ / **ଋଣଗ୍ରହୀତା, ସ୍ୱତ୍ତ୍ୱାଧିକାରୀ ଏବଂ ବନ୍ଧକଦାତା: ଜିତେନ୍ଦ୍ର କୁମାର ଲଖାନି,** ପିତା: ସ୍ୱ ନାରାୟଣ ଦାସ ଲଖାନି / **ଜାମିନ୍‌ଦାର: ରଶ୍ମି ଲଖାନି,** ସ୍ୱାମୀ: ଜିତେନ୍ଦ୍ର କୁମାର ଲଖାନି, ଉଭୟଙ୍କ ଠିକଣା- ସା: ଫ୍ଲାଟ୍ ନଂ.: ଏଡ଼ି/୩, ୩ୟ ମହଲା, ଶ୍ରୀ ଜଗନ୍ନାଥ ହୋମ୍ସ, କ୍ୟାଣ୍ଟନମେଣ୍ଟ ରୋଡ୍, କଟକ ସଦର, କଟକ, ଓଡ଼ିଶା, ପିନ୍-୭୫୩୦୦୧ | ୧୬.୦୮.୨୦୨୫ ସୁଦ୍ଧା ଟ.୧,୧୩,୨୮,୯୨୬.୦୦ ଏବଂ ସେବାବଦ ସୁଧ | ୧୬.୦୮.୨୦୨୫ / ୨୧.୧୦.୨୦୨୫ | (୧) **ଶ୍ରୀ ଜିତେନ୍ଦ୍ର କୁମାର ଲଖାନିଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୩୫୯/୨୬୯, ରେଭିନ୍ୟୁ ପ୍ଲଟ୍ ନଂ.: ୩୩୦/୮୯୭, ସବ୍ ପ୍ଲଟ୍ ନଂ.: ୩୪, ପରିମିତ କ୍ଷେତ୍ର: ଏକର୦.୦୪୬ ଡିସିମିଲି, ମୌଜା: ଅଟଳା, ଥାନା: ବାଲିଅନ୍ତା, ତହସିଲ: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ଏହାର ଚତୁଃପାର୍ଶ୍ୱରେ- ଉତ୍ତର: ୨୦ଫୁଟିଆ ଚଉଡା ପ୍ରସ୍ତାବିତ ରାସ୍ତା, ଦକ୍ଷିଣ: ସବ୍ ଡିଭିଜନ୍ ପ୍ଲଟ୍ ନଂ. ୩୯, ପୂର୍ବ: ସବ୍ ଡିଭିଜନ୍ ପ୍ଲଟ୍ ନଂ. ୩୩, ପଶ୍ଚିମ: ଜ୍ୟୋତି ମୋଦି, (୨) **ଶ୍ରୀ ଜିତେନ୍ଦ୍ର କୁମାର ଲଖାନିଙ୍କ** ନାମରେ ଥିବା, **"ଶ୍ରୀ ଜଗନ୍ନାଥ ହୋମ୍ସ"** ନାମକ ବାସୋପଯୋଗୀ ଆପାର୍ଟମେଣ୍ଟର ବ୍ଲକ୍-ଏ, ୩ୟ ମହଲା, ଫ୍ଲାଟ୍ ନଂ.: ଏଡ଼ି-୩ ଯାହାର ବିଲ୍ଟ ଅପ୍ ଏରିଆ: ୧୩୫୬ ବର୍ଗଫୁଟ ଏବଂ ପାର୍କିଂ ସ୍ଥାନ ୧୫୪ ବର୍ଗଫୁଟ, ଏହି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାକି ଡିଏସ୍‌ଆରଓ: କଟକ, ମୌଜା: କଟକ ସହର ୟୁନିଟ୍ ନଂ. ୧୭ ମାଛୁଆବଜାର, ତହସିଲ: କଟକ, ତହସିଲ ନଂ. ୨୧୮, ଥାନା: ମଙ୍ଗଳାବାଗ, ଥାନା ନଂ. ୩, ଜିଲ୍ଲା: କଟକ, ମ୍ୟୁଟେସନ୍ ଖାତା ନଂ.: ୩୧/୨୭, ପ୍ଲଟ୍ ନଂ.: ୯, କିସମ: ଘରବାରି-ଏକ, କ୍ଷେତ୍ର: ଏକର୦.୪୫୯ଡିସିମିଲି ଏବଂ ପ୍ଲଟ୍ ନଂ.: ୨୮, କିସମ: ଘରବାରି-ଏକ, କ୍ଷେତ୍ର: ଏକର୦.୧୦୬ଡିସିମିଲି, ସମୁଦାୟ କ୍ଷେତ୍ର: ଏକର୦.୫୬୫ଡିସିମିଲିରୁ ବିକ୍ରୟ ହୋଇଥିବା ଅବିଭକ୍ତ, ସମାନୁପାତିକ, ନିରପେକ୍ଷ ଅଂଶ ଏକର୦.୦୦୭ଡିସିମିଲି, ବାର୍ଷିକ ଖଜଣା ଟ.୦.୪୨ପଇସା, ଅନୁରୂପ ହାଲ ବନ୍ଦୋବସ୍ତ ଖାତା ନଂ.: ୩୩, ଅନୁରୂପ ସାବକ ମୌଜା: ତୁଳସୀପୁର, ସାବକ ଖାତା ନଂ.: ୭୦, ସାବକ ପ୍ଲଟ୍ ନଂ.: ୧୬, ୧୭, ୧୮, ୧୯ (ଅଂଶ), ଏହାର ଚତୁଃପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୨୯, ଦକ୍ଷିଣ: ପ୍ଲଟ୍ ନଂ. ୭, ପୂର୍ବ: ପ୍ଲଟ୍ ନଂ. ୭୫୭ ଏବଂ ୭୪୯, ପଶ୍ଚିମ: ପ୍ଲଟ୍ ନଂ. ୨୭ ଏବଂ ୧୦ |

ସ୍ଥାନ: କଟକ
ତାରିଖ: ୨୭.୧୦.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ଇଣ୍ଡିଆନ୍ ବ୍ୟାଙ୍କ

## ସଂକ୍ଷେପରେ

### ବେଆଇନ ଗୋରୁ ଚାଲାଣକୁ ନେଇ ଉତ୍ତେଜନା



ଯାଜପୁର ସଦର/ ଯାଜପୁର ଟାଉନ, ୨୭।୧୦ ( ସମର ବିଜୟ ଶରଣ/ ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ସଦର ଥାନା ଅଞ୍ଚଳରେ ବେଆଇନ ଗୋରୁ ଚାଲାଣ କରାଯାଉଥିବା ଖବରପାଇ ନବ ଭାରତ ହିନ୍ଦୁ ସଙ୍ଗଠନ ଓ ବଜରଙ୍ଗ ଦଳ ପକ୍ଷରୁ ମିଳିତ ଭାବେ ଯାଞ୍ଚ କରି ଏକ ଗାଡ଼ିକୁ ବରୁଆଁ ଛକ ନିକଟରେ ଅଟକାଇଥିଲେ। ଏହାକୁ ନେଇ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୋରୁ ଗାଡ଼ିକୁ ଜବତ କରିବା ସହ ଚାଳକ ବସନ୍ତ ପତିଙ୍କୁ ଥାନାରେ ଅଟକ ରଖିଛି। ଗାଡ଼ିରେ ଥିବା ୩ ଗୋରୁଙ୍କୁ କୁଆଖିଆରେ ଥିବା ଗୋଶାଳାରେ ଛଡ଼ା ଯାଇଛି। ବେଆଇନ୍ ଗୋଚାଲାଣ ରୋକିବା କ୍ଷେତ୍ରରେ ପୋଲିସ ପ୍ରଶାସନ ଠୋସ ପଦକ୍ଷେପ ନେଉ ନଥିବାରୁ ସଦର ଥାନା ପରିସରରେ ନବ ଭାରତ ହିନ୍ଦୁ ସଙ୍ଗଠନର ଜିଲା କାର୍ଯ୍ୟକର୍ତ୍ତା ଓ କର୍ମୀମାନେ ଏକତ୍ରିତ ହୋଇ ବିଭିନ୍ନ ନାରାବାଜି କରିବା ସହ ଏକ ଲିଖିତ ଅଭିଯୋଗ ପ୍ରଦାନ କରିଛନ୍ତି। ଆଗାମୀଦିନରେ ସଦର ପୋଲିସ ବେଆଇନ ଗୋରୁ ଚାଲାଣ ରୋକିବାକୁ ପଦକ୍ଷେପ ନ ନେଲେ ରାଜରାସ୍ତାକୁ ଓହ୍ଲାଇବାକୁ ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

### ମସ୍ତିଷ୍କ ବିକାରଗ୍ରସ୍ତ ବ୍ୟକ୍ତିଙ୍କ ସନ୍ଦେହଜନକ ମୃତ୍ୟୁ

ଯାଜପୁର ସଦର/ ଯାଜପୁର ଟାଉନ, ୨୭।୧୦ ( ସମର ବିଜୟ ଶରଣ/ ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ସଦର ଥାନା ଅନ୍ତର୍ଗତ ବରୁଆଁ ପଞ୍ଚାୟତର କଚେରିଗାଁର ବୈଷ୍ଣବ ମହାନ୍ତିଙ୍କ ପୁତ୍ର ଅଶୋକ (୫୨)ଙ୍କ ରବିବାର ରାତିରେ ସନ୍ଦେହଜନକ ମୃତ୍ୟୁ ହୋଇଛି। ସଦର ଥାନାରେ ମୃତ ଅଶୋକଙ୍କ ସ୍ତ୍ରୀଙ୍କ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ଅଶୋକ ଜନ୍ମରୁ ମସ୍ତିଷ୍କ ବିକାର ରୋଗୀ ହୋଇଥିବାରୁ ଡାକ୍ତରଙ୍କ ପରାମର୍ଶକ୍ରମେ ନିୟମିତ ଔଷଧ ସେବନ କରନ୍ତି। ମଝିରେ ମଝିରେ ଘର ଛାଡ଼ି କେଉଁଆଡେ ପଳାଇ ଯାଆନ୍ତି ଓ ପୁଣି ଘରକୁ ଫେରନ୍ତି। ରବିବାରି ରାତି ୪ଟାରେ ଘରର ପଛପଟେ ମୃତ ଅବସ୍ଥାରେ ପଡ଼ିଥିବା ଦେଖି ଥାନାକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଥିବା ଦେଖି ସନ୍ଦେହ ହେବାରୁ ସାଇଣ୍ଟିଫିକ୍ ଟିମ୍‌ର ସହାୟତା ନେଇଥିଲା। ପରେ ମୃତ ଶରୀର ପଞ୍ଚନାମା କରି ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (୩୧/୨୦୨୫) ରୁଜୁ କରି ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

# ସମାଧାନ ନ ହେଲେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା

### ଜରି ପଞ୍ଚାୟତରେ ହିତାଧିକାରୀଙ୍କ ଭତ୍ତା ସ୍ଥଗିତ

ସିଂହପୁର, ୨୭।୧୦ (ଅନଙ୍ଗ ଉଦୟ ବେଉରିଆ)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଜରି ପଞ୍ଚାୟତରେ ଅକ୍ଟୋବର ମାସରେ ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତା ଶତାଧିକ ହିତାଧିକାରୀଙ୍କ ସ୍ଥଗିତ ରଖାଯାଇଛି। ଏହାକୁ ନେଇ ଜରି ପଞ୍ଚାୟତରେ ଉତ୍ତେଜନା ଦେଖାଦେଇଛି। ଯଥାଶୀଘ୍ର ଏହାର ତଦନ୍ତ କରି ଜରି ପଞ୍ଚାୟତର ଜରି, ନାଉବାଙ୍କ, ନେମର ଗ୍ରାମର ଭତ୍ତାରୁ ବଞ୍ଚିତ ହିତାଧିକାରୀ ଯାଜପୁର ଜିଲାପାଳ, ବିଞ୍ଝାରପୁର ବିଡିଓ, ବିଧାୟିକା ଓ ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ସୋମବାର ଜରି ସରପଞ୍ଚ ନନ୍ଦକିଶୋର ମଲ୍ଲିକ, ସୁବ୍ରତ କୁମାର ସାମଲ, ମନୋଜ କୁମାର ସାମଲ, ସୁବ୍ରତ କୁମାର ସାମଲ, ପୂର୍ବତନ ସମିତି ସଭ୍ୟ ପ୍ରଦ୍ୟୁମ୍ନ ପାତ୍ର, ପ୍ରମୋଦ କୁମାର ସାମଲ, ଅମର ମଲିକ ପ୍ରମୁଖ ଏକ ପ୍ରତିନିଧି ଜିଲାପାଳ ଓ ବିଞ୍ଝାରପୁର ବିଡିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ନଭେମ୍ବର ୨ ସୁଦ୍ଧା ସ୍ଥଗିତ ହିତାଧିକାରୀଙ୍କ ଭତ୍ତା ପ୍ରଦାନ ନ କଲେ ୩ ତାରିଖରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ପ୍ରତିନିଧି ଓ ହିତାଧିକାରୀମାନେ ଚେତାବନୀ ଦେଇଛନ୍ତି।

ଜରି ପଞ୍ଚାୟତର କେତେଜଣ ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ଉଚ୍ଚ ନ୍ୟାୟାଳୟରେ ମାମଲା କରି ଗରିବ ହିତାଧିକାରୀଙ୍କ ଭତ୍ତା କଟାଯାଇଛି। ଏହି ହିତାଧିକାରୀଙ୍କ ସମସ୍ତ ଯୋଗ୍ୟତା ରହିଛି। ଦୀର୍ଘ ୪ ବର୍ଷରୁ ଉର୍ଦ୍ଧ୍ୱ ହେଲା ଭତ୍ତା ପାଇଁ ଆସୁଛନ୍ତି। ହଠାତ ଚଳିତମାସରେ ସେମାନଙ୍କ ଭତ୍ତା ବନ୍ଦ କରାଯାଇଛି।



ବିଞ୍ଝାରପୁର ବିଡିଓଙ୍କୁ ପ୍ରତିନିଧି ଦଳ ଭତ୍ତା ପ୍ରଦାନ ପାଇଁ ଦାବିପତ୍ର ଦେଉଛନ୍ତି।

# ୮ ପୂଜା ମଣ୍ଡପ ପରିଦର୍ଶନ କଲେ ଶାନ୍ତି କମିଟି

ଯାଜପୁରରୋଡ଼, ୨୭।୧୦ (ପବିତ୍ର ରଞ୍ଜନ ମହାନ୍ତି)

ବ୍ୟାସନଗର ସହରରେ କାଳୀପୂଜା ମେଳଣ ପାଖେଇ ଆସୁଛି। ଏହା ପୂର୍ବରୁ ଶାନ୍ତି କମିଟି ସମସ୍ତ ପୂଜା ମଣ୍ଡପ ପରିଦର୍ଶନ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖିଛି। ରବିବାର ଶାନ୍ତି କମିଟି ୬ଟି ପୂଜା ମଣ୍ଡପକୁ ପରିଦର୍ଶନ କରିଥିଲେ। ସୋମବାର ଆର୍ଯ୍ୟାଂଶ କ୍ଲବ, ଚୋରଦା ଛକ, କହେଁଇପୁର, ଚାନ୍ଦମା, ପାଞ୍ଚିକା, ଧବଳଗିରି -୧, ଧବଳଗିରି -୨ ଓ ସାପଗାଡ଼ିଆ ପୂଜା ମଣ୍ଡପ ପରିଦର୍ଶନ କରିଛନ୍ତି। ପୂଜା କମିଟି ପକ୍ଷରୁ ଶାନ୍ତି କମିଟିର କର୍ମକର୍ତ୍ତା ଓ ପ୍ରଶାସନିକ ଅଧିକାରୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେବା ସହ ମଣ୍ଡପ ବୁଲାଇଛନ୍ତି, ଯାହାକୁ ନେଇ ଶାନ୍ତି କମିଟିର ଆବାହକ ବିଦ୍ୟାଧର ମହାନ୍ତି ଓ ସମସ୍ତ ସଭ୍ୟ ଖୁସି ପ୍ରକଟ କରିଛନ୍ତି। କର୍ମକର୍ତ୍ତାଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରି ଆବଶ୍ୟକ ସହଯୋଗ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ପୂଜା ଓ ମେଢ଼ ଶୋଭାଯାତ୍ରା ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସହ ପ୍ରଶାସନକୁ ସହଯୋଗ କରିବାକୁ ସମସ୍ତଙ୍କୁ ନିବେଦନ କରିଥିଲେ। ଏହି ପରିଦର୍ଶନ ସମୟରେ ଶାନ୍ତି କମିଟି ସଭାପତି ବ୍ୟାସନଗର ତହସିଲଦାର ଦେବାଶିଷ ରାଉତ, ଅତିରିକ୍ତ ତହସିଲଦାର ପ୍ରଶାନ୍ତ ପୁହାଣ, ସମ୍ପାଦକ ବିବେକାନନ୍ଦ ମହାନ୍ତି, ଥାନାଧିକାରୀ ଆଶିଷ କୁମାର ସାହୁ, ସଭ୍ୟ ହୃଷୀକେଶ ସାହୁ, ଦିନେଶ ସାହୁ, କୀର୍ତ୍ତନ ବିହାରୀ ସ୍ୱାଇଁ, ପ୍ରଶାନ୍ତ ମଲ୍ଲିକ, ହେମନ୍ତ କୁମାର ମହାନ୍ତି, ପ୍ରଲୁବ୍ଧ ଜେନା, କିଶୋର ଶର୍ମା, ଓମ୍‌ପ୍ରକାଶ ସ୍ୱାଇଁ, ରାଧାବଲ୍ଲଭ ତ୍ରିପାଠୀ, ରବୀନ୍ଦ୍ର ନାୟକ, ଅନୁପ ନାୟକ, ଅଯୋଧ୍ୟା ଜେନା, ପଦ୍ମଲୋଚନ ନାୟକ, ରବୀନ୍ଦ୍ର ପ୍ରଧାନ, ହରିହର ସାମଲ ଓ ରାଜେଶ ପତି ପ୍ରମୁଖ ସାମିଲ ଥିଲେ।



ଥାନାଛକ ଚାନ୍ଦମା ପୂଜା ମଣ୍ଡପରେ ଶାନ୍ତି କମିଟି।

# ଶପଥପାଠ ସଭା, ସଚେତନତା ରଥ ଶୁଭାରମ୍ଭ

ଯାଜପୁର ଟାଉନ, ୨୭।୧୦ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

**ଜିଲାପାଳଙ୍କ କାର୍ଯ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା**

ଯାଜପୁର ଜିଲାରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ସୋମବାର ପାଳନ ଅବସରରେ ଏକ ଶପଥପାଠ ସଭା ଅତିରିକ୍ତ ଜିଲାପାଳ (ରାଜସ୍ୱ) ଶିବାନନ୍ଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଅତିରିକ୍ତ ଜିଲାପାଳ ଉପସ୍ଥିତ ସମସ୍ତ ଅଧିକାରୀ, କର୍ମଚାରୀମାନଙ୍କୁ ସଚ୍ଚୋଟତା ଓ ନିଷ୍ଠା ସହିତ କାର୍ଯ୍ୟ କରିବା ନିମନ୍ତେ ଶପଥପାଠ କରାଇଥିଲେ। ଅତିରିକ୍ତ ଜିଲାପାଳ ନିଜ ଉଦ୍‌ବୋଧନରେ କହିଥିଲେ ଯେ, ସଚ୍ଚୋଟତା ଓ ପାରଦର୍ଶିତା ହେଉଛି ଉନ୍ନତ ପ୍ରଶାସନର ଭିତ୍ତି, ଯାହାଦ୍ୱାରା ସମାଜରେ ନ୍ୟାୟ ଓ ବିଶ୍ୱାସ ଗଠିତ ହୁଏ। ସମସ୍ତେ ମିଳି ଦୁର୍ନୀତି ରୋକିବାରେ ସଚେତନ ହେଲେ ଏକ ସ୍ୱଚ୍ଛ ଉତ୍ତରଦାୟୀ ପ୍ରଶାସନ ଗଠନ ହେବ। ଏହି ଶପଥପାଠ କାର୍ଯ୍ୟକ୍ରମରେ ଉପଆରକ୍ଷୀ ଅଧୀକ୍ଷକ, ଦୁର୍ନୀତି ନିବାରଣ ବିଭାଗର ସୁଶୀଲ କୁମାର ଏକ୍କା, ଡିଏସ୍‌ପି ସୁଲୋଚନା ନାୟକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲାପାଳଙ୍କ କାର୍ଯ୍ୟାଳୟର ଡେପୁଟି କଲେକ୍ଟର, ସହକାରୀ ଜିଲାପାଳ, ଜିଲାସ୍ତରୀୟ ଅଧିକାରୀ, ସମସ୍ତ ବିଭାଗର କର୍ମଚାରୀ ଉପସ୍ଥିତ ରହି ଶପଥପାଠ କରିଥିଲେ। ଏହି ଅବସରରେ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ଏକ ସଚେତନତା ରଥକୁ ଅତିରିକ୍ତ ଜିଲାପାଳ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ଜିଲାର ବିଭିନ୍ନ ସ୍ଥାନ ଭ୍ରମଣ କରି ଦୁର୍ନୀତି ବିରୋଧରେ ଜନସାଧାରଣଙ୍କୁ ସଚେତନ କରିବା ସହ ନୀତି ପରାୟଣତା ଓ ସଚ୍ଚୋଟତାର ବାର୍ତ୍ତା ପ୍ରଚାର କରିବ।

### ଚଣ୍ଡିଖୋଲରେ ଖୋଲିବ ଏସ୍‌ଡିପିଓ କାର୍ଯ୍ୟାଳୟ

ଚଣ୍ଡିଖୋଲ,୨୭।୧୦(ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲାର ୭ଟି ଥାନାକୁ ନେଇ ତଦାରଖ କରିବା ପାଇଁ ଚଣ୍ଡିଖୋଲଠାରେ ଉପଖଣ୍ଡସ୍ତରୀୟ ପୋଲିସ କାର୍ଯ୍ୟାଳୟ (ଏସ୍‌ଡିପିଓ) ଖୋଲିବ। ରାଜ୍ୟ ଗୃହ ବିଭାଗ ପକ୍ଷରୁ ପତ୍ର ସଂଖ୍ୟା ୪୪୧୪୩ ରେ ସୋମବାର ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କୁ ସୂଚନା ଦିଆଯାଇଛି। ଏହି କାର୍ଯ୍ୟାଳୟ ଅଧୀନରେ ବଡ଼ଚଣା ଥାନା, ବାଲିଚନ୍ଦ୍ରପୁର, ବୈରୀ, ଧର୍ମଶାଳା, ଜେନାପୁର, ବ୍ରହ୍ମବରଦା ଓ ଚଣ୍ଡିଖୋଲ ଟ୍ରାଫିକ ଥାନା ରହିବ। ଏ ନେଇ ବଡ଼ଚଣା ବିଧାୟକ ଅମର କୁମାର ନାୟକ ଗତବର୍ଷ ବିଧାନସଭାରେ ପ୍ରଶ୍ନ ଉତ୍ଥାପନ କରିଥିଲେ। ଉତ୍ତରରେ ମୁଖ୍ୟମନ୍ତ୍ରୀ ଚଣ୍ଡିଖୋଲଠାରେ ଏସ୍‌ଡିପିଓ କାର୍ଯ୍ୟାଳୟ କରାଯିବ ବୋଲି କହିଥିଲେ। ସେଥିପାଇଁ ବଡ଼ଚଣା ବିଧାୟକ ନାୟକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଅନୁସୂଚିତ ଜାତି ପରିବାରକୁ ସଂଘବଦ୍ଧ ଆକ୍ରମଣ, ୩ ଗିରଫ

ରସୁଲପୁର, ୨୭।୧୦(ରଞ୍ଜିତ ରାଉତ)

କୁଆଖିଆ ଥାନା ଅନ୍ତର୍ଗତ ନଠୁଆବର ପଞ୍ଚାୟତ କୃଷ୍ଣପଡା ଗ୍ରାମରେ ରଙ୍ଗା ମଲିକଙ୍କ ପରିବାର ଉପରେ ଗ୍ରାମର ସବର୍ଣ୍ଣ ଲୋକମାନେ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଉକ୍ତ ଆକ୍ରମଣରେ ଅଭିଯୋଗକାରୀଙ୍କ ପୁଅ ଗୁରୁତର ଆହତ ହୋଇଥିଲେ। ଅଭିଯୋଗ ଆଧାରରେ ପୋଲିସ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କୃଷ୍ଣପଡା ଗ୍ରାମର ସୁରେଶ ବିଶ୍ୱାଳ (୩୭), ଅଜିତ ବିଶ୍ୱାଳ (୩୧) ଓ ଦେବାଶିଷ ବିଶ୍ୱାଳ(୨୯) ବୋଲି ଜଣାପଡ଼ିଛି। ଥାନାରେ ଅଭିଯୋଗ ମୁତାବକ, ଗତ ୧୪ ତାରିଖରେ ରଙ୍ଗା ମଲିକଙ୍କ ପରିବାର ଉପରେ ତାଙ୍କ ଗ୍ରାମର ୩ଜଣଙ୍କ ସମେତ ଅନ୍ୟ ସହଯୋଗୀ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରି ଦେବାକୁ ଧମକଚମକ ଦେଇଥିଲେ। ଅଭିଯୁକ୍ତମାନଙ୍କ ଆକ୍ରମଣରେ ତାଙ୍କ ପୁଅ ରାଜେଶ ମଲିକ ଗୁରୁତର ଆହତ ହୋଇଥିଲେ। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ନଂ. ୪୧୦/୨୫ରେ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲେ। ଉକ୍ତ ମାମଲାର ଏସ୍‌ଡିପିଓ ଏଲ.ଡି. ସ୍ୱାଇଁ ମାମଲାର ତଦନ୍ତ କରୁଛନ୍ତି।

# ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ



ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀ ଓ ଅନ୍ୟମାନେ।

ଦଶରଥପୁର, ୨୭।୧୦ (ସୁଶାନ୍ତ କୁମାର ବେହୁରିଆ):

ଦଶରଥପୁର ବ୍ଲକ ଅଧୀନସ୍ଥ ମଙ୍ଗଳପୁର ଥାନା ଅଧୀନ ମହିଳା ମହାବିଦ୍ୟାଳୟଠାରେ ପୋଲିସ ପକ୍ଷରୁ ସୋମବାର ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭା ଅଧ୍ୟାପିକା ପ୍ରମିଳା ବାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ଏସ୍‌ଡିପିଓ ପ୍ରଶାନ୍ତ ମାଝୀ ମୁଖ୍ୟ ଅତିଥି, ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ମୀନାକ୍ଷୀ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ମଙ୍ଗଳପୁର ଆଇଆଇସି ଜଗଦୀଶ କର ଯୋଗଦେଇ ସାଇବର କ୍ରାଇମ୍ ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇନ୍‌ସପେକ୍ଟର ବିଭୂତି ଭୂଷଣ ମହାପାତ୍ର, ଏଏସ୍‌ଆଇ ସଂଯୁକ୍ତା ପଣ୍ଡା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଛାତ୍ରୀମାନଙ୍କ ଦ୍ୱାରା ସାଇବର ସୁରକ୍ଷା ସମ୍ପର୍କିତ ନାଟକ ପ୍ରଦର୍ଶିତ କରାଯାଇଥିଲା।

### ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀ ଗୁରୁତର

କଳିଙ୍ଗନଗର, ୨୭।୧୦(ଶୁଭାଶିଷ ରାଉତ)

ସୁକିନ୍ଦା ଥାନା ଅନ୍ତର୍ଗତ କଳିଙ୍ଗନଗର ଶିଳ୍ପାଞ୍ଚଳ ଅନ୍ତର୍ଗତ ସୁକିନ୍ଦା ଥାର୍ଡ ବାଟାଲିୟନ ସାମ୍ନା ୫୩ ନମ୍ବର ଜାତୀୟ ରାଜପଥରେ ଡ୍ରମ୍ପର ପଛରେ ଏକ ଲୁନା ଧକ୍କା ହେବା ଫଳରେ ଜଣେ ଆରୋହୀ ଗୁରୁତର ହୋଇଛନ୍ତି। ଆହତ ବ୍ୟକ୍ତି ଜଣକ ହେଲେ ବଞ୍ଚା ଗ୍ରାମର ବାସିନ୍ଦା ପ୍ରଫୁଲ୍ଲ ନାଏକ। ପ୍ରଫୁଲ୍ଲ କଳିଙ୍ଗନଗର ଟାଟା ଷ୍ଟିଲ ପ୍ଲାଣ୍ଟକୁ ଡ୍ୟୁଟି କରିବାକୁ ଯିବା ବେଳେ ରାସ୍ତା କଡରେ ଛିଡ଼ା ହୋଇଥିବା ଡ୍ରମ୍ପର ସହ ଧକ୍କା ଦେଇଥିଲେ। ପ୍ରଫୁଲ୍ଲଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# ୨୦ ଅଭିଯୋଗର ତତ୍କାଳ ସମାଧାନ




**ଦାନଗଦିରେ ମିଳିତ ଜନଶୁଣାଣି**

କଳିଙ୍ଗନଗର, ୨୭।୧୦ (ଶୁଭାଶିଷ ରାଉତ )

ଯାଜପୁର ଜିଲା ପ୍ରଶାସନର ସୋମବାର ଅଭିଯୋଗ ଶୁଣାଣି ଶିବିର ଦାନଗଦି ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ଆୟୋଜିତ ହୋଇଥିଲା। ଶିବିରରେ ୭୧ ଅଭିଯୋଗ ଆସିଥିଲା। ସେଥିରୁ ୪୮ ବ୍ୟକ୍ତିଗତ ଏବଂ ୩ ସାମୁହିକ ଅଭିଯୋଗ ରହିଥିଲା। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୨୦ ଜଣ ଆବେଦନ କରିଥିଲେ। ୨୦ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଛି। ଜିଲାପାଳ ଅମ୍ବର କୁମାର କର ଓ ଏସ୍‌ପି ଯଶ ପ୍ରତାପ ଶ୍ରୀମଲ୍ ଅଭିଯୋଗଗୁଡିକର ଶୁଣାଣି କରିଥିଲେ। ଶିବିରରେ ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାୟକ ଓ ସପନ ନନ୍ଦ, ଜିଲା ପ୍ରକଳ୍ପ ଅଧିକାରୀ, ଉପଜିଲାପାଳ, ଦାନଗଦି ତହସିଲଦାର, ବିଡିଓ, ସ୍ୱାସ୍ଥ୍ୟ ଅଧିକାରୀ, ଜିଲା ଓ ବ୍ଲକସ୍ତରର ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହିଥିଲେ।

# ସପ୍ତମ ଗୀତା ଆବୃତ୍ତି ପ୍ରତିଯୋଗିତା

ବରୀ, ୨୭।୧୦(ମହେନ୍ଦ୍ର ସ୍ୱାଇଁ):

ପ୍ରଜ୍ଞାନ ମିଶନ ଦ୍ୱାରା ୭ମ ଓଡ଼ିଶା ଗୀତା ଆବୃତ୍ତି ପ୍ରତିଯୋଗିତା ବରୀ ବ୍ଲକ ଅନ୍ତର୍ଗତ ଅଳିପୁରସ୍ଥିତ ଭାରତୀୟ ବିଦ୍ୟା ନିକେତନଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀମଦ୍ ଭଗବତ ଗୀତାକୁ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କୁ ନେଇ ପ୍ରତିବର୍ଷ ବ୍ଲକ୍, ଜିଲା ଓ ରାଜ୍ୟସ୍ତରୀୟ ଗୀତା ପ୍ରତିଭା ଅନ୍ୱେଷଣ ଉଦ୍ଦେଶ୍ୟରେ ପ୍ରଜ୍ଞାନ ମିଶନ ଦ୍ୱାରା ପ୍ରତିବର୍ଷ ପ୍ରତିଯୋଗିତା କରାଯାଇ ଗୀତା ପ୍ରତିଭାମାନଙ୍କୁ ଚୟନ କରାଯାଇଥାଏ। ଚଳିତବର୍ଷ ମଧ୍ୟ ଏହି କାର୍ଯ୍ୟକ୍ରମକୁ ମୁଖ୍ୟବକ୍ତା ତଥା ବିଶ୍ୱହିନ୍ଦୁ ପରିଷଦର ସଭାପତି ଡ. ବିଶ୍ୱନାଥ ତ୍ରିପାଠୀ ଓଁକାର ଧ୍ୱନି ମାଧ୍ୟମରେ ଆରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷୟିତ୍ରୀ ବନ୍ଦନା ପଣ୍ଡା ଯୋଗଦେଇ ଗୀତାର ମହନୀୟତା ଓ ସମାଜକୁ ଶୃଙ୍ଖଳିତ କରିବାକୁ ଯଥେଷ୍ଟ ପ୍ରଭାବଶାଳୀ ବୋଲି ମତ ରଖିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଶିକ୍ଷୟିତ୍ରୀ କଳ୍ପନା ଦାଶ ଆମ ପ୍ରାଚୀନ ସଂସ୍କୃତି ଓ ପରମ୍ପରା କେଉଁଭଳି ଭାବେ ବୈଦିକ ରୀତିନୀତି ଅନୁସାରେ ସମାଜକୁ ଶୃଙ୍ଖଳା ପ୍ରଦାନ କରିଥାଏ ତାହା ଉପରେ ଆଲୋକପାତ କରିଥିଲେ। ବିଶେଷକରି ଭାଗବତ ଗୀତା ରାମକୃଷ୍ଣ ପରମହଂସ, ବିବେକାନନ୍ଦ, ପ୍ରଜ୍ଞାନନ୍ଦଜୀ, ବାବା ବଳିଆ, ବାବା ସତ୍ୟାନନ୍ଦ ଦାସଜୀ ମହାରାଜ, ଶ୍ରୀରାମ ଶର୍ମା ଆଚାର୍ଯ୍ୟ ଗୀତା ଦ୍ୱାରା ପ୍ରଭାବିତ ହୋଇ ଏହାର ଅନାଶ୍ୟକତା ଉପରେ ବର୍ଣ୍ଣନା କରିବା ସହ ପ୍ରତ୍ୟେକ ବ୍ୟକ୍ତି ଗୀତା ସେବୀ ହେବା ପାଇଁ ଆହ୍ୱାନ ଦେଇଥିବା ନଜିର ରହିଛି ବୋଲି ଅତିଥିମାନେ ମତ ରଖିଥିଲେ। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ଚୟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପ୍ରଜ୍ଞାନ ମିଶନର ବରୀ ମଣ୍ଡଳ ସଂଯୋଜକ ଅମରେଶ ମିଶ୍ର, ପଣ୍ଡିତ ଦାଶରଥି ପଣ୍ଡା, ପାର୍ବତୀ ପତି, ବିବେକାନନ୍ଦ ନାଥ, ବିନାୟକ ପତି ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ନିର୍ମଳ ପଣ୍ଡା, ସଂଗ୍ରାମ ଓଝା, ଆନନ୍ଦ ଶଙ୍କର ଜେନା, ଜଗନ୍ନାଥ ବାରିକ, ଦଶରଥ ପଣ୍ଡା, ସାଗରିକା ପାଣି ପ୍ରମୁଖ ଯୋଗଦେଇଥିଲେ। ଭାରତୀୟ ବିଦ୍ୟା ନିକେତନର ସମସ୍ତ ଗୁରୁମାଗୁରୁଜୀ କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ। ଶେଷରେ ଶାନ୍ତିପାଠ ମାଧ୍ୟମରେ କାର୍ଯ୍ୟକ୍ରମକୁ ସମାପନ କରାଯାଇଥିଲା।



ପ୍ରତିଯୋଗିତାରେ ସାମିଲ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

### ବାଲିଘାଟରୁ ଚାନ୍ଦା ଆଦାୟ କରି ଯୁବକ କୋର୍ଟ ଚାଲାଣ

ବରୀ, ୨୭।୧୦(ମହେନ୍ଦ୍ର ସ୍ୱାଇଁ)

ବରୀ ରାମଚନ୍ଦ୍ରପୁର ଥାନା ଅଧୀନ ମହାକାଳପଡ଼ା ପଞ୍ଚାୟତ ନିଳାପଦା ଗ୍ରାମ ନିକଟରେ ଥିବା ବାଲି ଟାଙ୍କି ନାମକ ସରକାରୀ ବାଲି ଉଠାଣ ସୈରାତରୁ ବାଲି ଉଠାଣ ବେଳେ ଚାନ୍ଦା ଆଦାୟ କରିବା ଅଭିଯୋଗରେ ରବିବାର ଜଣେ ଯୁବକଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେ ହେଲେ କେନ୍ଦ୍ରାପଡ଼ା ଜିଲା ନିକିରାଇ ଥାନା ଅଧୀନ ଛୋଟି ଗ୍ରାମର ମଥୁରି ମଲ୍ଲିକ(୩୪)। ମଥୁରି ସୈରାତରୁ ଚାନ୍ଦା ମାଗି ବିଫଳ ହେବାରୁ ବନ୍ଧୁକରୁ ଗୁଳି ଚଳାଇ ଆତଙ୍କ ସୃଷ୍ଟି କରିଥିଲେ। ଏହି ଘଟଣାକୁ ନେଇ ବାଲି ସୈରାତର ଲିଜ୍‌ଧାରୀ ଗିରିଧାରୀ ଜେନା ରାମଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୪୩୬/୨୫ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ରବିବାର ବିଳମ୍ବିତ ରାତିରେ ଏସ୍‌ଆଇ ସୌମ୍ୟରଞ୍ଜନ ଭୋଳଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ଅଭିଯୁକ୍ତ ମଥୁରି ମଲ୍ଲିକଙ୍କୁ ଛୋଟି-ଇନ୍ଦୁପୁର ବଜାର ରାସ୍ତା ଉପରୁ ଗିରଫ କରିଛି। ଗିରଫ ପରେ ଅଭିଯୁକ୍ତଙ୍କ ନିକଟରୁ ଏକ କଟୁରି, ମୁନିଆ ରଡ଼, ବ୍ୟବହୃତ ଗୁଳି ଜବତ କରିଛି।

# ଗୋପବନ୍ଧୁଙ୍କ ଉତ୍ସର୍ଗୀକୃତ ଜୀବନ ଉପରେ ଆଲୋକପାତ

### କଲେଜରେ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଆଲୋଚନାଚକ୍ର

ବଡ଼ଚଣା, ୨୭।୧୦( ଦିଲୀପ କୁମାର ମହାନ୍ତି)

ବଡ଼ଚଣା ବ୍ଲକ ନୂଆହାଟସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଓଡ଼ିଆ ସାହିତ୍ୟରେ ସତ୍ୟବାଦୀ ଧାରା ଓ ପଣ୍ଡିତ ଗୋପବନ୍ଧୁ ଦାସ ଶୀର୍ଷକ ଆଲୋଚନାଚକ୍ର ବିଭାଗୀୟ ମୁଖ୍ୟ ଅଧ୍ୟାପକ ପ୍ରଦୀପ କୁମାର ବରାଳଙ୍କ ସଭାପତିତ୍ୱରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅତିଥିମାନେ ଆଲୋଚନାଚକ୍ର ଉଦ୍‌ଘାଟନ କରିଥିଲେ। ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ପବିତ୍ର ମୋହନ ମାହାଲା ପଣ୍ଡିତ ଗୋପବନ୍ଧୁଙ୍କ ଉତ୍ସର୍ଗୀକୃତ ଜୀବନ ଓ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ଛାତ୍ରୀଛାତ୍ରମାନେ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ତଥା ବିଷୟ ବିଶେଷଜ୍ଞ ଭାବେ ଅଡ଼ଶପୁରସ୍ଥିତ ଉପେନ୍ଦ୍ର ନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ପୂର୍ବତନ ପ୍ରାଧ୍ୟାପକ ଡ. ବେଣୁଧର ପାଢ଼ୀ ଯୋଗଦେଇ ଓଡ଼ିଆ ଇତିହାସର ବିଡମ୍ବିତ ଅଧ୍ୟାୟ ତଥା ସତ୍ୟବାଦୀ ଯୁଗୀ, ଆଦର୍ଶ ଧାରା ସମ୍ପର୍କରେ ତତ୍ତ୍ୱଭିତ୍ତିକ ଆଲୋଚନା କରିବା ସହିତ ବହୁ ଦୃଷ୍ଟାନ୍ତମାନ ପ୍ରଦାନ କରିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପକ ବରାଳ ସ୍ୱାଗତ ଭାଷଣ ଦେବା ସହ ଆଲୋଚନାଚକ୍ରର ମହତ୍ତ୍ୱ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବିଭାଗୀୟ ଅଧ୍ୟାପକ କିଶୋର କୁମାର ସାହୁ ସ୍ୱଲିଖିତ ସନ୍ଦର୍ଭ ପାଠ କରିବା ସହିତ ଗୋପବନ୍ଧୁଙ୍କ ତ୍ୟାଗପୂତ ଜୀବନଗାଥା ବର୍ଣ୍ଣନା କରିଥିଲେ। ଏହି ଅବସରରେ ଯୁକ୍ତ ୩ ଶେଷ ବର୍ଷ ଛାତ୍ରୀ ସମିତା ସେଠୀ ଓ ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ର ଲକ୍ଷ୍ମୀଧର ଦାସ ସେମାନଙ୍କ ସ୍ୱଲିଖିତ ସନ୍ଦର୍ଭ ପାଠ କରିଥିଲେ। ପ୍ରଶ୍ନୋତ୍ତର କାଳରେ ଅଧ୍ୟାପିକାଅଧ୍ୟାପକ ତଥା ଜିଜ୍ଞାସୁ ଛାତ୍ରୀଛାତ୍ରଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ମୁଖ୍ୟବକ୍ତା ଦେଇଥିଲେ। ବିଭାଗୀୟ ଅଧ୍ୟାପିକା ସରିତା ସେଠୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପକ ଡ. ଦୀପକ କୁମାର ମିଶ୍ର ଧନ୍ୟବାଦ୍ ଦେଇଥିଲେ। ଏଥିରେ ମହାବିଦ୍ୟାଳୟର ସମସ୍ତ ବିଭାଗ ଅଧ୍ୟାପିକାଅଧ୍ୟାପକ ଓ ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ।




ଆଲୋଚନା ଚକ୍ରରେ ଉପସ୍ଥିତ ଅତିଥି।

# ସରକାରୀ କର୍ମଚାରୀଙ୍କ ବଦଳି ନିର୍ଦ୍ଦେଶ ଚାପରେ ଚେପା

■ ଜିଲାପାଳଙ୍କ ନୀରବତାକୁ ନେଇ ଚାଲିଛି ଚର୍ଚ୍ଚା

■ କେତେକ ବଦଳି ନିର୍ଦ୍ଦେଶ ମଧ କାର୍ଯ୍ୟକାରୀ ହେଉ ନ ଥିବା ଅଭିଯୋଗ

ଜଗତ୍‌ସିଂହପୁର, ୨୭।୧୦
(ପ୍ରମୋଦ କୁମାର ନାୟକ)

ସରକାରୀ କର୍ମଚାରୀମାନେ ନିର୍ଦ୍ଦିଷ୍ଟ ସ୍ଥାନରେ ୩ ବର୍ଷରୁ ଅଧିକ ସମୟ ରହିପାରିବେ ନାହିଁ। ସେମାନଙ୍କୁ ତୁରନ୍ତ ବଦଳି କରାଯିବା ନିୟମ ରହିଛି। କିନ୍ତୁ ସରକାରଙ୍କ ଏହି ନିର୍ଦ୍ଦେଶନାମା ଜଗତ୍‌ସିଂହପୁର ଜିଲାରେ ପାଳନ କରାଯାଉନାହିଁ। ଏନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗତ ସେପ୍ଟେମ୍ବର ୧୬ରେ ଏବଂ ପରେ ଅର୍ଥାତ୍ ଅକ୍ଟୋବର ୫ ଓ ୭ ତାରିଖରେ ପୃଥକ ଭାବେ ଧରିତ୍ରୀରେ ଏ ସମ୍ପର୍କିତ ଖବର ପ୍ରକାଶ ପାଇଥିଲା। ଏହାପରେ ପ୍ରଶାସନ ପକ୍ଷରୁ ବଦଳି ପାଇଁ ତତ୍ପରତା ପ୍ରକାଶ ପାଇଥିଲା। ଏପରି କି ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆଉ ୩/୪ ଦିନ ଭିତରେ ଜିଲାବ୍ୟାପୀ ବଦଳି ହୋଇଯିବ ବୋଲି ଅତିରିକ୍ତ ଜିଲାପାଳ (ଏଡିଏମ୍) ଜ୍ୟୋତି ଶଙ୍କର ରାୟ କହିଲା ପରେ ଗତ ୧୦ ତାରିଖରେ ବାଜିଲା ବଦଳି ଘଣ୍ଟି, ୩/୪ ଦିନ ଭିତରେ ଘୋଷଣା– ଶୀର୍ଷକ ଖବର ଧରିତ୍ରୀରେ ସ୍ୱତନ୍ତ୍ର ଭାବେ ପ୍ରକାଶ ପାଇଥିଲା। କିନ୍ତୁ ଏଥିମଧ୍ୟରେ ୧୬ ଦିନ ଅତିକ୍ରାନ୍ତ ହୋଇ ଯାଇଥିଲେ ସୁଦ୍ଧା ବଦଳି ଫାଇଲ ଅଟକି ରହିଛି। ଏହା ପଛରେ ଯାହା ବି କାରଣ ଥାଉ ନା କାହିଁକି ସରକାରୀ ନିର୍ଦ୍ଦେଶ କାର୍ଯ୍ୟକାରୀ ନ ହେବା ଚିନ୍ତାର କାରଣ ହୋଇଛି। ବଡ କଥା ହେଲା ଅତିରିକ୍ତ ଜିଲାପାଳଙ୍କ ନିକଟରୁ ଫାଇଲ ଜିଲାପାଳଙ୍କ ପାଖକୁ ଯାଇଛି। କିନ୍ତୁ ତା'ପରେ ନିଷ୍ପତ୍ତି ଚୂଡ଼ାନ୍ତ ହୋଇପାରୁ ନାହିଁ। କାହା ଚାପରେ ସରକାରଙ୍କ ବଦଳି ନିର୍ଦ୍ଦେଶ ଚେପା ହୋଇଯାଇଛି ସେନେଇ ଚର୍ଚ୍ଚା ଜୋର ଧରିଛି। ସୁଶାସନ ପ୍ରତିଶ୍ରୁତି ଦେଇ ଭାଜପା ଓଡ଼ିଶାରେ ସରକାରକୁ ଆସିଛି। ପ୍ରଶାସନିକ ଢାଞ୍ଚା ନୁହେଁ, ବରଂ ଗଣତାନ୍ତ୍ରିକ ଧାରାରେ ସରକାର ଚାଲିବ ବୋଲି ପ୍ରତିଶ୍ରୁତି ମିଳିଥିଲା। କିନ୍ତୁ ସରକାରଙ୍କ ନିର୍ଦ୍ଦେଶକୁ ପ୍ରଶାସନିକସ୍ତରରେ କାର୍ଯ୍ୟକାରୀ କରା ନ ଯିବା ଏହାର କାର୍ଯ୍ୟଧାରା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

ଜିଲାର ଏକାଧିକ ସରକାରୀ କାର୍ଯ୍ୟାଳୟରେ କେତେଜଣ କର୍ମଚାରୀ ୧୧ ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟ କରି ଆସୁଥିଲେ ସୁଦ୍ଧା ସେମାନଙ୍କ ବଦଳି ହେଉନାହିଁ। ଏ ସମ୍ପର୍କିତ ଅଭିଯୋଗ ଗତ ଜୁଲାଇ ୨୧ ତାରିଖରେ ଜିଲାପାଳଙ୍କ ନିକଟରେ ହୋଇଥିଲା। କିନ୍ତୁ କୌଣସି ପ୍ରତିକାର ହେଲାନାହିଁ। ତା'ପରେ ଅର୍ଥାତ୍ ଅକ୍ଟୋବର ୧୫ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିରରେ ସଙ୍ଗୀନ ଅଭିଯୋଗ ଉଠିଥିଲା। ତା' ପରଦିନ ଅର୍ଥାତ୍ ୧୬ ତାରିଖରେ 'ଦୀର୍ଘ ବର୍ଷ ଧରି ଗାଦି ମାଡି ବସିଛନ୍ତି ସରକାରୀ କର୍ମଚାରୀ' ଶୀର୍ଷକ ଖବର ଧରିତ୍ରୀରେ ସ୍ୱତନ୍ତ୍ର ଭାବେ ପ୍ରକାଶ ପାଇଥିଲା। ଏହାପରେ ଜିଲା ପ୍ରଶାସନ ପକ୍ଷରୁ ବଦଳି ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ବଦଳିରେ ବିଳମ୍ବ ହେବାରୁ ୫ ତାରିଖରେ ଫଲୋଅପ୍ ଷ୍ଟୋରି ପ୍ରକାଶ ପାଇଥିଲା। ତା'ପରେ ଅର୍ଥାତ୍ ଗତ ୭ ତାରିଖରେ 'ଆର୍‌ଏସ୍, ଆରଆଇ, ଅମିନ ପଦବୀ ପାଇଁ ବଦଳି ନିୟମ ଫୁ' ଶୀର୍ଷକ ଆଉ ଏକ ଷ୍ଟୋରୀ ମଧ୍ୟ ପ୍ରକାଶ ପାଇଥିଲା। ଏହାପରେ ଜିଲା ପ୍ରଶାସନ ପକ୍ଷରୁ ବଦଳି ପ୍ରକ୍ରିୟା ଅଧିକ କ୍ରିୟାଶୀଳ ହୋଇଛି। ଜିଲାର ବିଭିନ୍ନ ବିଭାଗରେ କାର୍ଯ୍ୟରତ ସରକାରୀ କର୍ମଚାରୀଙ୍କ ବିସ୍ତୃତ ନିଯୁକ୍ତି ବିବରଣୀ ଏଷ୍ଟାବ୍ଲିସମେଣ୍ଟ ସେକ୍ସନ୍ ମାଧ୍ୟମରେ ଯାଞ୍ଚ ପରେ କେଉଁମାନଙ୍କୁ ବଦଳି କରାଯିବ ତାହା ଏକପ୍ରକାର ଚୂଡ଼ାନ୍ତ ହୋଇଥିଲା। ଏପରି କି କେଉଁମାନଙ୍କୁ କେଉଁ କାର୍ଯ୍ୟାଳୟକୁ ବଦଳି ହେବ ସେନେଇ ମଧ୍ୟ ଏକପ୍ରକାର ଚୂଡାନ୍ତ ହୋଇଥିଲା। କେବଳ ଜିଲାପାଳଙ୍କ ମୋହର ବାଜିଥିଲେ ବଦଳି ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇଥାନ୍ତା। କିନ୍ତୁ ଶୁଣିବାକୁ ମିଳୁଛି ଜିଲାପାଳ କୁଆଡେ ଏଡିଏମ୍ ପଠାଇଥିବା ଫାଇଲରେ ଡିସକସ୍ ଲେଖି ଫେରାଇ ଦେଇଥିଲେ। ଏଥିଯୋଗୁ କିଛି ଦିନ ବିଳମ୍ବ ହୋଇଥିଲା। ତା ପରେ ଆଲୋଚନା ସରିଥିଲେ ସୁଦ୍ଧା ନିଷ୍ପତ୍ତି ଚୂଡ଼ାନ୍ତ ହୋଇ ନ ପାରିବା କୁହାଯାଇଛି। କେତେଜଣ ପ୍ରଭାବଶାଳୀ ସରକାରୀ କର୍ମଚାରୀ, ରାଜନେତା ଓ ପ୍ରଶାସକଙ୍କୁ ପ୍ରଭାବିତ କରି ବଦଳିକୁ ରୋକିବାକୁ ଚେଷ୍ଟା କରୁଥିବା ଚର୍ଚ୍ଚା ହେଉଛି। ଏହା ଯଦି ସତ ହୋଇଥାଏ ତେବେ ସାଂଘାତିକ ବୋଲି କୁହାଯାଉଛି। ଅନ୍ୟପଟେ ଏକାଧିକ ବଦଳି ନିର୍ଦ୍ଦେଶ କାର୍ଯ୍ୟକାରୀ ନ ହେବା ଆଶ୍ଚର୍ଯ୍ୟାନ୍ୱିତ କରୁଛି।

ନାଉଗାଁ ତହସିଲ ଅନ୍ତର୍ଗତ କେତେଜଣ ଆର୍‌ଆଇ, ଏଆର୍‌ଆଇ ଓ ଅମିନଙ୍କୁ ୩୧।୭।୨୫ ତାରିଖ ସୁଦ୍ଧା ଦାୟିତ୍ୱରୁ କଢାଯାଇ ୧।୮।୨୫ରୁ ନୂଆ ସର୍କଲରେ ଯୋଗଦେବା ପାଇଁ ୩୧।୭।୨୫ରେ ଏହି ତହସିଲ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। କିନ୍ତୁ ନାଉଗାଁ ଆର୍‌ଆଇ ରାଜେଶ କୁମାର ସାହୁ, ଡେରିକି ଜ୍ୟୋତିଭୂଷଣ ବାରିକ ଓ ଜାମୁଗାଁ ଆର୍‌ଆଇ ପ୍ରବାସ କୁମାର ସ୍ୱାଇଁ ନୂଆ ଷ୍ଟେଶନରେ ଯୋଗଦେଉ ନ ଥିବା ଅଭିଯୋଗ ହେଉଛି। ସେହିପରି ୨୦।୩।୨୫ରେ ଜିଲାପାଳ କରିଥିବା ନିର୍ଦ୍ଦେଶ ମଧ୍ୟ କାର୍ଯ୍ୟକାରୀ ହୋଇନାହିଁ। ଏହି ନିର୍ଦ୍ଦେଶନାମା ଅନୁଯାୟୀ ରଘୁନାଥପୁର ତହସିଲ ଅମିନ ସତ୍ୟବ୍ରତ ସାହୁଙ୍କୁ ନାଉଗାଁ ତହସିଲକୁ ବଦଳି କରାଯାଇଥିଲା। କୁଜଙ୍ଗ ତହସିଲର ଅମିନ ଯିତେନ୍ଦ୍ର କୁମାର ପାଢୀଙ୍କୁ ନାଉଗାଁ ତହସିଲ ଓ କୁଜଙ୍ଗ ତହସିଲ ଅମିନ ସତ୍ୟପ୍ରକାଶ ମହାନ୍ତିଙ୍କୁ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଜିଲା ରେକର୍ଡ ରୁମ୍‌କୁ ବଦଳି ନିର୍ଦ୍ଦେଶ ହୋଇଥିଲା। କିନ୍ତୁ ଏହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ୧୫।୨।୨୫ରେ ଜିଲାପାଳଙ୍କ ଆଉ ଏକ ନିର୍ଦ୍ଦେଶାନାମାରେ ଉଲ୍ଲେଖ ଅଛି,କୁଜଙ୍ଗ ବ୍ଲକରେ ଅବସ୍ଥାପିତ ଏସ୍‌ଓ ପ୍ରଦୀପ କୁମାର ବାରିକଙ୍କୁ ଉପଜଲାପାଳଙ୍କ କାର୍ଯ୍ୟାଳୟ, ଉପଜିଲାପାଳଙ୍କ କାର୍ଯ୍ୟାଳୟର ଏସ୍‌ଓ ପ୍ରମୋଦ କୁମାର ଦାସଙ୍କୁ କୁଜଙ୍ଗ ବ୍ଲକ ଓ କୁଜଙ୍ଗ ବ୍ଲକର ଏସ୍‌ଆର୍‌ଏ ବସନ୍ତ କୁମାର ବିଶ୍ୱାଳଙ୍କୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ବଦଳି କରାଯାଇଛି। ତାହା ମଧ୍ୟ କାର୍ଯ୍ୟକାରୀ ହୋଇନାହିଁ। ଜିଲାପାଳଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ନ ହେବା ପଛର ରହସ୍ୟ କ'ଣ ସେନେଇ ଆଲୋଚନା ଜୋର ଧରିଛି। ଏ ସମ୍ପର୍କରେ ଜିଲାପାଳ ଜେ.ସୋନାଲଙ୍କ ସହ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ସୁଦ୍ଧା ସେ ମୋବାଇଲ ଫୋନ ଉଠାଇ ନ ଥିଲେ।

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହରେ ସାଧୁତାର ଶପଥ ପାଠ



ଆଇନଜୀବୀମାନେ ଶପଥପାଠ କରୁଛନ୍ତି।

କୁଜଙ୍ଗ, ୨୭।୧୦ (ମନୋଜ ପ୍ରଧାନ)

ତାଲୁକ ଆଇନ ସେବା କମିଟି ଆନୁକୁଲ୍ୟରେ ସୋମବାର କୁଜଙ୍ଗ ଓକିଲ ସଂଘ ସଭା ଗୃହରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ହୋଇଯାଇଛି। ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ପରିବାର ଅଦାଲତ ବିଚାରପତି ରଶ୍ମିତା ଦଳାଇ , କୁଜଙ୍ଗ ଅତିରିକ୍ତ ଜିଲା ଓ ଦୌରାଜଜ ଦୀପ୍ତି ପ୍ରକାଶ ବ୍ରହ୍ମା, ବରିଷ୍ଠ ଦେୱାନୀ ଅଦାଲତ ବିଚାରପତି ଅବକାଶ ଚୌଧୁରୀ, କନିଷ୍ଠ ଦେୱାନି ଅଦାଲତ ବିଚାରପତି ଡକ୍ଟର ବିଶ୍ୱଭୂଷଣ ନାୟକ, ଜେଏମ୍‌ଏଫସି ରାଜେଶ ମିଶ୍ର ପ୍ରମୁଖ ଯୋଗଦେଇ ସମାଜ କିପରି ଦୁର୍ନୀତି ମୁକ୍ତ ହେବ ଓ ତାର ବିଭିନ୍ନ ଆଇନଗତ ଦିଗ ଉପରେ ସଚେତନ କରାଇଥିଲେ। ଏହି ଅବସରରେ ଉପସ୍ଥିତ ସମସ୍ତ ବିଚାରପତି, ଦେୱାନି ଓ ଫୌଜଦାରୀ ଅଦାଲତ ର କର୍ମଚାରୀ ସାଧୁତାର ଶପଥ ପାଠ କରିଥିଲେ।

## ବାତ୍ୟା ପାଇଁ ଜଗତ୍‌ସିଂହପୁରବାସୀ ଭୟଭୀତ ହୁଅନ୍ତୁ ନାହିଁ: ଜିଲାପାଳ

ଜଗତ୍‌ସିଂହପୁର, ୨୭।୧୦
(ପ୍ରମୋଦ କୁମାର ନାୟକ)

ଦକ୍ଷିଣପୂର୍ବ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ମଙ୍ଗଳବାରଠାରୁ ବୁଧବାର ଭିତରେ ବାତ୍ୟାର ରୂପ ନେଇପାରେ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହାର ପ୍ରଭାବରେ ଜଗତସିଂହପୁର ଜିଲାରେ ୨୭ ରୁ ୨୯ ତାରିଖ ପର୍ଯ୍ୟନ୍ତ ବର୍ଷା ଓ ପବନ ବହିବାର ସମ୍ଭାବନା ରହିଛି। କିନ୍ତୁ କୌଣସି ବିପଦର ସୂଚନା ନାହିଁ। ତେଣୁ ଜିଲାବାସୀ ଆଦୌ ଭୟଭୀତ ହୁଅନ୍ତୁ ନାହିଁ ବୋଲି ସୋମବାର ଜିଲାପାଳ ଜେ. ସୋନାଲ ଏକ ପ୍ରେସ୍ ବିବୃତି ମାଧ୍ୟମରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ସମ୍ଭାବ୍ୟ ବାତ୍ୟାକୁ ନେଇ ୨୭ ସକାଳୁ ୨୯ ତାରିଖ ପର୍ଯ୍ୟନ୍ତ ଜିଲା ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି, ଯାହା ଆଶ୍ୱସ୍ତିକର। ଯଦି ସେଭଳି କିଛି ପରିସ୍ଥିତି ସୃଷ୍ଟି ହୁଏ ତେବେ ଜିଲା ପ୍ରଶାସନ ସଜାଗ ରହିଛି। ପରିସ୍ଥିତିକୁ ଦେଖି ପ୍ରଶାସନ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବ। ଜିଲାପାଳଙ୍କ କାର୍ଯ୍ୟାଳୟ, ବ୍ଲକ ଓ ତହସିଲ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ରହିଛି । ଜିଲା ଜରୁରିକାଳୀନ ବିଭାଗ କଣ୍ଟ୍ରୋଲ ରୁମ୍ ସହ ଯୋଗାଯୋଗ ପାଇଁ ୨୨୦୩୬୮ରେ ଡାଏଲ କରିବାକୁ କୁହାଯାଇଛି। ସୂଚନାଯୋଗ୍ୟ ଯେ, ଜିଲାର ୪୫ଟି ବାତ୍ୟା ଆଶ୍ରୟସ୍ଥଳଥିବାବେଳେ ସେଥି ମଧ୍ୟରୁ ୪୨ଟି ଓସଡମା ଓ ୩ଟି ରେଡ୍‌କ୍ରସ ଦ୍ୱାରା ପରିଚାଳିତ। କିନ୍ତୁ ସେଥିମଧ୍ୟରୁ ଏକାଧିକ ବିପଦସଙ୍କୁଳ ଅବସ୍ଥାରେ ଥିବା ଅଭିଯୋଗ ହେଉଛି।

## ମହିମାଧର୍ମୀ ବୁଦ୍ଧ ବାବାଙ୍କ ପରଲୋକ

ଏରସମା, ୨୭।୧୦ (ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ଅନ୍ତର୍ଗତ ସିହା ଗ୍ରାମସ୍ଥିତ ଅଲେଖ ଆଶ୍ରମର ତତ୍ତ୍ୱାବଧାରକ ବୁଦ୍ଧ ବାବା(୭୫) ସୋମବାର ପରଲୋକ ଘଟିଛି। ଶାରୀରିକ ଅସୁସ୍ଥତା ଯୋଗୁ ଗତ ଏକ ମାସ ହେବ ସେ କଟକ ବଡ଼ମେଡିକାଲରେ ଚିକିତ୍ସାଧୀନ ଥିଲେ। ତାଙ୍କ ମର ଶରୀରକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ମହିମା ଆଶ୍ରମ ପରିସରରେ ସମାଧି ଦିଆଯାଇଛି। ମହିମା ଧର୍ମର ପ୍ରଚାରକ ଭାବେ ସେ ନିଜ ଜୀବନ ଉତ୍ସର୍ଗ କରିଥିଲେ। ଜଣେ ମିଷ୍ଟ ଭାଷୀ,ପରୋପକାରୀ ସାଧୁ ଭାବେ ଜଣାଶୁଣା ଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଶୋଭାଯାତ୍ରାରେ ମହିମା ଧର୍ମର ବଲ୍କଲଧାରୀ ବାବୁଲି ବାବା,



ଗଦାଧର ବାବା, ଗୋପାଳ ବାବା, ଦୁଃଖବନ୍ଧୁ ବାବା, ଭରତ ବାବା, ଶଙ୍କର ବାବାଙ୍କ ସହ ସଞ୍ଜୟ ଦାସ, ଚିଦାନନ୍ଦ ଦାସ, ରମେଶ ଦାସ, ମାନସ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନ ମଧ୍ୟରେ ସିହା ଗ୍ରାମ୍ୟ କମିଟି ସଭାପତି ଆଶିଷ କୁମାର ସ୍ୱାଇଁ, ପୂର୍ବତନ ସରପଞ୍ଚ ଶଶିଭୂଷଣ ସ୍ୱାଇଁ, ସରପଞ୍ଚ ସଚ୍ଚିଦାନନ୍ଦ ଦାସ, ଜିତେନ୍ଦ୍ର ଦାସ, ବଂଶୀଧର ସ୍ୱାଇଁ, ରଞ୍ଜନ ଜେନା,ଅଜୟ ସ୍ୱାଇଁ, ଅଜେନ୍ଦ୍ର ସ୍ୱାଇଁ, ସୁବାସ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିରରେ ୮୩ ଅଭିଯୋଗ



ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

### ରାଶନ କାର୍ଡ ଓ ଭତ୍ତା ସର୍ବାଧିକ

ରଘୁନାଥପୁର, ୨୭।୧୦
(ରାଜେନ୍ଦ୍ର ନାରାୟଣ ସିଂହ)

ଜଗତ୍‌ସିଂହପୁର ଜିଲା ପ୍ରଶାସନ ପକ୍ଷରୁ ସୋମବାର ରଘୁନାଥପୁର ବ୍ଲକ ଜ୍ୟୋତି ମହାସଂଘ ସଭାକକ୍ଷରେ ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ଜେ. ସୋନାଲ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଏହି ଶିବିରରେ ମୋଟ ୮୩ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ୭୩ ବ୍ୟକ୍ତିଗତ, ୧୦ ଗୋଷ୍ଠୀଗତ ଅବା ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ଅଭିଯୋଗ ରହିଛି। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାଶନକାର୍ଡ ସମ୍ବନ୍ଧୀୟ ୧୦, ଆବାସ ଯୋଜନା ୧୫, ଜମିଜମା ସମସ୍ୟା ୧୫, ପୋଲିସ ସହାୟତା ପାଇଁ ୨, ଭତ୍ତା ପାଇବା ପାଇଁ ୧୩, ରେଡ୍‌କ୍ରସ ସମସ୍ୟା ୧ ଏବଂ ଅନ୍ୟାନ୍ୟ ୧୫ଟି ଅଭିଯୋଗର ଶୁଣାଣି ହୋଇଥିଲା। ୨ ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ପ୍ରମୁଖ ଅଭିଯୋଗ ମଧ୍ୟରେ ଗୋରେଖନାଥ ପୀଠ ବାହାରେ କମ୍ ମୂଲ୍ୟରେ ଶୁଖିଲା ଭୋଗ ବିକ୍ରୟ ହେଉଛି। ଫଳରେ ୬୫ ଲକ୍ଷ ଟଙ୍କାରେ ନିଲାମ ନେଇଥିବା ଭୋଗ ଦୋକାନୀଙ୍କୁ ବ୍ୟାପକ କ୍ଷତି ସହିବାକୁ ପଡୁଛି ବୋଲି ସତ୍ୟବ୍ରତ ତ୍ରିପାଠୀ ଅଭିଯୋଗ କରିଥିଲେ। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସେ ଅନୁରୋଧ କରିଥିଲେ।

କଟକ–ପାରାଦୀପ ଜନଗହଳି ପୂର୍ଣ୍ଣ ରାସ୍ତାର ରଘୁନାଥପୁର, ତାରପୁର ବାଇପାସ ଓ ଜଇପୁର ଛକରେ ଟ୍ରାଫିକ ସମସ୍ୟା ସମ୍ପର୍କରେ ଅଭିଯୋଗ ହୋଇଥିଲା। ଏହାକୁ ଦୂର କରିବା ପାଇଁ ହମ୍ପସ ନିର୍ମାଣ ପାଇଁ ଦାବି କରାଯାଇଥିଲା। ଶିବିରରେ ଆରକ୍ଷୀ ଅଧୀକ୍ଷକ ଅଙ୍କିତ କୁମାର ବର୍ମା, ଜିଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ, ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ, ରଘୁନାଥପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ବେହେରା, ତହସିଲଦାର ରାଜଲକ୍ଷ୍ମୀ ନାୟକ, ଜିଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବଡ଼ବାବୁ ବିଜୟ କୁମାର ମଲ୍ଲିକ, କୋଷାଧ୍ୟକ୍ଷ ଭବେଶ କୁମାର ବେହେରାଙ୍କ ସହ ସମସ୍ତ ଯନ୍ତ୍ରୀ ଓ କର୍ମଚାରୀ ଏଥିରେ ସହଯୋଗ କରିଥିଲେ।

## ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀ ଗୁରୁତର

କଳିଙ୍ଗନଗର, ୨୭।୧୦(ଶୁଭାଶିଷ ରାଉତ)

ସୁକିନ୍ଦା ଥାନା ଅନ୍ତର୍ଗତ କଳିଙ୍ଗନଗର ଶିଳ୍ପାଞ୍ଚଳ ଅନ୍ତର୍ଗତ ସୁକିନ୍ଦା ଥାର୍ଡ ବାଟାଲିୟନ ସାମ୍ନା ୫୩ ନମ୍ବର ଜାତୀୟ ରାଜପଥରେ ଡ୍ରମ୍ପର ପଛରେ ଏକ ଲୁନା ଧକ୍କା ହେବା ଫଳରେ ଜଣେ ଆରୋହୀ ଗୁରୁତର ହୋଇଛନ୍ତି। ଆହତ ବ୍ୟକ୍ତି ଜଣକ ହେଲେ ବଞ୍ଚା ଗ୍ରାମର ବାସିନ୍ଦା ପ୍ରଫୁଲ୍ଲ ନାଏକ। ପ୍ରଫୁଲ୍ଲ କଳିଙ୍ଗନଗର ଟାଟା ଷ୍ଟିଲ ପ୍ଲାଣ୍ଟକୁ ଡ୍ୟୁଟି କରିବା ପାଇଁ ଯାଉଥିବା ବେଳେ ରାସ୍ତା କଡରେ ଛିଡ଼ା ହୋଇଥିବା ଡ୍ରମ୍ପର ସହିତ ଧକ୍କା ଦେବାରେ ଏହି ଦୁର୍ଘଟଣା ଘଟିଥିଲା।

## ତୈଳ ବିଶୋଧନାଗାରରେ ଦୁର୍ନୀତି ନିବାରଣ ସପ୍ତାହ ଆରମ୍ଭ

ପାରାଦୀପ,୨୭।୧୦(ଶରତ ରାଉତ)

ଇଣ୍ଡିଆନ ଅଏଲ ତୈଳ ବିଶୋଧନାଗାରରେ ସୋମବାର ଦୁର୍ନୀତି ନିବାରଣ ସପ୍ତାହ (ସତର୍କତା ସଚେତନତା) ଆରମ୍ଭ ହୋଇଛି। ଏହା ଆଗାମୀ ସପ୍ତାହ ପର୍ଯ୍ୟନ୍ତ ଚାଲିବ। ଉକ୍ତ କାର୍ଯ୍ୟକ୍ରମକୁ ନିର୍ବାହୀ ନିର୍ଦ୍ଦେଶକ କୌଶିକ ବାସୁ ଉଦ୍‌ଘାଟନ କରିଥିଲେ। ଏଥିରେ ତୈଳ ବିଶୋଧନାଗାର କର୍ମଚାରୀମାନେ ସାମିଲ ହୋଇଥିଲେ। ସଚ୍ଚୋଟତା ଓ କର୍ମନିଷ୍ଠ ରହି କାମ କରିବା ପାଇଁ ବାସୁ ପରାମର୍ଶ ଦେଇଥିଲେ। ସପ୍ତାହ ପର୍ଯ୍ୟନ୍ତ ଏନେଇ ବିଭିନ୍ନ କାର୍ଯ୍ୟକ୍ରମ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।



କାର୍ଯ୍ୟକ୍ରମରେ ଯୋଗଦେଇଥିବା କମ୍ପାନୀ ଅଧିକାରୀ ଓ କର୍ମଚାରୀମାନେ।

## ଅଖଣ୍ଡତା ସ୍ୱଚ୍ଛତା ଆମର ଦାୟିତ୍ୱ

### ଦୁର୍ନୀତି ନିବାରଣ ସପ୍ତାହ ଆରମ୍ଭ

ପାରାଦୀପ,୨୭।୧୦(ଶରତ ରାଉତ)

ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ସୋମବାର ପ୍ରଶାସନିକ ଭବନ ପରିସରରେ ସତର୍କତା ସଚେତନତା ସପ୍ତାହ (ଦୁର୍ନୀତି ନିବାରଣ)ଆରମ୍ଭ ହୋଇଛି। ଏହାକୁ ବନ୍ଦର ଚିକିତ୍ସାଳୟର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବିଭୂତି ଭୂଷଣ ଦାସ ଉଦ୍‌ଘାଟନ କରିଥିଲେ। ପରେ ସେଠାରେ ଉପସ୍ଥିତ ଥିବା କର୍ମଚାରୀମାନଙ୍କୁ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନତା କରାଇଥିଲେ। ଅଖଣ୍ଡତା ସ୍ୱଚ୍ଛତା ଆମର ଦାୟିତ୍ୱ। ଏଥିପାଇଁ ସବୁ କ୍ଷେତ୍ରରେ ସତର୍କତା ରହିବା ପାଇଁ ମୁଖ୍ୟଅତିଥି ପରାମର୍ଶ ଦେଇଥିଲେ। ଏନେଇ ସପ୍ତାହବ୍ୟାପୀ ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା, କର୍ମଚାରୀଙ୍କ ମଧ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ, ପଥପ୍ରାନ୍ତ ନାଟକ, ଚିତ୍ରାଙ୍କନ ଆଦି କରାଯିବ ବୋଲି କୁହାଯାଇଛି।




ବନ୍ଦର ଅଧକ୍ଷ ପି.ଏଲ୍. ହାରାନ୍ଧ ସଚେତନତା ରଥକୁ ଉଦ୍‌ଘାଟନ କରୁଛନ୍ତି।

## ଶିକ୍ଷକ ଅଭାବ: ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା

ବାଲିକୁଦା, ୨୭।୧୦(ତାପସ ସ୍ୱାଇଁ)

ବାଲିକୁଦା ବ୍ଲକ ନହରଣା ପଞ୍ଚାୟତ ଅନ୍ତର୍ଗତ ବଇରଖ ଗ୍ରାମସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ରହିଛି। ଏହାର ପ୍ରତିବାଦରେ ଗ୍ରାମବାସୀ ଏବଂ ଅଭିଭାବକମାନଙ୍କ ଦ୍ୱାରା ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା।

ସେମାନଙ୍କ ଅଭିଯୋଗ ଅନୁଯାୟୀ, ବଇରଖ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୫ ଜଣ ଶିକ୍ଷକ ଏବଂ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି ଦିଆଯାଇଥିଲା। ୫ ବର୍ଷ ହୋଇଯିବ ୨ ଜଣ ଶିକ୍ଷକଙ୍କୁ ଅନ୍ୟ ବିଦ୍ୟାଳୟକୁ ବଦଳି କରାଯାଇଥିବାବେଳେ ଜଣେ ଶିକ୍ଷକଙ୍କୁ କରୋନା ସମୟରେ ଅନ୍ୟତ୍ର ବଦଳି କରାଯାଇଛି। ଏହା ପରଠାରୁ ଉକ୍ତ ବିଦ୍ୟାଳୟରେ ନୂତନ ନାମଲେଖାଇବା ସମ୍ପୂର୍ଣ୍ଣ ବନ୍ଦ ହୋଇଯିବା ସହ ଅଧ୍ୟୟନରତ ଛାତ୍ରୀଛାତ୍ର ଅନ୍ୟ ବିଦ୍ୟାଳୟକୁ ଚାଲିଯାଉଛନ୍ତି। ପୂର୍ବରୁ ଏହି ସମସ୍ୟାର ସମାଧାନ ନିମନ୍ତେ ବିଦ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବା ସହ ଜିଲାପାଳଙ୍କ ଜନ ଶୁଣାଣି ଶିବିରରେ ଅଭିଯୋଗ କରାଯାଇଥିଲା। ମାତ୍ର



ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସୁଶାନ୍ତ କୁମାର ମହାନ୍ତିଙ୍କୁ ଦାବିପତ୍ର ଦିଆଯାଉଛି।

### ଦାବି ପୂରଣ ନ ହେଲେ ପୁନର୍ବାର ଆନ୍ଦୋଳନ ଚେତାବନୀ

ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିପାରିନାହିଁ। ଏଥିପାଇଁ ପୁରାତନ ଛାତ୍ରୀଛାତ୍ର ଏବଂ ଅଭିଭାବକମାନଙ୍କ ପକ୍ଷରୁ ସୋମବାର ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଏଥିସହ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସୁଶାନ୍ତ କୁମାର ମହାନ୍ତିଙ୍କୁ ଦାବିପତ୍ର ଦିଆଯାଇଛି। ଏକ ମାସ ପରେ ଜଣେ ବିଜ୍ଞାନ ଶିକ୍ଷକଙ୍କୁ ବିଦ୍ୟାଳୟରେ ନିଯୁକ୍ତି ଦିଆଯିବ ବୋଲି ମହାନ୍ତି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଯାଇଛି। ଏହି ଧାରଣାରେ ଅବସରପ୍ରାପ୍ତ ଶିକ୍ଷକ କ୍ଷେତ୍ର ମୋହନ ମୁଦୁଲି, ଅଜୟ ଜେନା, ରାକେଶ ନାୟକ, ରୁଦ୍ର ନାରାୟଣ ପ୍ରଧାନ, ସୁବ୍ରତ ନାୟକ, ନରେନ୍ଦ୍ର ସେଠ, ଅଭିଜିତ ବିଶ୍ୱାଳ,ତ୍ରିନାଥ ସାହୁ, ନଳିନୀ ଜେନା, ସୁଚିତ୍ରା ଜେନା, ଶ୍ୟାମ ବିଶ୍ୱାଳ, ପ୍ରମୁଖ ଯୋଗ ଦେଇଥିଲେ। ଆଗାମୀ ଏକ ମାସ ମଧ୍ୟରେ ସମସ୍ୟାର ସମାଧାନ ନହେଲେ ପୁନର୍ବାର ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି।

## ଛାତ୍ରୀ ଗଣବଳାତ୍କାର ମାମଲାରେ କନଷ୍ଟେବଲଙ୍କ ବୟାନ ରେକର୍ଡ

ବ୍ରହ୍ମପୁର, ୨୭।୧୦ (ସୁବାସ ଚନ୍ଦ୍ର ପାଢ଼ୀ)

ଗୋପାଳପୁର ବେଳାଭୂମିରେ ଗତ ଜୁନ ୧୫ ତାରିଖରେ ଜଣେ ଛାତ୍ରୀଙ୍କୁ ତାଙ୍କ ପୁରୁଷ ବନ୍ଧୁଙ୍କ ଉପସ୍ଥିତିରେ ଗଣ ବଳାତ୍କାର ହୋଇଥିଲା। ଏହି ମାମଲାର ବିଚାରଣା ଏବେ ଅତିରିକ୍ତ ଜିଲା ଦୌରା ଜଜ( ଏଡିଜେ) –୨ ଅୟୁଷମାନ ମହନ୍ତଙ୍କ କୋର୍ଟରେ ଚାଲିଛି। ନାବାଳକରୁ ସାବାଳକ ଭାବେ ଗ୍ରହଣ କରାଯାଇଥିବା ତିନିଜଣ ଅଭିଯୁକ୍ତଙ୍କ ଉକ୍ତ କୋର୍ଟରେ ଆଭାସି ମାଧ୍ୟମରେ ବିଚାରଣା ହୋଇଛି। ଏହି ମାମଲାରେ କ୍ରାଇମବ୍ରାଞ୍ଚର କନେଷ୍ଟେବଲ ସାକ୍ଷୀ ଭାବେ ଦିବ୍ୟ ରଞ୍ଜନ ପଣ୍ଡା କୋର୍ଟରେ ହାଜର ହୋଇଥିଲେ। ସେ ଘଟଣା ସମ୍ପର୍କରେ ଯାହାସବୁ ଜାଣିଥିଲେ ତାହା କୋର୍ଟରେ କହିଥିଲେ। ତାଙ୍କ ବୟାନ କୋର୍ଟରେ ରେକର୍ଡ କରାଯାଇଛି। ଏହି ମାମଲାର ପରିଚାଳନା ପାଇଁ ସ୍ୱତନ୍ତ୍ର ପିପି କାଳି ଚରଣ ମିଶ୍ରଙ୍କୁ ନିଯୁକ୍ତି ଦିଆଯାଇଛି। ସୋମବାର ସେ କୋର୍ଟରେ ଉପସ୍ଥିତ ଥିଲେ। ମଙ୍ଗଳବାର ପରବର୍ତ୍ତୀ ବିଚାରଣା ପାଇଁ କୋର୍ଟ ପକ୍ଷରୁ ଦିନ ଧାର୍ଯ୍ୟ ହୋଇଛି।

## ପିଣ୍ଟୁ ଦାଶଙ୍କୁ ଅନ୍ୟ ଜେଲ ସ୍ଥାନାନ୍ତର ଘୁଞ୍ଚିଲା

ବ୍ରହ୍ମପୁର, ୨୭।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁରର ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ ପିଣ୍ଟୁଙ୍କୁ ବ୍ରହ୍ମପୁର ମଣ୍ଡଳ କାରାଗାରରୁ ଫୁଲବାଣୀ ଜେଲକୁ ସ୍ଥାନାନ୍ତର ତାରିଖ ଘୁଞ୍ଚିଯାଇଛି । ସୁରକ୍ଷା ଦୃଷ୍ଟିରୁ ତଥା ଅପ୍ରୀତିକର ପରିସ୍ଥିତିକୁ ଏଡାଇବା ପାଇଁ ୨୭ ତାରିଖ ଅର୍ଥାତ ସୋମବାର ତାଙ୍କୁ ଫୁଲବାଣୀ ଜେଲକୁ ସ୍ଥାନାନ୍ତର ପାଇଁ ଯୋଜନା ଥିଲା। ହେଲେ କୌଣସି କାରଣରୁ ଏହା ସ୍ଥଗିତ ରହିଛି। ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ହତ୍ୟା ମାମଲାରେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ସହ ଗିରଫ ହୋଇ ପିଣ୍ଟୁ ବର୍ତ୍ତମାନ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ରହୁଛନ୍ତି। ଏହି କାରାଗାରରେ ଏକ ପୁରୁଣା ହତ୍ୟା ମାମଲାର ଅପରାଧୀମାନେ ରହୁଛନ୍ତି । ସେହିକ୍ରମରେ ପିଣ୍ଟୁ ଦାଶ ଓ ସେହି ଅପରାଧିଙ୍କଙ୍କ ମଧ୍ୟରେ କାଳେ ଗଣ୍ଡଗୋଳ ହେବ ତାହାକୁ ଆଶଙ୍କା କରି ଜେଲ କର୍ତ୍ତୃପକ୍ଷ ପିଣ୍ଟୁ ଦାଶଙ୍କୁ ଅନ୍ୟ ଜେଲକୁ ସ୍ଥାନାନ୍ତର କରିବାକୁ ଏସଡ଼ିଜେଏମ କୋର୍ଟରେ ଏକ ପିଟିଶନ ଫାଇଲ କରିଥିଲେ। ଏହାର ଶୁଣାଣି କରି କୋର୍ଟ ପକ୍ଷରୁ ସ୍ଥାନାନ୍ତର ଅନୁମତି ମିଳିବା ପରେ ୨୭ ତାରିଖରେ ତାଙ୍କୁ ଫୁଲବାଣୀ ଜେଲକୁ ସ୍ଥାନାନ୍ତର ପାଇଁ ନିଷ୍ପତ୍ତି ହୋଇଥିଲା। ହେଲେ ପିଣ୍ଟୁଙ୍କୁ ଫୁଲବାଣୀ ଜେଲ ପାଠଗଲେ ସେଠାକୁ ଯିବା ତାଙ୍କ ପରିବାର ପାଇଁ ଅନେକ ସମସ୍ୟା ହେବ ଦର୍ଶାଇ ତାଙ୍କ ସ୍ତ୍ରୀ କୋର୍ଟରେ ପିଟିସନ ଦାଖଲ କରିଥିଲେ। ପିଣ୍ଟୁଙ୍କୁ ବ୍ରହ୍ମପୁର ନିକଟ କୌଣସି ଜେଲ୍‌ରେ ରଖିବାକୁ ସେ ଅନୁରୋଧ କରିଥିଲେ। ସେହିପରି ତାଙ୍କ ସ୍ୱାସ୍ଥ୍ୟ ସମସ୍ୟା ଉଠାଇ ମଧ୍ୟ ସେ ପିଟିସନ ଦାଖଲ କରିଥିଲେ। କୋର୍ଟଙ୍କ ନିର୍ଦ୍ଦେଶପ୍ରକାରେ ଆସନ୍ତା ଦିନରେ ପିଣ୍ଟୁଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଜେଲ କର୍ତ୍ତୃପକ୍ଷ ପ୍ରସ୍ତୁତ ହୋଇ ରହିଥିବା କୁହାଯାଉଛି ।

# ବାତ୍ୟା ମୋନ୍ଥା ମୁକାବିଲା ପାଇଁ ବିଏମ୍‌ସି ସଜାଗ

- ତଳିଆ ଅଞ୍ଚଳ ବୁଲି ଦେଖିଲେ ଜିଲାପାଳ
- ୬୦ ଅତିରିକ୍ତ କର୍ମଚାରୀ ମୁତୟନ
- ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍
- ୧୧ ଆଶ୍ରୟସ୍ଥଳୀ କାର୍ଯ୍ୟକ୍ଷମ
- ମେଡିକାଲ କର୍ମଚାରୀ ଓ ଶୁଖିଲା ଖାଦ୍ୟ ମହଜୁଦ



ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପକୁ ସ୍ଥାନାନ୍ତର ହୋଇଥିବା ମ୍ୟୁନିସିପାଲିଟି କଲୋନୀ ବାସିନ୍ଦା।

ବ୍ରହ୍ମପୁର, ୨୭।୧୦(ସ୍ମୃତି ରଞ୍ଜନ ମହାଲିକ)

ବାତ୍ୟା ମୋନ୍ଥା ମୁକାବିଲା ପାଇଁ ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ସଜାଗ ହେବା ସହ ସମସ୍ତ ପ୍ରସ୍ତୁତି କରିଛି। ବିଏମ୍‌ସି ପରିସରରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲାଯାଇଛି। ନିଗମ ପକ୍ଷରୁ ୭୬୦୮୮୦୪୮୦ ଟୋଲ ଫ୍ରି ନଂ ଜାରି କରାଯାଇଛି। ସୋମବାର ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତିଭାସନ ସହରର ତଳି ଅଞ୍ଚଳ ସମେତ ସାପୁଆ, ବାହାନା ଓ ଧୋବାନାଳ ପରିଦର୍ଶନ କରିଥିଲେ। ବିଏମସି କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ସିଟି ଇଞ୍ଜିନିୟର ମନୋଜ କୁମାର ପାତ୍ର, ନିର୍ବାହୀ ଯନ୍ତ୍ରୀ ସୁଶାନ୍ତ ଡୁଙ୍ଗ ଡୁଙ୍ଗ ଓ ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ଥିଲେ। ପରେ ଜିଲାପାଳ ସହରର ଜଳବନ୍ଦୀ ଅଞ୍ଚଳ ଗଜପତି ନଗର ବୁଲି ଦେଖିଥିଲେ। ବାତ୍ୟା ସମୟରେ ସହରତଳି ଅଞ୍ଚଳରୁ ବର୍ଷା ଜଳ ନିଷ୍କାସନକୁ ଗୁରୁତ୍ୱ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତଳିଆ ଅଞ୍ଚଳଗୁଡିକରେ ଡ୍ରେନ ସଫେଇ ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ବିଏମସି ପକ୍ଷରୁ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଓ କମାପଲୀ ବୈଦ୍ୟନାଥେଶ୍ୱର କଲ୍ୟାଣ ମଣ୍ଡପରେ ହୋଇଥିବା ବାତ୍ୟା ଆଶ୍ରୟସ୍ଥଳକୁ ଜିଲାପାଳ ବୁଲି ଦେଖିଥିଲେ। ସେଠାରେ ଖାଦ୍ୟ ପଦାର୍ଥ ମହଜୁଦ ରଖିବା ପାଇଁ କହିଥିଲେ। ବିଏମସିର ୨୨ଟି ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୧୧ଟିକୁ କାର୍ଯ୍ୟକ୍ଷମ କରାଯାଇଛି। ଏଥିମଧ୍ୟରେ ବଡଖେମୁଣ୍ଡି ସାହି ୟୁପି ସ୍କୁଲ, କେସି ବାଳକ ଉଚ୍ଚ ବିଦ୍ୟାଳୟ, ଲିଙ୍ଗରାଜ ଆଇନ ମହାବିଦ୍ୟାଳୟ, ଆମ୍ବପୁଆ ଅଙ୍ଗନୱାଡି କେନ୍ଦ୍ର, ହରିଡାଖଣ୍ଡି କଲ୍ୟାଣ ମଣ୍ଡପ, ବିନାୟକ ଆଚାର୍ଯ୍ୟ ହାଇସ୍କୁଲ, ନୋଡାଲ ୟୁପି ସ୍କୁଲ ଆସ୍କା ରୋଡ, କରଣ ସାହି ୟୁପି ସ୍କୁଲ, ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ, କମାପଲୀ ବୈଦ୍ୟନାଥ କଲ୍ୟାଣ ମଣ୍ଡପ ରହିଛି। ଉକ୍ତ ସମସ୍ତ ଆଶ୍ରୟସ୍ଥଳଗୁଡିକ ପାଇଁ ୩ କୁଇଣ୍ଟାଲ ଚୂଡା, ୩୦ କିଲୋ ଗୁଡ, କ୍ୟାଣ୍ଡେଲ, ମଶା ଧୂପ ଓ ବିସ୍କୁଟ ପ୍ୟାକେଟ ପ୍ରଦାନ କରାଯାଇଛି। ସୋମବାର ସନ୍ଧ୍ୟାରେ ୯୫୦ ଜଣଙ୍କୁ ସ୍ଥାନାନ୍ତର ପ୍ରକ୍ରିୟା ଜାରି ରହିଛି। ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପକୁ ମ୍ୟୁନିସିପାଲିଟି କଲୋନୀ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା। ରାତିରେ ଆଶ୍ରୟ ସ୍ଥଳୀକୁ ଆସିଥିବା ଲୋକଙ୍କୁ ଭାତ ଓ ଡାଲମା ଖାଇବାକୁ ଦିଆଯାଇଥିଲା। ପ୍ରତି ଆଶ୍ରୟସ୍ଥଳରେ ୩ ସିଫ୍ଟରେ କର୍ମଚାରୀ କାର୍ଯ୍ୟ କରିବେ ବୋଲି ସୂଚନା ମିଳିଛି। ଏଥିସହ ସେଠାରେ ମେଡିକାଲ କର୍ମଚାରୀ ସମେତ ସାନିଟାରୀ ପ୍ୟାଡ ଓ ପାଇଖାନାର ସୁବିଧା କରାଯାଇଛି। ବାତ୍ୟା ସମୟରେ ଜଳ ବନ୍ଦୀରୁ ମୁକ୍ତି ପାଇଁ ୩ ଘରୋଇ ଏଜେନ୍ସି ଜରିଆରେ ୬୦ ଅଧିକ ସଫେଇ କର୍ମଚାରୀ ନିୟୋଜିତ କରାଯାଇଛି। ରାସ୍ତା ଅବରୋଧ ହଟାଇବା ପାଇଁ ଅତିରିକ୍ତ ଯାନବାହାନ, ଯନ୍ତ୍ରପାତି ମହଜୁଦ ରଖାଯାଇଛି। ୱାଟକୋ ଓ ଅଗ୍ନିଶମ ବିଭାଗ ସହ ବିଏମସି ଲଗାତାର ସମନ୍ୱୟ ଜାରି ରଖିଛି। ଦୁର୍ଘଟଣା ପ୍ରବଣ ଖୋଲା ଡ୍ରେନ ଗୁଡିକରେ ବ୍ୟାରିକେଡ ଓ ବୁଲା ଗୋରୁ ଗାଈଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରକୁ ଗୁରୁତ୍ୱ ଦିଆଯାଇଛି। ବାତ୍ୟା ସମୟରେ ସଚେତନତା ପାଇଁ ମାଇକ ଜରିଆରେ ନିଗମ ପକ୍ଷରୁ ସହରରେ ପ୍ରଚାର କରାଯାଇଥିବା ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା ଦେବୀ ସୂଚନା ଦେଇଛନ୍ତି। ଏଥିସହିତ ପ୍ରସ୍ତୁତିକୁ ନେଇ ଭିଡିଓ କନଫରେନ୍ସ ମାଧ୍ୟମରେ ମେୟର, ଡେପୁଟି ମେୟର ଓ କମିଶନର ସମୀକ୍ଷା କରାଯାଇଥିବା ସେ କହିଛନ୍ତି।

## ଗୋପାଳପୁର ବନ୍ଦର ବର୍ଥରେ ଆନ୍ଧ୍ରର ୪୦ରୁ ଉର୍ଦ୍ଧ୍ୱ ଟ୍ରଲର

ଛତ୍ରପୁର, ୨୭।୧୦(ଦିଲୀପ ସାମଲ):

ବାତ୍ୟା 'ମୋନ୍ଥା' ପ୍ରଭାବରେ ଗଞ୍ଜାମ ଜିଲାରେ ସମୁଦ୍ର ଅଶାନ୍ତ ରହିଛି। ସୋମବାର ଅପରାହ୍ନରେ ଛତ୍ରପୁରର ଆର୍ଯ୍ୟପଲ୍ଲୀ ନିକଟ ସମୁଦ୍ରରେ ଆନ୍ଧ୍ରର ୪୦ରୁ ଉର୍ଦ୍ଧ୍ୱ ଟ୍ରଲର ଫସି ରହିଥିବା ଦେଖାଯାଇଥିଲା। ଆନ୍ଧ୍ର ବିଶାଖାପାଟଣା ଓ କାକିନାଡ଼ା ଅଞ୍ଚଳର ଏସବୁ ଟ୍ରଲରଗୁଡିକ ସମୁଦ୍ର ଅଶାନ୍ତ ଥିବାରୁ ଆଗକୁ ଯାଇପାରୁ ନ ଥିଲା। ସେଥିରେ ଥିବା ମତ୍ସ୍ୟଜୀବୀମାନେ ସହାୟତା ଚାହିଁଥିଲେ। ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତିଭାସନଙ୍କ ନିର୍ଦ୍ଦେଶକ୍ରମେ ସେମାନଙ୍କ ନିକଟକୁ କୋଷ୍ଟଗାର୍ଡମାନେ ଯାଇ ଗୋପାଳପୁର ବର୍ଥକୁ ଲଙ୍ଗର ପକାଇ ସୁରକ୍ଷିତ ଭାବେ ଆଣିଛନ୍ତି।



ଆର୍ଯ୍ୟପଲ୍ଲୀ ନିକଟ ସମୁଦ୍ରରେ ଫସି ରହିଥିବା ଟ୍ରଲର।

### ସମୁଦ୍ର ମଝିରେ ଫସି ରହିଥିଲା

ରାତି ୮ଟା ସୁଦ୍ଧା ୪୦ଟି ଟ୍ରଲର ଆସିଥିବା ବେଳେ ଫସି ରହିଥିବା ଆହୁରି ଟ୍ରଲର ଗୋପାଳପୁର ବର୍ଥକୁ ଆସିବ ବୋଲି ସୂଚନା ମିଳିଛି। ଉଦ୍ଧାର ହୋଇଥିବା ମତ୍ସ୍ୟଜୀବୀମାନଙ୍କୁ ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗ କରାଯାଉଛି।

## ଦାଦନ ଶ୍ରମିକଙ୍କ କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

ବ୍ରହ୍ମପୁର, ୨୭।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ଓଡ଼ିଶାର ଦାଦନ ଶ୍ରମିକଙ୍କ ଦୁର୍ଦ୍ଦଶା ଦୂରୀକରଣ ସହିତ ସେମାନଙ୍କ କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଏକ ଚିଠି ପ୍ରଦାନ କରାଯାଇଛି। ଡ.ଶମ୍ଭୁ ପାଣିଗ୍ରାହୀ ଏହି ଚିଠି ପ୍ରଦାନ କରି କହିଛନ୍ତି ଯେ, ସେ ରାଞ୍ଚି ଆରକେଡିଏଫ ବିଶ୍ୱବିଦ୍ୟାଳୟରେ ଶ୍ରମ ଆଇନ ଓ କଲ୍ୟାଣ ଯୋଜନାର ଆଞ୍ଚଳିକ ବିକାଶରେ ଭୂମିକା: ଗଞ୍ଜାମ ଜିଲାର ଏକ ଅଧ୍ୟୟନ ଶୀର୍ଷକରେ ଗବେଷଣା ବେଳେ ଜାଣିବାକୁ ପାଇଛନ୍ତି ଯେ, ଗଞ୍ଜାମ, କନ୍ଧମାଳ, ପୁରୀ, ଫୁଲବାଣୀ, ଗଜପତି, ମାଲକାନଗିରି, ରାୟଗଡ଼ା, ବଲାଙ୍ଗୀର ଓ ନବରଙ୍ଗପୁର ଆଦି ଜିଲାରୁ ଦାଦନ ଖଟିବାକୁ ଯାଆନ୍ତି। ପ୍ରାୟ ୧୨ ଲକ୍ଷରୁ ଅଧିକ ଶ୍ରମିକ ଗଞ୍ଜାମ ଜିଲାରୁ ବାହାରକୁ ଯାଇଥାନ୍ତି। ସେମାନଙ୍କ କୌଣସି ଠିକ ରେକର୍ଡ, ନିୟନ୍ତ୍ରଣ କିମ୍ବା କଲ୍ୟାଣମୂଳକ ସହାୟତା ନାହିଁ। ସ୍ଥାନୀୟ ସ୍ତରରେ ରୋଜଗାରର ଅଭାବ ହିଁ ଏହାର କାରଣ ହୋଇଛି। ସମସ୍ତ ପ୍ରବାସୀ ଶ୍ରମିକଙ୍କ ପରିଚୟ ଓ ପଞ୍ଜୀକରଣ କରିବା, ଯେଉଁଥିରେ ସେମାନଙ୍କ ପରିବାର, ଦକ୍ଷତା, ବୟସ ଓ କାର୍ଯ୍ୟସ୍ଥଳର ବିବରଣୀ ରହିବ, ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯିବା ପୂର୍ବରୁ ଶ୍ରମିକଙ୍କ ପାଇଁ ପଞ୍ଜୀକରଣ ବାଧ୍ୟତାମୂଳକ କରାଯିବା, ପଞ୍ଜୀକୃତ ଦାଦନ ଶ୍ରମିକଙ୍କ ପରିବାରକୁ ଜୀବିକା ସୁରକ୍ଷା ପାଇଁ ମାସିକ ଅତି କମ୍‌ରେ ୧୦,୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବା, ଗଞ୍ଜାମରେ ବୃହତ ଶିଳ୍ପ ସ୍ଥାପନ ପାଇଁ ପ୍ରୋତ୍ସାହନ ଯୋଗାଇବା ପାଇଁ ସେ ଚିଠିରେ ଅନୁରୋଧ କରିଛନ୍ତି।

## ମହିଳାଙ୍କ ଭ୍ୟାନିଟରୁ ଟଙ୍କା, ସୁନା ଚୋରି

ବ୍ରହ୍ମପୁର, ୨୭।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ଘରେ କେହି ନଥିବା ବେଳେ ଜଣେ ମହିଳାଙ୍କ ଭ୍ୟାନିଟ ବ୍ୟାଗରୁ ୩୦ ଗ୍ରାମ ଓଜନର ସୁନା ଅଳଙ୍କାର ଓ ନଗଦ ୫୦୦୦ ଟଙ୍କା ଚୋରି ହୋଇଛି । କୌଣସି ଦୁର୍ବୃତ୍ତ ଟଙ୍କା ଓ ସୁନା ଚୋରି କରିବା ପରେ ଉକ୍ତ ଭ୍ୟାନିଟକୁ ଘର ବାହାରେ ଫିଙ୍ଗି ଚମ୍ପଟ ମାରିଛନ୍ତି ଘଟଣାକୁ ନେଇ ସେ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ରାମନଗର ୨ୟ ଗଳିରେ ରହୁଥିବା ରଶ୍ମିତା ବେହେରା ଓ ତାଙ୍କ ପିଲାମାନେ କୌଣସି କାମରେ ବାହାରକୁ ଯାଇଥିବା ବେଳେ ଘରେ ତାଲା ପଡିଥିଲା । ହେଲେ ସେହି ତାଲାର ଚାବି ଝରକା କୋଣରେ ରଖାଯାଇଥିଲା । ଏହାର ସୁଯୋଗ ନେଇ କୌଣସି ଦୁର୍ବୃତ୍ତ ଘରର ଚାବି ବାହାର କରି ତାଲା ଖୋଲିବା ପରେ ଭିତରକୁ ପଶି ଭ୍ୟାନିଟରେ ଥିବା ୩୦ ଗ୍ରାମ ଓଜନର ଗୋଟିଏ ସୁନା ଚେନ ଓ ନଗଦ ୫ ହଜାର ଟଙ୍କା ନେଇ ଯାଇଥିଲେ । ରଶ୍ମିତା ଘରକୁ ଫେରିବା ପରେ ଭ୍ୟାନିଟ ଗାଏବ ଥିବା ଦେଖି ସବୁଆଡେ ଖୋଜାଖୋଜି କରିଥିଲେ । ହେଲେ ଘରେ ତାଙ୍କ ଭ୍ୟାନିଟ ମିଳିନଥିଲା। ବହୁ ଖୋଜାଖୋଜି ପରେ ଭ୍ୟାନିଟ ବ୍ୟାଗଟି ଘରର ପଛପଟେ ପଡିଥିବା ସେ ଦେଖିଥିଲେ।। ତା' ଭିତରୁ ସମସ୍ତ ସାମଗ୍ରୀ ଚୋରି ହୋଇଯାଇଥିବା ଜାଣିବା ପରେ ସେ ଥାନାକୁ ଯାଇ ଅଭିଯୋଗ କରିଥିଲେ।

## ଆର୍‌ଆଇ କାର୍ଯ୍ୟାଳୟ ନିର୍ମାଣ କରିବାକୁ ଏଡିଏମ୍‌ଙ୍କୁ ଫେରାଦ



ଏଡିଏମ୍‌ଙ୍କୁ ସ୍ୱାରକପତ୍ର ଦେବାକୁ ଆସିଥିବା ଲୋକେ ।

ନୟାଗଡ, ୨୭।୧୦(ଲୋକନାଥ ମିଶ୍ର)

ନୟାଗଡ ବ୍ଲକ ନୋତର ଗାଁରେ ଆର ଆଇ କାର୍ଯ୍ୟାଳୟ ସ୍ଥାପନ କରିବାକୁ ସରକାର ମଞ୍ଜୁର କରିଥିଲେହେଁ ଏଯାବତ ନିର୍ମାଣ ହୋଇ ପାରୁନାହିଁ। ଆରଆଇ କାର୍ଯ୍ୟାଳୟ ନିର୍ମାଣ ପାଇଁ ସ୍ଥାନୀୟ ବାସିନ୍ଦା ଅତିରିକ୍ତ ଜିଲାପାଳ(ଏଡିଏମ)ଙ୍କୁ ଭେଟି ସ୍ୱାରକପତ୍ର ଦେଇଛନ୍ତି। ଅଭିଯୋଗ ଅନୁସାରେ ଗମ୍ଭାରିଡିହି, ନୋତର ଓ କେନ୍ଦୁଡ଼ିପି ପଞ୍ଚାୟତ ଲାଗି ନୋତର ଆରଆଇ କାର୍ଯ୍ୟାଳୟ ହୋଇଛି। ନୋତରରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଥିବାବେଳେ କେତେକ ଲୋକ ଆରଆଇ କାର୍ଯ୍ୟାଳୟ ସ୍ଥାନାନ୍ତର ପାଇଁ ଉଦ୍ୟମ କରୁଛନ୍ତି। ଯାହକି ସଫଳତା ମିଳିବ ନାହିଁ ବୋଲି କହିଛନ୍ତି।

## 'ସ୍ୱାମୀ ପାଇଁ ପଛେ ନର୍କକୁ ଯିବ' ନାଟକ ମଞ୍ଚସ୍ଥ



ନାଟକକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି ।

ଖଣ୍ଡପଡା, ୨୭।୧୦(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ ବେଣାଗାଡିଆ ପଞ୍ଚାୟତ ପଥରଦ୍ୱାର ଗ୍ରାମ ମା' ପୂର୍ଣ୍ଣବାସୀଙ୍କ ପୀଠରେ ପାରମ୍ପରିକ ରୀତିରେ ଗତ ୨୨ତାରିଖ ଠାରୁ ୪ଦିନ ବ୍ୟାପୀ ଅନୁଷ୍ଠିତ ଗିରିଗୋବର୍ଦ୍ଧନ ଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ଗ୍ରାମବାସୀଙ୍କ ମନୋରଞ୍ଜନ ନିମନ୍ତେ ରବିବାର ଏକ ସାମାଜିକ ନାଟକ 'ସ୍ୱାମୀ ପାଇଁ ପଛେ ନର୍କକୁ ଯିବ' ମଞ୍ଚସ୍ଥ ହୋଇଯାଇଛି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇ ମଞ୍ଚସ୍ଥ ନାଟକକୁ ଉଦ୍‌ଘାଟନ କରି ଆୟୋଜକମାନଙ୍କୁ ଉତ୍ସାହିତ କରିଥିଲେ । ଗ୍ରାମର ମା' ପୂର୍ଣ୍ଣବାସୀ ଯୁବ କ୍ଲବ ଓ ଗ୍ରାମବାସୀଙ୍କ ସହଯୋଗରେ ତଥା ଶ୍ୱେତ କୁମାର ରାଉତରାୟଙ୍କ ନିର୍ଦ୍ଦେଶନାରେ ଅନୁଷ୍ଠିତ କାର୍ଯ୍ୟକ୍ରମର ମୁଖ୍ୟ ଭୂମିକାରେ କବିବର ସାହୁ ଅଭିନୟ କରିଥିବା ବେଳେ ଅନ୍ୟାନ୍ୟ ଭୂମିକାରେ ଅଭୟ ପରିଡା, ପ୍ରତାପ ବାରିକ, ଅନ୍ତର୍ଯ୍ୟାମୀ ଦଳେଇ, ଯଦୁନାଥ ବିଶ୍ୱାଳ ଓ ବେଣୁଧର ଦଳେଇ ପ୍ରମୁଖ ଅଭିନୟ ଦର୍ଶକଙ୍କୁ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା । ଗ୍ରାମର ମା' ପୂର୍ଣ୍ଣବାସୀ ଯୁବକ ସଂଘ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## କୋସକା–ରୟତ ଢୋଲମରା ରାସ୍ତା ମରଣଯନ୍ତା

ଖଣ୍ଡପଡ଼ା, ୨୭।୧୦ (ଅଜୟ କୁମାର ମହାରଣା)

ଗ୍ରାମାଞ୍ଚଳକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାଗୁଡିକର ଦୂରାବସ୍ଥାକୁ ନେଇ ଖଣ୍ଡପଡ଼ା ବ୍ଲକ ଅଞ୍ଚଳବାସୀ ପ୍ରମାଦ ଗଣୁଥିଲେ ହେଁ ଏହାର ଉନ୍ନତିକରଣ ଦିଗରେ କେହି ଦୃଷ୍ଟି ଦେଉନଥିବା ଅଭିଯୋଗ ହେଉଛି । ଖଣ୍ଡପଡ଼ା ବ୍ଲକ ଅଧିନ କୋସ୍କା ପଞ୍ଚାୟତ ଶରଧାପୁର ଗ୍ରାମଦେଇ ନିକଟସ୍ଥ ରୟତ–ଢୋଲମରା ପଞ୍ଚାୟତକୁ ସଂଯୋଗ କରୁଥିବା ରାସ୍ତାର ଶୋଚନୀୟ ଅବସ୍ଥାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଦୀର୍ଘ ବର୍ଷ ହେବ ଅସନ୍ତୋଷ ପ୍ରକାଶ କରି ଆସୁଛନ୍ତି। କୋସ୍କା ଓ ରୟତ ଢୋଲମରା ୨ ପଞ୍ଚାୟତକୁ ସଂଯୋଗ କରୁଥିବା ଏହି ରାସ୍ତାଦେଇ ଦୈନିକ ଭାରି ଯାନବାହନଠାରୁ ଆରମ୍ଭ କରି ଯାତ୍ରୀବାହୀ ବସ୍‌ଗୁଡିକ ଚଳାଚଳ କରୁଛି । ରାସ୍ତା ସାରା ଏବେ ଖାଲଖମାରେ ଭର୍ତ୍ତି ହୋଇଥିବା ବେଳେ ଅସରାଏ ବର୍ଷା ହେଲେ କର୍ଦ୍ଦମାକ୍ତ ହୋଇପଡୁଛି । ବିପଦସଙ୍କୁଳ ହୋଇ ପଡିଥିବା ରାସ୍ତାର ଉନ୍ନତିକରଣ ଦିଗରେ ପ୍ରଶାସନ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



ମରଣଯନ୍ତା ପାଲଟିଥିବା ରାସ୍ତା ।

## ଆଇୟୁସିଏନ୍ କଂଗ୍ରେସରେ ବ୍ରହ୍ମପୁରର ସୁନାଝିଅ ଶିବାନୀ

ବ୍ରହ୍ମପୁର, ତା୨୭।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଗଣେଶ ନଗର ନିବାସୀ କୃଷ୍ଣଚନ୍ଦ୍ର ପାଢ଼ୀ ଓ ସସ୍ମିତା ମିଶ୍ରଙ୍କ ଏକମାତ୍ର କନ୍ୟା ଶିବାନୀ ପାଢ଼ୀ ଓଡ଼ିଶାର ଯୁବପିଢ଼ିଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ସେ ନିକଟରେ ଆବୁଧାବିରେ ଆୟୋଜିତ ଆଇୟୁସିଏନ୍ ୱାର୍ଲଡ କନଜର୍ଭେସନ କଂଗ୍ରେସ ୨୦୨୫ ରେ ସେ ଚେଞ୍ଜ ମେକର ବିଭାଗରେ ଭାରତ ପକ୍ଷରୁ ଏକମାତ୍ର ଯୁବ ପ୍ରତିନିଧି ଭାବେ ଯୋଗଦେଇ ବିଶ୍ୱମଞ୍ଚରେ ଭାରତ ତଥା ଓଡ଼ିଶାର ନାମ ଉଜ୍ଜ୍ୱଳ କରିଛନ୍ତି। ଏହି ଅବସରରେ ଟାଟା ବେଞ୍ଜ ଛକ ନିକଟ ଏକ ମଣ୍ଡପରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ନିଜ ସଫଳତା ବଖାଣିଛନ୍ତି। ତାଙ୍କର ଏହି ସଫଳତା ଲାଗି ସାମାଜିକ ଅନୁଷ୍ଠାନ ସାତ୍ତ୍ୱିକ ସୋଲ ଫାଉଣ୍ଡେସନ ପକ୍ଷରୁ ତାଙ୍କୁ ସମ୍ମାନିତ କରାଯାଇଥିଲା। ଇଣ୍ଟରନ୍ୟାସନାଲ ୟୁନିଅନ ଫର୍ କନଜରଭେସନ ଅଫ ନେଚର୍ ହେଉଛି ପୃଥିବୀର ସବୁଠାରୁ ବଡ଼ ପରିବେଶ ସଂଗଠନ ଓ ଆଇୟୁସିଏନ କଂଗ୍ରେସ ପ୍ରତି ୪ବର୍ଷରେ ହୁଏ। ଯେଉଁଠି ପ୍ରାୟ ୧୬୦ ଦେଶର ପରିବେଶ ବିଜ୍ଞାନୀ, ନୀତିନିର୍ଦ୍ଦେଶକ ଏବଂ ଯୁବ ନେତାମାନେ ପୃଥିବୀ ସୁରକ୍ଷା ଓ ଉନ୍ନୟନ ପାଇଁ ଏକତ୍ର ହୋଇଥାନ୍ତି। ଏହି ସମ୍ମିଳନୀରେ ବିଶ୍ୱର ୧୫ ଜଣ ୟଙ୍ଗ ଚେଞ୍ଜମେକର୍ ମଧ୍ୟରୁ ଭାରତରୁ ଶିବାନୀ ଏକମାତ୍ର ଭାବେ ଚୟନ ହୋଇଥିଲେ।





ଶିବାନୀଙ୍କୁ ସମ୍ମାନିତ କରାଯାଉଛି।

ଯେଉଁଠାରେ ସେ ନିଜର ଡଲଫିନ ଉପରେ ନୂଆ ପ୍ରକଳ୍ପ ଉପସ୍ଥାପନ କରିଥିଲେ। ଯାହା ଜଳାଶୟ ଓ ନଦୀଗୁଡ଼ିକରେ ପ୍ଲାଷ୍ଟିକ ସନ୍ଧାନ ଓ ନିରୀକ୍ଷଣ ପାଇଁ ବ୍ୟବହୃତ ହୋଇପାରେ। ଏହି ପ୍ରକଳ୍ପ ଆଗରୁ ୟୁନିସେଫ ଓ ବିଇ.ଏମ.ସି ଦ୍ୱାରା ସ୍ୱୀକୃତ ଓ ସମ୍ମାନିତ ହୋଇଛି। ଏହାସହ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀଙ୍କ ଠାରୁ ଶିବାନୀ ପୁରସ୍କାର ଗ୍ରହଣ କରିସାରିଛନ୍ତି। ଶିବାନୀ ପାଢ଼ୀ ଗତ ପାଞ୍ଚ ବର୍ଷ ଧରି ପରିବେଶ ଓ ଜଳବାୟୁ କାର୍ଯ୍ୟ ସହ ଜଡିତ ଅଛନ୍ତି। ସେ ଏକ ଅଗ୍ରଣୀ ଅନୁଷ୍ଠାନ ସାତ୍ତ୍ୱିକ ସୋଲ ଫାଉଣ୍ଡେସନ ସହିତ କାମ କରୁଛନ୍ତି। ୟୁଥ କ୍ଲାଇମେଟ ଲିଡର ଭାବେ ସେ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ମଞ୍ଚରେ ଓଡ଼ିଶାର ପ୍ରତିନିଧିତ୍ୱ କରିଛନ୍ତି। ସେ ନିଜ ସମାଜରେ ପୋଖରି ପରିଶୋଧନ ଅଭିଯାନ, ସମୁଦ୍ରତଟ ସଫେଇ ଏବଂ ସସ୍ଥାୟୀ ମାସିକ ସ୍ୱାସ୍ଥ୍ୟ ଅଭିଯାନ 'ଦି ରେଡ ରିଭୋଲ୍ୟୁସନ' ଯୋଗୁଁ ଅନେକ ଯୁବକ ଓ ମହିଳାଙ୍କୁ ସକ୍ରିୟ କରିଛନ୍ତି। ସେ ଏପର୍ଯ୍ୟନ୍ତ ୧୦୦୦୦ରୁ ଅଧିକ ଯୁବକଙ୍କୁ ପରିବେଶ ଶିକ୍ଷା ଓ କ୍ଲାଇମେଟ ଆକ୍ସନରେ ଯୋଗଦେଇଛନ୍ତି। ସେ ଏଠାରେ କହିଥିଲେ ଯେ, ମୋ ପାଇଁ ଏହା ଗର୍ବ ଓ ଦାୟିତ୍ୱର ମୁହୂର୍ତ୍ତ। ଆଇୟୁସିଏନରେ ମୋ ସହର ବ୍ରହ୍ମପୁର, ମୋ ରାଜ୍ୟ ଓଡ଼ିଶା ଓ ମୋ ଦେଶ ଭାରତର ସ୍ୱରକୁ ଉଚ୍ଚ କରିବା ଏହା ଏକ ସୁଯୋଗ ଥିଲା। ଆଗାମୀ ଦିନରେ ମୋ ଅଭିଜ୍ଞତା ଓ ଶିକ୍ଷଣକୁ ଓଡ଼ିଶାର ଯୁବମାନଙ୍କ ସହିତ ସେୟାର୍ କରି ଏହି ପରିବେଶ ଅଭିଯାନକୁ ଆହୁରି ଆଗକୁ ନେବା ଲକ୍ଷ୍ୟ ରହିଛି ବୋଲି କହିଥିଲେ ।

## ଏମ୍‌କେସିଜିରେ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା କରିବାକୁ ପରାମର୍ଶ

ବ୍ରହ୍ମପୁର, ୨୭।୧୦ (ସୁବାସ ଚନ୍ଦ୍ର ପାଢ଼ୀ)

ବାତ୍ୟା 'ମୋନ୍ଥା' ୨୮ ସନ୍ଧ୍ୟାରେ ଗଞ୍ଜାମ ଉପକୂଳ ଦେଇ କାକିନାଡାରେ ସ୍ଥଳଭାଗ ଛୁଇଁବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ତେବେ 'ମୋନ୍ଥା'ର ମୁକାବିଲା ପାଇଁ ସବୁ ସ୍ତରରେ ପ୍ରଶାସନ ସଜାଗ ରହିଛି। ସହରରେ ଜଳବନ୍ଦୀ ସମସ୍ୟା ଦୀର୍ଘଦିନରୁ ଲାଗି ରହିଥିବା ଯୋଗୁ ଏହା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ଏମକେସିଜିରେ ରୋଗୀମାନଙ୍କୁ କିଭଳି ସୁରକ୍ଷିତ ଭାବେ ଚିକିତ୍ସା କରାଯିବା ସହ ଏକ କେଣ୍ଟ୍ରୋଲ ରୁମ୍ ଖୋଲିବା ନେଇ ରବିବାର ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ମେଡିକାଲ କଲେଜରେ ପହଞ୍ଚି ଜିଲାପାଳ ଭି.କୀର୍ତ୍ତିଭାସନ ସମସ୍ତ ଅଧିକାରୀଙ୍କୁ ନେଇ ସ୍ଥିତି ସମୀକ୍ଷା କରିଛନ୍ତି। ଶୂନ୍ୟ ଅଘଟଣ ଉପରେ ସମସ୍ତେ ଗୁରୁତ୍ୱ ଦେବାକୁ ଜିଲାପାଳ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ସାମାନ୍ୟ ବର୍ଷା ହେଲେ ସହରରେ ଜଳବନ୍ଦୀ ସମସ୍ୟା ଜଟିଳ ରୂପ ଧାରଣ କରୁଛି। ଏନେଇ ବିଏମସି ପକ୍ଷରୁ ବାରମ୍ବାର ଉଦ୍ୟମ ସତ୍ତ୍ୱେ ଏଥିରୁ ସଫଳ ମିଳୁନି। କାରଣ ଅନେକ ଡ୍ରେନରୁ ନର୍ଦ୍ଦମା ଜଳ ନିଷ୍କାସନ ହୋଇପାରୁନାହିଁ। ଅନେକ ଅଞ୍ଚଳରେ ଡ୍ରେନ ସଫା କରାଯାଉନାହିଁ। ଜିଲାପାଳଙ୍କ ପରାମର୍ଶ ପରେ ବିଏମସି ପକ୍ଷରୁ କମାପଲ୍ଲୀରେ କିଛି ଡ୍ରେନ ସଫା କରାଯାଉଥିବା ଅପରାହ୍ନରେ ଦେଖିବାକୁ ମିଳିଥିଲା। ସେହିପରି ଆଙ୍କୁଲିରେ ମଧ୍ୟ କିଛି ଡ୍ରେନ ସଫା କରାଯାଉଥିବା ଦେଖିବାକୁ ମିଳିଛି। କିନ୍ତୁ ଅନେକ ଡ୍ରେନରେ ଘୋଡଣି ପଡିନି। ଫଳରେ ଗତ ଦିନରେ ଅନେକ ଅଘଟଣ ବି ଘଟିଛି। ତାହା ଉପରେ ଗୁରୁତ୍ୱ ଦିଆଯାଇଛି। ଜଳବନ୍ଦୀ ସ୍ଥିତି କିଭଳି ନଉପୁଜିବ ସେଥିପ୍ରତି ଗୁରୁତ୍ୱ ଦେବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ସେହିପରି ମେଡିକାଲ ପରିସରସ୍ଥ ଡ୍ରେନଗୁଡିକୁ ସଫା କରିବା ପାଇଁ ଅଗ୍ନିଶମ ବିଭାଗ, ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ସହ ବିଭିନ୍ନ ବିଭାଗର ସମନ୍ୱୟରେ ପ୍ରାକୃତିକ ବିପର୍ଯ୍ୟୟକୁ ପ୍ରତିହତ କରିବା ନେଇ ଜିଲା ପ୍ରଶାସନ ସଜାଗ ଥିବା ଜିଲାପାଳ ସୂଚନା ଦେଇଛନ୍ତି। ବାତ୍ୟା ଯଦି ଆସେ ଅନେକ ଲୋକ ଏମକେସିଜିକୁ ଆସିବେ। ତେଣୁ ବାତ୍ୟା ଜନିତ ଅଘଟଣ ଏଡ଼ାଇବା ପାଇଁ ଏମକେସିଜି ବଡ଼ ଡ଼ାକ୍ତରଖାନାର ଚିକିତ୍ସିତ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ନିମନ୍ତେ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍ ଖୋଲିବାକୁ ଅଧିକ୍ଷକଙ୍କୁ କୁହାଯାଇଛି। ଜିଇଡି, ଟାଟା ପାୱାର ସମେତ ଅନ୍ୟାନ୍ୟ ବିଭାଗର ପ୍ରତିନିଧି ଏହି ରୁମ୍‌ରୁ ସେବା ଯୋଗାଇଦେବାକୁ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି। ସମୀକ୍ଷା ବୈଠକରେ ବିଏମସି କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେ, ଏମକେଶିଜି ଅଧିକ୍ଷକ ଡ଼ା. ଦୁର୍ଗାମାଧବ ଶତପଥୀ, ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡା, ଜିଲା ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଜି.କାମେଶ୍ୱର୍ ରାଓ, ଏନଆରଏଚଏମ ଡିପିଏମ ବୁଲୁ ନାଥ ସାହୁ, ଅଗ୍ନିଶମ ବିଭାଗର ଅଧିକାରୀ ଠାକୁର ପ୍ରସାଦ ଦଳାଇଙ୍କ ସମେତ ଏମକେସିଜି ବଡ଼ ଡ଼ାକ୍ତରଖାନାର ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।



ଏମ୍‌କେସିଜି ପରିସରରେ ଜିଲାପାଳ ସ୍ଥିତି ସମୀକ୍ଷା କରୁଛନ୍ତି।

### ଜିଲାପାଳଙ୍କ ଏମ୍‌କେସିଜି ମେଡିକାଲ ପରିସର ପରିଦର୍ଶନ

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ: ...............................
ଜନ୍ମ ତାରିଖ: ...............................


ନିଲମ
ପରିବାରବର୍ଗ


ଜୟଦୀପ
ପରିବାରବର୍ଗ


ଦିକ୍ଷିତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପାର୍ବଣରେ ଦେଢ଼ କୋଟି ଲୋକଙ୍କ ରେଳଯାତ୍ରା

## ୨.୫୦ କୋଟି ଅତିକ୍ରମ କରିବା ଆକଳନ

ଭୁବନେଶ୍ୱର,୨୭।୧୦(ଅନୁରାଧା ମହାରଣା)

ପାର୍ବଣ ଋତୁରେ ଭାରତୀୟ ରେଲୱେ ବର୍ତ୍ତମାନ ସୁଦ୍ଧା ଟ୍ରେନ୍ ମାଧ୍ୟମରେ ଦେଢ଼ କୋଟିରୁ ଅଧିକ ଯାତ୍ରୀଙ୍କୁ ପରିବହନ କରିଛି। ଉତ୍ସବ ସମୟରେ ଏହି ସଂଖ୍ୟା ୨.୫୦ କୋଟି ଅତିକ୍ରମ କରିବ ବୋଲି ଆଶା କରାଯାଉଛି। ଭିଡ଼ ପରିଚାଳନା ସୁନିଶ୍ଚିତ କରିବା ପାଇଁ, ବିହାର ଏବଂ ୟୁପିର ଆଖପାଖ ଅଞ୍ଚଳର ୩୦ଟି ପ୍ରମୁଖ ଷ୍ଟେଶନରେ ବୃହତ ହୋଲ୍ଡିଂ ଅଞ୍ଚଳ ସହିତ ସଜ୍ଜିତ କରାଯାଇଛି। ସ୍ୱତନ୍ତ୍ର ଟ୍ରେନ ସହ ରେଳପଥ ନିର୍ମାଣ କାର୍ଯ୍ୟ ମଧ୍ୟ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଥିବାରୁ ଯାତ୍ରୀ ସଂଖ୍ୟା ମଧ୍ୟ ବଢ଼ିଛି। ଦଶନ୍ଧି ପୂର୍ବରୁ ବର୍ଷକୁ ମାତ୍ର ୪୦୦-୬୦୦ କି. ମି. ରେଳପଥ ନିର୍ମାଣ କରାଯାଇଥିବାବେଳେ ବର୍ତ୍ତମାନ ଏହା ବର୍ଷକୁ ୪,୦୦୦ କି. ମି. ରୁ ଅଧିକ ହୋଇଯାଇଛି। ପାର୍ବଣ ଋତୁରେ ଯାତ୍ରୀମାନଙ୍କ ପାଇଁ ସୁବିଧାଜନକ ଯାତ୍ରା ପାଇଁ ଭାରତୀୟ ରେଳପଥ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଛଟ୍ ପୂଜା ଚାଲିଥିବା ବେଳେ ସର୍ବାଧିକ ଯାତାୟାତ ସମୟର ପରିଚାଳନା ପାଇଁ ରେଳପଥ ବ୍ୟବସ୍ଥାଗୁଡ଼ିକୁ ଆହୁରି ସୁଦୃଢ଼ କରିଛି। ବିହାରର ଷ୍ଟେଶନଗୁଡ଼ିକୁ ଯାତ୍ରୀଙ୍କ ସୁବିଧାକୁ ବଢ଼ାଇବା ପାଇଁ ହୋଲଡିଂ କ୍ଷେତ୍ର, ଅତିରିକ୍ତ ଟିକେଟ କାଉଣ୍ଟର, ସିସିଟିଭି ମନିଟରିଂ ଏବଂ ଅନ୍ୟାନ୍ୟ ସୁବିଧା ସହିତ ଉତ୍ସବ ଭିଡ଼ ପରିଚାଳନା ପାଇଁ ପ୍ରସ୍ତୁତ କରାଯାଇଛି । ପାଟନା ରେଳ ଷ୍ଟେଶନରେ ଏକ ଉତ୍ସର୍ଗୀକୃତ ହୋଲ୍ଡିଂ କ୍ଷେତ୍ର ସ୍ଥାପନ କରାଯାଇଛି। ସୁରକ୍ଷା ପାଇଁ ସିସିଟିଭି ବ୍ୟବସ୍ଥା କରାଯାଇଛି। ଏହାସହ ଦାନାପୁର ରେଳ ଷ୍ଟେଶନରେ ଏକ ଉତ୍ସର୍ଗୀକୃତ ହୋଲ୍ଡିଂ ଏରିଆ ମଧ୍ୟ ସ୍ଥାପନ କରାଯାଇଛି। ଭାରତୀୟ ରେଲୱେ ଛଟ୍ ପୂଜା ସମୟରେ ଯାତ୍ରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଉଛି। ଦାନାପୁର ରେଳ ଷ୍ଟେଶନରେ, ଯେକୌଣସି ଜରୁରିକାଳୀନ ପରିସ୍ଥିତିର ମୁକାବିଲା ପାଇଁ ୨୪ ଘଣ୍ଟିଆ ପ୍ରସ୍ତୁତ ଅବସ୍ଥାରେ ରୋଗୀ ଓ ଡାକ୍ତରୀ ଦଳ ରଖାଯାଇଛି। ପାଟନାର ରାଜେନ୍ଦ୍ର ନଗର ଟର୍ମିନାଲ ରେଳ ଷ୍ଟେଶନ, ବିହାରର ଜମାଲପୁର ରେଳ ଷ୍ଟେଶନ ସହ ଅନ୍ୟାନ୍ୟ ଷ୍ଟେଶନରେ ଛଟ୍ ପର୍ବ ସମୟରେ ଏକ ନିରାପଦ, ଆରାମଦାୟକ ଏବଂ ସୁଖଦ ଯାତ୍ରା ସୁନିଶ୍ଚିତ କରାଯାଇଛି। ଏହାସହ ନୂଆଦିଲ୍ଲୀ ଏବଂ ପାଟନା ମଧ୍ୟରେ ଏକ ସ୍ୱତନ୍ତ୍ର ବନ୍ଦେ ଭାରତ ଏକ୍ସପ୍ରେସ ଚଳାଚଳ କରୁଥିବାବେଳେ ସାରା ଭାରତରେ ବର୍ତ୍ତମାନ ୧୫୬ଟି ବନ୍ଦେ ଭାରତ ଏକ୍ସପ୍ରେସ ସେବା ଚାଲୁ ରହିଛି।

# ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ପକ୍ଷରୁ ହିନ୍ଦୀ ଦିବସ ପାଳିତ

ଭୁବନେଶ୍ୱର,୨୭।୧୦

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ଚଳିତ ମାସରେ ରାଜଭାଷା ସମାରୋହ ଏବଂ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ପ୍ରମୁଖ ଦିଲ୍ଲୀପ କୁମାର ରାଉଳ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଗୃହ ମନ୍ତ୍ରୀଙ୍କ ବାର୍ତ୍ତା ପାଠ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଦେଶର ଅଧିକାଂଶ ଜନସାଧାରଣ ହିନ୍ଦୀ ଭାଷା ବୁଝନ୍ତି, ତେଣୁ ବ୍ୟବସାୟିକ ଆବଶ୍ୟକତା ଓ ସାମ୍ବିଧାନିକ ଆବଶ୍ୟକତା ଦୃଷ୍ଟିରୁ ଅଧିକରୁ ଅଧିକ କାର୍ଯ୍ୟ ହିନ୍ଦୀ ଭାଷାରେ କରିବା ସହ ଗ୍ରାହକମାନଙ୍କୁ ସେମାନଙ୍କ ଆଞ୍ଚଳିକ ଭାଷାରେ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇଦେବା ଉଚିତ ବୋଲି ଅଞ୍ଚଳ ପ୍ରମୁଖ ରାଉଳ କହିଥିଲେ। ହିନ୍ଦୀ ମାସ ଅନ୍ତର୍ଗତ ହିନ୍ଦୀ ପ୍ରତିଯୋଗିତା ନିମନ୍ତେ ପୁରସ୍କାର ବିତରଣ ସମାରୋହରେ ବିଜେତାମାନଙ୍କୁ ପ୍ରମାଣ ପତ୍ର ସହ ସମ୍ମାନିତ କରାଯାଇଥିଲା।

# ସିଏମ୍‌ପିଡିଆଇରେ ସତର୍କତା ସଚେତନତା ସପ୍ତାହ ଆରମ୍ଭ



ଭୁବନେଶ୍ୱର,୨୭।୧୦

ରାଞ୍ଚିରେ ସିଏମ୍‌ପିଡିଆଇ କର୍ମଚାରୀମାନେ ସତ୍ୟନିଷ୍ଠାର ଶପଥ ପାଠ କରି ସତର୍କତା ସଚେତନତା ସପ୍ତାହ-୨୦୨୫ ପାଳନ ଆରମ୍ଭ କରିଛନ୍ତି। ସଂସ୍ଥାନର ନିର୍ଦ୍ଦେଶକ (ଟେକ୍ନିକାଲ/ସିଆରଡି) ଶଙ୍କର ନାଗାଚାରୀ, ନିର୍ଦ୍ଦେଶକ (ଟେକ୍ନିକାଲ/ପିଏଣ୍ଡଡ଼ି/ଆରଡିଏଣ୍ଡଟି) ଅଜୟ କୁମାର ଏବଂ ସିଏମପିଡିଆଇ ଓ ସିସିଏଲ୍‌ର ମୁଖ୍ୟ ସତର୍କତା ଅଧିକାରୀଙ୍କ ଉପସ୍ଥିତିରେ କର୍ମଚାରୀମାନଙ୍କୁ ଶପଥ ପାଠ କରାଯାଇଛି। ଏହି ଶପଥ କେନ୍ଦ୍ରୀୟ ସତର୍କତା ଆୟୋଗ (ସିଭିସି) ଅଧୀନରେ ଦେଶବ୍ୟାପୀ ସତର୍କତା ସଚେତନତା ସପ୍ତାହ ଅଭିଯାନ ଅଧୀନରେ କରାଯାଇଛି। ସତର୍କତା: ଆମର ଦାୟିତ୍ୱ ଶୀର୍ଷକ ଏହି କାର୍ଯ୍ୟକ୍ରମରେ ନାଗାଚାରୀ ଓ ଅନ୍ୟମାନେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଭ୍ରଷ୍ଟାଚାର ମୂଳୋତ୍ପାଟନର ପ୍ରତୀକ ଭାବେ ଭ୍ରଷ୍ଟାଚାରର ପୁତ୍ତଳିକାକୁ ଗୁଳି ମାରିଥିଲେ। ନାଗାଚାରୀ ତାଙ୍କ ମୁଖ୍ୟ ଭାଷଣରେ ସୁଶାସନ ବୃଦ୍ଧି ଓ ସାମୂହିକ ଦାୟିତ୍ୱରେ ସତର୍କତାର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ।

# ଆଇଏମ୍‌ଡବ୍ଲ୍ୟୁ କାର୍ଯ୍ୟକ୍ରମରେ ଯୋଗଦେବେ ପ୍ରଭାତୀ


ଭୁବନେଶ୍ୱର,୨୭।୧୦


ପ୍ରଭାତୀ ପରିଡ଼ା

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୋମବାର ଦୁଇ ଦିନିଆ ମୁମ୍ବାଇ ଗସ୍ତ କରିଛନ୍ତି । ମୁମ୍ବାଇର ପ୍ରଦର୍ଶନୀ କେନ୍ଦ୍ର ଠାରେ ଆୟୋଜିତ ଇଣ୍ଡିଆନ୍ ମାରିଟାଇମ ୱିକ୍-୨୦୨୫ କାର୍ଯ୍ୟକ୍ରମରେ ସେ ମଙ୍ଗଳବାର ଯୋଗଦେବେ। ଭାରତୀୟ ନୌବାଣିଜ୍ୟରେ ଓଡ଼ିଶାର ଭୂମିକା ଉପରେ ଅଭିଭାଷଣ ରଖିବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳ ସଂଯୋଗ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ, ଶାନ୍ତନୁ ଠାକୁର ପ୍ରମୁଖ ଯୋଗ ଦେବେ।


ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646



ଜନ୍ମଦିନ ଶୁଭେଚ୍ଛା

ନୀଲମ ବନ୍‌ଛୋର
ଲଇଡ଼ାଗୁଣା, କୁଚିଣ୍ଡା, ସମ୍ବଲପୁର
ଆଜି ତା୨୮।୧୦।୨୦୨୫ ରିଖରେ ତୋର ୭ମ ଜନ୍ମଦିନ । ଭଗବାନ ଶ୍ରୀକୃଷ୍ଣ ଏବଂ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ କୋଟି ପରମାୟୁ ଦେଇ ଆଶୀର୍ବାଦ କରନ୍ତୁ, ଏତିକି ହିଁ ତାଙ୍କ ନିକଟରେ ଆମର ପ୍ରାର୍ଥନା।
ମାଆ, ବାପା, ଆଈ, ଅଜା, ବଡମା, ବଡ଼ବାପା, ଭାଇ, ମାମୁ, ମାଉସୀ ଓ ପରିବାରବର୍ଗ।
ଧ-୨୪୦୦



Birthday Blessings

Jaydeep Pati
(Shree)
We wish you a Happy Birthday On this auspicious day we pray before Mahaprabhu Sri Jagannath to bless you with good health and bright
Best Wishes From
Subhasis Pati & Gitanjali Mohapatra
ଧ-୨୪୦୨


# ଗୁଣବତ୍ତାପୂର୍ଣ୍ଣ ଔଷଧୀୟ ଗଛର ସ୍ଥାୟୀ ଚାଷ ଉପରେ ଗୁରୁତ୍ୱ




## ପତଞ୍ଜଳି ବିଶ୍ୱବିଦ୍ୟାଳୟରେ କର୍ମଶାଳା

ଭୁବନେଶ୍ୱର,୨୭।୧୦

ଭାରତ ସରକାରର ଆୟୁଷ ମନ୍ତ୍ରଣାଳୟ, ପତଞ୍ଜଳି ଅର୍ଗାନିକ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ, ଆରସିଏସସିଏନ୍-୧ ଏବଂ ନାବାର୍ଡ ସହଯୋଗରେ 'ସ୍ୱାସ୍ଥ୍ୟ ଧରା' ଯୋଜନା ଅଧୀନରେ 'ମାଟି ସ୍ୱାସ୍ଥ୍ୟ ପରୀକ୍ଷଣ ଓ ପରିଚାଳନା ଦ୍ୱାରା ଗୁଣବତ୍ତାପୂର୍ଣ୍ଣ ଔଷଧୀୟ ଗଛର ସ୍ଥାୟୀ ଚାଷ' ଉପରେ ଏକ କର୍ମଶାଳା ଆରମ୍ଭ ହୋଇଛି। ହରିଦ୍ୱାରସ୍ଥିତ ପତଞ୍ଜଳି ରିସର୍ଚ୍ଚ ଫାଉଣ୍ଡେଶନ ଓ ପତଞ୍ଜଳି ବିଶ୍ୱବିଦ୍ୟାଳୟର ସହଯୋଗରେ ବିଶ୍ୱବିଦ୍ୟାଳୟ ସଭାଗୃହରେ ଆୟୋଜିତ ଏହି କର୍ମଶାଳାରେ ମାଟି ପରୀକ୍ଷଣ ଯନ୍ତ୍ର 'ଧରତୀ କା ଡାକ୍ଟର' (ଡିକେଡି) ମାଧ୍ୟମରେ ଖାଦ୍ୟ ସୁରକ୍ଷା ଓ ସ୍ୱାସ୍ଥ୍ୟକୁ ମଜଭୁତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ଆଚାର୍ଯ୍ୟ ବାଲକୃଷ୍ଣ ସ୍ୱାଗତ ଭାଷଣ ଦେଇଥିବାବେଳେ ନାବାର୍ଡର ଅଧ୍ୟକ୍ଷ ଶାଜି କେ.ଭି. ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଦେଶରେ ସ୍ଥାୟୀ କୃଷି ଓ ଗ୍ରାମ୍ୟ ବିକାଶ ପାଇଁ କୃଷକ, ଛୋଟ ଉଦ୍ୟୋଗ, କୁକୁଡା, ପଶୁପାଳନ ଓ ଗ୍ରାମ୍ୟ ଶିଳ୍ପକୁ ଋଣ ପ୍ରଦାନ କରିବା ନାବାର୍ଡର ଲକ୍ଷ୍ୟ ବୋଲି ଶାଜି କହିଥିଲେ। ଗ୍ରାମ୍ୟ ବିକାଶରେ ନିବେଶ ବଢ଼ାଇ ସମାବେଶୀ ଓ ସ୍ଥାୟୀ କୃଷିକୁ ପ୍ରୋତ୍ସାହନ ଦେବା ଆବଶ୍ୟକ ବୋଲି ସେ ମତ ଦେଇଥିଲେ। ସେ ପତଞ୍ଜଳିର ଯୋଜନା ଉଲ୍ଲେଖ କରି କହିଛନ୍ତି, କୃଷକ ଆୟ ବୃଦ୍ଧି, ଜୈବିକ ଚାଷ ଓ ପ୍ରାକୃତିକ ପଦ୍ଧତି ଉପରେ ଧ୍ୟାନ ଦେବା ଦ୍ୱାରା ୨୦୨୭ ସୁଦ୍ଧା କୃଷିସମୃଦ୍ଧ ଭାରତ ସାଧନ ହେବ। ଅନ୍ୟମାନଙ୍କ ମଧ୍ୟରେ ଡ. କେ.ଏନ୍. ଶର୍ମା , ପ୍ରଫେସର ବି.ଆର୍. କାମ୍ବୋଜ, ଡ. ଜେ.ଏନ୍. ରୈନା, ଡ. ଜି.ପି. ରାଓ ଓ ଡ. ପ୍ରଦୀପ ଶର୍ମା ସ୍ୱାସ୍ଥ୍ୟକର ମାଟି, ଭଲ ଫସଲ ଓ ପରିଚାଳନା ପ୍ରଣାଳୀ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ପୋଷ୍ଟର୍ ପ୍ରତିଯୋଗିତାରେ ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ପିଏନ୍‌ବି ପକ୍ଷରୁ ମେଗା କ୍ରେଡିଟ୍ ଆଉଟରିଚ୍ କାର୍ଯ୍ୟକ୍ରମ




ଭୁବନେଶ୍ୱର,୨୭।୧୦

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ର କଟକ ସର୍କଲ ପକ୍ଷରୁ ମେଗା କ୍ରେଡିଟ ଆଉଟରିଚ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ଏମ୍‌ଏସ୍‌ଏମ୍‌ଇ ଖୁଚୁରା ଓ କୃଷି ଆଦି ବିଭାଗକୁ ପ୍ରୋତ୍ସାହିତ କରି ଲଘୁ ତଥା ମଧ୍ୟମ ଉଦ୍ୟୋଗଗୁଡ଼ିକୁ ସୁଗମ ଆର୍ଥିକ ସମାଧାନ ସହିତ ସଶକ୍ତ କରାଇବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ସହାୟକ ମହାପ୍ରବନ୍ଧକଙ୍କ ସମେତ କଟକ ସର୍କଲର ସର୍କଲ ମୁଖ୍ୟ ସୁଜିତ କୁମାର ନେଗି ଓ କଟକ ସହରାଞ୍ଚଳର ଶାଖା ମୁଖ୍ୟମାନେ ଯୋଗ ଦେଇଥିଲେ। ଏହା ଉଦ୍ୟୋଗୀ, ବ୍ୟବସାୟୀ ଓ ସମ୍ଭାବ୍ୟ ଗ୍ରାହକମାନଙ୍କୁ ଏକତ୍ର କରିବା ସହ ନେଟୱର୍କ ପାଇଁ ଏକ ଅନୁକୂଳ ପରିବେଶ ଯୋଗାଇଥିଲା। କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀମାନେ ଏମ୍‌ଏସ୍‌ଏମଇ, ବେତନଭୋଗୀ ବ୍ୟକ୍ତି ଏବଂ ବୃତ୍ତିଗତମାନଙ୍କ ପାଇଁ ପିଏନ୍‌ବିର ଉପଯୁକ୍ତ ପ୍ରସ୍ତାବଗୁଡ଼ିକ ବିଷୟରେ ଜାଣିବାର ସୁଯୋଗ ପାଇଥିଲେ, ଯେଉଁଥିରେ ଶୀଘ୍ର ଋଣ ଅନୁମୋଦନ ଏବଂ କ୍ଷୁଦ୍ର ବ୍ୟବସାୟଗୁଡ଼ିକର ଆବଶ୍ୟକତା ପୂରଣ ପାଇଁ ପ୍ରଦାନ କରାଯାଇଥିବା ସ୍ୱତନ୍ତ୍ର ବ୍ୟାଙ୍କିଙ୍ଗ ସେବା ଅନ୍ତର୍ଭୁକ୍ତ ଥିଲା। ଏଥିସହିତ ବ୍ୟାଙ୍କ ପ୍ରତିନିଧି ଓ ଅଂଶଗ୍ରହଣକାରୀମାନଙ୍କ ମଧ୍ୟରେ ଏକ ପ୍ରଭାବଶାଳୀ ଆର୍ଥିକ ପରିଚାଳନା ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏମ୍‌ଏସ୍‌ଏମ୍‌ଇ ଓ କୃଷି ବିଭାଗଗୁଡ଼ିକୁ ସଶକ୍ତ କରିବା ଏବଂ ସେମାନଙ୍କର ସାମର୍ଥ୍ୟକୁ ସାକାର କରିବାରେ ବ୍ୟାଙ୍କ ସମର୍ପିତ ବୋଲି ସୁଜିତ କୁମାର ନେଗି କହିଥିଲେ।

# ଡ୍ରିମ୍‌ସ ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ଜାତୀୟ ସମ୍ମିଳନୀ




ଭୁବନେଶ୍ୱର,୨୭।୧୦

ଡ୍ରିମ୍‌ସ ସ୍କୁଲ ଅଫ ମ୍ୟାନେଜମେଣ୍ଟ ଆନୁକୂଲ୍ୟରେ 'ବିକଶିତ ଭାରତ-୨୦୪୭ର ମାର୍ଗ ନକ୍ସା' ଶୀର୍ଷକ ଦୁଇଦିନିଆ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ ସମ୍ମିଳନୀ ଉଦ୍‌ଘାଟନ କରିଥିଲେ। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସମ୍ମିଳନୀର ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟଅତିଥି ଭାବରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ଗୀତାଞ୍ଜଳି ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। 'ବିକଶିତ ଭାରତ-୨୦୪୭'ର ବିଭିନ୍ନ ଦିଗ ଉପରେ ଡ. ଦାଶ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି 'ଭାରତ ମସଲା'ର ନିର୍ଦ୍ଦେଶିକା ନନ୍ଦିତା ପଣ୍ଡା ଆତ୍ମନିର୍ଭରଶୀଳ ହେବା ହିଁ ବିକଶିତ ଭାରତ ସ୍ୱପ୍ନକୁ ସାକାର କରିବବୋଲି କହିଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ କଟକ ସିଏମ୍‌ସି କମିଶନର କିରଣ ଦୀପ କୌର ସାହୋତା ଯୋଗଦେଇ ସାଧାରଣ ଲୋକଙ୍କ ଜୀବନଶୈଳୀରେ କିଭଳି ଉନ୍ନତି ଆସିବ ସେ ସମ୍ପର୍କରେ ମ୍ୟାନେଜମେଣ୍ଟ ଛାତ୍ରୀଛାତ୍ର ଏହାକୁ ଭଲରେ ବୁଝିବା ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାରତୀୟ ମ୍ୟାନେଜମେଣ୍ଟ ସ୍କୁଲ ସଂଘ (ଏଆଇଏମ୍‌ଏସ୍)ର ଆଞ୍ଚଳିକ ଉପାଧ୍ୟକ୍ଷ ଇଂ. ସରୋଜ କୁମାର ସାହୁ କହିଲେ, ସାମାଜିକ ସମସ୍ୟାର ସମାଧାନ, ସୁଶାସନ, ନୂତନ ବିଚାର ଏବଂ ଜ୍ଞାନକୌଶଳର ଉପଯୋଗ ଦ୍ୱାରା ହିଁ ଏହା ସାକାର ହୋଇପାରିବ । ଏହି ଅବସରରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କରଙ୍କୁ 'ଜୀବନ ବ୍ୟାପୀ ସାଧନା ସମ୍ମାନ' ଏବଂ ନିର୍ଦ୍ଦେଶିକା ଚିନ୍ମୟୀ ରଥଙ୍କୁ 'ଯୁବ ଶିକ୍ଷାବିତ୍' ସମ୍ମାନରେ ସମ୍ମାନିତ କରାଯାଇଥିଲା । ଡ୍ରିମ୍‌ସ ସ୍କୁଲ ଅଫ ମ୍ୟାନେଜମେଣ୍ଟର 'ଡିନ୍' ଡ. ପ୍ରଣିତା ସାହୁ ସ୍ୱାଗତ ଅଭିଭାଷଣ ଓ ଆବାହକ ପ୍ରାଧ୍ୟାପକ ଦୁର୍ଗା ପ୍ରସାଦ ନାୟକ ସମ୍ମିଳନୀର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଛାତ୍ରୀ ଖୁସ୍‌ବୁ ଗୁପ୍ତା କାର୍ଯ୍ୟକ୍ରମ ସଂଯୋଜନା ଓ ସହ ଆବାହକ ପ୍ରାଧ୍ୟାପକ ସବ୍ୟସାଚୀ ବାରିକ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ସୁଶାନ୍ତ କୁମାର ଦାସ, ଡ. ମନୀତ୍ ମିଶ୍ର, ଡ. ହିମାଂଶୁ ଭୂଷଣ ଗୋଛାୟତ, ଡ. ତୁଷାରକାନ୍ତ ପାଣି, ପ୍ରାଧ୍ୟାପକ ଦେବକାନ୍ତ ମିଶ୍ର, ଡ. ରବିନାରାୟଣ ସୁବୁଦ୍ଧି, ଡ. ମନୋଜ କୁମାର ଦାସ, ଡ. ଚନ୍ଦ୍ରଶେଖର ମିଶ୍ର, ସାରଦା ପ୍ରସାଦ ସାହୁ, ଡ. ବିଶ୍ୱଜିତ୍ ଛାଟୋଇ, ପ୍ରାଧ୍ୟାପକ ରାଧାନାଥ ଅଗସ୍ତି, ଡ. ମୋନାଲିସା ପଟେଲ, ଡ. ଦୀନଦୟାଲ ସ୍ୱାଇଁ ପ୍ରମୁଖ ବିଶିଷ୍ଟ ଶିକ୍ଷାବିତ୍ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସମ୍ମିଳନୀର ବିଭିନ୍ନ ଅଧିବେଶନରେ ୧୧୪ଟି ଗବେଷଣାତ୍ମକ ନିବନ୍ଧ ଉପସ୍ଥାପିତ ହୋଇଥିଲା।


# Classified Everyday

0674-2580101, 9692975378



REAL ESTATE

SALE

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/ Duplex ଅଛି- 8327785834. D-06

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500 Sq.ft, 6,75,000/- ପ୍ଲଟ୍ ବିକ୍ରିହେବ- 9776974912. D-05




LIG House (136, 137, 138, 139) for sale At Sector- 3, Niladri Vihar, Near- Pani Tanki, Bhubaneswar. Contact- 9437229575. D-2398

AFFIDAVIT

I, Manaranjan Sahu, S/o.- Haripad Sahu, Resident of Vill.-Srikrushnapur, P.O.-Januganj, P.S.-Industrial, Dist.-Balasore, PIN- 756019, Odisha declare by this Affidavit No. 2454, Vol.-XX, Dated- 25.09.2025, that now onwards I shall be known as **MANORANJAN SAHOO** for all future purposes. D-2403

ମୁଁ, କବିତା ପଣ୍ଡା, ସ୍ୱାମୀ- ଶ୍ରୀ ଅଶ୍ୱିନୀ କୁମାର ପଣ୍ଡା, ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍, ଭୁବନେଶ୍ୱରଙ୍କ ସମ୍ମୁଖରେ ୧୪।୦୮।୨୦୨୪ ତାରିଖରେ ଶପଥ ଗ୍ରହଣ କରିଥିବା ଏକ ସତ୍ୟପାଠ (ସିଏଫ୍ ନମ୍ବର.୬୭) ଅନୁସାରେ ମୋର ଅପ୍‌ଡେଟ୍ ନୂତନ ଠିକଣା: ଟାଇପ୍- II- ୧୬/୩, ୟୁନିଟ୍- ୨, ମାତୃମଙ୍ଗଳ କେନ୍ଦ୍ର, ପୋଷ୍ଟ- ଅଶୋକନଗର, ପିଏସ୍- କ୍ୟାପିଟାଲ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ପିନ୍- ୭୫୧୦୦୯ ଘୋଷଣା କରୁଅଛିକି ଯେ ମୁଁ ମୋର ନାମ କବିତା ମହାରଣାରୁ କବିତା ପଣ୍ଡାକୁ ପରିବର୍ତ୍ତନ କରିଅଛି। ତେଣୁକରି, ବର୍ତ୍ତମାନଠାରୁ, ମୁଁ ସମସ୍ତ ଉଦ୍ଦେଶ୍ୟରେ କବିତା ପଣ୍ଡା (ନୂତନ ନାମ) ଭାବରେ ପରିଚିତ ହେବି। ଧ-୭୬୮୬୬

I, Susrut Mishra, S/o.-Sarat Chandra Misra born on 11.11.1979, Residing At- 03, Sampurna Platina, Kuha, Sundarpada, Bhubaneswar, have changed my name to Susrut Mishrra vide affidavit dated- 24.10.2025 at Bhubaneswar. Hereafter, I shall be known as Susrut Mishrra. D-2397

By virtue of an affidavit sworn before Notary Public, Jajpur Road, dated- 24.02.2023, I, Tadala Giridhar Rao(T. Giridhar Rao), aged 44 years, Permanent address H. No- 4/B, Street No.- 08, Sector-04, Bhilai 1, Dist.- Durg, Chhatisgarh at present, Kanheipur, Jajpur Road, Jajpur, Odisha 755019 do hereby declare that my daughter T SAI PRAGNA (T SAI PRAGNA) & TADALA SAI PRAGNA is one and same person. D-2399

By virtue of an affidavit sworn before Executive Magistrate, Erasama, 27th.10.2025, I, Tulasi Nayak, address Vill.- Guamunda, P.O.- Bhitarandhari, P.S.- Erasama, Dist.- Jagatsinghpur, Odisha, PIN- 754139 declare that I change my daughter's name Coel Nayak to Koyel Nayak. Henceforth, she shall be utilized for all purposes.
Tulasi Nayak
D-2396

By virtue of an affidavit No.- 79AA319398, dtd.- 27.10.2025 sworn before Executive Magistrate, Bhubaneswar, I, Pravasini Pradhan, W/o.- Manoja Kumar Beura, At/P.O./ P.S.- Mancheswar, Bhubaneswar- 17 declare that my name will be correction in school records of my son Tanuj Kumar Beura, of the Pricipal of PM Shri Kendriya Vidyalaya No.3, Bhubaneswar. D-2395

ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଵଅନ୍ନପୂର୍ଣ୍ଣା ରଥ
ନୟାପଲ୍ଲୀ, ଭୁବନେଶ୍ୱର
ଆବିର୍ଭାବ: ୨୭।୧୧।୧୯୫୨
ତିରୋଧାନ: ୨୫।୧୦।୨୦୧୭
ଆପଣ ସମସ୍ତ ବନ୍ଧନ ତୁଟାଇ ଆଜି ଦିନରେ ସ୍ୱର୍ଗାରୋହଣ କରିଥିଲେ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ନାତି ନାତୁଣୀ ଓ ଶୋକସନ୍ତପ୍ତ ପରିବାରବର୍ଗ।
ଧ-୨୪୦୧

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

# ଗୃହଲକ୍ଷ୍ମୀରୁ ଧନଲକ୍ଷ୍ମୀ...

**ଅଧିକାଂଶ ମହିଳା ଭଲ ରୋଜଗାର କରିବା ସତ୍ତ୍ୱେ ତାଙ୍କର ଫାଇନାନ୍ସ ଉପରେ ଏତେଟା ଜ୍ଞାନ ନ ଥାଏ। ପ୍ରକୃତରେ ଏହାର କାରଣ କ'ଣ ହୋଇପାରେ? ବିଶ୍ୱର ଅନେକ ବିଶେଷଜ୍ଞଙ୍କ ମତରେ ଧନୀ ତାଲିକାରେ ପ୍ରାୟତଃ ମହିଳାଙ୍କ ନାମ ଆସେନାହିଁ। ଏହି ବିଷୟ ଉପରେ ମନୋବିଜ୍ଞାନୀ, କର୍ପୋରେଟ୍ କୋଚ୍, ମୋଟିଭେଶନାଲ ସ୍ପିକର ଏବଂ ବେଷ୍ଟ ସେଲିଂ ରାଇଟରଙ୍କ ସୂଚୀରେ ଥିବା ଡ. ଲୋଇସ୍ ପି. ଫ୍ରାଙ୍କେଲ ନିଜର ପୁସ୍ତକ 'ନାଇସ୍ ଗର୍ଲସ ଡୁ ନଟ୍ ଗେଟ୍ ରିଚ୍'ରେ ଏହା ଉଲ୍ଲେଖ କରିଛନ୍ତି। ଯଦି ଆପଣ ଜଣେ ଗୃହଲକ୍ଷ୍ମୀ ସାଙ୍ଗକୁ ଧନଲକ୍ଷ୍ମୀ ହେବାକୁ ଚାହାନ୍ତି ତେବେ କେତୋଟି କଥାକୁ ଗୁରୁତ୍ୱ ଦେବା ନିହାତି ଆବଶ୍ୟକ। କିଛି ବିଶେଷ କଥାକୁ ଧ୍ୟାନରେ ରଖନ୍ତୁ...**





ଫାଇନାନ୍ସର ବିତ୍ତୀୟ ଶିକ୍ଷା କମ୍ କାରଣରୁ ମହିଳାମାନଙ୍କ ଆର୍ଥିକ କ୍ଷେତ୍ରରେ ଉନ୍ନତିରେ ବାଧା ଉପୁଜୁଛି। ସେ ଆପଣ କର୍ମଜୀବୀ ହୁଅନ୍ତୁ କି ଗୃହିଣୀ ବିତ୍ତୀୟ ପ୍ରଶିକ୍ଷଣ ବି ନେବା ନିହାତି ଜରୁରୀ। ତାଙ୍କୁ ଘରର ସବୁ ଦାୟିତ୍ୱ ପୂରା କରିବାରେ ସକ୍ଷମ ହେବାର ପୂରା ମଉକା ମିଳିବା ଆବଶ୍ୟକ। ସେ ପରିବାରର ସବୁ ଫାଇନାନ୍ସିଆଲ୍ ନିଷ୍ପତ୍ତି ନେବା ଆବଶ୍ୟକ। ଫଳରେ ସମୟ ପଡ଼ିଲେ ପିଲାଙ୍କ ପାଠପଢ଼ା, ବିବାହ, ଘର କିଣିବା କିମ୍ବା ଘର ନିର୍ମାଣ କରିବା ଭଳି କାମରେ ଦାୟିତ୍ୱ ନେଇପାରିବେ। ଯେଉଁ ବିତ୍ତୀୟ ମାମଲା ମହିଳାମାନେ ବୁଝନ୍ତିନି, ଏହାକୁ ସେ କୌଣସି ଅନୁଭବୀ ଜାଣିଥିବା ବ୍ୟକ୍ତିଙ୍କଠାରୁ ଶିଖିପାରିବେ।

**ନିବେଶ ଆରମ୍ଭ କରନ୍ତୁ**

ଯଦିଓ ଆପଣ କର୍ମଜୀବୀ ନ ହୋଇ ଗୃହିଣୀ, ତେବେ ନିହାତି ଜାଣିବା ଆବଶ୍ୟକ ଯେ ଆପଣଙ୍କ ପରିବାରର ଆୟ କେତେ। ଏହା ସହ ପରିବାରର ଇନ୍ସ୍ୟୁରାନ୍ସ କଭରେଜ୍, ବ୍ୟାଙ୍କିଙ୍ଗ୍, ଅଚଳ ସମ୍ପତ୍ତି ଆଦିର ହିସାବ ରଖିବା ଆବଶ୍ୟକ। ଅଧିକ ସମୟ ପର୍ଯ୍ୟନ୍ତ ମ୍ୟୁଚୁଆଲ ଫଣ୍ଡରେ ନିବେଶ ଆରମ୍ଭ କରନ୍ତୁ। ଫିକ୍ସ ଡିପୋଜିଟ୍, ଆର୍‌ଡି ଆଦିରେ ନିବେଶ କରି ଏକ ଏମର୍ଜେନ୍ସି ଫଣ୍ଡ ବି ପ୍ରସ୍ତୁତ କରନ୍ତୁ। ନିଜର ପର୍ଯ୍ୟାପ୍ତ ହେଲ୍‌ଥ କଭର ନିହାତି ନିଅନ୍ତୁ। ନିବେଶ ଆରମ୍ଭ କରିବା ଲାଗି ଠିକ୍ ସମୟକୁ ଅପେକ୍ଷା କରନ୍ତୁ ନାହିଁ। ଯାହା କରିବା କଥା ତୁରନ୍ତ ଆରମ୍ଭ କରନ୍ତୁ ଏବଂ ଚକ୍ରବୃଦ୍ଧି ସୁଧର ଲାଭ ଉଠାନ୍ତୁ। କୌଣସି ନିବେଶ ପ୍ଲାଟ୍‌ଫର୍ମରେ ଜଡ଼ିତ ରୁହନ୍ତୁ।

**ସଞ୍ଚୟ ସହ ଖର୍ଚ୍ଚରେ ନିୟନ୍ତ୍ରଣ ରଖନ୍ତୁ**

ସମୃଦ୍ଧ ହେବାକୁ ହେଲେ ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖିବା ନିହାତି ଆବଶ୍ୟକ। ଇମୋସନାଲ୍ ହୋଇ କେବେ ଟଙ୍କା ଅଧିକ ଖର୍ଚ୍ଚ ନ କରିବା ଆବଶ୍ୟକ। ସଞ୍ଚୟ କ୍ଷେତ୍ରରେ ବହୁତ ଅନୁସାଶିତ ହେବା ଆବଶ୍ୟକ। ଟଙ୍କା ହାତକୁ ଆସିଲେ ପ୍ରଥମେ ସେଭିଂ ଟଙ୍କା ଅଲଗା କାଢ଼ି ରଖିବା ବେଳେ ବାକି ଟଙ୍କା ଖର୍ଚ୍ଚ କରିପାରିବେ। ଆପଣ କେତେ ଟଙ୍କା ସେଭିଂ କରୁଛନ୍ତି ଏହା ଆପଣଙ୍କ ଇନ୍‌କମ୍‌ରୁ ଅଧିକ ସେଭିଂର ଅଭ୍ୟାସ ନିର୍ଭର କରିଥାଏ। ଫାଇନାନ୍ସକୁ ମ୍ୟାନେଜ୍ କରିବାକୁ ହେଲେ ନିଜର ଫାଇନାନ୍ସିଆଲ ଗୋଲ୍ ପ୍ରସ୍ତୁତ କରିବା ନିହାତି ଜରୁରୀ। ନିଜ ଟଙ୍କାକୁ ଅର୍ଥ କମାଇବାରେ ଲଗାନ୍ତୁ। ସୌନ୍ଦର୍ଯ୍ୟ ପ୍ରସାଧନ ସାମଗ୍ରୀ, ଘରୋଇ ଉପକରଣ କିମ୍ବା ଗ୍ୟାଜେଟ୍ସ ଆଦି କିଣିବାରେ ଅର୍ଥରେ ନିୟନ୍ତ୍ରଣ ରଖନ୍ତୁ।

**ଇନ୍ସ୍ୟୁରାନ୍ସ କଭର ନିହାତି ନିଅନ୍ତୁ**

ମହିଳା ସେ ଗୃହିଣୀ ହୁଅନ୍ତୁ କି କର୍ମଜୀବୀ କିମ୍ବା ତାଙ୍କର ନିଜସ୍ୱ କିଛି ବିଜ୍‌ନେସ୍ ବି ଥିଲେ, ଟର୍ମ ଇନ୍ସ୍ୟୁରାନ୍ସ ପ୍ଲାନ୍ ତାଙ୍କ ପାଇଁ ବହୁ ମହତ୍ତ୍ୱପୂର୍ଣ୍ଣ। ଏହାଦ୍ୱାରା ତାଙ୍କୁ ମେଡିକାଲ ଏମର୍ଜେନ୍ସି ସମୟରେ ଟଙ୍କାର ସମସ୍ୟା ଦେଖା ଦେଇ ନ ପାରେ। ଏହା ବ୍ୟତୀତ ତାଙ୍କୁ ଗ୍ୟାରେଣ୍ଟେଡ୍ ରିଟର୍ନ ପ୍ଲାନ୍‌ରେ ନିବେଶ କରିବା ଆବଶ୍ୟକ, ଯାହା ଫିକ୍ସ ରିଟର୍ନ ଦେଇଥାଏ।

**ରିଟାୟାରମେଣ୍ଟର ପ୍ଲାନିଂ କରନ୍ତୁ**

ମହିଳାଙ୍କୁ ରିଟାୟାରମେଣ୍ଟ ଭଳି ଲମ୍ବା ଅବଧି ବିଶିଷ୍ଟ ଲକ୍ଷ୍ୟ ପୂରଣ ଲାଗି ଯୋଜନା କରିବା ଆବଶ୍ୟକ। ଜଲ୍‌ଦି ନିବେଶ ଆରମ୍ଭ କରି ରିଟାୟାରମେଣ୍ଟ ଫଣ୍ଡରେ ନିୟମିତ ନିବେଶ କରନ୍ତୁ। ଏହା ବି ଧ୍ୟାନ ରଖନ୍ତୁ ମହଙ୍ଗା ଏବଂ ଭବିଷ୍ୟତରେ ସ୍ୱାସ୍ଥ୍ୟ ସମସ୍ୟାର ମୁକାବିଲା କରିବାକୁ ଟଙ୍କା କେଉଁଠୁ ଆସିବ? ଏହି ଦୁଇଟି ଜିନିଷକୁ ପ୍ରାଥମିକତା ଦେଇ ମହିଳାମାନେ ରିଟାୟାରମେଣ୍ଟ ପରେ ଭଲ ଲାଇଫ୍‌ଷ୍ଟାଇଲ୍ ମେଣ୍ଟେନ କରିପାରିବେ।

**ଠିକ୍ ପ୍ଲାନିଂ କରନ୍ତୁ**

ବିତ୍ତୀୟ ପ୍ଲାନ୍‌କୁ ସଫଳ କରିବାକୁ ହେଲେ ପ୍ଲାନିଂ ଏବଂ ଚିନ୍ତନ ବହୁତ ଜରୁରୀ। ଏଥିପାଇଁ କୌଣସି ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ହେଲେ ଜରୁରୀ ହେଉଛି ପ୍ରତ୍ୟେକ ଦିନ ଛୋଟ ଲକ୍ଷ୍ୟ ନିଶ୍ଚିତ ସାଧନ କରନ୍ତୁ।

## ଏମାନେ କ'ଣ କରନ୍ତି

### ହେଲ୍‌ଥ ପ୍ଲାନ୍ ନେଇଛି



ଜୀବନରେ କିଛି କହିହେବନି କେତେବେଳେ କ'ଣ ଘଟିଯିବ। ଏଥିପାଇଁ ମୁଁ ଗୋଟିଏ ହେଲ୍‌ଥ ପ୍ଲାନ୍ ନେଇଛି, ଯାହା ମୋତେ ସ୍ୱାସ୍ଥ୍ୟକ୍ଷେତ୍ରରେ ସାହାଯ୍ୟ କରିବ। ଏହା ବ୍ୟତୀତ କିଛି ଟଙ୍କା ଫିକ୍ସ ଡିପୋଜିଟ୍ କରିଛି ଯାହା ଆମ ଘରର କୌଣସି ଫାଇନାନ୍ସିଆଲ ପରିସ୍ଥିତିରେ ନିଶ୍ଚିତ ସାହାଯ୍ୟ କରିବ।

*-ରୀତା ମିଶ୍ର, ଗୃହିଣୀ, କଟକ*

### ସଞ୍ଚୟର ନିହାତି ଆବଶ୍ୟକତା ରହିଛି



ଆଜିର ସମୟରେ ସଞ୍ଚୟ ନିହାତି ଆବଶ୍ୟକ। କାରଣ ଟଙ୍କା ଖାଲି ଘରେ ରଖିଦେଲେ ହେବନି। କାରଣ ଟଙ୍କା ହାତରେ ରହିଲେ ଖର୍ଚ୍ଚ ହୋଇଯାଏ। ଏହାକୁ ବ୍ୟାଙ୍କରେ ମ୍ୟୁଚୁଆଲ ଫଣ୍ଡରେ କିମ୍ବା ଅନ୍ୟ କୌଣସି ଥିରେ ନିବେଶକରିବା ନିହାତି ଆବଶ୍ୟକ। ମୁଁ ଟଙ୍କା ଠିକ୍ ସ୍ଥାନରେ ନିବେଶ କରୁଛି, ଯାହାର ଫଳ ସ୍ୱରୂପ ମୋତେ କିଛିଟା ଫାଇନାନ୍ସିଆଲ୍ ସପୋର୍ଟ ମିଳିବ ମୋର ରିଟାୟରମେଣ୍ଟ ପରେ।

*-ସଂଘମିତ୍ରା ମହାନ୍ତି, କ୍ଲିନିକାଲ ସାଇକୋଲୋଜିଷ୍ଟ, କଟକ*







# ଲେଖାଲେଖିରୁ ଆତ୍ମତୃପ୍ତି ମିଳିଛି



**ଇଏ ବି ଜଣେ ନାରୀ**

**ସୁକାନ୍ତି ପ୍ରଧାନ**

ପରିଣତ ବୟସରେ ପହଞ୍ଚିଥିଲେ ବି ସାରସ୍ୱତ ସାଧନା ଏବେ ମଧ୍ୟ ଜାରି ରଖିଛନ୍ତି। ସମୟ ମିଳିଲେ ମନର ପରିଭାଷାକୁ ସେ ଗପ କିମ୍ବା କବିତା ମାଧ୍ୟମରେ ପରିପ୍ରକାଶ କରିବାକୁ ବସିପଡ଼ନ୍ତି। ଆଉ ଏଥିରୁ ତାଙ୍କୁ ବେଶ୍ ଆନନ୍ଦ ମିଳିଥାଏ। ଲେଖାଲେଖି ସହ ଜଡ଼ିତ ଏହି ମହିଳା ଜଣକ ହେଉଛନ୍ତି ସୁକାନ୍ତି ପ୍ରଧାନ। ଶିକ୍ଷାଗତ ଯୋଗ୍ୟତା ମାତ୍ର ମାଇନର ପାସ୍। ହେଲେ ପିଲାଟି ଦିନରୁ ଲେଖାଲେଖି ପ୍ରତି ତାଙ୍କ ମନରେ ଉତ୍କଣ୍ଠା ପ୍ରକାଶ ପାଇଥିଲା। ସ୍କୁଲରେ ପଢ଼ିବା ବେଳୁ ସେ ଏହା ସହ ଜଡ଼ିତ। ନିଜର ସାରସ୍ୱତ ଜୀବନ ବିଷୟରେ ଭୁବନେଶ୍ୱରରେ ରହୁଥିବା ସୁକାନ୍ତି କହନ୍ତି, ''ମୋତେ ଏବେ ୭୬ବର୍ଷ ବୟସ ହେଲାଣି। ହେଲେ ପିଲାଟି ଦିନରୁ ମୋ ମନରେ ଜାଗ୍ରତ ହୋଇଥିବା ଲେଖାଲେଖିର ନିଶା ଏ ପର୍ଯ୍ୟନ୍ତ ଉତୁରି ନାହିଁ। ଏ ବୟସରେ ଗପ କିମ୍ବା କବିତାଟିଏ ନ ଲେଖିଲେ ମୋତେ ଯେମିତି ସବୁ କିଛି ଅଧା ଅଧା ଲାଗିଥାଏ। ଏଥିରୁ ମୋତେ କେତେ ଆତ୍ମତୃପ୍ତି ମିଳିଛି ତାହା ବର୍ଣ୍ଣନା କରିବାକୁ ମୋ ନିକଟରେ ଭାଷା ନାହିଁ। ଜନ୍ମସ୍ଥାନ ଦିଗପହଣ୍ଡିରେ ପାଠପଢ଼ା ବେଳେ ଏକଦା ମୋ ମନରେ ଗପ, କବିତା ଲେଖିବାକୁ ଆଗ୍ରହ ପ୍ରକାଶ ପାଇଲା। ନିଜ ମନର ପରିଭାଷାକୁ ଏଥିରେ ପ୍ରକାଶ କରିବା ଏବଂ ସେଗୁଡ଼ିକ ପାଠକାଦୃତ ହେବା ମୋ ଲେଖାଲେଖି ନିଶାକୁ ଆହୁରି ବଢ଼ାଇ ଦେଇଥିଲା। ଏବେ ଯେଉଁ ଗପ, କବିତା ଲେଖୁଛି ସେଥିରେ ସାମ୍ପ୍ରତିକ ଘଟଣାକୁ ମୁଁ ସବୁବେଳେ ପ୍ରାଥମିକତା ଦେଇଥାଏ।'' ଲେଖାଲେଖି ପାଇଁ ସୁକାନ୍ତି ସାଉଁଟିଛନ୍ତି ଅନେକ ପୁରସ୍କାର ଆଉ ପ୍ରଶଂସା।

# ଚମକିବ ଠାକୁରଘର

ଲୋକମାନେ ନିଜ ଘରର ସବୁ କୋଣ ଅନୁକୋଣ ସଫା କରିବାରେ ଲାଗିଯାନ୍ତି। ହେଲେ ଏହି ସଫାରେ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଭାଗ ହେଉଛି ପୂଜାଘର। କାହିଁକି ନା ଏହାକୁ ଘରର ସବୁଠାରୁ ପବିତ୍ର ସ୍ଥାନ ବୋଲି ମାନିଥାନ୍ତି। ପୂଜା ଘରର ଭଗବାନ୍‌ଙ୍କ ମୂର୍ତ୍ତିକୁ ନିୟମିତ ସଫା ରଖିବା ବହୁ ଜରୁରୀ। ଅଲଗା ଅଲଗା ଧାତୁ ଏବଂ ପଥରର ମୂର୍ତ୍ତିକୁ ସଫା କରିବା ଲାଗି ଉପାୟ ଅଲଗା ହୋଇଥାଏ। ଆସନ୍ତୁ, ଜାଣିବା ମୂର୍ତ୍ତିଗୁଡ଼ିକୁ କିପରି ଚମକାଇବେ ସେ ନେଇ ନିମ୍ନୋକ୍ତ ଟିପ୍ସଗୁଡ଼ିକୁ ଆପଣେଇ ପାରନ୍ତି।

★ପିତ୍ତଳ ମୂର୍ତ୍ତି ସମୟ ସହ କଳା ପଡ଼ିଯାଏ। ଏହା ଧୀରେ ଧୀରେ ନିଜର ଚମକ ହରାଇବସେ। ଏହାକୁ ସଫା କରିବାକୁ ହେଲେ ଲେମ୍ବୁ ଏବଂ ଲୁଣର ମିଶ୍ରଣ ସବୁଠାରୁ ପ୍ରଭାବୀ ଉପାୟ। ଲେମ୍ବୁରସରେ ଅଳ୍ପ ଲୁଣ ମିଶାଇ ମୂର୍ତ୍ତି ଉପରେ ହାଲୁକା ହାତରେ ରଗଡ଼ିବା ପରେ ନଖ ଉଷୁମ ପାଣିରେ ଧୋଇ ମୁଲାୟମ କପଡ଼ାରେ ପୋଛିଦିଅନ୍ତୁ। ଏହାଦ୍ୱାରା ମୂର୍ତ୍ତି ସଫା ଏବଂ ଚମକଦାର ଦେଖାଯିବ। ବେକିଂ ସୋଡ଼ା ଏବଂ ସିର୍‌କା ଘୋଳ ଦ୍ୱାରା ପିତ୍ତଳ ମୂର୍ତ୍ତି ସଫା କରାଯାଇପାରିବ। ଏଥିପାଇଁ ବେକିଂ ସୋଡ଼ା ଏବଂ ସିର୍‌କାର ଘୋଳ କିଛି ସମୟ ମୂର୍ତ୍ତି ଉପରେ ଲଗାଇ ଛାଡ଼ିଦିଅନ୍ତୁ। ପୁଣି ଏହାକୁ ଧୋଇଦିଅନ୍ତୁ, ଫଳରେ ମୂର୍ତ୍ତି ନୂଆ ପରି ଦେଖାଯିବ।

★ମାର୍ବଲ କିମ୍ବା ଶଙ୍ଖମର୍ମର ମୂର୍ତ୍ତି ବହୁ କୋମଳ ହୋଇଥାଏ। ଏହାକୁ ସଫା କରିବା ସମୟରେ କୌଣସି କେମିକାଲ ବ୍ୟବହାର କରନ୍ତୁ ନାହିଁ। ନଖ ଉଷୁମପାଣିରେ ଅଳ୍ପ ଡିସ୍‌ୱାଶ୍ ପକାଇ ତାକୁ ଭଲଭାବେ ମିଶାଇ ଦିଅନ୍ତୁ। ଏହାପରେ ନରମ କପଡ଼ା ସାହାଯ୍ୟରେ ହାତରେ ମୂର୍ତ୍ତିକୁ ପୋଛନ୍ତୁ। ଏହାପରେ ସଫା ପାଣିରେ ମୂର୍ତ୍ତିକୁ ପୋଛି ଶୁଖିଲା କପଡ଼ାରେ ପୋଛିଦିଅନ୍ତୁ। ଧ୍ୟାନ ରଖନ୍ତୁ ଯେ ଏଥିରେ କେବେହେଲେ ଟାଣୁଆ ଜିନିଷ ସାହାଯ୍ୟରେ ରଗଡ଼ନ୍ତୁ ନାହିଁ।

★ରୁପାର କୌଣସି ମୂର୍ତ୍ତି ସମୟ ସହ କଳା ପଡ଼ିଯାଏ। ଏହାକୁ ସଫା କରିବାକୁ ହେଲେ ଟୁଥ୍‌ପେଷ୍ଟ ସବୁଠାରୁ ସହଜ ଉପାୟ। ଏକ ମୁଲାୟମ ବ୍ରଶ୍ ଉପରେ ଅଳ୍ପ ଟୁଥ୍‌ପେଷ୍ଟ ନେଇ ମୂର୍ତ୍ତିକୁ ଧୀରେ ଧୀରେ ରଗଡ଼ନ୍ତୁ। ଏହାକୁ ପୁଣି ନଖ ଉଷୁମ ପାଣିରେ ଧୋଇ ଦିଅନ୍ତୁ। ଯଦି ମୂର୍ତ୍ତି ଅଧିକ କଳା ପଡ଼ିଯାଇଛି ତେବେ ବେକିଂ ସୋଡ଼ା ଏବଂ ପାଣିର ମିଶ୍ରଣ ନେଇ ତାକୁ ଭଲଭାବେ ରଗଡ଼ନ୍ତୁ। ଏହାଦ୍ୱାରା ମୂର୍ତ୍ତିଗୁଡ଼ିକ ଚମକିବ।



★କାଚ ଏବଂ କ୍ରିଷ୍ଟାଲ ମୂର୍ତ୍ତି ସଫା କରିବା ବହୁ କଷ୍ଟକର ହୋଇଥାଏ। ଏହାକୁ କେବଳ ଓଦା କପଡ଼ା ଦ୍ୱାରା ପୋଛନ୍ତୁ। ପୁଣି ସଫା କପଡ଼ା ଦ୍ୱାରା ଶୁଖାଇ ଦିଅନ୍ତୁ। ଆପଣ ଚାହିଁଲେ ଓଦା ଟିସୁ ପେପରର ସହାୟତା ନେଇପାରନ୍ତି।

**ଫ୍ୟାଶନ**

# ଟ୍ରେଣ୍ଡି କଲେକ୍‌ଶନ



**ବାର୍ଥ ଡେ ହେଉ କି କୌଣସି ମ୍ୟାରେଜ୍ ଫଙ୍କ୍‌ସନ ଆପଣ ଏମିତି କିଛି ଆଉଟ୍‌ଫିଟ୍ ପରିଧାନ କରନ୍ତୁ ଯେମିତି ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିବେ। ଏପରି କିଛି ଟ୍ରେଣ୍ଡି ଆଉଟ୍‌ଫିଟ୍ ବିଷୟରେ ସୂଚନା ଦେଉଛୁ ଯାହା ଆପଣଙ୍କୁ ବହୁ ଆକର୍ଷଣୀୟ କରିପାରେ......**

❖ବର୍ତ୍ତମାନ ଟ୍ରେଣ୍ଡରେ ସରାରା ଡ୍ରେସେସ୍ ଟ୍ରେଣ୍ଡ ଚାଲିଛି। ଏହି ଡ୍ରେସ୍ ୮୦ଦଶକରେ ପଞ୍ଜାବ ଏବଂ ଉତ୍ତର ଭାରତରେ ଲୋକପ୍ରିୟ ଥିଲା। ଏବେ ଏହା ଫ୍ୟାଶନରେ ରହିଛି। ଏହାର ଆକର୍ଷଣୀୟ ଡିଜାଇନ ଏବଂ ରଙ୍ଗ ମହିଳାଙ୍କ ମଧ୍ୟରେ ବହୁତ ଲୋକପ୍ରିୟ ହୋଇ ରହିଛି।

❖ବର୍ତ୍ତମାନ ମହିଳାମାନଙ୍କର ଅନାରକଲୀ ଡ୍ରେସ୍‌ର ପ୍ରଚଳନ ଜୋର୍‌ରେ ଚାଲିଛି। ଏହା ଏକ ପାରମ୍ପରିକ ଲୁକ୍ ଏବଂ ମହିଳାଙ୍କୁ ଏଥିପାଇଁ ବହୁ ପସନ୍ଦ ଆସିଥାଏ ଯେ ଏହାକୁ କୌଣସି ଅକେଜନ୍ ପାଇଁ ବହୁତ ଭଲ ମାନିଥାଏ।

❖ଏବେ ରେଡିମେଡ୍ ଶାଢ଼ିର ବହୁତ ଚାହିଦା ରହିଛି। ଏହା ପିନ୍ଧିବା ଲାଗି ବହୁତ ସହଜ ହୋଇଥାଏ। ଫଳରେ ଏହାକୁ ପିନ୍ଧିଲେ କୌଣସି ଅସୁବିଧା ହୁଏନାହିଁ। ଏହା ସାଧାରଣ ଶାଢ଼ିଠାରୁ ଟିକେ ଅଲଗା। ଏହାର ଓଜନ ହାଲ୍‌କା ହୋଇଥିବା ବେଳେ କୌଣସି ପାର୍ଟି ଅବସର ପାଇଁ ଏକ୍‌ଦମ୍ ଫିଟ୍।

❖କୌଣସି ବି ଅକେଜନ୍‌ରେ ଲଙ୍ଗ୍ ଗାଉନ୍ ପିନ୍ଧିବା ଏବଂ ସମ୍ଭାଳିବା ବହୁ ଆରାମଦାୟକ ହୋଇଥାଏ। କେତେକେ ଏହାକୁ ପିନ୍ଧିବାକୁ ପସନ୍ଦ କରିଥାନ୍ତି। ଏହି ଡ୍ରେସ୍ ସବୁବେଳେ ମହିଳାଙ୍କ ପସନ୍ଦ ଲିଷ୍ଟରେ ରହିଛି।



# ସ୍ପେଶାଲ ପେଡ଼ା

**ଖାଦ୍ୟରୁଚି**

**ଆବଶ୍ୟକ ସାମଗ୍ରୀ:** ୧ଲିଟର କ୍ଷୀର, ଅଧା କପ୍ ଚିନି, ୧ ଚାମଚ ଇଲାଇଚ୍ ପାଉଡ଼ର, ୩/୪ ଚାମଚ ମିଲ୍କ ପାଉଡ଼ର, ୧-୨ ବୁନ୍ଦା ହଳଦିଆ ରଙ୍ଗ, ଆବଶ୍ୟକତା ଅନୁସାରେ ଖୁଆ ଗାର୍ନିସିଂ ପାଇଁ ବାଦାମ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଗ୍ୟାସ୍ ଚୁଲା ଅନ୍ କରନ୍ତୁ। ଏବେ ସେଥିରେ କ୍ଷୀର ପକାଇ ଫୁଟିବାକୁ ଛାଡ଼ି ଦିଅନ୍ତୁ। ଏବେ କ୍ଷୀରକୁ ଗାଢ଼ା ହେବା ପର୍ଯ୍ୟନ୍ତ ଫୁଟାନ୍ତୁ। ବର୍ତ୍ତମାନ ଏଥିରେ ଚିନି ମିଶାଇ ଚଳାନ୍ତୁ। ଯେତେବେଳେ ଦେଖିବେ ଚିନି ପୂରା କ୍ଷୀରରେ ମିଶିଗଲାଣି ସେତେବେଳେ ଏଥିରେ ମିଲ୍କ ପାଉଡ଼ର ପକାଇ ଭଲଭାବେ ଗାଢ଼ା ହେବାକୁ ଦିଅନ୍ତୁ। ଯେତେବେଳେ ମିଶ୍ରଣ ଗାଢ଼ା ହୋଇଯିବ ଏଥିରେ ହଳଦିଆ ରଙ୍ଗ ପକାନ୍ତୁ। ଏବେ ହାତରେ କିଛି ଘିଅ ନେଇ ଏହି ମିଶ୍ରଣକୁ ପେଡ଼ା ଆକାର ଦିଅନ୍ତୁ। ଏବେ ଏହା ଉପରେ ବାଦାମକୁ କାଟି ତା' ଉପରେ ଗାର୍ନିସିଂ କରନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ଟେଷ୍ଟି ପେଡ଼ା।



# ପ୍ରତୀକା ବାଦ୍, ଶେଫାଳୀ ସାମିଲ


ସାଥୀ ଖେଳାଳିଙ୍କ ଗହଣରେ ଆହତ ପ୍ରତୀକା ରାୱଲ।


ଶେଫାଳୀ ବର୍ମା

**ମହିଳା କ୍ରିକେଟ ବିଶ୍ୱକପ**

**ନଭୀ ମୁମ୍ବାଇ, ୨୭।୧୦(ପି.ଟି.)**

ଆସନ୍ତା ଗୁରୁବାର ମହିଳା କ୍ରିକେଟ୍ ବିଶ୍ୱକପ୍ ସେମିଫାଇନାଲରେ ଅଷ୍ଟ୍ରେଲିଆକୁ ଭେଟିବାକୁ ଯାଉଥିବା ଭାରତୀୟ ଦଳକୁ ସୋମବାର ଶକ୍ତ ଧକ୍କା ଲାଗିଛି। ଫର୍ମରେ ଥିବା ଦଳୀୟ ଓପନର ପ୍ରତୀକା ରାୱଲ ଆହତ ସମସ୍ୟା କାରଣରୁ ଟୁର୍ନାମେଣ୍ଟରୁ ବାଦ୍ ପଡ଼ିଛନ୍ତି। ଗତ ରବିବାର ଖେଳାଯାଇଥିବା ବାଂଲାଦେଶ ବିପକ୍ଷ ବର୍ଷା ବାଧାପ୍ରାପ୍ତ ମ୍ୟାଚ୍‌ରେ ଫିଲ୍ଡିଂ କଲା ବେଳେ ତାଙ୍କ ଆଣ୍ଠୁ ଓ ଆଙ୍କେଲରେ ଆଘାତ ଲାଗିଥିଲା। ତାଙ୍କ ବଦଳରେ ବିସ୍ଫୋରକ ବ୍ୟାଟର ଶେଫାଳୀ ବର୍ମାଙ୍କୁ ଦଳରେ ସାମିଲ କରାଯାଇଛି। ପୂର୍ବରୁ ବିଶ୍ୱକପ୍ ଲାଗି ଘୋଷିତ ଦଳରେ ଶେଫାଳୀଙ୍କୁ ସାମିଲ କରାଯାଇନଥିଲା। ଏପରିକି ରିଜର୍ଭ ଖେଳାଳଙ୍କ ତାଲିକାରୁ ମଧ୍ୟ ତାଙ୍କ ନାମ ବାଦ୍ ପଡ଼ିଥିଲା। ତେବେ ସେ ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲ ମ୍ୟାଚ୍ ପୂର୍ବରୁ ଭାରତୀୟ ଦଳରେ ଯୋଗ ଦେବେ ଏବଂ ମ୍ୟାଚ୍ ଲାଗି ଉପଲବ୍ଧ ରହିବେ। ସେ ଅନ୍ତିମ ଥର ଭାରତ ପାଇଁ ୨୦୨୪ ଅକ୍ଟୋବରରେ ଦିନିକିଆ ମ୍ୟାଚ୍ ଖେଳିଥିଲେ। ହେଲେ ୨୧ ବର୍ଷୀୟା ଶେଫାଳୀ ଭାରତ-ଏ' ଲାଗି ଅଷ୍ଟ୍ରେଲିଆ ଏ' ବିପକ୍ଷ ଦିନିକିଆରେ ଭଲ ପ୍ରଦର୍ଶନ କରିଥିଲେ।

ପ୍ରତୀକା ଯେଉଁଭଳି ପଡ଼ିଲେ, ସେଥିରୁ ସେ ନକ୍‌ଆଉଟ୍ ମ୍ୟାଚ୍ ଲାଗି ଉପଲବ୍ଧ ହେବେ ନାହିଁ ସ୍ପଷ୍ଟ ହୋଇଯାଇଥିଲା ବୋଲି ବିସିସିଆଇ ସୂତ୍ରରୁ କୁହାଯାଇଛି। ମ୍ୟାଚ୍‌ର ୨୧ତମ ଓଭରର ଶେଷ ବଲରେ ଡିପ୍ ମିଡ୍‌ଉଇକେଟ ଅଞ୍ଚଳରେ ଫିଲ୍ଡିଂ କରୁଥିବା ପ୍ରତୀକା ବଲକୁ ରୋକିବାକୁ ଦୌଡ଼ୁଥିବା ବେଳେ ତାଙ୍କ ଆଙ୍କେଲ ମୋଡ଼ି ହୋଇଯାଇଥିଲା। ସେ ଯନ୍ତ୍ରଣାରେ ତଳେ ପଡ଼ି ଯାଇଥିଲେ। ଭାରତୀୟ ଦଳର ଅନ୍ୟ ଖେଳାଳିମାନେ ତାଙ୍କ ନିକଟକୁ ଯାଇ ତାଙ୍କୁ ଉଠାଇବାକୁ ଚେଷ୍ଟା କରିଥିଲେ। ଏପରି କି ଘଟଣା ସ୍ଥଳରେ ଷ୍ଟ୍ରେଚର ମଧ୍ୟ ପହଞ୍ଚିଥିଲା। ହେଲେ ରାୱଲ ସପୋର୍ଟ ଷ୍ଟାଫଙ୍କ ସହାୟତାରେ ଫିଲ୍ଡରୁ ଚାଲି ଯାଇଥିଲେ। ପୂରା ଟୁର୍ନାମେଣ୍ଟରେ ଚମତ୍କାର ଫର୍ମରେ ଥିବା ରାୱଲ ୬ ଇନିଂସରେ ୫୧.୩୩ ଆଭରେଜରେ ୩୦୮ ରନ କରିଥିଲେ। ସେ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ତାଙ୍କ କ୍ୟାରିୟରର ପ୍ରଥମ ବିଶ୍ୱକପ୍ ଶତକ ହାସଲ କରିଥିଲେ। ଏଥିସହିତ ସେ ମହିଳା ଦିନିକିଆରେ ଯୁଗ୍ମ ଦ୍ରୁତ ୧ ହଜାର ରନ ପୂରଣ କରିଥିଲେ। ତାଙ୍କ ବ୍ୟତୀତ ଉଇକେଟକିପର-ବ୍ୟାଟର ରିଚା ଘୋଷଙ୍କ ଫିଟ୍‌ନେସକୁ ନେଇ ମଧ୍ୟ ଦ୍ୱନ୍ଦ୍ୱ ରହିଛି। ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ତାଙ୍କ ଆଙ୍ଗୁଠିରେ ଆଘାତ ଲାଗିଥିଲା। ଯାହା ଫଳରେ ତାଙ୍କୁ ବାଂଲାଦେଶ ବିପକ୍ଷ ମ୍ୟାଚ୍‌ରୁ ବିଶ୍ରାମ ଦିଆଯାଇଥିଲା।

# ଆଇସିୟୁରେ ଶ୍ରେୟସ ଆୟର

**ନୂଆଦିଲ୍ଲୀ, ୨୭।୧୦(ପି.ଟି.)**


ପଡ଼ିଆରେ ଆହତ ଅବସ୍ଥାରେ ଶ୍ରେୟସ ଆୟର।

ଭାରତୀୟ ଦିନିକିଆ ଦଳର ଉପ ଅଧିନାୟକ ଶ୍ରେୟସ ଆୟାର ସିଡ୍‌ନୀର ଏକ ହସ୍ପିଟାଲର ଆଇସିୟୁରେ ଭର୍ତ୍ତି ହୋଇଛନ୍ତି। ଏ ନେଇ ବିସିସିଆଇ ପକ୍ଷରୁ ସୋମବାର ସ୍ପଷ୍ଟ କରାଯାଇଛି। ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ମ୍ୟାଚ୍‌ରେ ଆଲେକ୍ସ କାରେଙ୍କୁ ଆଉଟ୍ କରିବା ପାଇଁ ବ୍ୟାକୱାର୍ଡ ପଏଣ୍ଟ ଅଞ୍ଚଳରେ ଶ୍ରେୟସ ପଛୁଆ ଦୌଡ଼ି ଏକ ଚମତ୍କାର କ୍ୟାଚ୍ ନେଇଥିଲେ। ହେଲେ ଏହି ପ୍ରକ୍ରିୟାରେ ତାଙ୍କ ବାମ ପଞ୍ଜରା ହାଡ଼ରେ ଆଘାତ ଲାଗିଥିଲା। ଏଥିଯୋଗୁ ତାଙ୍କର ଆଭ୍ୟନ୍ତରୀଣ ରକ୍ତସ୍ରାବ ହେଉଥିବା ଜଣାପଡ଼ିବା ପରେ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା।

ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଆହତ ହେବା ପରେ ଆୟାରଙ୍କୁ ଡ୍ରେସିଂ ରୁମକୁ ନିଆଯାଇଥିଲା। ସେଠାରେ ସେ ଚେତାଶୂନ୍ୟ ହୋଇପଡ଼ିଥିଲେ। ତାଙ୍କ ରକ୍ତଚାପ ଦ୍ରୁତ ଗତିରେ ହ୍ରାସ ପାଉଥିବା ଦେଖାଯାଇଥିଲା। ତାଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିଲା ଏବଂ ସ୍କାନରୁ ତାଙ୍କ ସ୍ପ୍ଲିନରେ କ୍ଷତ ସୃଷ୍ଟି ହୋଇଥିବା ଜଣାପଡ଼ିଥିଲା। ଗତ ଦୁଇ ଦିନ ହେଲା ତାଙ୍କୁ ଆଇସିୟୁରେ ରଖାଯାଇଥିଲା। ୩୦ ବର୍ଷୀୟ ଶ୍ରେୟସଙ୍କୁ ଅତିକମ୍‌ରେ ୨ରୁ ୭ ଦିନ ପର୍ଯ୍ୟନ୍ତ ଡାକ୍ତରୀ ଦଳର ତତ୍ତ୍ୱାବଧାନରେ ରଖାଯିବ। ଆୟାରଙ୍କ ଆଘାତ ସମସ୍ୟାର ଗୁରୁତ୍ୱକୁ ଦେଖି ତାଙ୍କ ବାପା-ମା' ତୁରନ୍ତ ଭିଜା ଲାଗି ଆବେଦନ କରିଛନ୍ତି। ଏ ସଂକ୍ରାନ୍ତରେ ବିସିସିଆଇ ପକ୍ଷରୁ କୁହାଯାଇଛି ଯେ, ଶ୍ରେୟସଙ୍କ ବାମ ପଞ୍ଜରାର ତଳି ଭାଗ ଅଞ୍ଚଳରେ ଆଘାତ ଲାଗିଛି। ସ୍କାନରୁ ତାଙ୍କ ସ୍ପ୍ଲିନରେ କ୍ଷତ ହୋଇଥିବା ଜଣାପଡ଼ିଛି। ତାଙ୍କର ଚିକିତ୍ସା ଚାଲିଛି ଏବଂ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ସେ ଏବେ ରିକଭର କରୁଛନ୍ତି। ବିସିସିଆଇ ମେଡିକାଲ ଟିମ ସିଡ୍‌ନୀ ଓ ଭାରତର ସ୍ପେଶାଲିଷ୍ଟଙ୍କ ସହ ଯୋଗାଯୋଗରେ ଅଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଭାରତୀୟ ଟିମ୍ ଡକ୍ଟର ଶ୍ରେୟସଙ୍କ ସହ ସିଡ୍‌ନୀରେ ରହିବେ।

# ଜୁ-ଜିତ୍‌ସୁ ଖେଳାଳି ରୋହିଣୀଙ୍କ ମୃତ୍ୟୁ

**ନୂଆଦିଲ୍ଲୀ, ୨୭।୧୦:** ପ୍ରତିଭାବାନ ଅନ୍ତର୍ଜାତୀୟ ଜୁ-ଜିତସୁ ଖେଳାଳି ଓ କୋଚ୍ ରୋହିଣୀ କଲାମଙ୍କର ରବିବାର ମୃତ୍ୟୁ ଘଟିଛି। ଏହି ଖବର ଭାରତୀୟ କ୍ରୀଡ଼ା ଜଗତରେ ଶୋକର ଛାୟା ଖେଳାଇ ଦେଇଛି। ଏସିଆନ୍ ଗେମ୍ସରେ ଦେଶର ପ୍ରତିନିଧିତ୍ୱ କରିଥିବା ରୋହିଣୀଙ୍କର ମୃତଦେହ ତାଙ୍କ ବାସଭବନରୁ ଉଦ୍ଧାର କରାଯାଇଛି। ଏହି ଘଟଣା ମଧ୍ୟପ୍ରଦେଶ ରାଜ୍ୟର ଦେୱାସ ଜିଲାରେ ଘଟିଛି। ପୋଲିସ ପକ୍ଷରୁ କୁହାଯାଇଛି ଯେ, ପ୍ରାଥମିକ ତଦନ୍ତ ଆତ୍ମହତ୍ୟା ଆଡ଼କୁ ଇଙ୍ଗିତ କରୁଛି। ରୋହିଣୀଙ୍କ ସାନ ଭଉଣୀ ରଶନୀ କଲାମ ରାଧାଗଞ୍ଜସ୍ଥିତ ଅର୍ଜୁନ ନଗର ଘରେ ଭଉଣୀଙ୍କ ମୃତଦେହକୁ ଝୁଲୁଥିବା ଅବସ୍ଥାରେ ଠାବ କରିଥିଲେ।

# କରନ୍, ଆରାଧଙ୍କ ଶତକ

**ରଣଜୀ ଟ୍ରଫି**

**ବର୍ଷା ଯୋଗୁ ତୃତୀୟ ଦିବସରେ ୪୨ ଓଭର ଖେଳ**

**ଭୁବନେଶ୍ୱର, ୨୭।୧୦(ତପନ ସ୍ୱାଇଁ)**

କାନ୍‌ପୁରର ଗ୍ରୀନ୍‌ପାର୍କରେ ଚାଲିଥିବା ଉତ୍ତର ପ୍ରଦେଶ-ଓଡ଼ିଶା ରଣଜୀ ଟ୍ରଫି କ୍ରିକେଟ୍ ମ୍ୟାଚ୍‌ର ତୃତୀୟ ଦିବସ ଖେଳ ବର୍ଷା ଲାଗି ବାଧାପ୍ରାପ୍ତ ହୋଇଛି। ସୋମବାର ଦ୍ୱିତୀୟାର୍ଦ୍ଧରେ ବର୍ଷା ଯୋଗୁ ପୂରା ଦିନରେ ମାତ୍ର ୪୨ ଓଭର ଖେଳ ହୋଇପାରିଛି। ଫଳରେ ଖେଳ ବନ୍ଦ ରହିବା ବେଳକୁ ଉତ୍ତର ପ୍ରଦେଶ ୬ ଉଇକେଟ ହରାଇ ୩୮୦ ରନ୍ ସଂଗ୍ରହ କରିଛି। ଅଧିନାୟକ କରନ୍ ଶର୍ମା ଓ ଆରାଧ ଯାଦବ ଶତକ ହାସଲ କରିଛନ୍ତି। ୪ ଉଇକେଟ ସୁରକ୍ଷିତ ଥିବାବେଳେ ଘରୋଇ ଦଳ ଓଡ଼ିଶା ପ୍ରଥମ ଇନିଂସ୍‌ଠାରୁ ୧୩୭ ରନ୍‌ରେ ଅଗ୍ରଣୀ ରହିଛି। ମଙ୍ଗଳବାର ମ୍ୟାଚ୍‌ର ଶେଷ ଦିବସ। ମ୍ୟାଚ୍ ଡ୍ର' ରହିଲେ ପ୍ରଥମ ଇନିଂସ୍ ଅଗ୍ରଣୀ ଭିତ୍ତିରେ ଉତ୍ତର ପ୍ରଦେଶ ୩ ପଏଣ୍ଟ ପାଇବ। ଯଦି ଉତ୍ତର ପ୍ରଦେଶ ସକାଳେ କିମ୍ବା ଅଳ୍ପ କିଛି ଓଭର ଖେଳି ଇନିଂସ ଘୋଷଣା କରେ ତେବେ ଓଡ଼ିଶାକୁ ଦ୍ୱିତୀୟ ଇନିଂସ୍‌ରେ ଅତି ସତର୍କତା ଅବଲମ୍ବନ କରି ଖେଳିବାକୁ ପଡ଼ିବ। ନଚେତ୍ ବରୋଦା ବିପକ୍ଷ ମ୍ୟାଚ୍ ଭଳି ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଲେ ପରାଜୟ ବରଣ ସାର୍ ହେବ।

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୨୬୨/୩ରୁ ଉତ୍ତର ପ୍ରଦେଶ ଖେଳ ଆରମ୍ଭ କରିଥିଲା। ଦୁଇ ଅପରାଜିତ ବ୍ୟାଟର କରନ୍ ଓ ଆରାଧ ସତର୍କତାର ସହ ଖେଳି ଶତକ ପୂରଣ କରିଥିଲେ। ୧୯୮ ବଲ୍‌ରୁ ୧୦୧ ରନ୍ କରିବାପରେ ଆରାଧ ରିଟାୟର୍ଡ ହର୍ଟ ହୋଇ ଯାଇଥିଲେ। ୪ର୍ଥ ଉଇକେଟରେ ଦୁହେଁ ୧୯୪ ରନ୍ ଯୋଗକରିଥିଲେ। କରନ୍ ୧୨୧ ରନ୍ କରି ବାଦଲ ବିଶ୍ୱାଳଙ୍କ ବଲ୍‌ରେ ଆଉଟ୍ ହୋଇଥିବାବେଳେ ପ୍ରିୟମ ଗର୍ଗ(୩୧ ରନ୍)ଙ୍କୁ ପାଭିଲିୟନ ପଠାଇଥିଲେ ସୁମିତ୍ ଶର୍ମା। ପ୍ରଶାନ୍ତ ବୀର ମାତ୍ର ୬ ରନ୍ କରି ପାରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୪୩। ଉତ୍ତର ପ୍ରଦେଶ ପ୍ରଥମ ଇନିଂସ: ୩୮୦/୬(କରନ୍ ଶର୍ମା-୧୨୧, ଆରାଧ ଯାଦବ-୧୦୧, ମାଧବ କୌଶିକ-୬୭, ସମ୍ବିତ ବରାଳ-୩/୫୨, ବାଦଲ ବିଶ୍ୱାଳ-୧/୯୧, ସୁମିତ ଶର୍ମା-୧/୭୮)।

# ୦-୧୩ ପରାଜୟରୁ ଓଡ଼ିଶାର ଅଭିଯାନ

**ଜାତୀୟ ସବ୍‌ଜୁନିୟର ବାଳକ ଫୁଟବଲ**

**ଭୁବନେଶ୍ୱର, ୨୭।୧୦ (ତପନ ସ୍ୱାଇଁ)**

ଓଡ଼ିଶାରେ ଫୁଟବଲର ମାନ ଦିନକୁ ଦିନ ନିମ୍ନଗାମୀ ହେବାରେ ଲାଗିଛି। ମହିଳା ଫୁଟବଲରେ ଦେଶରେ ଏକ ମହାଶକ୍ତିଭାବେ ପରିଚିତ ହେଉଥିବା ଓଡ଼ିଶା ଏଥର ସେମିଫାଇନାଲକୁ ଯିବାରେ ସକ୍ଷମ ହୋଇ ନ ଥିଲା। ଏଜ୍ ଗ୍ରୁପ୍‌ରେ ଭଲ ପ୍ରଦର୍ଶନ କରୁଥିବା ଓଡ଼ିଶା ବାଳକ ଦଳ ମଧ୍ୟ ଏଥର ଅତି ଦୟନୀୟ ଭାବେ ଲଜ୍ଜାଜନକ ପରାଜୟ ସହ ଅଭିଯାନ ଆରମ୍ଭ କରିଛି। ମାଉଣ୍ଟ ଲିଟେରା ଜି ସ୍କୁଲ ପଡ଼ିଆରେ ସୋମବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ଦଳ ୦-୧୩ ଗୋଲରେ ମିଜୋରାମଠାରୁ ହାରିଯାଇଛି। ପୂରା ମ୍ୟାଚରେ ମିଜୋରାମ ଦଳ ଆଧିପତ୍ୟ ବିସ୍ତାର କରି ଗୋଲ ବର୍ଷା କରିଥିଲା। ଜନସନ ଲାଲମପୁଇଆ ୨୯, ୩୧, ୩୩ ଓ ୩୬ତମ ମିନିଟରେ ଏକାକୀ ୪ଟି ଗୋଲ ଦେଇଥିଲେ। ଜ୍ୟାକବ ମାଲସାମସାଙ୍ଗା ୨୪, ୬୭ ଓ ୯୦+୪ ଏବଂ ଅଧିନାୟକ ବେର୍ନାଡ ଲାଲଚାନହିମା ୪୫+୨, ୬୧ ଓ ୯୦+୬ ମିନିଟରେ ୩ଟି ଲେଖାଏ ଗୋଲ ସ୍କୋର କରି ହ୍ୟାଟ୍ରିକ ଅର୍ଜନ କରିଥିଲେ। ଆବ୍ରାହାମ ମାଲସାମଲୁଆ ୫୦ ଓ ୫୩ତମ ମିନିଟରେ ୨ଟି ଏବଂ ବଦଳ ଖେଳାଳି ଜାକାରିଆ ଲାଲମାନଜୁଆଲା ୭୭ତମ ମିନିଟରେ ଗୋଟିଏ ଗୋଲ ସ୍କୋର କରିଥିଲେ। ମିଜୋରାମ ଆଗରେ ଓଡ଼ିଶା ପ୍ରଦର୍ଶନ ଅତି ଅସହାୟ ମନେ ହୋଇଥିଲା।

**ଭାରତ ବିପକ୍ଷ ଟେଷ୍ଟ ସିରିଜ**

# ଦକ୍ଷିଣ ଆଫ୍ରିକା ଦଳକୁ ଫେରିଲେ ବଭୁମା

**ଜୋହାନ୍ସବର୍ଗ, ୨୭।୧୦ (ପି.ଟି.):** ଭାରତ ବିପକ୍ଷ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଲାଗି ଦକ୍ଷିଣ ଆଫ୍ରିକା କ୍ରିକେଟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ଅଧିନାୟକ ଟେମ୍ବା ବଭୁମା। ତାଙ୍କ ପେଣ୍ଡାରେ ଆଘାତ ଲାଗିଥିଲା। ଏଥିରୁ ସେ ସୁସ୍ଥ ହୋଇଛନ୍ତି। ନଭେମ୍ବର ୧୪ରୁ ଖେଳାଯିବାକୁଥିବା ଏହି ସିରିଜର ମ୍ୟାଚ ଦୁଇଟି ଗୁଆହାଟୀ ଓ କୋଲକାତାରେ ଖେଳାଯିବ। ଆଘାତଜନିତ କାରଣରୁ ନିକଟରେ ପାକିସ୍ତାନ ବିପକ୍ଷ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ବଭୁମା ଖେଳିପାରି ନ ଥିଲେ। ତାଙ୍କ ଦଳ ଆୟୋଜକ ଦଳ ସହିତ ଡ୍ର ରଖିଥିଲା। ଡେଭିଡ ବେଡିଙ୍ଗହାମ୍‌ଙ୍କୁ ଛାଡ଼ିଦେଲେ ପାକିସ୍ତାନ ବିପକ୍ଷରେ ଖେଳିଥିବା ଦଳର ଅନ୍ୟ ସମସ୍ତ ଖେଳାଳି ସେମାନଙ୍କ ସ୍ଥାନ ବଜାୟ ରଖିଛନ୍ତି। ବେଡିଙ୍ଗହାମ୍‌ଙ୍କ ସ୍ଥାନରେ ବଭୁମା ଦଳରେ ପ୍ରବେଶ କରିଛନ୍ତି। ବଭୁମାଙ୍କ ନେତୃତ୍ୱରେ ତାଙ୍କ ଦଳଗତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଟାଇଟଲ ଜିତିଥିଲା। ଭାରତ ସିନିୟର ଦଳ ବିପକ୍ଷ ଟେଷ୍ଟ ସିରିଜ ପାଇଁ ନିଜକୁ ପ୍ରସ୍ତୁତ କରିବା ଲାଗି ନଭେମ୍ବର ୨ରୁ ଭାରତ 'ଏ' ବିପକ୍ଷ ସରିଜରେ ବଭୁମା ଦକ୍ଷିଣ ଆଫ୍ରିକା 'ଏ' ଦଳ ତରଫରୁ ଖେଳିବେ।

**ଦକ୍ଷିଣ ଆଫ୍ରିକା ଟେଷ୍ଟ ଦଳ:** ଟେମ୍ବା ବଭୁମା (ଅଧିନାୟକ), ଏଡେନ ମାରକ୍ରମ, ର୍ୟାନ ରିକେଲଟନ, ଟ୍ରିଷ୍ଟାନ ଷ୍ଟବ୍ସ, କାଇଲ ଭେରେନି, ଡିୱାଲ୍ଡ ବ୍ରେଭିସ୍, ଜୁବେର ହାମ୍‌ଜା, ଟେନି ଡି' ଜୋର୍ଜି, କୋର୍ବିନ ବୋସ୍କ, ୱିଆନ୍ ମୁଲ୍‌ଡର, ମାର୍କୋ ଜାନସେନ, କେଶବ ମହାରାଜ, ନୁରାନ ମୁଥୁସ୍ୱାମି, କିଗିସୋ ରାବାଡା ଓ ସିମନ ହାର୍ମର।

# ନୀତା ଫୁଟ୍‌ବଲ ଏକାଡେମୀ ବିଜୟୀ

**ନନ୍ଦକିଶୋର ସ୍ମାରକୀ ମହିଳା ଫୁଟ୍‌ବଲ**

**ଭୁବନେଶ୍ୱର, ୨୭।୧୦ (ତପନ ସ୍ୱାଇଁ)**



ସୋନାଲି ସୋରେନଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।


ନୟାପଲ୍ଲୀର ସିଟି କ୍ଲବ ଆନୁକୂଲ୍ୟରେ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ନନ୍ଦକିଶୋର ପଟ୍ଟନାୟକ ସ୍ମାରକୀ ମହିଳା ଫୁଟବଲ ଟୁର୍ନାମେଣ୍ଟର ସୋମବାର ଅନୁଷ୍ଠିତ ମ୍ୟାଚରେ ନୀତା ଫୁଟବଲ ଏକାଡେମୀ ୫-୦ ଗୋଲରେ ବାଲେଶ୍ୱର ଫୁଟବଲଏକାଡେମୀକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ସୋନାଲି ସୋରେନ ଓ ଇପ୍ସିତା ରାଉତ ୨ଟି ଲେଖାଏ ଏବଂ ଲଳିତା ବୋଇପାଇ ଗୋଟିଏ ଗୋଲ ସ୍କୋର କରିଥିଲେ। ସୋନାଲି ସୋରେନ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ପୂର୍ବତନ ଅନ୍ତର୍ଜାତୀୟ ମହିଳା ଫୁଟବଲ ଖେଳାଳି ମନୀଷା ପାନ୍ନା, ଗୀତାଞ୍ଜଳି ଖୁଣ୍ଟିଆ, ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ରୁଦ୍ର ସାମନ୍ତରାୟ, ଅଶୋକ ମହାନ୍ତି, ମହମ୍ମଦ ସହିଦ ଜବାର, ସୁବ୍ରତ ଦାସ, ଶୁଭେନ୍ଦୁ ପଣ୍ଡା ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ସୋନାଲି ସୋରେନଙ୍କୁ ମନିଷା ପାନ୍ନା ପୁରସ୍କୃତ କରିଥିଲେ। ସିଟି କ୍ଲବର ସମ୍ପାଦକ ପ୍ରଦୀପ କୁମାର ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଖାୱତ ଖାଁ, ଚନ୍ଦ୍ରକାନ୍ତ ବାରିକ, ସୁଶାନ୍ତ ମିଶ୍ର ଏବଂ ଶୋଭାଲିନ ପଣ୍ଡା ମ୍ୟାଚ ପରିଚାଳନା କରିଥିଲେ। ମ୍ୟାଚ କମିଶନର ଥିଲେ ଶିବ ଶଙ୍କର ପଣ୍ଡା।

# ସିଜନର ଅବଶିଷ୍ଟ ଖେଳିବେନି ସିନ୍ଧୁ

**ନୂଆଦିଲ୍ଲୀ, ୨୭।୧୦ (ପି.ଟି.):** ସିଜନ ୨୦୨୫ର ଅବଶିଷ୍ଟ ବିଡବ୍ଲ୍ୟୁଏଫ୍ ଟୁର୍ ଇଭେଣ୍ଟଗୁଡ଼ିକରୁ ଓହରିଯିବା ଲାଗି ନିଷ୍ପତ୍ତି ନେଇଛନ୍ତି। ଦୁଇଥର ଅଲିମ୍ପିକ ପଦକ ବିଜେତା ପି.ଭି. ସିନ୍ଧୁ। ୟୁରୋପିଆ ପର୍ଯ୍ୟାୟ ଟୁର୍ନାମେଣ୍ଟ ପୂର୍ବରୁ ପାଦରେ ଆଘାତ ପାଇଥିବାରୁ ସେ ଏଥିରୁ କିପରି ସମ୍ପୂର୍ଣ୍ଣ ସୁସ୍ଥ ହେବେ ସେ ଦିଗରେ ଧ୍ୟାନ ଦେବେ। ବିଶିଷ୍ଟ ସ୍ପୋର୍ଟ୍ସ ଅର୍ଥୋପେଡିଷ୍ଟ ଡକ୍ଟର ଦିନ୍‌ଶ ପାର୍ଡିୱାଲାଙ୍କ ସମେତ ତାଙ୍କ ଚିକିତ୍ସା ବିଶେଷଜ୍ଞଙ୍କ ସହିତ ପରାମର୍ଶ ପରେ ସେ ଏହି ନିଷ୍ପତ୍ତି ନେଇଛନ୍ତି।

# ମେକ୍ସିକାନ ଗ୍ରାଁ ପ୍ରି ଜିତିଲେ ନୋରିସ

**ମେକ୍ସିକୋ ସିଟି, ୨୭।୧୦ (ଏପି)**



ମ୍ୟାକ୍‌ଲରେନର ଲାଣ୍ଡୋ ନୋରିସ ମେକ୍ସିକାନ ସିଟି ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି। କ୍ରମାଗତ ୫ଟି ରେସ୍‌ରେ ପରାଜିତ ହେବା ପରେ ଏହି ବିଜୟ ସହ ସେ ଚାମ୍ପିୟନଶିପ୍ ଟେବୁଲର ନମ୍ବର ୱାନ ସ୍ଥାନକୁ ଫେରିଛନ୍ତି। ଚଳିତ ସିଜନର ଆଉ ୪ଟି ରେସ୍ ବାକିଥିବାବେଳେ ଏହା ହେଉଛି ତାଙ୍କର ୬ଷ୍ଠ ବିଜୟ। ଏହି ରେସ୍ ପୂର୍ବରୁ ସେ ଅଗଷ୍ଟରେ ହଙ୍ଗେରିଆନ ଗ୍ରାଁ ପ୍ରି ଜିତିଥିଲେ। ନୋରିସଙ୍କ ବିଜୟ ଦ୍ୱାରା ଏଥର ଚାମ୍ପିୟନଶିପ୍ ଟାଇଟଲ ହାସଲ କରିବା ଲାଗି ମାକ୍ସ ଭର୍ଷ୍ଟାପେନଙ୍କ ସମ୍ଭାବନା ହ୍ରାସ ପାଇଛି। ଡ୍ରାଇଭର୍ସ ଷ୍ଟାଣ୍ଡିଂରେ ସେ ତାଙ୍କ ଟିମ୍‌ମେଟ ଓସ୍କାର ପିଆଷ୍ଟ୍ରିଙ୍କଠାରୁ ମାତ୍ର ଗୋଟିଏ ପଏଣ୍ଟ ଆଗରେ ରହିଥିବା ବେଳେ ତୃତୀୟ ସ୍ଥାନରେ ରହିଥିବା ଭର୍ଷ୍ଟାପେନ ତାଙ୍କଠାରୁ ୩୬ ପଏଣ୍ଟ ପଛରେ ରହିଛନ୍ତି। ରବିବାର ରେସ୍‌ରେ ନୋରିସ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଚାର୍ଲ୍ସ ଲେକ୍‌ରେକ୍‌ଙ୍କଠାରୁ ପ୍ରାୟ ୩୦ ସେକେଣ୍ଡ ଆଗରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ।

# ଭୁବନେଶ୍ୱର 'ବି', ସୁନ୍ଦରଗଡ଼ର ବୃହତ୍ ବିଜୟ

**୧୬ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ**

**ଭୁବନେଶ୍ୱର, ୨୭।୧୦ (ତପନ ସ୍ୱାଇଁ)**

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ରାଜ୍ୟର ବିଭିନ୍ନ ଗ୍ରାଉଣ୍ଡରେ ୧୬ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟର ୮ଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥି ମଧ୍ୟରେ ଭୁବନେଶ୍ୱର 'ବି', ପୁରୀ, ସୁନ୍ଦରଗଡ଼ ଓ କିଟ୍ ଦଳ ବୃହତ୍ ବିଜୟ ହାସଲ କରିଛି। ବିଡ଼ାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଭୁବନେଶ୍ୱର 'ବି' ୮ ଉଇକେଟରେ ସମ୍ବଲପୁର 'ବି' ଦଳକୁ ପରାସ୍ତ କରିଛି। ଅଧିନାୟକ ମୃତ୍ୟୁଞ୍ଜୟ ରାୟ (୪.୫-୦-୨୨-୪) ଚମତ୍କାର ବୋଲିଂ କରି ସମ୍ବଲପୁର 'ବି' ଦଳକୁ ୬୬ ରନରେ ଅଲ୍‌ଆଉଟ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ମିଧାଂଶୁ ଦାସ ୩ଟି ଉଇକେଟ ନେଇଥିଲେ। ୬୭ ରନର ବିଜୟ ଲକ୍ଷ୍ୟକୁ ଭୁବନେଶ୍ୱର 'ବି' ୧୨.୨ ଓଭରରେ ମାତ୍ର ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ମୃତ୍ୟୁଞ୍ଜୟ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

ନିମପୁର କ୍ରିକେଟ ଗ୍ରାଉଣ୍ଡରେ ସୁନ୍ଦରଗଡ଼ ୨୮୫ ରନରେ ଗଜପତିକୁ ହରାଇ ଦେଇଛି। ସୁନ୍ଦରଗଡ଼ ୫୦ ଓଭରରେ ୮ ଉଇକେଟ ହରାଇ ୩୩୪ ରନ କରିଥିଲା। ଜବାବରେ ଗଜପତି ମାତ୍ର ୪୯ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ୩ ଓଭରରେ ମାତ୍ର ୮ ରନ ଦେଇ ୪ଟି ଉଇକେଟ ନେଇଥିବା ଅଜୟ ମାହାତୋ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେହିପରି ମୂଳାପଡ଼ିଆରେ ପୁରୀ ୮ ଉଇକେଟରେ ନୟାଗଡ଼କୁ ଏବଂ ରେଭେନ୍‌ଶା ଗ୍ରାଉଣ୍ଡ-୨ରେ କିଟ୍ ଡକ୍‌ୱର୍ଥ ଲୁଇସ ପଦ୍ଧତିରେ ୧୩୪ ରନରେ ସମ୍ବଲପୁର 'ଏ' ଦଳକୁ ହରାଇ ଦେଇଛି। କିଟ୍ ୯ ଉଇକେଟ ହରାଇ ୨୨୯ ରନ କରିଥିବାବେଳେ ବର୍ଷା ଯୋଗୁ ଖେଳ ବାଧାପ୍ରାପ୍ତ ହେବାରୁ ସମ୍ବଲପୁର 'ଏ' ସମ୍ମୁଖରେ ୪୩ ଓଭରରେ ୨୨୦ ରନ ଟାର୍ଗେଟ ରଖା ଯାଇଥିଲା। ମାତ୍ର ସମ୍ବଲପୁର 'ଏ' ୮୫ ରନରେ ସମସ୍ତ ଉଇକେଟ ହରାଇଥିଲା। ପୁରୀର ରୁଦ୍ର ନାରାୟଣ ବେହେରା (୫-୪-୮-୨) ଏବଂ କିଟ୍‌ର ସାଇ ସାର୍ଥକ ସାହୁ (୬-୩-୨୪-୪) ଶ୍ରେଷ୍ଠ ଖେଳାଳି ହୋଇଥିଲେ। ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ ସନ୍‌ସାଇନ୍ ଗ୍ରାଉଣ୍ଡରେ ମୟୂରଭଞ୍ଜକୁ ନବରଙ୍ଗପୁର, ହାଇଟେକ୍ ପଡ଼ିଆରେ କନ୍ଧମାଳକୁ ସୋନପୁର, ଜଟଣୀ ରେଲୱେ ଗ୍ରାଉଣ୍ଡରେ କେନ୍ଦ୍ରାପଡ଼ାକୁ କଟକ 'ବି' ଏବଂ ଅଡଶପୁର ପଡ଼ିଆରେ କଳାହାଣ୍ଡିକୁ ରାୟଗଡ଼ା ପରାସ୍ତ କରିଛି। ଏହି ସବୁ ମ୍ୟାଚ୍‌ରେ ପଙ୍କଜ ଶତନାମି, ଅନୁଜ ଯାଦବ, ପ୍ରତିଶ୍ ମିଶ୍ର ଓ ମନୋହର ରାଓ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। କେନ୍ଦୁଝର-ଢେଙ୍କାନାଳ ମ୍ୟାଚ ବାତିଲ ହୋଇଛି।


ମୃତ୍ୟୁଞ୍ଜୟ ରାୟ


ଅଜୟ ମାହାତୋ


ସାଇ ସାର୍ଥକ ସାହୁ

# ଥାର୍ଡ ଆଇ କର୍ପୋରେଟ ଲିଗ ; ଟାଇଟନ୍ସ ଚାମ୍ପିୟନ

**ଭୁବନେଶ୍ୱର, ୨୭।୧୦ (ତପନ ସ୍ୱାଇଁ)**

ଘାଟିକିଆ ହାଇସ୍କୁଲ ପଡିଆରେ ଅନୁଷ୍ଠିତ ଥାର୍ଡ ଆଇ କର୍ପୋରେଟ ପ୍ରିମିୟର ଲିଗ - ୨୦୨୫ରେ ଟାଇଟନ୍ସ ଦଳ ଚାମ୍ପିୟନ ହୋଇଛି। ଫାଇନାଲରେ ଟାଇଟନ୍ସ ୭ ଉଇକେଟରେ ସିଡିଏ ଲାୟନ୍ସକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଲାୟନ୍ସ ନିର୍ଦ୍ଧାରିତ ୬ ଓଭରରେ ୬ ଉଇକେଟ ହରାଇ ୫୮ ରନ କରିଥିଲା। ଜବାବରେ ଟାଇଟନ୍ସ ୪.୩ ଓଭରରେ ୩ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ପୁରସ୍କାର ବିତରଣ ଉତ୍ସବରେ ସୁଦେଷ୍ଣା ପଣ୍ଡା ମୁଖ୍ୟ ଅତିଥି ଏବଂ ଶ୍ରାବଣୀ ପ୍ରଧାନ, ରାଜୀବ ପଣ୍ଡା, ଦରିଦ୍ର ନାରାୟଣ ନାୟକ ଓ ଜ୍ଞାନଚନ୍ଦ୍ର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଟ୍ରଫି ପ୍ରଦାନ କରିଥିଲେ। ଭବାନୀ ଶଙ୍କର ସାହୁ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଟୁର୍ନାମେଣ୍ଟଲାଗି ମୋଟ ୬ ଲକ୍ଷ ୫୦ ହଜାର ଟଙ୍କାର ପୁରସ୍କାର ରାଶି ରହିଥିଲା। ଚାମ୍ପିୟନ ଦଳକୁ ୧ ଲକ୍ଷ ୫୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ରନରଅପ୍ ଦଳକୁ ୮୦ ହଜାର ସହ ଟ୍ରଫି ଏବଂ ପ୍ରତି ମ୍ୟାଚରେ ମ୍ୟାନ ଅଫ ଦି ମ୍ୟାଚ ପାଇଁ ୩ ହଜାର, ଶ୍ରେଷ୍ଠ ବ୍ୟାଟର ଓ ବୋଲରଙ୍କୁ ୧୦ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା।



ଚାମ୍ପିୟନ ଟାଇଟନ୍ସ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ